R.N.I. REGN. No. 65000/96 POSTAL REGN. No. OR/BN-32/12-14

ଉନତ୍ରିଂଶ ବର୍ଷ
ସଂଖ୍ୟା : ୨୫୨
ତିଥି : ଅଷ୍ଟମୀ
୧୯ ଜୁନ୍ ୨୦୨୫, ଗୁରୁବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦


ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 252
19 June 2025, Thursday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur




# ସପ୍ତାହେ ବିତିଲା, ତଥାପି ଥମୁନି ଡାଇରିଆ

## ଯାଜପୁରରେ ୨୦ ମୃତ, ନୂଆ ୧୬ କଲେରା ପଜିଟିଭ



### ଅପମିଶ୍ରିତ ଖାଦ୍ୟ ଲାଗି ହୋଟେଲ ଦୁଇ ସପ୍ତାହ ବନ୍ଦ

ବ୍ୟାସନଗର,୧୮ ।୬ (ଜିପ୍ର): ରାଜ୍ୟରେ ସପ୍ତାହେରୁ ଉର୍ଦ୍ଧ୍ୱ ଥମୁନି ଡାଇରିଆ । ଝାଡାବାନ୍ତି ବିଭିନ୍ନ ଜିଲ୍ଲାକୁ ବ୍ୟାପିଚାଲିଛି । ଯାଜପୁରରେ ଜିଲ୍ଲାରେ ଡ଼ାଇରିଆ ରୋଗୀ ୧୭୪ଜଣ ବିଭିନ୍ନ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ଆଜି ବଡ଼ଚଣା ଓ ଧର୍ମଶାଳା ବ୍ଲକ ଅଞ୍ଚଳରେ ଆଉ ୨୪ ଜଣ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । କିନ୍ତୁ, ଡାଇରିଆ ରୋଗୀ ସଂଖ୍ୟା କମୁଥିବା କଥା କୁହାଯାଉଥିଲେ ହେଁ ମୃତ୍ୟୁ ସଂଖ୍ୟାରେ ବ୍ରେକ୍ ଲାଗିପାରୁନି । ଯାଜପୁର ଜିଲ୍ଲାରେ ମୃତ୍ୟୁ ସଂଖ୍ୟା ୨୦ରେ ପହଁଞ୍ଚିଥିବା ଅଭିଯୋଗ ହେଉଥିବା ବେଳେ ବ୍ୟାସନଗରରେ ଜଣେ ଶିଶୁ ସମେତ ୪ଜଣଙ୍କ ମୃତ୍ୟୁ ଘଟିଛି । ଡାଇରିଆ ଆରମ୍ଭରେ ୨ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଗତକାଲି ରାତିରେ ଆଉ ଦୁଇଜଣଙ୍କ ମୃତ୍ୟୁ ହୋଇଛି । ଯାହାକୁ ନେଇ ବ୍ୟାସନଗରରେ ଆତଙ୍କ ଖେଳିଯାଇଛି । (୯ ପୃଷ୍ଠାରେ)

## ରୋଗୀଙ୍କୁ ଚୁଡା ସହ ଦେଲେ କଞ୍ଚା କଦଳୀ

ଭୁବନେଶ୍ୱର,୧୮ ।୬ (ସବ୍ୟୁ): ଝାଡ଼ାବାନ୍ତି ରୋଗୀଙ୍କୁ କଞ୍ଚା କଦଳୀ ଦେବା ଚର୍ଚ୍ଚାର ବିଷୟ । ପାଚିଲା ମିଳିଲାନି ବୋଲି ଚୁଡ଼ା ସାଙ୍ଗେ ଧରାଇଦେଲେ ଟାଣ ଥିବା କଞ୍ଚା କଦଳୀ । ଝାଡ଼ାବାନ୍ତି ବ୍ୟାପୁଥିବା ବେଳେ ଡାକ୍ତରଖାନାରେ ଭର୍ତ୍ତି ରୋଗୀଙ୍କ ସହ ଏମିତି ବେପରୁଆ ଓ ଖାମଖିଆଲ ମନୋଭାବ ଦେଖାଇଛନ୍ତି ଟେଣ୍ଡର ନେଇଥିବା ଡାଏଟ କଣ୍ଟ୍ରାକଟର । ଯାଜପୁର ରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଏମିତି ବିକଳ ଚିତ୍ର ଦେଖିବାକୁ ମିଳିଛି । (୯ ପୃଷ୍ଠାରେ)

## ଦୂଷିତ ଜଳ, ଖାଦ୍ୟରୁ ଡାଇରିଆ : କେନ୍ଦ୍ରୀୟ ଟିମ୍

ଭୁବନେଶ୍ୱର, ୧୮ ।୬ (ସବ୍ୟୁ): ରାଜ୍ୟ ସରକାରଙ୍କ ସହ କେନ୍ଦ୍ରୀୟ ଟିମର ବୈଠକ ଅନୁଷ୍ଠିତ ହୋଇଛି । ଗ୍ରାଉଣ୍ଡ ରିପୋର୍ଟ ନେଇ ବୈଠକରେ ଆଲୋଚନା ହୋଇଛି । ଆଗାମୀ ପଦକ୍ଷେପ ନେଇ ସରକାରଙ୍କୁ ପରାମର୍ଶ ଦେଇଛନ୍ତି ଏହି ଟିମ୍‌ର ସଦସ୍ୟ। ସେପଟେ ଦୂଷିତ ପାଣି ଯୋଗୁ ଡାଇରିଆ ବ୍ୟାପିଥିବା ନେଇ ରାଜ୍ୟ ସରକାରଙ୍କୁ ଅବଗତ କରାଇଛନ୍ତି କେନ୍ଦ୍ରୀୟ ଟିମ୍ ।

ରାଜ୍ୟରେ ଝାଡାବାନ୍ତି ସ୍ଥିତି ସାମାନ୍ୟ କମିଥିଲେ ବି ଏଥିରେ ସମ୍ପୂର୍ଣ୍ଣ ବ୍ରେକ୍ ଲାଗିନି । ଯାଜପୁରରୁ ଆରମ୍ଭ ହୋଇଥିବା ଡାଇରିଆ ଏବେ ରାଜ୍ୟର ବିଭିନ୍ନ ଜିଲ୍ଲାକୁ ମାଡ଼ିବାରେ ଲାଗିଛି । ପ୍ରତିଦିନ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି । ସ୍ଥିତିକୁ ଦେଖି ରାଜ୍ୟର ସବୁ ଜିଲ୍ଲାକୁ ଆଲର୍ଟ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି । ଯେତିକି ନମୁନା ପରୀକ୍ଷା ହୋଇଥିଲା, ସେଥିମଧ୍ୟରୁ ୧୦ ପ୍ରତିଶତରେ କଲେରା ଜୀବାଣୁ ଚିହ୍ନଟ ହୋଇଛି । ହସ୍ପିଟାଲ୍ ଆସୁଥିବା ନୂଆ ରୋଗୀଙ୍କ ପାଖରେ ବି ଲକ୍ଷଣ ସମାନ ରହୁଛି। ଗତକାଲି ମୁଖ୍ୟ ଶାସନ ସଚିବ ସ୍ଥିତିକୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ (୯ ପୃଷ୍ଠାରେ)

## ଧର୍ମଶାଳା ସିଏଚ୍‌ସି ଡାକ୍ତର ନିଲମ୍ବିତ

ଚଣ୍ଡିଖୋଲ ,୧୮ ।୬ (ସବ୍ୟୁ) ଡାଇରିଆ ରୋଗୀଙ୍କୁ ଚିକିତ୍ସାରେ ଅବହେଳା ଓ ଭୁଲ ଔଷଧ ଲେଖି ଯାଜପୁର ଜିଲ୍ଲାର ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର (ସିଏଚ୍‌ସି)ରେ କାର୍ଯ୍ୟରତ ଜଣେ ଡାକ୍ତର ବୁଧବାର ସନ୍ଧ୍ୟା ନିଲମ୍ବିତ ହୋଇଛନ୍ତି। ନିଲମ୍ବିତ ହୋଇଥିବା ସଂପୃକ୍ତ ଡାକ୍ତରଙ୍କ ନାମ ହେମନ୍ତକୁମାର ମହାରଣା। ସେ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ନିଯୁକ୍ତି ପାଇଥିଲେ ମଧ୍ୟ ଡେପୁଟେସନରେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ କାର୍ଯ୍ୟ କରୁଥିଲେ। ତେବେ ଡାକ୍ତର ଶ୍ରୀ ମହାରଣା ଧର୍ମଶାଳା ଅଞ୍ଚଳର ଜଣେ ଡାଇରିଆ ରୋଗୀଙ୍କୁ ଭୁଲ ଔଷଧ ଲେଖିଦେବା ସହ ଚିକିତ୍ସାରେ (୯ ପୃଷ୍ଠାରେ)

## କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ଯୁବ, ବାଳ ପୁରସ୍କାର



ଭୁବନେଶ୍ୱର, ୧୮ ।୬ (ସବ୍ୟୁ) : କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ଯୁବ ଓ ବାଳ ସାହିତ୍ୟ ପୁରସ୍କାର ଘୋଷଣା କରାଯାଇଛି । ଲେଖକ ସୁବ୍ରତ ସେନାପତିଙ୍କୁ ଯୁବ ପୁରସ୍କାର ଓ ରାଜକିଶୋର ପାଢୀଙ୍କୁ ବାଳ ସାହିତ୍ୟ ପୁରସ୍କାର ପ୍ରଦାନ କରାଯିବ । ଉଭୟଙ୍କୁ ପୁରସ୍କାର ବାବଦରେ ୫୦ ହଜାର ଟଙ୍କା ପ୍ରଦାନ କରାଯିବ । ସୁବ୍ରତ ସେନାପତିଙ୍କୁ କଦମ୍ବବନ ପୁସ୍ତକ ଓ ରାଜକିଶୋର (୯ ପୃଷ୍ଠାରେ)

## ଜୁନ୍ ୨୦ରେ ସ୍କୁଲ୍ ଛୁଟି

ଭୁବନେଶ୍ୱର, ୧୮ ।୬ (ସବ୍ୟୁ) : ରାଜ୍ୟ ସରକାରଙ୍କ ବର୍ଷ ପୂର୍ତ୍ତି ସମାରୋହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଗ ଦେବେ । ଆସନ୍ତା ୨୦ ତାରିଖରେ ଜନତା ମଇଦାନରେ ଏ ନେଇ ଭବ୍ୟ ସମାରୋହ ଆରମ୍ଭ କରାଯାଇଛି । ପ୍ରଧାନମନ୍ତ୍ରୀଙ୍କ ଗସ୍ତରେ ରୋଡ୍ ସୋ କାର୍ଯ୍ୟକ୍ରମ ରହିଛି । ରାଜ୍ୟର କୋଣ ଅନୁକୋଣରୁ ବହୁ ଲୋକ ଆସିବାର ସମ୍ଭାବନା ଥିବାରୁ ଟ୍ରାଫିକ୍ ସମସ୍ୟାକୁ ଆଶଙ୍କା କରି ବିଦ୍ୟାଳୟ ଗଣଶିକ୍ଷା ପକ୍ଷରୁ ୨୦ ତାରିଖ ଦିନ ଭୁବନେଶ୍ୱର - କଟକ ମହାନିଗମ ଅଞ୍ଚଳରେ ଥିବା ସମସ୍ତ (୯ ପୃଷ୍ଠାରେ)

### ଜି-୭ ସମ୍ମିଳନୀରେ ପ୍ରଧାନମନ୍ତ୍ରୀଙ୍କ ବକ୍ତବ୍ୟ

## ଆତଙ୍କବାଦ ମାନବିକତା ପ୍ରତି ବିଶ୍ୱାସଘାତକତା

ନୂଆଦିଲ୍ଲୀ, ୧୮ ।୬ : କାନାଡାରେ ଅନୁଷ୍ଠିତ ହେଉଥିବା ୫୧ତମ ଜି-୭ ସମିଟ୍ ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆତଙ୍କବାଦ ଓ ବୈଷୟିକ କ୍ଷେତ୍ର ଉପରେ ଗୁରୁତ୍ୱ ଦେଇଛନ୍ତି। ଭାରତର ପଡୋଶୀ ରାଷ୍ଟ୍ର ଏବେ ଆତଙ୍କବାଦର ଏନ୍ତୁଡିଶାଳ ପାଲଟିଛି। ଏହା ହେଉଛି ମାନବିକତା ପ୍ରତି ବିଶ୍ୱାସଘାତକତା। ତେଣୁ ଜି-୭ ନେତୃମଣ୍ଡଳୀ ସୀମାପାର ଆତଙ୍କବାଦ କାର୍ଯ୍ୟ ଚଳାଉଥିବା ପାକିସ୍ତାନ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରଧାନମନ୍ତ୍ରୀ ଅପିଲ କରିଛନ୍ତି।



ପ୍ରଧାନମନ୍ତ୍ରୀ କହିଥିଲେ ଯେ ଏପ୍ରିଲ ୨୨ରେ ପହଲଗାମ୍ ଆତଙ୍କୀ ଆକ୍ରମଣ ପ୍ରତ୍ୟେକ ଭାରତୀୟଙ୍କ ଆତ୍ମା ପରିଚୟ ଓ ସମ୍ମାନ ଉପରେ ଥିଲା। ଯେ କୌଣସି ଦେଶ ଆତଙ୍କବାଦକୁ (୯ ପୃଷ୍ଠାରେ)

### ବାରିପଦାରେ ଆଦିବାସୀ ଶକ୍ତି ସମାବେଶ

## ସମୃଦ୍ଧ ଓଡ଼ିଶା ଲାଗି ଜନଜାତିଙ୍କ ବିକାଶ ଜରୁରୀ

ବାରିପଦା,୧୮ ।୬ (ସବ୍ୟୁ) : ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ପାଳନ ଅବସରରେ ଜିଲ୍ଲାସ୍ତରୀୟ ବିକାଶ ମେଳା କାର୍ଯ୍ୟକ୍ରମ ଉପଲକ୍ଷେ ବୁଧବାର ତୃତୀୟ ଦିବସରେ ଜିଲ୍ଲାପ୍ରଶାସନ ପକ୍ଷରୁ ବାରିପଦା ଛଉପଡ଼ିଆ ଠାରେ ଆୟୋଜିତ ରାଜ୍ୟସ୍ତରୀୟ "ଆଦିବାସୀ ଶକ୍ତି ସମାବେଶକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଶା ସାଂସ୍କୃତିକ ବୈଭବ ଚିତ୍ରପଟରେ ଜନଜାତି ସଂସ୍କୃତି ଏକ ସ୍ୱତନ୍ତ୍ର ସ୍ଥାନ ଗ୍ରହଣ କରିଛି, ତେଣୁ ଏହି ସଂସ୍କୃତିର



ବିକାଶ ପାଇଁ ଆଗାମୀ ୨୦୩୬ ସୁଦ୍ଧା ଓଡିଶାକୁ ସମୃଦ୍ଧ ଓଡିଶାରେ ପରିଣତ କରିବାକୁ ହେବ । ଆଗାମୀ ୧୧ବର୍ଷ ଭିତରେ ଏହି ଲକ୍ଷ୍ୟକୁ ସାକାର କରିବାକୁ ହେଲେ ରାଜ୍ୟର ୪୦ପ୍ରତିଶତ ଜନସଂଖ୍ୟା ବିଶିଷ୍ଟ ଜନଜାତି ଏବଂ ଅନୁସୂଚିତ ଜାତିଙ୍କ ବିକାଶ କରିବାକୁ ହେବ ।

ଆଦିବାସୀଙ୍କ ସାମଗ୍ରିକ ଉନ୍ନତି ବିନା ବିକାଶ ଅସମ୍ଭବ । ସେମାନଙ୍କ ମୌଳିକ ଆବଶ୍ୟତା ଯଥା ପେଟ ପାଇଁ ଦାନା, ପିନ୍ଧିବା ପାଇଁ କନା ଓ ରହିବା ପାଇଁ ବାସ ଇତ୍ୟାଦିକୁ ପୂରଣ କରିବା ସହିତ ସେମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ସାମାଜିକ ଓ ଅର୍ଥନୈତିକ ସ୍ଥିତିରେ ଉନ୍ନତି କରିବା ପାଇଁ ଆମ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ସେ କହିଥିଲେ । ଓଡିଶାର ପ୍ରାଣ ହେଉଛନ୍ତି ଏହାର ଜନଜାତି । ରାଜ୍ୟର ପ୍ରାୟ ଏକ ଚତୁର୍ଥାଂଶ ହେଉଛନ୍ତି ଆଦିବାସୀ ସଂପ୍ରଦାୟ । ଆଦିବାସୀ ଜନଜାତି ଆଜି ଭାରତର ଶ୍ରେଷ୍ଠ ସ୍ଥାନ ଗ୍ରହଣ କରିଛନ୍ତି ଏବଂ ମୟୂରଭଞ୍ଜରୁ ୭ଜଣ ଆଦିବାସୀ ସମ୍ପ୍ରଦାୟର ବିଧାୟକ ମାନେ ଆଜି ଏହି ଜିଲ୍ଲାର ପ୍ରତିନିଧିତ୍ୱ କରୁଛନ୍ତି, ଏହା ଆମ ପାଇଁ ଗୌରବର ବିଷୟ। ଯେତେବେଳେ ସମ୍ମାନର କଥା ଆସେ ଏଇ ମୟୂରଭଞ୍ଜ ମାଟିର ଜଣେ ସାଧାରଣ ପରିବାରର ଝିଅ ବୋହୁ ବାଧାବିଘ୍ନ ସତ୍ତ୍ୱେ ଆଜି ଦେଶର ପ୍ରଥମ ନାଗରିକ, ମହାମହିମ ରାଷ୍ଟ୍ରପତି ଆସନ ଅଳଙ୍କୃତ କରି ଦେଶକୁ ଗୌରବାନ୍ୱିତ କରୁଛନ୍ତି। ଭାରତୀୟ ସଂସ୍କୃତି ଓ ପରମ୍ପରା ଜନଜାତିଙ୍କ (୯ ପୃଷ୍ଠାରେ)

### ମହିଳା ଅତ୍ୟାଚାର, ଗଣଦୁଷ୍କର୍ମର ପ୍ରତିବାଦ

## ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରିଲା କଂଗ୍ରେସ

ଭୁବନେଶ୍ୱର, ୧୮ ।୬ (ସବ୍ୟୁ): ଓଡ଼ିଶାରେ ମହିଳାମାନଙ୍କୁ ହେଉଥିବା ଦୁଷ୍କର୍ମ, ଗଣଦୁଷ୍କର୍ମ ଓ ହତ୍ୟା ଅଣାୟତ ସ୍ଥିତିରେ ପହଞ୍ଚିଲାଣି । ଓଡ଼ିଶା ଆଜି ମହିଳାମାନଙ୍କ ପାଇଁ ସଂପୂର୍ଣ୍ଣ ଅସୁରକ୍ଷିତ । ରାଜ୍ୟରେ ପ୍ରତିଦିନ ୧୫ରୁ ଅଧିକ ମହିଳା ଓ ନାବାଳିକା ଗଣଦୁଷ୍କର୍ମ ଓ ଅତ୍ୟାଚାରର ଶିକାର ହେଉଥିବା ବେଳେ ଡବଲ ଇଞ୍ଜିନ ବିଜେପି ସରକାର ନିଜର ଏକବର୍ଷ ପୂର୍ତ୍ତି ଉତ୍ସବ ପାଳନ କରୁଛି । ଯେଉଁ ରାଜ୍ୟରେ ୬୪ ହଜାରରୁ ଅଧିକ ମହିଳା ଓ ଶିଶୁ ନିଖୋଜ, ତାହା କି ପ୍ରକାର ଉପଲବ୍ଧି ଯେ, ରାଜ୍ୟ ସରକାରଙ୍କ ସଫଳତାର ବର୍ଷପୂର୍ତ୍ତି




ପାଳନ ପାଇଁ ପ୍ରଧାନମନ୍ତ୍ରୀ ଓଡ଼ିଶା ଆସୁଛନ୍ତି? । ମୁଖ୍ୟମନ୍ତ୍ରୀଙ୍କ ନିଜ ଜିଲ୍ଲା କେନ୍ଦୁଝରର ହରିଚନ୍ଦନପୁରରେ ଜନୈକ ମହିଳାଙ୍କୁ ଗଣଦୁଷ୍କର୍ମ କରି ଗଛରେ ଦୁର୍ବୃତ୍ତମାନେ ଟାଙ୍ଗିଦେଲେ। ନାବାଳିକା ଆଦିବାସୀ ସ୍କୁଲ ଯାଉଥିବା ଝିଅମାନେ ଗର୍ଭବତୀ

### ରାଜ୍ୟରେ ଦିନକୁ ୧୫ ମହିଳାଙ୍କୁ ଦୁଷ୍କର୍ମ

ହେଉଛନ୍ତି । ଅନୁଗୁଳ ଜିଲ୍ଲାର କଣିହାଁ ବ୍ଲକ୍‌ରେ ଅନୁସୂଚିତ ଜାତିର ମହିଳା ସୁଭଦ୍ରାଙ୍କୁ ଗଣଦୁଷ୍କର୍ମ କରି ମାରି ଫିଙ୍ଗିଦେଲେ । ରାଜ୍ୟରେ ଆଦିବାସୀ ଓ ଅନୁସୂଚିତ ବର୍ଗର ମହିଳାମାନଙ୍କ ପ୍ରତି ଅତ୍ୟାଚାର (୯ ପୃଷ୍ଠାରେ)

## ଚିକିତ୍ସା ପାଇଁ ମୁମ୍ବାଇ ଯିବେ ନବୀନ

ଭୁବନେଶ୍ୱର, ୧୮ ।୬ (ସବ୍ୟୁ) : ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଆସନ୍ତା ୨୨ ତାରିଖରେ ଚିକିତ୍ସା ଲାଗି ମୁମ୍ବାଇ ଯାଉଛନ୍ତି। ସୋସିଆଲ୍ ମିଡିଆ

### ନବୀନଙ୍କ ସହ କଥା ହେଲେ ମୁଖ୍ୟମନ୍ତ୍ରୀ

ହ୍ୟାଣ୍ଡେଲ୍‌ରେ ନବୀନ ନିଜେ ଏହି ସୂଚନା ଦେଇଛନ୍ତି ।ନବୀନ ଉଲ୍ଲେଖ କରିଛନ୍ତି ଯେ, ସର୍ଭିକାଲ୍ ଆର୍ଥାଇଟିସ୍‌ରେ ସମସ୍ୟାକୁ ନେଇ ତାଙ୍କ ଚିକିତ୍ସା ମୁମ୍ବାଇ ସ୍ଥିତ କୋକିଲାବେନ୍ ଧୀରୁଭାଇ ଅମ୍ବାନୀ ହସ୍ପିଟାଲ୍‌ରେ କରାଯିବ। ତାଙ୍କ ବ୍ୟକ୍ତିଗତ ଡାକ୍ତର ରମାକାନ୍ତ ପଣ୍ଡା ଏହି ପରାମର୍ଶ ଦେଇଛନ୍ତି। ସେ ତାଙ୍କ ସହଯୋଗରେ ଏହି ହସ୍ପିଟାଲରେ (୯ ପୃଷ୍ଠାରେ)

### ଆମେରିକାକୁ ଇରାନର ଜବାବ

## କଦାପି ଆତ୍ମସମର୍ପଣ କରିବୁନି

ନୂଆଦିଲ୍ଲୀ, ୧୮ ।୬ (ଏଜେନ୍ସି) : ଇରାନ୍‌ର ସୁପ୍ରିମ୍ ଲିଡର ଅୟତୋଲା ଅଲ୍ଲି ଖାମେନି ଆମେରିକାକୁ ସିଧାସିଧା ଜବାବ୍ ଦେଇଛନ୍ତି। ଇରାନ୍‌ବାସୀଙ୍କୁ ସମ୍ବୋଧନ କରି ସେ କହିଛନ୍ତି ଇରାନ୍ କେବେ ହେଲେ କାହା ପାଖରେ ଆତ୍ମ ସମର୍ପଣ କରିବ ନାହିଁ। ଆମେରିକା ସେନାର ଯେକୌଣସ ପ୍ରକାର ହସ୍ତକ୍ଷେପ କେବଳ ଅକଳ୍ପନୀୟ କ୍ଷତି ଆଣିବ ବୋଲି ସେ ସତର୍କ କରାଇ ଦେଇଛନ୍ତି। ତେବେ ଇରାନ୍‌ର ଏହି ଜବାବ୍ ପରେ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ କହିଛନ୍ତି ଯେ, ସେ କଣ କରିବେ କେହି ଜାଣିନାହାଁନ୍ତି। ଆଗକୁ କିଛି ବଡ ହେବ ବୋଲି ସେ ସତର୍କ କରାଇ ଦେଇଛନ୍ତି।

ଇରାନ୍‌ବାସୀଙ୍କୁ ସମ୍ବୋଧନ କରି ସେ କହିଛନ୍ତି ଯେ, କଦାପି ଆମେ ଆତ୍ମ ସମର୍ପଣ କରିବୁ ନାହିଁ। ଇସ୍ରାଏଲ୍ ଓ ଇରାନ୍ ମଧ୍ୟରେ ବିବାଦ ଦେଖା ଦେଇଛି। ଯଦି ଏଥିରେ ଆମେରିକା କୌଣସି ପ୍ରକାରେ ପ୍ରବେଶ କରେ ତାହା ହେଲେ ତାକୁ ମଧ ଦଶା ଭୋଗିବାକୁ ପଡିବ। ଆମେରିକା ରାଷ୍ଟ୍ରପତି ଆମକୁ ଧମକ ଦେଉଛନ୍ତି ଓ ଇରାନ୍‌ବାସୀଙ୍କୁ ଆତ୍ମ ସମର୍ପଣ କରିବାକୁ କହୁଛନ୍ତି । ତେବେ ଏହି ଧମକ ଓ ଚେତାବନୀରେ ଆମେ ଭୟଭୀତ ନୁହେଁ। ଆମେରିକାବାସୀ ଜାତିୟତା ପାଇଁ ଏହି ଧମକର ମୁକାବିଲା କରିବାକୁ ସକ୍ଷମ। ଯଦି ଆମେରିକା ଆକ୍ରମଣ କରେ ତାହା ହେଲେ ସେ ମଧ୍ୟ ଫଳ ଭୋଗିବ। ଇରାନ୍ ଉପରେ ଯେଉଁ ଯୁଦ୍ଧ ଲଦା ଯାଇଛି ତାହା ବିରୋଧରେ ଆମ ଦେଶ କଠୋର (୯ ପୃଷ୍ଠାରେ)

# ମସ୍ତିଷ୍କ ସହ ଏ.ଆଇର ସମ୍ପର୍କ



ଅଷ୍ଟ୍ରେଲିଆର ବୈଜ୍ଞାନିକମାନେ ଏଆଇକୁ ବ୍ୟବହାର କରି ଏଭଳି ଏକ ସିଷ୍ଟମ ବିକଶିତ କରିଛନ୍ତି, ଯାହା ଆମ ମସ୍ତିଷ୍କର ସିଗ୍ନାଲକୁ ଡିକୋଡ କରିବା ସହିତ ଏହାକୁ ଶବ୍ଦରେ ପରିବର୍ତ୍ତନ କରିପାରିବ । ବ୍ରେନ୍‌ର ବିଭିନ୍ନ ସିଗ୍ନାଲକୁ ଏହି ସିଷ୍ଟମଟି ଶବ୍ଦରେ ପରିବର୍ତ୍ତନ କରିପାରିବ । ଅଷ୍ଟ୍ରେଲିଆର ଏକ ବିଶ୍ୱବିଦ୍ୟାଳୟର କିଛି ପିଜି ଛାତ୍ରମାନେ ଏହି ଏଆଇ ମଡେଲର ଉଦ୍ଭାବନ କରିଛନ୍ତି । ବର୍ତ୍ତମାନ ଏହି ଏଆଇ ମଡେଲକୁ ଅଳ୍ପକିଛି ସ୍ୱତନ୍ତ୍ର ଶବ୍ଦ ଶିଖାଯାଇଛି ଅନୁବାଦ କରିବା ପାଇଁ ଆଗକୁ ଏହାକୁ ଆହୁରି ଅନେକ ଶବ୍ଦ ଫିଡିଂ କରାଯିବାନେଇ ସେମାନେ ସୂଚନା ଦେଇଛନ୍ତି । ପ୍ରଥମେ ଏହି ଏଆଇ ସିଷ୍ଟମଟି ବ୍ରେନ୍‌ର ସିଗ୍ନାଲକୁ ଫିଲଟର କରିବା ସହିତ ଏହାକୁ ଡିକୋଡ କରିଥାଏ । ଏଆଇ ଓ ମସ୍ତିଷ୍କକୁ ନେଇ ଅନେକ ସମୟରେ ବିଭିନ୍ନ ପ୍ରକାରର ପରୀକ୍ଷା କରାଯାଇଥାଏ, ଯେଉଁଥିରୁ ସବୁବେଳେ ବିଭିନ୍ନ ପ୍ରକାରର ତଥ୍ୟ ମିଳିଥାଏ । ଏଗୁଡିକ ଚିକିତ୍ସା ବିଜ୍ଞାନରେ ଡାକ୍ତରମାନଙ୍କର ଖୁବ କାମରେ ଆସିଥାଏ ।

# କୃତ୍ରିମ ସୂର୍ଯ୍ୟ ଗ୍ରହଣ



ୟୁରୋପର କିଛି ଉପଗ୍ରହ ମିଶି ପ୍ରସ୍ତୁତ କରିଛନ୍ତି କୃତ୍ରିମ ସୂର୍ଯ୍ୟ ଗ୍ରହଣ, ଯାହା ବିଶ୍ୱରେ ପ୍ରଥମଥର ପାଇଁ ସୃଷ୍ଟି କରାଯାଇଛି ।ୟୁରୋପିଆନ୍ ସ୍ପେସ ଏଜେନ୍ସି ପକ୍ଷରୁ ଏହି ସୂର୍ଯ୍ୟଗ୍ରହଣର ଫଟୋ ରିଲିଜ୍ କରାଯାଇ ଏନେଇ ସୂଚନା ଦିଆଯାଇଛି । ସୋମବାର ଆୟୋଜିତ ପ୍ୟାରିସ ଏୟାର ଶୋରେ ଏହାର ଫଟୋ ରିଲିଜ୍ କରାଯାଇଥିଲା । ପାଖାପାଖି ୪୯୨ ଫୁଟ ଉପରକୁ ଉଠି ଏହି ସାଟେଲାଇଟ୍ ଯୋଡି ଭିତରୁ ଗୋଟିଏ ସୂର୍ଯ୍ୟକୁ ଚନ୍ଦ୍ର ଭଳି ଘୋଡାଇ ଦେଇଥିଲା । ଚନ୍ଦ୍ର ଯେପରି ସୂର୍ଯ୍ୟଗ୍ରହଣ ସମୟରେ ସୂର୍ଯ୍ୟ ଓ ପୃଥିବୀ ମଝିରେ ଆସିଥାଏ ସେହିଭଳି ଏହି ଉପଗ୍ରହଟି କରିଥିଲା । ଏହା ଏକ ଜଟିଳ ପ୍ରକ୍ରିୟା ବୋଲି ସଂସ୍ଥା ପକ୍ଷରୁ କୁହାଯାଇଛି । ଖୁବ ସାବଧାନତାର ସହିତ ଏହି ପ୍ରକ୍ରିୟା କାର୍ଯ୍ୟକାରୀ କରାଯାଇଥାଏ । ଏଥିପାଇଁ ଉନ୍ନତମାନର ଆଧୁନିକ ଜ୍ଞାନକୌଶଳକୁ ବ୍ୟବହାର କରାଯାଇଥାଏ । ତେବେ ବର୍ତ୍ତମାନ ପ୍ରଥମଥର ସେମାନେ ଏହାକୁ ପରୀକ୍ଷା କରିଛନ୍ତି ଏବଂ ସଫଳ ହୋଇଛନ୍ତି । ତେବେ ଏହି ପରୀକ୍ଷା ସମୟରେ ବୈଜ୍ଞାନିକଙ୍କୁ ସୂର୍ଯ୍ୟକୁ ନେଇ ଅନେକ ତଥ୍ୟ ମିଳିଛି । ଆଗକୁ ଆହୁରି ମିଳିବ ବୋଲି ମଧ୍ୟ ସୂଚନା ରହିଛି ।ୟୁରୋପିଆନ୍ ସ୍ପେସ ଏଜେନ୍ସିର ପ୍ରୋବା ୩ ସ୍ପେସ କ୍ରାଫଟ ଜରିଆରେ ଏହା ସମ୍ପନ୍ନ ହୋଇଛି । ଏହି ମିଶନର ଲକ୍ଷ୍ୟ ସୂର୍ଯ୍ୟର କରୋନା ବା ସୂର୍ଯ୍ୟର ସବୁଠାରୁ ବାହାର ପରସ୍ତ ଉପରେ ଅଧିକ ଅଧ୍ୟୟନ କରିବା । ଏହାସହ ଏହାର ମହାକାଶ ଉପରେ କଣ ପ୍ରଭାବ ପଡିଥାଏ ତାହା ଉପରେ ଅଧିକ ଗବେଷଣା କରିବା ।

# ଫୁଲ ଘାଟି

ମୌସୁମୀ ଆସିବାପରେ ଯଦି କେଉଁଆଡେ ବୁଲିବାକୁ ଯିବାକୁ ଯୋଜନା କରୁଛନ୍ତି ତେବେ ଆପଣଙ୍କ ପାଇଁ ଉତ୍ତରାଖଣ୍ଡର ବିଭିନ୍ନ ଫୁଲ ଘାଟି ଖୁବ ଭଲ ଅପସନ ହେବ । ବର୍ଷାଦିନେ ଏହି ଘାଟି ଗୁଡିକର ସୌନ୍ଦର୍ଯ୍ୟ ଖୁବ ଅଧିକ ବଢିଯାଇଥାଏ । ଫୁଲର ଏହି ଘାଟି ଗୁଡିକୁ ମନସୁନ୍ ଟ୍ରାକର ଆଖ୍ୟା ଦିଆଯାଇଛି । ଏଠାରେ ଥିବା ଫୁଲର ଘାଟି ଓ ଜଙ୍ଗଲ ଖୁବ ସୁନ୍ଦର ହୋଇଥାଏ । ଫୁଲ ଘାଟି ପାଖାପାଖି ୧୨,୬୫୪ ଫୁଟ ଉପରେ ଅବସ୍ଥିତ । ଏହି ଟ୍ରାକିଂ ଖୁବ ସୁନ୍ଦର ଅନୁଭୂତି ହୋଇଥାଏ । ଫୁଲର ଘାଟି ପହଞ୍ଚିବା ପାଇଁ ଯେଉଁ ରାସ୍ତା ରହିଛି ସେଗୁଡିକ ଫୁଲରେ ଭରପୂର ହୋଇଥାଏ । ଏଠାରେ ଦେଖିବାକୁ ମିଳିଥାଏ ପ୍ରସିଦ୍ଧ ବ୍ଲୁ ପପି ଫୁଲ, ଯାହା ଖୁବ ସୁନ୍ଦର ହୋଇଥାଏ । ଏହି ଘାଟିଟି ମୌସୁମୀ ଆସିବା ପରେ ଯେପରି ଫୁଲର ଜଙ୍ଗଲ ପାଲଟିଯାଇଥାଏ । ଏଠାରେ ନୀଳ ପୋସ୍ତା ଓ ବ୍ରହ୍ମକମଳ ସବୁଠାରୁ ଚର୍ଚ୍ଚିତ ଫୁଲ ହୋଇଥାଏ । ପ୍ରତିବର୍ଷ ମୌସୁମୀ ଆସିବା ପରେ ଏଠାରେ ଅନେକ ପର୍ଯ୍ୟଟକଙ୍କ ଭିଡ ଜମିଥାଏ ।




# ନଖରେ ଧଳାଦାଗ



ଅନେକ ସମୟରେ ନଖକୁ ଆମେ ଗୁରୁତ୍ୱ ଦେଉ ନଥାଉ । ହେଲେ ନଖରୁ ମଧ୍ୟ ଆମେ ଆମ ହେଲ୍‌ଥ ସମ୍ବନ୍ଧରେ ଅନେକ ତଥ୍ୟ ପାଇଥାଉ । ନଖର ରଙ୍ଗ, ଆକାର ଅନେକ କିଛି ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ତଥ୍ୟ ପ୍ରଦାନ କରିଥାଏ । ନଖରେ ବେଳେବେଳେ ଧଳା ରଙ୍ଗର ଦାଗ ଦେଖିବାକୁ ମିଳିଥାଏ । ତେବେ ଏହାକୁ କେତେଜଣ ଇଗନୋର କରିଥାଆନ୍ତି, କିନ୍ତୁ ଏହା ମଧ୍ୟ ଆମ ଶରୀର କିଛି ସମସ୍ୟାକୁ ସୂଚିତ କରିଥାଏ । ତେବେ ଡାକ୍ତରଙ୍କ ସୂଚନା ଅନୁସାରେ ଗୋଟିଏ ସୁସ୍ଥ ନଖର ରଙ୍ଗ ସାଧାରଣତଃ ଗୋଲାପି ହୋଇଥାଏ । ଏହାସହ ନଖ ଆଗପଟୁ ସାମାନ୍ୟ ମୋଡି ହୋଇ ରହିଥାଏ । ତେଣୁ ନଖର ରଙ୍ଗ, ଆକାର ଓ ଟେକ୍‌ଷ୍ଟରରେ ପରିବର୍ତ୍ତନ ପୋଷଣ ଅଭାବ, ସଂକ୍ରମଣ ଆଦିକୁ ସୂଚାଇଥାଏ । ଆମ ନଖ କେରେଟିନ୍ ନାମକ ପୋଷଣରୁ ପ୍ରସ୍ତୁତ ହୋଇଥାଏ, ଯାହାର ଅଭାବରେ ନଖରେ ବିଭିନ୍ନ ସମସ୍ୟା ଦେଖିବାକୁ ମିଳିଥାଏ । ତେବେ ନଖରେ ଦେଖାଯାଉଥିବା ଧଳା ଦାଗ ଅନେକ ସମସ୍ୟା ଯେପରି ଜ୍ୱର, ଲିଭର ସମସ୍ୟା, ହାର୍ଟ ସମସ୍ୟା, କିଡନୀ ସମସ୍ୟା ଆଦି ହେବାର ସମ୍ଭାବନା ରହିଥାଏ । ଏହି ସମସ୍ୟା ଗୁଡିକ ଜିଙ୍କ ଅଭାବରେ ଆମ ଶରୀରରେ ଦେଖିବାକୁ ମିଳିଥାଏ । ତେଣୁ ନଖରେ ଧଳା ଦାଗ ଜିଙ୍କ ଓ ଆଇରନର ଅଭାବ ଦର୍ଶାଇଥାଏ । ତେଣୁ ଏଥିରୁ ବଞ୍ଚିବାକୁ ହେଲେ ବିଭିନ୍ନ ଡ୍ୟାରୀ ପ୍ରଡକଟ, ଚିକେନ୍, କିସ୍‌ମିସ୍, ମଟର ଆଦି ଖାଆନ୍ତୁ । ଏହାସହ ଯଦି ଚାହିଁବେ ଡାକ୍ତରଙ୍କ ପରାମର୍ଶ ନେଇପାରିବେ ।

## ସୋସିଆଲ ଟକ୍ସ



ମୁଁ ତାର ଆକଟିଂକୁ ଅନ୍ୟମାନଙ୍କ ସହ ତୁଳନା କରିଥାଏ । ହେଲେ ଏହାକୁ ମୁଁ ସକରାତ୍ମକ ଢଙ୍ଗରେ କରିଥାଏ, ଯାହା ତାର ଇଗୋକୁ କେବେ ବି କ୍ଷତି ପହଞ୍ଚାଇନାହିଁ ।

ଅନିଲ କପୁର, ଅଭିନେତା



ମୋତେ ବାପା କିଛି ବି କହିପାରିବେ । ମୁଁ ସବୁବେଳେ ତାଙ୍କ କମେଣ୍ଟକୁ ପଜିଟିଭରେ ନେଇଛି । ତାଙ୍କଠାରୁ ବହୁତ କିଛି ଶିଖିଛି ।

ହର୍ଷ ବର୍ଦ୍ଧନ କପୁର, ଅଭିନେତା



ପୁଅକୁ ପ୍ଲେ ସ୍କୁଲରେ ଡ୍ରପ୍ କରିବାଠାରୁ ଆରମ୍ଭ କରି ଫିଲ୍ମ ସ୍କୁଲରେ ଡ୍ରପ୍ କରିବା ଏକ ଖୁବ ଭଲ ଅନୁଭୂତି । ହେଲେ ଏହା ଏତେ ଜଲଦି ଆସିବ ଭାବି ନଥିଲି । ସମୟ କେତେ ଜଲଦି ଯାଉଛି ।

ରୋହିତ ସେଟ୍ଟି, ଫିଲ୍ମ ମେକର

## ଇତିହାସ

- ୧୭୭୦- ନ୍ୟୁ ଜେରୁସଲିମ୍‌ର ଜେନେରାଲ୍ ଚର୍ଚ୍ଚ ସ୍ଥାପନା କରାଗଲା ।
- ୧୯୧୦- ଓ୍ୱାଶିଂଟନ୍‌ରେ ପ୍ରଥମ ଥର ପାଇଁ ପିତୃଦିବସ ପାଳନ କରାଗଲା ।
- ୧୯୨୨- ଡେନ୍‌ମାର୍କର ଭୌତିକ ବିଜ୍ଞାନୀ ତଥା ନୋବେଲ୍ ପୁରସ୍କାରପ୍ରାପ୍ତ ନିଲ୍ସ ବୋର୍‌ଙ୍କ ଜନ୍ମ ।
- ୧୯୩୮- ହଙ୍ଗେରୀକୁ ହରାଇ ଇଟାଲୀ ବିଶ୍ୱ କପ୍ ଜିତିଲା ।
- ୧୯୪୭- ଲୋକପ୍ରିୟ ବ୍ରିଟିଶ୍ ଭାରତୀୟ ଲେଖକ ଏବଂ ଔପନ୍ୟାସିକ ସଲମାନ ରଶ୍‌ଦିଙ୍କ ଜନ୍ମ ।
- ୧୯୭୦- କଂଗ୍ରେଶ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ଜନ୍ମ ।
- ୧୯୮୧- ଭାରତ ଏହାର ଜିଓଷ୍ଟେସନାରୀ ଉପଗ୍ରହ ଆପଲ୍‌ର ସଫଳ ପ୍ରକ୍ଷେପଣ କଲେ ।
- ୧୯୯୧- ସୋଭିଏତ୍ ସଂଘ ହଙ୍ଗେରୀକୁ ନିଜ କବଜାରୁ ମୁକ୍ତି କଲା ।
- ୨୦୦୩-ଫିନ୍‌ଲାଣ୍ଡର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ଏନେଲି ଜାଟିନମାଙ୍କି ପଦବୀରୁ ଇସ୍ତଫା ଦେଇଥିଲେ ।

# ସମ୍ପର୍କରେ ମୋହର



ଲଭ ବାର୍ଡସ ରଶ୍ମିକା ମନ୍ଦାନା ଓ ବିଜୟ ଦେବରକୋଣ୍ଡା ସବୁବେଳେ ନିଜର ସମ୍ପର୍କପାଇଁ ଚର୍ଚ୍ଚାରେ ରହିଥାଆନ୍ତି । ତେବେ ବିଗତ କିଛି ଦିନର ସାଇଲେନ୍ସ ପରେ ବର୍ତ୍ତମାନ ପୁଣି ଚର୍ଚ୍ଚାରେ ରଶ୍ମିକା ଓ ବିଜୟ । ଉଭୟଙ୍କୁ ପୁଣି ଏକାଠି ବିମାନ ବନ୍ଦରରେ ଦେଖିବାକୁ ମିଳିଛି, ଯାହାପରେ ସେମାନଙ୍କ ରିଲେସନ୍‌ସିପ୍‌କୁ ନେଇ ପୁଣି ଆଲୋଚନା ଆରମ୍ଭ ହୋଇଛି । ସେମାନେ ଏନେଇ କେବେ ବି ଖୋଲାଖୋଲି କଥା ହୋଇନାହାନ୍ତି ହେଲେ ଉଭୟଙ୍କ ଆକଟିଭିଟିରୁ ଉଭୟଙ୍କ ପ୍ରେମ ସମ୍ପର୍କକୁନେଇ ସବୁବେଳେ ଚର୍ଚ୍ଚା ହେଉଛି । ଉଭୟଙ୍କର ଭାଇରାଲ ହୋଇଥିବା ଭିଡିଓରେ ଉଭୟ ଏକାଠି ବିମାନ ବନ୍ଦରରୁ ବାହାରୁଥିବାର ଦୃଶ୍ୟ କଏଦ ହୋଇଛି । ସେହିଭଳି ଉଭୟ ଗୋଟିଏ କାରରେ ମଧ୍ୟ ଯିବା ଦେଖିବାକୁ ମିଳିଛି । କିଛି ଫ୍ୟାନମାନେ ଉଭୟ ନିଜର ସମ୍ପର୍କରେ ମୋହର ମାରିଥିବାନେଇ ମତ ଦେଉଛନ୍ତି ।

# ଲାହୋରୀ ଆଳୁ



ସାମଗ୍ରୀ- ଛୋଟ ଆଳୁ, ୨ଟି ପିଆଜ, ଏକ ଚାମଚ ଅଦା ରସୁଣ ପେଷ୍ଟ, ୨ରୁ ୩ଟି ଟମାଟ ରସ, ଅଧା କପ ଖୀର, ତେଜପତ୍ର, ହଳଦୀ,ଜୀରା, ଧନିଆ, ଲବଙ୍ଗ, ପପି ସିଡ୍ ଏକଚାମଚ, ପାନ ମଧୁରୀ, ନଡିଆ କୋରା ତିନି ଚାମଚ ।

ପ୍ରଣାଳୀ- ପ୍ରଥମେ ଆଳୁକୁ ସିଝାଇ ନିଅନ୍ତୁ । ଏହାପରେ ସମସ୍ତ ମସଲା ଓ ନଡିଆ କୋରାକୁ ବାଟି ନିଅନ୍ତୁ । ଏହାପରେ ତେଲରେ ତେଜପତ୍ର ପିଆଜ ପକାଇ ଭାଜନ୍ତୁ । ଭାଜିବାପରେ ଏଥିରେ ଅଦା ରସୁଣ ପେଷ୍ଟ ଆଡ କରି ସ୍ମେଲ ଯିବା ପାଇଁ ଭାଜନ୍ତୁ । ଏହାପରେ ମସଲା ତେଲ ଛାଡିବା ପରେ ଏଥିରେ ଆଳୁ ପକାଇ କୋଟ କରି ଦିଅନ୍ତୁ । ମସଲା ପକାଇ ପାଞ୍ଚମିନିଟ୍ ପାଇଁ ଭାଜନ୍ତୁ । ଏହାପରେ ଏଥିରେ କ୍ଷୀର ପକାଇ ଫୁଟାଇନିଅନ୍ତୁ । ଯେତେବେଳେ କ୍ଷୀର ମରି ଏକ ପେଷ୍ଟ ଭଳି ହେବା ଗ୍ୟାସ ବନ୍ଦ କରିଦିଅନ୍ତୁ । ପ୍ରସ୍ତୁତ ହୋଇଗଲା ଲାହୋରୀ ଆଳୁ ।

# ମୟୂରାସନ



ଏହି ପୋଜ୍ କରିବାପାଇଁ ପ୍ରଥମେ ଯୋଗ ମ୍ୟାଟ ଉପରେ ଆଣ୍ଠୁ ବସିପଡନ୍ତୁ । ତେବେ ଆଣ୍ଠୁରେ କିଛି ଗ୍ୟାପ୍ ରଖନ୍ତୁ । ଏହାପରେ ହାତକୁ ସାମ୍ନା ପଟେ ଭୂମି ଉପରେ ରଖନ୍ତୁ । ଏହାପରେ କହୁଣୀକୁ ମୟୂର ପାଦଭଳି ରଖି ଏହା ଉପରେ ସମସ୍ତ ଶରୀରର ଭାର ରଖନ୍ତୁ । ଏହାପରେ ଧୀରେଧୀରେ ଗୋଡକୁ ଅଳ୍ପ ଉପରକୁ ଉଠାନ୍ତୁ । ତେବେ ଏହି ଆସନ କରିବା ସମୟରେ ଏକ୍ସପର୍ଟଙ୍କ ସାହାଯ୍ୟ ନିଅନ୍ତୁ । ଯେତିକି ସମୟ ପାରୁଛନ୍ତି ଏହି ପୋଜ୍‌ରେ ରୁହନ୍ତୁ । ଏହା ଏକ ଷ୍ଟ୍ରେଚିଂ ଏକ୍ସରସାଇଜ୍ ହୋଇଥିବାରୁ ପୂରା ବଡିର ଷ୍ଟ୍ରେଚ୍ ହୋଇଥାଏ । ଏହା ପାଚନତନ୍ତ୍ର ପାଇଁ ବେଶ ଉପକାରୀ ହୋଇଥାଏ । ତେବେ ଏହାକୁ ପ୍ରଥମରୁ କରିବା ସମୟରେ ସତର୍କତା ଅବଲମ୍ବନ କରନ୍ତୁ ।

## ପ୍ରଧାନମନ୍ତ୍ରୀଙ୍କ ଗସ୍ତ ସୁରକ୍ଷା
# ମୁତୟନ ହେବେ ୧୩୩ ପ୍ଲାଟୁନ ଫୋର୍ସ

ଭୁବନେଶ୍ୱର, (ସବ୍ୟୁ) : ରାଜ୍ୟ ସରକାରଙ୍କ ବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଆସନ୍ତା ୨୦ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶା ଆସିବେ । ଏୟାରପୋର୍ଟରୁ ସଭାସ୍ଥଳ ଜନତା ମୈଦାନ ପର୍ଯ୍ୟନ୍ତ ରୋଡ୍ ଶୋ' କରିବେ ପ୍ରଧାନମନ୍ତ୍ରୀ । ସେଥିପାଇଁ ସୁରକ୍ଷା ବ୍ୟବସ୍ଥା କଡାକଡି ହେବ । ପ୍ରଧାନମନ୍ତ୍ରୀଙ୍କ ଗସ୍ତ ଓ ରୋଡ୍ ଶୋ' ସୁରକ୍ଷାରେ ୧୩୩ ପ୍ଲାଟୁନ୍ ଫୋର୍ସ ମୁତୟନ ହେବେ ବୋଲି ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ କହିଛନ୍ତି । କମିଶନରେଟ୍ ପୋଲିସ ମୁଖ୍ୟାଳୟ ପୋଲିସ ସେବା ଭବନଠାରେ ବୁଧବାର ସୁରକ୍ଷା ବ୍ୟବସ୍ଥା ସମ୍ପର୍କିତ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ, ଅତିରିକ୍ତ ପୋଲିସ କମିଶନର ନରସିଂହ ଭୋଳ, ଭୁବନେଶ୍ୱର ଡିସିପି ଜଗମୋହନ ମିନା ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଯୋଗ ଦେଇଥିଲେ । କେନ୍ଦ୍ରୀୟ ସଶସ୍ତ୍ର ବାହିନୀ, ସ୍ପେଶାଲ ଫୋର୍ସ, ଗୁଇନ୍ଦା, କେନ୍ଦ୍ରୀୟ ଫୋର୍ସ ସୁରକ୍ଷାରେ ଯୋଗ ଦେଉଥିବାରୁ ସମସ୍ତଙ୍କ ସହ ସମନ୍ୱୟ ରକ୍ଷା ଲାଗି କାର୍ଯ୍ୟ କରିବାକୁ ପୋଲିସ କମିଶନର ଅଫିସରଙ୍କୁ ପରାମର୍ଶ ଦେଇଛନ୍ତି । ବୈଠକରେ କମିଶନରେଟ୍ ପୋଲିସର ଶତାଧିକ ଅଫିସର ଯୋଗ ଦେଇଥିଲେ । ଏସ୍‌ପିଜି ସହ ସମନ୍ୱୟ ରଖି କମିଶନରେଟ୍ ପୋଲିସ ସୁରକ୍ଷା ବ୍ୟବସ୍ଥା ପରିଚାଳନା କରିବ । ସୁରକ୍ଷାରେ ଆତଙ୍କବାଦ ନିରୋଧୀ ଟିମ୍, ଡଗ୍ ଓ ବମ୍‌ସ୍କ୍ୱାଡ୍ ସହ ଅନ୍ୟାନ୍ୟ ସମସ୍ତ ସୁରକ୍ଷା ବ୍ୟବସ୍ଥାର ଅଧିକାରୀମାନେ ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷା କାର୍ଯ୍ୟକ୍ରମରେ ଯୋଗଦେବେ ।

## ଡାଇରିଆ ନେଇ ରାଜଧାନୀରେ ହାଇଆଲର୍ଟ
# ଗୁପ୍‌ଚୁପ୍ ଦୋକାନର ହେଉନି ପାଣି ଯାଞ୍ଚ

## କେବେ ଚେତିବେ ବିଏମସି, ଖାଦ୍ୟ ସୁରକ୍ଷା ଅଧିକାରୀ

ଭୁବନେଶ୍ୱର(ସବ୍ୟୁ): ରାଜ୍ୟରେ ଏବେ ଡାଇରିଆକୁ ନେଇ ସବୁଠି ଆତଙ୍କ । ଏନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ହାଇ ଆଲର୍ଟ ଜାରି ହେବା ପରେ ଭୁବନେଶ୍ୱରରେ ଜୋରଦାର ଚଢାଉ କରାଯାଉଛି । ରାଜଧାନୀରେ ଯେଉଁଭଳି ପରିବେଶରେ ଗୁପଚୁପ୍ ପ୍ରସ୍ତୁତ ହେଉଛି, ତାହା ଦେଖିଲେ ଖାଇବା ମଧ ଭୁଲିଯିବେ । ପ୍ରସ୍ତୁତ ହେଉଥିବା ଖଟା ପାଣିର ମାନ ଯାଞ୍ଚ ହେଉନି । ସେମାନେ ହାତରେ ଗ୍ଲୋଭ୍ସ ପିନ୍ଧୁଛନ୍ତି, ନା ବିଶୁଦ୍ଧ ପାଣି ବ୍ୟବହାର କରୁଛନ୍ତି ? ଏସବୁ ଯାଞ୍ଚ କରୁନାହାଁନ୍ତି ବିଏମସି ଓ ଖାଦ୍ୟ ସୁରକ୍ଷା ଅଧିକାରୀ ।

ଖଟା ପାଣିକୁ ଗୋଲ ଗୋଲ ଗୁପଚୁପ୍ । ପାଟିକୁ ଭାରି ସୁଆଦିଆ, ହେଲେ ସ୍ୱାସ୍ଥ୍ୟ ପ୍ରତି କେତେ ସୁରକ୍ଷିତ? ଅତ୍ୟନ୍ତ ଅସ୍ୱାସ୍ଥ୍ୟକର ପରିବେଶରେ ତିଆରି ହେଉଛି ଗୁପଚୁପ୍ । ଭୁବନେଶ୍ୱର ଶ୍ରୀୟା ଛକକୁ ଲାଗି ରହିଥିବା ପ୍ରେସ କଲୋନି ବସ୍ତି । ଏଠାରେ ପ୍ରାୟତଃ ୪୦ରୁ ଅଧିକ ପରିବାର ଗୁପଚୁପ୍ ବ୍ୟବସାୟ କରିଥାନ୍ତି । ବିହାରରୁ ଆସି ଏଠି ରହୁଥିବା ବ୍ୟବସାୟୀ ଅତି ଖରାପ ପରିବେଶ ଭିତରେ ରହୁଛନ୍ତି । ପ୍ରତିଦିନ ଏଇଠୁ ରାଜଧାନୀର ବିଭିନ୍ନ ସ୍ଥାନକୁ ଯାଉଛି ଗୁପଚୁପ୍ ଠେଲା । ଏମିତିକି ଶୁଖିଲା ଚୁଗଚୁପରେ ପଡୁଥିବା ନାଲି ରଙ୍ଗର ସସ୍ ପ୍ରସ୍ତୁତି ଦେଖି ଆପଣଙ୍କ ମୁଣ୍ଡ ବି ଖରାପ ହୋଇଯିବ । ଆଳୁ ଓ କନଫ୍ଲୋରରେ ନାଲି ରଙ୍ଗ ମିଶାଇ ତିଆରି ହେଉଛି ଟମାଟୋ ସସ୍ । କେବଳ ଏହି ଗୋଟିଏ ସ୍ଥାନ ନୁହେଁ, ଉତ୍କଳ ବିଶ୍ୱବିଦ୍ୟାଳୟ ପାଚେରୀକୁ ଲାଗି ରହିଥିବା ବସ୍ତିଗୁଡିକରେ ବି ଚାଲିଛି ଗୁପଚୁପ୍ ପ୍ରସ୍ତୁତି । ରାଜ୍ୟରେ ବ୍ୟାପୁଥିବା ଝାଡାବାନ୍ତିର ମୁଖ୍ୟ କାରଣ ଦୂଷିତ ପାଣି ବୋଲି କୁହାଯାଉଛି । ସେଥିପାଇଁ ସଚେତନତା ପୂର୍ବକ ରାଜଧାନୀରେ ବିଭିନ୍ନ ହୋଟେଲ ଓ ଷ୍ଟ୍ରିଟ୍ ଫୁଡ୍ ଉପରେ ଚଢାଉ କରୁଛନ୍ତି ଖାଦ୍ୟ ସୁରକ୍ଷା ଅଧିକାରୀ । କିନ୍ତୁ ସରକାରଙ୍କ ପକ୍ଷରୁ ଏହି ଷ୍ଟ୍ରିଟ୍ ଫୁଡ୍ ଭେଣ୍ଡରଙ୍କୁ କେତେ ସଚେତନ କରାଯାଉଛି । କାରଣ ବର୍ଷ ବର୍ଷ ଧରି ଏମାନେ ଏମିତି ଅସ୍ୱାସ୍ଥ୍ୟକର ପରିବେଶରେ ଗୁପଚୁପ୍ ତିଆରି କରି ବିକ୍ରି କରୁଛନ୍ତି । ଏପରି ଖାଦ୍ୟ ସାମଗ୍ରୀ ବିକ୍ରି କରିବାରେ ଏମାନଙ୍କ ଉପରେ କୌଣସି କଟକଣା ବି ସରକାରଙ୍କ ପକ୍ଷରୁ ନାହିଁ । କେବଳ ରାଜଧାନୀ ନୁହେଁ, ରାଜ୍ୟର ପ୍ରାୟତଃ ବ୍ୟବସାୟୀ ଏମିତି କିଛି ଅପରିଷ୍କାର ପାଣି ଓ ଅସ୍ୱାସ୍ଥ୍ୟକର ପରିବେଶରେ ଗୁପଚୁପ ପ୍ରସ୍ତୁତ କରୁଥିବା ଅଭିଯୋଗ ହେଉଛି । ସେହିଭଳି ପାଣିକୁ ଫିଲଟର ନକରି ବିକ୍ରି କରୁଥିବା ବ୍ୟବସାୟୀଙ୍କ ପ୍ରତି କଠୋର କାର୍ଯ୍ୟାନୁଷ୍ଠାନ ନେବାର ଆବଶ୍ୟକତା ରହିଛି ।

## ଜଗତସିଂହପୁର ଜିଲ୍ଲା କଂଗ୍ରେସ ପକ୍ଷରୁ ସମ୍ବିଧାନ ବଞ୍ଚାଅ ସମାବେଶ
# ନାରୀ ଶକ୍ତି ଅଭିଶାପରେ ବିଜେଡି ଭଳି ଧ୍ୱଂସ ହେବ ବିଜେପି: ରଞ୍ଜୀବ



ଜଗତସିଂହପୁର,(ସବ୍ୟୁ): ପ୍ରଦେଶ କଂଗ୍ରେସ କମିଟି ଆହ୍ୱାନ କ୍ରମେ ଜଗତସିଂହପୁର ଜିଲ୍ଲା କଂଗ୍ରେସ ପକ୍ଷରୁ ସମ୍ବିଧାନ ବଞ୍ଚାଅ ସମାବେଶ ଜିଲ୍ଲା କଂଗ୍ରେସ ସଭାପତି ନଟବର ବାରିକଙ୍କ ସଭାପତିତ୍ୱରେ ଆଦିକବି ଶାରଳା ଦାସ ସଂସ୍କୃତ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି। ସମାବେଶରେ ପିସିସି ଉପସଭାପତି ତଥା ବରିଷ୍ଠ ବିଧାୟକ ତାରା ପ୍ରସାଦ ବାହିନୀପତି ଯୋଗଦେଇ ସମ୍ବିଧାନ ସୁରକ୍ଷା ନିମନ୍ତେ ଆହ୍ୱାନ ଦେଇଥିଲେ । ଶ୍ରୀ ବାହିନୀପତି କହିଥିଲେ ଯେ ଦେଶର ସମ୍ବିଧାନକୁ ବିଜେପି ସରକାର ଉପେକ୍ଷା କରୁଛି । ସମ୍ବିଧାନର ଧାରାକୁ ବିଭିନ୍ନ କ୍ଷେତ୍ରରେ ପଛରେ ପକାଇ ସାଧାରଣ ଲୋକମାନଙ୍କୁ ଭ୍ରମିତ କରୁଛି । ମହିଳାମାନେ ଏଠାରେ ସୁରକ୍ଷିତ ନାହାନ୍ତି । ବେକାରୀ ସମସ୍ୟା ବଢି ଚାଲିଛି । ଚାଷୀଙ୍କ ଧାନ ଠିକ ଭାବରେ କିଣାଯାଉନାହିଁ । ବିଜେପି ଓ ବିଜେଡି ମୁଦ୍ରାର ଦୁଇ ପାର୍ଶ୍ୱ ଭଳି କାମ କରୁଛନ୍ତି । ତେଣୁ ଆଗାମୀ ଦିନରେ କଂଗ୍ରେସ ହିଁ ବିକଳ୍ପ । କଂଗ୍ରେସ ସଂଗଠନ ଆଜି ବି ଗାଁରେ ଗଣ୍ଡାରେ ସକ୍ରୀୟ ରହିଛି । କଂଗ୍ରେସକୁ ମଜବୁତ କରିବାକୁ ଯୁବ,ଛାତ୍ର ଓ ମହିଳା ସଂଗଠନକୁ ଆହ୍ୱାନ ଦେଇଥିଲେ ।

କାର୍ଯ୍ୟକ୍ରମରେ ପୂର୍ବତନ ସାଂସଦ ତଥା ବରିଷ୍ଠ କଂଗ୍ରେସ ନେତା ରଞ୍ଜୀବ ବିଶ୍ୱାଳ ଯୋଗଦେଇ କହିଲେ ଯେ କଂଗ୍ରେସ ମୋ ପରିବାର । ଜିଲ୍ଲାରେ ଆଗାମୀ ଦିନରେ ଯଦି କଂଗ୍ରେସକୁ କୌଣସି ଦଳ ହତାଦର କରିବାକୁ ଅପଚେଷ୍ଟା କରେ ତେବେ ସେମାନଙ୍କୁ ରାଜରାସ୍ତାରେ ଚଲାଇ ଦିଆଯିବ ନାହିଁ । ପୂର୍ବରୁ ବିରୋଧୀ ଦଳ ଭାବରେ ରହି ବିଜେପି କହୁଥିଲା କି ବବିତା,ମମିତା ଆଦି ନାରୀଶକ୍ତି ଅଭିଶାପରେ ବିଜେଡି ଧ୍ୱଂସ ହେବ । ଆଜି ବିଜେପି ସରକାର ରେ ଗୋପାଳପୁର,କଟକ,କେନ୍ଦୁଝର ଆଦି ଜିଲ୍ଲାରେ ମଧ ତାହାର ପୁନରାବୃତ୍ତି ହେଉଛି ବା ନାରୀ ନିର୍ଯ୍ୟାତନା ଓ ଦୁଷ୍କର୍ମ ବୃଦ୍ଧି ପାଇଛି । ବିଜେପିର ମଧ ସେହି ଅବସ୍ଥା ହେବା ନିଶ୍ଚିତ । ୨୦୦୦ ମସିହାରେ କଂଗ୍ରେସ ସରକାର ଅମଳରେ ଓଡିଶାର ଋଣ ଭାର ୧୭ ହଜାର କୋଟି ଥିବା ବେଳେ ବିଜେଡି ସରକାର ଅମଳରେ ୨୦୨୪ରେ ଋଣ ଭାର ୧ଲକ୍ଷ ୨୮ ହଜାର କୋଟି ରହିଛି । ଏବେ ବିଜେପି ସରକାର ଏକ ବର୍ଷ ପୁର୍ତ୍ତୀ ପରେ ଋଣ ଭାର ହୋଇଛି ୧ଲକ୍ଷ ୭୦ ହଜାର କୋଟି ଟଙ୍କା ବୋଲି ଶ୍ରୀ ବିଶ୍ୱାଳ କହିଥିଲେ । ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାରେ ଏହି ସରକାର ବିଫଳ ହୋଇଥିବା ବେଳେ ମେଡିକାଲ କଲେଜ ପ୍ରତିଷ୍ଠା କଥା କହୁଛି । ମାତ୍ର ଆଜି ପର୍ଯ୍ୟନ୍ତ ମେଡିକାଲ କଲେଜ କେଉଁଠି ପ୍ରତିଷ୍ଠା ହେବ ସ୍ଥାନ ନିରୁପଣ ହୋଇପାରୁନାହିଁ ।୨୦୦୦ ମସିହାରୁ ଶାରଳା ସୁତାକଳ ଓ ରାହାମା ସୁତାକଳ ପୁନଃ କାର୍ଯ୍ୟକ୍ଷମ ପାଇଁ ମିଛ ପ୍ରତିଶୃତି ଦେଇ ଚାଲିଛନ୍ତି । ପିସି କାରବାର ଜୋରଦାର ହେଉଛି ।ବେକାରୀ ସମସ୍ୟା ବୃଦ୍ଧି ହୋଇଛି । ଆମ ଭିତରେ ଥିବା ସମସ୍ତ ମତାନ୍ତରକୁ ଭୁଲି ଆଗାମୀ ଦିନରେ କଂଗ୍ରେସ ସଂଗଠନକୁ ସୃଦୃଢ କରି ଜିଲ୍ଲାରେ ପୁଣି କଂଗ୍ରେସର ପୂର୍ବ ପ୍ରତିଷ୍ଠା ଓ ଗୌରବକୁ ଫେରାଇ ଆଣିବାକୁ ଆହ୍ୱାନ ଦେଇଥିଲେ ।ଏହି ଯୁଦ୍ଧରେ ମୁଁ ଆଗରେ ରହିବି । ଆଗାମୀ ଦିନରେ ଜଗତସିଂହପୁର ଜିଲ୍ଲାରେ ୪ ବିଧାୟକ ବିଜୟ ଲାଭ କରିବା ସହିତ ପଞ୍ଚାୟତ ନିର୍ବାଚନରେ କଂଗ୍ରେସ ଭଲ ପ୍ରଦର୍ଶନ କରିବ ବୋଲି ଶ୍ରୀ ବିଶ୍ୱାଳ କହିଥିଲେ । ସମାବେଶରେ ଅନ୍ୟମାନଙ୍କ ମଧ୍ୟରେ ପିସିସି କିଷାନ କଂଗ୍ରେସ ଅଧକ୍ଷ ଅଭୟ କୁମାର ସାହୁ,ପିସିସି ଉପ ସଭାପତି ତଥା ପୂର୍ବତନ ବିଧାୟକ ଡ଼ ଲଲାଟେନ୍ଦୁ ମହାପାତ୍ର, ପିସିସି ସାଧାରଣ ସମ୍ପାଦକ ୟାସିର୍ ନୱାଜ, ବାଲିକୁଦା ଏରସମା ନିର୍ବାଚନମଣ୍ଡଳୀର କଂଗ୍ରେସ ନେତା ଇଂ ନଳିନୀ କୁମାର ସ୍ୱାଇଁ, ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀର କଂଗ୍ରେସ ନେତା ଇଂ ହିମାଂଶୁ ଭୁଷଣ ମଲ୍ଲିକ, ପାରାଦ୍ୱୀପ ନିର୍ବାଚନମଣ୍ଡଳୀର କଂଗ୍ରେସ ନେତା ନିରଞ୍ଜନ ନାୟକ, ଜଗତସିଂହପୁର ନିର୍ବାଚନମଣ୍ଡଳୀର କଂଗ୍ରେସ ନେତ୍ରୀ ପ୍ରତିମା ମଲ୍ଲିକ, ଜଗତସିଂହପୁରର ପୂର୍ବତନ ପୌରାଧକ୍ଷ ବିପ୍ଳବ ଚୌଧୁରୀ, ନାଉଗାଁ ବ୍ଲକର ପୂର୍ବତନ ବ୍ଲକ ଅଧକ୍ଷ ବିଚିତ୍ରାନନ୍ଦ ଲେଙ୍କା, ପିସିସି ସଭ୍ୟ ଦେବପ୍ରସାଦ ନାୟକ, ବରିଷ୍ଠ ଆଇନଜୀବି ଡ଼ ଶୁଶାନ୍ତ କୁମାର କାନୁନଗୋ, ପୂର୍ବତନ ପିସିସି ସମ୍ପାଦକ ଅଜୟ ସାହୁ, ପୂର୍ବତନ ପିସିସି ସମ୍ପାଦକ ମହମ୍ମଦ ଇମଦାଦ୍ ,ପୂର୍ବତନ ପିସିସି ମୁଖପାତ୍ର ବିରେନ ଦଳେଇ, ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ କେଦାର ଦଳେଇ,ନଗର କଂଗ୍ରେସ ସଭାପତି ଅଭୟ କୁମାର ମହାନ୍ତି, ବ୍ଲକ କଂଗ୍ରେସ ସଭାପତି ମାନସ ରଥ, ନିଖିଳ ଉତ୍କଳ ଗ୍ରାମୀଣ ଚାଷୀ ମୂଲିଆ ସଂଘ ଜିଲ୍ଲା ସଭାପତି ବେଦଦ୍ୟୁତି ପୃଷ୍ଟି, ବାଲିକୁଦା ବ୍ଲକ କଂଗ୍ରେସ ସଭାପତି ବିକ୍ରମ କେଶରୀ ପରିଡ଼ା,ଏରସମା ବ୍ଲକ୍ କଂଗ୍ରେସ ସଭାପତି ବଲ୍ଲଭାନନ୍ଦ ସ୍ୱାଇଁ, ରଘୁନାଥପୁର ବ୍ଲକ କଂଗ୍ରେସ ସଭାପତି ପ୍ରଶାନ୍ତ କୁମାର ଦାସ, ବରିଷ୍ଠ କଂଗ୍ରେସ ନେତା ସର୍ବେଶ୍ୱର ପଣ୍ଡା, ମହନୀ ଚରଣ ରାଉତ, ଇମତିୟାଜ ଅହମ୍ମଦ ଖାଁ, ଡ଼ ଜଗଦାନନ୍ଦ ବେହେରା, ରାଜ୍ୟ ଛାତ୍ର କଂଗ୍ରେସ ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ପ୍ରଧାନ, ହିଫଜୁର୍ ରହେମାନ, ଅବନୀକାନ୍ତ ମହାରଣା,ସେଖ୍ ହେଦାୟତ ଅଲ୍ଲୀ ପ୍ରମୁଖ ନେତୃମଣ୍ଡଳୀ ଯୋଗଦେଇଥିଲେ ।

# ପୁରୀରେ ବିଜେଡିର ବିଶାଳ ଯୁବ ଛାତ୍ର ଜନଜାଗରଣ ଅଭିଯାନ



ପୁରୀ,(ସବ୍ୟୁ): ବୁଧବାର ପୂର୍ବାହ୍ନରେ ପୁରୀ କୋଣାର୍କ ମେରାଇନ ଡ୍ରାଇଭ ରୋଡ ସ୍ଥିତ ସ୍ୱାମୀ ନାରାୟଣ ମନ୍ଦିର ପରିସରରେ ବିଜେଡ଼ି ପକ୍ଷରୁ ଏକ ବିଶାଳ ଯୁବ ଛାତ୍ର ଜନଜାଗରଣ ଅଭିଯାନ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି । ବିଜୁ ଜନତା ଦଳର ଯୁବ ଛାତ୍ର ନେତୃମଣ୍ଡଳୀ ରାଜ୍ୟ ବିଜେପି ସରକାରଙ୍କ ଏକ ବର୍ଷର ବିଫଳତାକୁ ନେଇ ଖୁବ୍ ବର୍ଷିଛନ୍ତି । ସରକାରଙ୍କ ଲମ୍ବା ବିଫଳତା ତାଲିକା ଉପସ୍ଥାପନ କରିବା ସହିତ ସରକାରଙ୍କ ବର୍ଷ ଏକ ଉପଲବ୍ଧ ଅନେକ ସ୍ଲୋଗାନର ଜବାବରେ 'ବର୍ଷ ଏକ ବିଫଳତା ଅନେକ' କହି କଟାକ୍ଷ କରିଛନ୍ତି । ଏହି କାର୍ଯ୍ୟକ୍ରମକୁ ଦଳର ସଭାପତି ନବୀନ ପଟ୍ଟନାୟକ ଭିଡିଓ ବାର୍ତ୍ତା ମାଧ୍ୟମରେ ଉଦଘାଟନ କରିଥିଲେ । ରାଜ୍ୟର କୋଣ ଅନୁକୋଣରୁ ଆସିଥିବା ଯୁବ ଛାତ୍ରଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ଦେଇଥିଲେ । ଶ୍ରୀ ପଟ୍ଟନାୟକ ତାଙ୍କ ବକ୍ତବ୍ୟରେ କହିଥିଲେ, ରାଜ୍ୟବାସୀଙ୍କୁ ବିଭିନ୍ନ ମିଛ ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିଥିବା ବିଜେପି ସରକାର ପୂର୍ବ ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ବିଭିନ୍ନ ଜନ କଲ୍ୟାଣ ଯୋଜନା ଓ ଉନ୍ନୟନ ମୂଳକ କାର୍ଯ୍ୟ ଗୁଡିକର ନାମ ଓ ରଙ୍ଗ ପରିବର୍ତ୍ତନ କରୁଛନ୍ତି । ବିଏସକେୱାଇ ଭଳି ଲୋକପ୍ରିୟ ଯୋଜନା ବଦଳରେ ଆୟୁଷ୍ମାନ ଯୋଜନା ଲାଗୁ କରାଯାଇଛି, ଯାହା ଯୋଗୁଁ ରୋଗୀମାନେ ଚିକିତ୍ସା ପାଇବାରେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ରାଜ୍ୟ ସରକାରଙ୍କ ମିଛ ପ୍ରଚାରକୁ ପ୍ରତିଟି ରାଜ୍ୟବାସୀଙ୍କ ପାଖରେ ପହଞ୍ଚାଇବା ପାଇଁ ନବୀନ ଯୁବ ଛାତ୍ର ମାନଙ୍କୁ ପରାମର୍ଶ ଦେଇଥିଲେ ।

ଏହି କାର୍ଯ୍ୟକ୍ରମକୁ ଦଳର ଯୁବ ନେତା ବିଧାୟକ ତଥା ଦଳର ବରିଷ୍ଠ ସାଧାରଣ ସମ୍ପାଦକ ବ୍ୟୋମକେଶ ରାୟ ପୌରହିତ୍ୟ କରିଥିଲେ । ଦେବୀ ପ୍ରସାଦ ମିଶ୍ର, ସଞ୍ଜୟ ଦାସବର୍ମା, ଶ୍ରୀମତୀ ପ୍ରମିଳା ମଲ୍ଲିକ ଓ ଡ଼. ଅରୁଣ କୁମାର ସାହୁ ପ୍ରମୁଖ ଯୋଗ ଦେଇ ଏହି ବିଶାଳ ଜନଜାଗରଣ ଅଭିଯାନକୁ ସମ୍ବୋଧିତ କରିଥିଲେ । ଏହି କାର୍ଯ୍ୟକ୍ରମରେ, ରାଜ୍ୟ ସରକାରଙ୍କ ଏକ ବର୍ଷର ଓ କେନ୍ଦ୍ର ସରକାରଙ୍କ ଏଗାର ବର୍ଷର ବିଫଳତା ଉପରେ ବର୍ଷିଥିଲେ ।

ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର ଉଦଘାଟନୀ ଭାଷଣ ଦେଇଥିଲେ । ବରିଷ୍ଠ ବିଧାୟକ ଡ଼. ଅରୁଣ କୁମାର ସାହୁ ଗତ ନିର୍ବାଚନ ସମୟରେ ବିଜେପି ତରଫରୁ ଦିଆଯାଇଥିବା ବିଭିନ୍ନ ପ୍ରତିଶ୍ରୁତିକୁ ମନେ ପକାଇ ଆସନ୍ତା ୨୦ ତାରିଖରେ ଆସୁଥିବା ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଶ୍ନ ରଖିଥିଲେ ।

ଟ୍ରିପଲ ଇଞ୍ଜିନ ସରକାର ଥାଇ ମହାନଦୀ ଜଳ ବିବାଦର ସମାଧାନ ପାଇଁ କୌଣସି ଉଦ୍ୟମ ହେଲା ନାହିଁ । ପୋଲାଭରମ ପ୍ରକଳ୍ପ ଓଡ଼ିଶାର ସ୍ୱାର୍ଥକୁ ଅଣଦେଖା କରି କେନ୍ଦ୍ର ଆନ୍ଧ୍ରକୁ ୧୬ ହଜାର କୋଟି ଟଙ୍କା ଦେଇଦେଲେ, କିନ୍ତୁ ଆମ ରାଜ୍ୟର ୨୦ ଏମପିଙ୍କ ମୁହଁ ଚୁପ୍ କାହିଁକି ବୋଲି ସେ କହିଥିଲେ ।

ଦଳର ଉପସଭାପତି ସଞ୍ଜୟ ଦାସବର୍ମା ତାଙ୍କ ବକ୍ତବ୍ୟରେ ରାଜ୍ୟ ସରକାରଙ୍କ କାର୍ଯ୍ୟାବଳୀକୁ ତୀବ୍ର ସମାଲୋଚନା କରିଥିଲେ ।

ଦଳର ବରିଷ୍ଠ ଉପସଭାପତି ତଥା ବିଧାୟିକା ପ୍ରମିଳା ମଲ୍ଲିକ, ପ୍ରଣବ ପ୍ରକାଶ ଦାସ, ସଂତୃପ୍ତ ମିଶ୍ର, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ନିରଞ୍ଜନ ପୂଜାରୀ, କଳିକେଶ ସିଂହଦେଓ, ପ୍ରଣବ ବଳବନ୍ତରାୟ, ବିଭୂତି ବଳବନ୍ତରାୟ, ସ୍ନେହାଙ୍ଗିନୀ ଛୁରିଆ, ଶ୍ରୀମତୀ ରାଜଶ୍ରୀ ମଲ୍ଲିକ, ଶ୍ରୀମତୀ ଟୁକୁନି ସାହୁ, ରୋହିତ ପୂଜାରୀ ପ୍ରମୁଖ ବକ୍ତବ୍ୟ ରଖିଥିଲେ ।

ଏହି କାର୍ଯ୍ୟକ୍ରମରେ ଦଳର ଯୁବ ନେତୃତ୍ୱ ଯଥା ରାଜ୍ୟସଭା ସାଂସଦ ସୁଭାଶିଷ ଖୁଣ୍ଟିଆ, ସୁନୀଲ ମହାନ୍ତି, ଦେବୀ ରଞ୍ଜନ ତ୍ରିପାଠୀ, ତୁଷାରକାନ୍ତି ବେହେରା ପ୍ରମୁଖ ମଧ ବକ୍ତବ୍ୟ ରଖିଥିଲେ । ଯୁବ ବିଧାୟକ ସୌଭିକ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ ।

# ବଟି ଆଦାୟକୁ ଛାତ୍ର କଂଗ୍ରେସର ବିରୋଧ

ଭୁବନେଶ୍ୱର,(ସବ୍ୟୁ): ଭୁବନେଶ୍ୱର ନିଳାଦ୍ରୀ ବିହାର ଅଞ୍ଚଳରେ ଗୀତାଞ୍ଜଳୀ ମହିଳା ନିଜ ପରିବାରକୁ ପୋଷିବା ଉଦ୍ଦ୍ୟେଶ ନେଇ ଏକ ଛୋଟ ଦୋକାନଟିଏ କରିଥିଲେ। କିନ୍ତୁ ସେହି ଅଞ୍ଚଳର କର୍ପୋରେଟରଙ୍କ ସ୍ୱାମୀ ତାଙ୍କୁ ଏଠାରେ ଦୋକାନ କରିବାକୁ ହେଲେ ମାସିକ ୧୦ ହଜାର ଟଙ୍କା ବଟି ଆକାରରେ ଦେବାକୁ କହିଥିଲେ । ବଟି ନ ଦେଲେ ଦୋକାନ ଭାଙ୍ଗିବ ବୋଲି ଧମକ ଦେଇଥିଲେ। ସେ ଅହହାୟ ମହିଳା ଜଣଙ୍କ ଭୟଭୀତ ହୋଇ ଏ ବିଷୟରେ ନିକଟସ୍ଥ ଥାନାରେ ମନୋଜ ସାହାଙ୍କ ବିରୁଦ୍ଧରେ ମାମଲା ରୁଜୁ କରିଥିଲେ। କିନ୍ତୁ ପୁଲିସ ପ୍ରଶାସନ ଦ୍ୱାରା କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲାନାହିଁ। କିଛି ଦିନ ପରେ ସେ ଅସହାୟ ମହିଳା ବାଧ ହୋଇ ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଉଦ୍ଦିତ ପ୍ରଧାନଙ୍କ ଦ୍ୱାରସ୍ଥ ହେଲେ। ଶ୍ରୀ ପ୍ରଧାନ ଏହା ଶୁଣି ପୁନଃର୍ବାର କର୍ପୋରେଟରଙ୍କ ସ୍ୱାମୀ ମନୋଜ ସାହାଙ୍କ ବିରୁଦ୍ଧରେ ନିକଟସ୍ଥ ଥାନାରେ ମାମଲା ରୁଜୁ କଲେ ଏବଂ ମହିଳାଙ୍କ ନ୍ୟାୟ ମିଳୁ ବୋଲି ଦାବି କରିଥିଲେ । ଥାନା ଅଧିକାରୀ ଯଥାଶିଘ୍ର ଉକ୍ତ ଦାବି ପୁରଣ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଯଦି ଉକ୍ତ ନାରୀକୁ ନ୍ୟାୟ ନ ମିଳେ ତେବେ ଆଗାମୀ ଦିନରେ ଏ.ସି.ପି.ଅଫିସ ଆଗରେ ଧାରଣା ଦିଆଯିବ ବୋଲି ଛାତ୍ର କଂଗ୍ରେସ ସଭାପତି ଉଦିତ ପ୍ରଧାନ ଚେତାବନୀ ଦେଇଛନ୍ତି। କାର୍ଯ୍ୟକ୍ରମରେ ସୁବ୍ରତ ମହାପାତ୍ର, ପ୍ରସନ୍ନ କୁମାର ନାୟକ, ଆଶିଷ ମଲ୍ଲିକ, ମନୋରଞ୍ଜନ ଜେନା (ପଦିଆ)ନଂ-୧, ବ୍ଲକ ସଭାପତି, ନିହାର ରଞ୍ଜନ ବେହେରା ଓ ଛାତ୍ର କଂଗ୍ରେସର ସମସ୍ତ କର୍ମୀ ପ୍ରମୁଖ ଉପସ୍ଥିତ ଥିଲେ।



## ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ଭଲ ଶିକ୍ଷା ପାଇଁ

# ପ୍ରଭାବଶାଳୀ ବିକଳ୍ପ ପ୍ରସ୍ତୁତ କରିବା ଆମର ଦାୟିତ୍ୱ: ଧର୍ମେନ୍ଦ୍ର



ଭୁବନେଶ୍ୱର,(ସବ୍ୟୁ): ଦିବ୍ୟାଙ୍ଗଜନଙ୍କ ପାଇଁ ସମାନ ଶିକ୍ଷା ସୁନିଶ୍ଚିତ କରିବା ଏବଂ ସମାବେଶୀ ଭାରତ ଗଠନ ଦିଗରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ବୁଧବାର ନୂଆଦିଲ୍ଲୀ ଠାରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ କେନ୍ଦ୍ର ସାମାଜିକ ନ୍ୟାୟ ଏବଂ ସଶକ୍ତିକରଣ ମନ୍ତ୍ରୀ ଡ. ବୀରେନ୍ଦ୍ର କୁମାରଙ୍କ ଉପସ୍ଥିତିରେ ଏକ ତ୍ରିପାକ୍ଷିକ ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷରିତ ହୋଇଯାଇଛି । ଡିପାର୍ଟମେଣ୍ଟ ଅଫ୍ ଏମ୍ପାୱାରମେଣ୍ଟ ଅଫ୍ ପର୍ସନ ୱିଥ୍ ଡିଜାବିଲିଟି (ସାମାଜିକ ନ୍ୟାୟ ଏବଂ ସଶକ୍ତିକରଣ ମନ୍ତ୍ରଣାଳୟ), ଜାତୀୟ ମୁକ୍ତ ବିଦ୍ୟାଳୟ ପ୍ରତିଷ୍ଠାନ (ଏନଆଇଓଏସ) ଏବଂ ଜାତୀୟ ଶିକ୍ଷା ଗବେଷଣା ଏବଂ ତାଲିମ ପରିଷଦ

### ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ସମାନ ଶିକ୍ଷା ପ୍ରଦାନ କରିବା ପାଇଁ ତ୍ରିପାକ୍ଷିକ ଏମଓୟୁ

(ଏନସିଇଆରଟି), ଶିକ୍ଷା ମନ୍ତ୍ରଣାଳୟର ବିଦ୍ୟାଳୟ ଶିକ୍ଷା ଏବଂ ସାକ୍ଷରତା ବିଭାଗ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଶ୍ରୀ ପ୍ରଧାନ କହିଛନ୍ତି ଯେ ସର୍ବବ୍ୟାପୀ, ସର୍ବସ୍ପର୍ଶୀ ଏବଂ ସମାନ ଶିକ୍ଷା ହେଉଛି ଜାତୀୟ ଶିକ୍ଷା ନୀତିର ମୂଳ ବିଚାର । ବୁଝାମଣାପତ୍ର ଜାତୀୟ ଶିକ୍ଷା ନୀତିର ଏହି ଭାବନାକୁ ଆଗକୁ ବଢ଼ାଇବା ଦିଗରେ ଏକ ଭଲ ପ୍ରୟାସ । ଏହି ବୁଝାମଣାପତ୍ର ଦିବ୍ୟାଙ୍ଗ ପିଲାମାନଙ୍କୁ ଶିକ୍ଷାର ସମାନ ସୁଯୋଗ ପ୍ରଦାନ କରିବା, ସେମାନଙ୍କ ଅଧିକାରକୁ ସୁରକ୍ଷା ଦେବା, ଶିକ୍ଷାରେ ସମସ୍ତଙ୍କ ଅଂଶଗ୍ରହଣକୁ ସୁନିଶ୍ଚିତ କରିବା ଏବଂ ଏକ ସମାବେଶୀ ଭାରତ ଗଠନ କରିବାରେ ଏକ ମାଇଲଖୁଣ୍ଟ ପ୍ରମାଣିତ ହେବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦିବ୍ୟାଙ୍ଗଜନ ଶବ୍ଦ ବ୍ୟବହାର କରି ସମାଜରେ ଏହି ବର୍ଗ ପ୍ରତି ସମ୍ମାନ ଏବଂ ସମ୍ବେଦନଶୀଳତା ବିଷୟରେ ଯେଉଁ କଥା କହିଥିଲେ, ତାହା ଆମ ପାଇଁ ପ୍ରେରଣାର ଉତ୍ସ । ଦିବ୍ୟାଙ୍ଗ ପିଲାମାନଙ୍କୁ ଏକ ସମ୍ମାନଜନକ ଜୀବନ ପ୍ରଦାନ କରିବା ଏବଂ ସେମାନଙ୍କ ଆବଶ୍ୟକତାକୁ ଧ୍ୟାନରେ ରଖି ସେମାନଙ୍କ ଶିକ୍ଷା ପାଇଁ ପ୍ରଭାବଶାଳୀ ବିକଳ୍ପ ପ୍ରସ୍ତୁତ କରିବା ଆମର ଦାୟିତ୍ୱ । ଏହି ଦାୟିତ୍ୱକୁ ଏକ ଗଣ ଆନ୍ଦୋଳନରେ ପରିଣତ କରିବା ଶିକ୍ଷା ମନ୍ତ୍ରଣାଳୟ ଏବଂ ସାମାଜିକ ନ୍ୟାୟ ଏବଂ ସଶକ୍ତିକରଣ ମନ୍ତ୍ରଣାଳୟର ଦାୟିତ୍ୱ । ଏନସିଇଆରଟି ଏବଂ ଜାତୀୟ ମୁକ୍ତ ବିଦ୍ୟାଳୟ ପ୍ରତିଷ୍ଠାନକୁ ଟେକ୍ନୋଲୋଜି ଏବଂ ସମାଜର ସହଭାଗୀତା ସହ ଦିବ୍ୟାଙ୍ଗଜନ ସହ ଜଡ଼ିତ ନୀତିଗୁଡ଼ିକର ଡି-କୋଡ଼ିଫାଏ ଏବଂ ବିସ୍ତାର କରିବା ପାଇଁ ପ୍ରଚେଷ୍ଟା କରିବା ଉଚିତ । ଉଲ୍ଲେଖନୀୟ ଯେ ଜାତୀୟ ଶିକ୍ଷା ନୀତି ଅନୁଯାୟୀ ସର୍ବବ୍ୟାପୀ ଏବଂ ସର୍ବସ୍ପର୍ଶୀ ଶିକ୍ଷାକୁ ଆଗକୁ ବଢାଇବାରେ ଏହି ବୁଝାମଣାପତ୍ର ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ । ଏହା ଭିନ୍ନକ୍ଷମ ବ୍ୟକ୍ତି ଅଧିକାର ଆଇନ, ୨୦୧୬ଏବଂ ଜାତୀୟ ଶିକ୍ଷା ନୀତି ସମନ୍ୱୟରେ ଦିବ୍ୟାଙ୍ଗଜନଙ୍କ ପାଇଁ ସୁଲଭ, ଉଚ୍ଚ-ଗୁଣାତ୍ମକ ଶିକ୍ଷା ସୁନିଶ୍ଚିତ କରିବା ପାଇଁ ଏକ ସହଯୋଗୀ ଢାଞ୍ଚା ସ୍ଥାପନ କରିବ ।

## ତହସିଲ ଅଫିସର ନୂତନ କୋଠା ନିର୍ମାଣ ପାଇଁ

# ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମ: ଓକିଲ ସଂଘ, ଅଧିକାରୀ ମୁହାଁମୁହିଁ



ପୁରୀ,(ସବ୍ୟୁ): ଗୁରୁବାର ପୂର୍ବାହ୍ନରେ ପୁରୀ ତହସିଲ ଅଫିସ ପରିସରରେ ନୂତନ କୋଠା ନିର୍ମାଣ ପାଇଁ ଶୁଭ ଭିତ୍ତି ପ୍ରସ୍ତର କାର୍ଯକ୍ରମକୁ ନେଇ ପୁରୀ ଓକିଲ ସଂଘ ଓ ପ୍ରସାଶନିକ ଅଧିକାରୀଙ୍କ ମଧ୍ୟରେ ମୁହାମୁହିଁ ପରିସ୍ଥିତି ସୃଷ୍ଟି ହୋଇ ଥିବା ଦେଖା ଯାଇଛି । ପ୍ରକାଶ ଯେ ଜିଲ୍ଲା ପ୍ରଶାସନ ପକ୍ଷରୁ ପୁରୀ ତହସିଲ ଅଫିସ ପରିସରରେ ନୂତନ କୋଠା ନିର୍ମାଣ ପାଇଁ ଶୁଭ ଭିତ୍ତି ପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଆୟୋଜିତ ହୋଇ ଥିଲା । ଯାହାକୁ ପୁରୀ ସାଂସଦ ଡକ୍ଟର ସମ୍ବିତ ପାତ୍ର ଓ ବିଧାୟକ ସୁନିଲ କୁମାର ମହାନ୍ତି ଶୁଭ ଭିତ୍ତି ପ୍ରସ୍ତର ସ୍ଥାପନ କରି ଥାଆନ୍ତେ । କିନ୍ତୁ ପୁରୀ ଓକିଲ

### ଭିତ୍ତିପ୍ରସ୍ତର ସ୍ଥାପନ ପରେ ଭଙ୍ଗା ହେଲା ଫଳକ

ସଂଘ ପକ୍ଷରୁ ସେଠାରେ ନୂତନ କୋଠା ନିର୍ମାଣକୁ ବିରୋଧ କରାଯାଇ ଥିଲା । ତେଣୁ ସାଂସଦ କିମ୍ବା ବିଧାୟକ କେହି ଆସି ନ ଥିଲେ । ଅନ୍ୟପକ୍ଷରେ ପୁରୀ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡକ୍ଟର ଶରତ ଚନ୍ଦ୍ର ମହାପାତ୍ର ଏହାକୁ ଶୁଭ ଭିତ୍ତି ପ୍ରସ୍ତର କରି ଥିଲେ । ଖବର ପାଇ ଶତାଧିକ ଆଇନଜୀବୀ ସେଠାରେ ପହଞ୍ଚି ଏହାକୁ ଘୋର ବିରୋଧ କରି ଥିଲେ । ସେଠାରେ ଉପସ୍ଥିତ ଥିବା ପୁରୀ ତହସିଲଦାର ଅଭିଷେକ ଦାସ ଆଇନ ଜିବି ମାନଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରି ଥିଲେ । ଯାହାକୁ ନେଇ ପରିସ୍ଥିତି ଉଗ୍ର ରୂପ ଧାରଣ କରି ଥିଲା । ଭିତ୍ତି ପ୍ରସ୍ତର ସ୍ଥାପନ ସ୍ଥଳ ଏକ ରଣ କ୍ଷେତ୍ରରେ ପରିଣତ ହୋଇ ଥିଲା । ଉଭୟଙ୍କ ମଧ୍ୟରେ ବଚସା, ଠେଲା ପେଲା ଓ ହାତାହାତି ହୋଇ ଥିଲା । ତେବେ ପରବର୍ତ୍ତୀ ସମୟରେ ଆଲୋଚନା ହୋଇ ସେଠାରେ ଶୁଭ ଭିତ୍ତି ପ୍ରସ୍ତର ସ୍ଥାପନ ଫଳକକୁ ଭଙ୍ଗା ଯାଇ ଥିଲା । ଫଳରେ ଆଇନ ଜିବୀ ମାନେ ଶାନ୍ତ ପଡି ଥିଲେ । ଖବର ପାଇ ଟାଉନ ଥାନା ଆଇଆଇସି ଗୋକୁଳ ରଞ୍ଜନ ଦାସ ଓ ଉପଜିଲ୍ଲାପାଳ ରାଜ କିଶୋର ଜେନା ଆସି ଘଟଣା ସ୍ଥଳରେ ପହଞ୍ଚି ଆଇନ ଜୀବି ଙ୍କ ସହ ଆଲୋଚନା କରି ଥିଲେ । ମିଳି ଥିବା ସୁଚନା ଅନୁଯାୟୀ ଉଭୟ ପକ୍ଷ କେହି କାହା ବିରୋଧରେ ଏତଲା ଦେଇ ନ ଥିବା ଜଣା ପଡ଼ିଛି ।

### ଇମାମନଗରରେ ପରିସ୍ଥିତି ପରଖିଲେ ଅତିରିକ୍ତ ଜିଲ୍ଲାପାଳ

କଟକ, (ସବ୍ୟୁ) : ସମ୍ଭାବ୍ୟ ଡ଼ାଇରିଆ ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ବିଭିନ୍ନ ଅଞ୍ଚଳ ଗସ୍ତ କରି ପରିସ୍ଥିତି ଉପରେ ନଜର ରଖାଯିବା ସହ ସଚେତନତା ସୃଷ୍ଟି କରାଯାଉଛି । ବୁଧବାର ଅତିରିକ୍ତ ଜିଲ୍ଲାପାଳ ଡଃ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର ଇମାମନଗର ଅଞ୍ଚଳକୁ ଯାଇ ସେଠାକାର ସ୍ଥାନୀୟ ଅଞ୍ଚଳ ଓ ଅଙ୍ଗନବାଡି କେନ୍ଦ୍ର ପରିଦର୍ଶନ କରିଥିଲେ । ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ଡେଙ୍ଗୁ, ଡ଼ାଇରିଆ ଓ ମ୍ୟାଲେରିଆ ଉପରେ ସ୍ଥାନୀୟ ମହିଳା ଓ ପିଲାମାନଙ୍କୁ ସଚେତନ କରାଇଥିଲେ । ବିଶେଷକରି ବିଶୁଦ୍ଧ ପାନୀୟ ଜଳ ପିଇବା ଓ ବ୍ୟବହାର କରିବା, ହାତ ଧୋଇବା, ଗରମ ଖାଦ୍ୟ ଖାଇବା, ପିଲାମାନଙ୍କୁ ଉଷୁମ ପାଣି ପିଇବାକୁ ଦେବା, ମୁଗ ସିଝେଇ ପିଲାମାନଙ୍କୁ ଦେବା, ପରିବେଶ ସୁସ୍ଥ ରଖିବା ଉପରେ ସେ ଗୁରୁତ୍ୱ ଦେଇଥିଲେ । ଏଥିସହ ସ୍ଥାନୀୟ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ କରି ସେଠାରେ ଉପଲବ୍ଧ ଥିବା ଔଷଧ ଓ ଶଯ୍ୟା ଆଦି ସମ୍ପର୍କରେ ଅବଗତ ହୋଇଥିଲେ । ବିଶେଷକରି ୫ ବର୍ଷ ବୟସରୁ କମ ବୟସ୍କ ପିଲାମାନଙ୍କୁ ଡାଇରିଆ ହେବାର ଆଶଙ୍କା ଅଧିକ ଥିବାରୁ ସେମାନଙ୍କୁ ସଚେତନ କରାଇବା ଉପରେ ଅତିରିକ୍ତ ଜିଲ୍ଲାପାଳ ଗୁରୁତ୍ୱ ଦେଇଥିଲେ ।

## ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ

# ଅରୁନ୍ଧତୀ ରଜପରି ସିଜନ୍ - ୭ ର ଗ୍ରାଣ୍ଡ ଫାଇନାଲ ଏବଂ ଫରେନ ଟ୍ରିପ୍ ମେଗା ଲକି ଡ୍ର ୨୦୨୫



ପୁରୀ,(ସବ୍ୟୁ): ବୁଧବାର ସନ୍ଧ୍ୟାରେ ପୁରୀ ଟାଉନ ହଲ ଠାରେ ଅରୁନ୍ଧତୀ ଜୁଏଲାରି ପକ୍ଷରୁ ରଜପରି ସିଜନ୍ ୭ ର ଗ୍ରାଣ୍ଡ ଫାଇନାଲ ଏବଂ ଫରେନ ଟ୍ରିପ ମେଗା ଲକି ଡ୍ର ୨୦୨୫ ଅନୁଷ୍ଠିତ ହୋଇଛି । ଏହି ମେଧା ଅନ୍ୱେଷଣ ଏବଂ ଅରୁନ୍ଧତୀ ଜୁଏଲର୍ସ ଭାଗ୍ୟଶାଳୀ ବିଜେତା ଚୟନ ଉତ୍ସବରେ ମୁଖ୍ୟ ଅତିଥି ଓ ବିଚାରପତି ଭାବେ ଓଲିଉଡ୍ ଅଭିନେତ୍ରୀ ତଥା ଅରୁନ୍ଧତୀ ଜୁଏଲର୍ସ ବ୍ରାଣ୍ଡ ଆମ୍ବାସାଡର ଅର୍ଚ୍ଚିତା ଯୋଗଦାନ କରି ମୁଖ୍ୟ ଆକର୍ଷଣ ସାଜିଥିଲେ ଅନ୍ୟାନ୍ୟ ବିଚାରପତି ଭାବେ ଗୀତିକାର ଅରୁଣ ମନ୍ତ୍ରୀ ଓ ପ୍ରସିଦ୍ଧ ଆଙ୍କର ଶୋଭନ ମିଶ୍ର ଯୋଗ ଦାନ କରିଥିଲେ । ଅରୁନ୍ଧତୀ ରଜପରିର ମହାମଞ୍ଚ ଦୀର୍ଘ ୭ ବର୍ଷ ଧରି ଓଡ଼ିଶାର କୋଣ ଅନୁକୋଣରୁ ଅଦ୍ୱିତୀୟ ପ୍ରତିଭାଙ୍କୁ ଅନ୍ୱେଷଣ କରି ସେମାନଙ୍କ ପ୍ରତିଭାକୁ ବିକଶିତ କରିବାର ସୁଯୋଗ ପ୍ରଦାନ କରିଆସୁଛି । ସେହିଭଳି ଚଳିତ ବିବାହ ଋତୁରେ ନିଜ ପ୍ରିୟ ଗ୍ରାହକବନ୍ଧୁଙ୍କୁ ଅରୁନ୍ଧତୀ ଜୁଏଲର୍ସ ବିଦେଶ ଭ୍ରମଣ ଭଳି ଅଫର ପ୍ରଦାନ କରିଥିଲା ଏହି ଅବସରରେ ୯ ଜଣ ଭାଗ୍ୟଶାଳୀ ବିଜେତାଙ୍କୁ ଅରୁନ୍ଧତୀ ଜୁଏଲର୍ସ ତରଫରୁ ଫରେନ୍ ଟ୍ରି ପ କୁପନ ପ୍ରଦାନ କରାଯାଇଥିଲା । ଏହି ପରିପେକ୍ଷିରେ ଅରୁନ୍ଧତୀ ଜୁଏଲାରି ପ୍ରତିଷ୍ଠାତା ବ୍ରହ୍ମାନନ୍ଦ ମେହେର ଅରୁନ୍ଧତୀ ପରିବାର ପ୍ରତି ଅଗାଢ ଭରସା ଓ ବିଶ୍ୱାସ ରଖିଥିବା ପ୍ରତ୍ୟେକ ଗ୍ରାହକ ବନ୍ଧୁଙ୍କୁ ଧନ୍ୟବାଦ ଅର୍ପଣ କରିବା ସହ ରଜପରି ଓ ଫରେନ ଟ୍ରିପ କୁପନ ବିଜେତାଙ୍କୁ ଅଭିନନ୍ଦନ ଜ୍ଞାପନ କରିଥିଲେ । ବକ୍ତବ୍ୟରେ ମେହେର ପ୍ରକାଶ କରିଛନ୍ତି ଯେ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ସର୍ବଦା ଅରୁନ୍ଧତୀର ପ୍ରତ୍ୟେକଟି ସଫଳତାର ପ୍ରେରଣାର ସ୍ରୋତ ଚଳିତ ବର୍ଷ ସେହି ମହାପ୍ରଭୁଙ୍କ କରୁଣାରୁ ଅରୁନ୍ଧତୀ ବାନ୍ଧକଳା ଅରୁନ୍ଧତୀ ପରିବାରରେ ଜଡିତ ହୋଇ ଅରୁନ୍ଧତୀର ପ୍ରତ୍ୟେକଟି ଶାଖାରେ ଗହଣା ସହ ଶାଢ଼ୀର ଅପୂର୍ବ ସମନ୍ୱୟ ଶୋଭା ପାଉଛି । ନିଜ ଗ୍ରାହକଙ୍କୁ ସର୍ବଶ୍ରେଷ୍ଠ ସେବା ସହ ସର୍ବୋତ୍ତମ ଉତ୍ପାଦ ଯୋଗାଇଦେବା ଅରୁନ୍ଧତୀର ପ୍ରଥମ ପ୍ରାଥମିକତା ଓ ଏହା ଆଗାମୀ ଦିନରେ ମଧ୍ୟ ଜାରି ରହିବ । ରଜପରି ସିଜନ-୭ ରେ ଦୁଇ ହଜାର ଜଣ ପ୍ରତିଯୋଗୀ ଅଡିସନ ରାଉଣ୍ଡରେ ଅଂଶଗ୍ରହଣ କରିଥିଲେ । ସେମାନଙ୍କ ମଧ୍ୟରୁ ୩୫ ଜଣ ପ୍ରତିଯୋଗୀ ଫାଇନାଲ ରାଉଣ୍ଡ ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ । ଏହି କ୍ରମରେ ବିଜେତା ବିବେଚିତ ୩ ପ୍ରତିଯୋଗୀଙ୍କୁ ଯଥାକ୍ରମେ ୨୦ ହଜାର, ୧୫ ହଜାର ଏବଂ ୧୦ ହଜାର ଅର୍ଥ ରାଶି ଓ ମାନପତ୍ର ପ୍ରଦାନ କରାଯାଇଥିଲା ।

## ସୁବନ ଖୁଣ୍ଟିଆ ଚତୁର୍ଥ ସ୍ମାରକୀ ବକ୍ତୃତା

# ଦେଶରେ ୮୦ କୋଟି ଲୋକଙ୍କୁ ମାଗଣା ଚାଉଳ, ତଥାପି ପୁଷ୍ଟିହୀନତା



ଭୁବନେଶ୍ୱର,(ସବ୍ୟୁ): ଭାରତ ବଳକା ଖାଦ୍ୟଶସ୍ୟ ଦେଶ ଭାବେ ରପ୍ତାନି କରି ବୈଦେଶିକ ମୁଦ୍ରା ଅର୍ଜନ କରୁଛି । ଏହା ସତ୍ତ୍ୱେ ଭାରତ ଦୁର୍ଭାଗ୍ୟର ଦେଶ ବୋଲି କୁହାଯାଉଛି । ଦେଶରେ ୮୦ କୋଟି ଲୋକଙ୍କୁ ମାଗଣା ଚାଉଳ ବଣ୍ଟାଯାଉଛି । ତଥାପି ପୁଷ୍ଟିହୀନତାରେ ଶ୍ରୀଲଙ୍କାଠାରୁ ଖରାପ ସ୍ଥିତିରେ ଭାରତ । ଏପର୍ଯ୍ୟନ୍ତ ନାଗରିକମାନଙ୍କୁ ଉପଯୁକ୍ତ ପୁଷ୍ଟିକର ଖାଦ୍ୟ ମିଳୁନାହିଁ । ଚାଷ ଓ ଚାଷୀର ଗୁରୁତ୍ୱକୁ ପ୍ରାଧାନ୍ୟ ଦିଆଯାଉନାହିଁ । ଚାଷୀଙ୍କ ଫସଲର ଉପଯୁକ୍ତ ଦାମ୍ ମିଳୁନି । ଭାଗଚାଷୀଙ୍କୁ ସହାୟତା ମିଳୁନି କିମ୍ବା ଚାଷ ଜମିକୁ ପାଣି ନାହିଁ । ଏସବୁ ପ୍ରତି ଦୃଷ୍ଟି ଦେବା ବଦଳରେ ଶାସନତନ୍ତ୍ର ସୀମିତ ସମ୍ବଳ ଭାବେ ରହିଥିବା ଖଣି ଖୋଲି ଦେଶର ଜିଡିପି ପାଇବାରେ ବ୍ୟସ୍ତ । ଜିଡିପି ପ୍ରତି ମାତ୍ର ୧୮ % ଅବଦାନ ଦେଉଥିବାରୁ କୃଷିକୁ ଶାସନ ବ୍ୟବସ୍ଥାରେ ପ୍ରାଧାନ୍ୟ ମିଳୁନାହିଁ । କିନ୍ତୁ ଭୁଲି ଯିବା ଉଚିତ ନୁହେଁ ଯେ କୃଷି ହିଁ ଆମ ଅର୍ଥନୀତିର ମେରୁଦଣ୍ଡ । ବୈଜ୍ଞାନିକ ଓ ରାଜନେତା ଏ ଦିଗପ୍ରତି ଦୃଷ୍ଟି ଦେବା ସହ ଅନ୍ନଦାତାଙ୍କୁ କିପରି ଉଚିତ ସମ୍ମାନ ମିଳିବ ସେଥିପ୍ରତି ବ୍ୟବସ୍ଥା କରିବା ଉଚିତ । ମୁଖ୍ୟତଃ କୃଷି ଗବେଷଣାର ନବ ଉନ୍ମେଷ ସହ କୃଷି କ୍ଷେତ୍ରରେ ଦୀର୍ଘସ୍ଥାୟୀ ବ୍ୟବସ୍ଥାର ଆବଶ୍ୟକତା ରହିଛି । ସୁବନ ଖୁଣ୍ଟିଆ ସ୍ମୃତି ପ୍ରତିଷ୍ଠାନ ପକ୍ଷରୁ ଆୟୋଜିତ ଚତୁର୍ଥ ବାର୍ଷିକ ସ୍ମୃତିସଭା ଏବଂ 'କୃଷି ମହାବିଦ୍ୟାଳୟ । ଜଣେ ଛାତ୍ରର ସ୍ମୃତି' ପୁସ୍ତକ ଉନ୍ମୋଚନ ଉତ୍ସବରେ ସୁବନ ଖୁଣ୍ଟିଆ ଚତୁର୍ଥ ସ୍ମାରକୀ ବକ୍ତୃତା ପ୍ରଦାନ କରି ଏହି କହିଛନ୍ତି ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନଗୋ ।

ଗୀତଗୋବିନ୍ଦ ସଦନରେ ଆୟୋଜିତ ଏହି ଉତ୍ସବରେ ସଭାପତିତ୍ୱ କରି ଇଷ୍ଟର୍ଣ୍ଣ ମିଡିଆର ଅଧ୍ୟକ୍ଷ ସୌମ୍ୟ ରଞ୍ଜନ ପଟ୍ଟନାୟକ କହିଲେ, କୃଷି ଉପରେ ନିର୍ଭରଶୀଳତା କମି କମି ଯାଉଛି । କୃଷକ ପ୍ରତି ଯେମିତି ସମ୍ମାନ ଓ ସୁବିଧା ମିଳିବା କଥା ତାହା ମିଳୁନାହିଁ । କୃଷି କ୍ଷେତ୍ରରେ ନୂଆ ଉଦ୍ଭାବନ କରିଥିବା ବୈଜ୍ଞାନିକଙ୍କୁ ସ୍ମରଣ କରିବା ସହ ନୂଆ ଜ୍ଞାନକୌଶଳକୁ ବ୍ୟବହାର କରି ଚାଷ ଓ ଚାଷୀଙ୍କୁ ବିକଶିତ କରିବାର ମାନସିକତା ସୃଷ୍ଟି ହେବା ଉଚିତ । ଏହି ଅବସରରେ ବିଶିଷ୍ଟ ଲେଖକ ନଟବର ଖୁଣ୍ଟିଆଙ୍କ ପୁସ୍ତକ 'କୃଷି ମହାବିଦ୍ୟାଳୟ ଜଣେ ଛାତ୍ରର ସ୍ମୃତି' ପୁସ୍ତକକୁ ଅତିଥିମାନେ ପାଠକାର୍ପିତ କରିଥିଲେ ।

ଲେଖକ ଶ୍ରୀ ଖୁଣ୍ଟିଆ ପ୍ରାରମ୍ଭିକ ସୂଚନା ଦେବା ସହ ଜେଜେବାପା ସୁବନ ଖୁଣ୍ଟିଆଙ୍କ ଦେଶ ପ୍ରତି ଥିବା ଅଙ୍ଗୀକାରବଦ୍ଧତା ସମ୍ପର୍କରେ ବର୍ଣ୍ଣନା କରିଥିଲେ । ପ୍ରତିଷ୍ଠାନର ଅଧ୍ୟକ୍ଷ ଡ. ଗୋବିନ୍ଦ ଭୂୟାଁ ଅତିଥିଙ୍କୁ ସ୍ୱାଗତ ଭାଷଣ ଦେଇଥିଲେ । ଏହି ଅବସରରେ କୃଷି ଗବେଷକ ଡଃ ସତ୍ୟ ରଞ୍ଜନ ଦାସ, ଆଦର୍ଶ ମହିଳା ଚାଷୀ ନମଜିନୀ ମଲ୍ଲିକ ଓ ଆଦର୍ଶ ଧାନ ଚାଷୀ ତ୍ରିଲୋଚନ ପରିଡ଼ାଙ୍କୁ ସ୍ୱତନ୍ତ୍ର ସମ୍ମାନରେ ସମ୍ମାନିତ କରାଯାଇଥିଲା । ଅନୁଷ୍ଠାନର ଆବାହକ ଜଗଦୀଶ ପ୍ରଧାନ ଧନ୍ୟବାଦ ଦେଇଥିଲେ ।

### ନାବାଳିକା ଅପହରଣକୁ ଦେଢ଼ ମାସ ବିତିଲା : ପୁଲିସ ଚୁପ

କୋଣାର୍କ,(ସବ୍ୟୁ) :କୋଣାର୍କ ଥାନା ଅନ୍ତର୍ଗତ ଅନସରା ଗ୍ରାମର ଜଣେ ନାବାଳିକା ଅପହରଣ ହୋଇଥିବା କୋଣାର୍କ ଥାନାରେ ଅଭିଯୋଗ ହୋଇଛି। ନାବାଳିକା ଜଣକ ଗତ ଅପ୍ରେଲ ୩୦ତାରିଖରୁ ଘରୁ ପଳାଇ ଆସିଥିଲା। ଆଉ ନଫେରିବାରୁ ପରିବାର ଲୋକ ବହୁ ଖୋଜାଖୋଜି କରିଥିଲେ। ଏହି ଥାନା ଅନ୍ତର୍ଗତ ଧନତ୍ରୀ ଗ୍ରାମର ସୋନୁ ବିଶ୍ୱାଳ ଅପହରଣ କରିନେଇଥିବା ପରିବାର ଲୋକ ଜାଣିବାକୁ ପାଇଥିଲେ। ଏନେଇ ନାବାଳିକା ବାପା କୋଣାର୍କ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ହେବାର ଦେଢ଼ ମାସ ବିତିଯାଇଥିଲେ ମଧ୍ୟ ପୁଲିସ ନାବାଳିକାକୁ ଉଧାର କରୁନଥିବା ତାଙ୍କ ବାପା କହିଛନ୍ତି ।

### ବିଧାୟିକା ସୋଫିଆ ଫିରଦୋସଙ୍କ ସଂସ୍କୃତି ଭବନ ଓ ଗାନ୍ଧୀ ଭବନ ପରିଦର୍ଶନ



କଟକ,(ସବ୍ୟୁ): ବାରବାଟି କଟକ ବିଧାୟିକା ସୋଫିଆ ଫିରଦୋସ ଦରଘା ବଜାର ସ୍ଥିତ ଜିଲ୍ଲା ସଂସ୍କୃତି ଭବନ ଓ ବାଖରାବାଦ ସ୍ଥିତ ଗାନ୍ଧୀ ଭବନ ପରିଦର୍ଶନ କରିଛନ୍ତି । ଜିଲ୍ଲା ସଂସ୍କୃତି ଭବନ କାର୍ଯ୍ୟ ଦୀର୍ଘ ଦୁଇ ବର୍ଷ ହେବ ବନ୍ଦ ହୋଇଥିବା ଜାଣି ଅସନ୍ତୋଷ ପ୍ରକାଶ କରିଥିଲେ । କାହିଁକି ଏହି କାର୍ଯ୍ୟ ବନ୍ଦ ହୋଇ ପଡ଼ିଛି ସେଥିପାଇଁ ଏକ ସବିଶେଷ ତଥ୍ୟ ଦେବାପାଇଁ ଜିଲ୍ଲା ସଂସ୍କୃତି ଅଧିକାରୀଙ୍କୁ କହିଛନ୍ତି । ତୁରନ୍ତ ଏହି କାର୍ଯ୍ୟ ଆରମ୍ଭ କରାଯାଇ ଶେଷ କରିବା ପାଇଁ ବିଧାୟିକା କହିଛନ୍ତି । ସେହିପରି ବାଖରାବାଦ ସ୍ଥିତ ଗାନ୍ଧୀ ଭବନ ପୁନରୁଦ୍ଧାର କାର୍ଯ୍ୟ ବୁଲି ଦେଖିବା ସହ ନିର୍ଦ୍ଧାରିତ ସମୟ ଭିତରେ ସାରିବା ପାଇଁ ଅଧିକାରୀଙ୍କୁ କହିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଆର ଆଣ୍ଡ ବି ଅଧିକାରୀ , ଜିଲ୍ଲା ସଂସ୍କୃତି ଅଧିକାରୀ , ଆର ଆଣ୍ଡ ବି ଏସ ଡି ଓ, ଜେଇ ଆଦି ଅଧିକାରୀ ଉପସ୍ଥିତ ଥିଲେ ।

## ସମ୍ଭାବ୍ୟ ପ୍ରାକୃତିକ ବିପର୍ଯ୍ୟୟ ସୁପରିଚାଳନା ଅଭ୍ୟାସ ବୈଠକ




କଟକ, (ସବ୍ୟୁ): ସମ୍ଭାବ୍ୟ ପ୍ରାକୃତିକ ବିପର୍ଯ୍ୟୟକୁ ଦୃଷ୍ଟିରେ ରଖି ଏହାର ସୁପରିଚାଳନା ନିମନ୍ତେ ବିଭିନ୍ନ ବିଭାଗ ପକ୍ଷରୁ ଗ୍ରହଣ କରାଯାଇଥିବା ପ୍ରସ୍ତୁତି କାର୍ଯ୍ୟର ସମୀକ୍ଷା ବୈଠକ ଆଜି ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଯେକୌଣସି ସମୟରେ ଅଧିକ ବର୍ଷା ହେବାର ସମ୍ଭାବନା ରହିଥିବାରୁ ଉଚିତ ସମୟରେ କ୍ଷତିଗ୍ରସ୍ତ ଆଶଙ୍କା ଥିବା ଲୋକଙ୍କୁ ଓ ଗୃହ ପାଳିତ ପଶୁପକ୍ଷୀଙ୍କୁ ସୁରକ୍ଷିତ ଭାବେ ସ୍ଥାନାନ୍ତର କରିବାକୁ ଜିଲ୍ଲାପାଳ ଭାଉସାହେବ ଶିନ୍ଦେ ଗୁରୁତ୍ୱାରୋପ କରିଛନ୍ତି। ସମସ୍ତ ବିଭାଗ ସମନ୍ୱୟ ରକ୍ଷାପୂର୍ବକ ବିପର୍ଯ୍ୟୟ ପୂର୍ବରୁ, ବିପର୍ଯ୍ୟୟ ସମୟରେ ଏବଂ ବିପର୍ଯ୍ୟୟ ପରବର୍ତ୍ତୀ ସମୟର ପ୍ରସ୍ତୁତି ସଂପର୍କିତ ପ୍ଲାନ ପ୍ରସ୍ତୁତ କରିବାକୁ ପରାମର୍ଶ ଦେଇଥିଲେ । ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ସମସ୍ତ ପ୍ରସ୍ତୁତି ସଂପର୍କରେ ଜଳସେଚନ, ଗ୍ରାମ୍ୟ ଉନ୍ନୟନ, ସ୍ୱାସ୍ଥ୍ୟ ବିଭାଗ, କୃଷି ଓ ଉଦ୍ୟାନ, ବିଦ୍ୟୁତ୍ ବିଭାଗ, ଅଗ୍ନିଶମ, ମତ୍ସ୍ୟ ବିଭାଗ, ଜିଲ୍ଲା ସମାଜ ମଙ୍ଗଳ, ଜିଲ୍ଲା ସାମାଜିକ ସୁରକ୍ଷା, ପରିବହନ ବିଭାଗ, ବେସାମରିକ ଯୋଗାଣ ବିଭାଗ ଆର୍.ଏମ୍.ସି. ଏବଂ ଓଡ୍ରାଫ୍ ଟିମର କର୍ମକର୍ତ୍ତାମାନେ ପ୍ରସ୍ତୁତି ସଂପର୍କରେ ଅବଗତ କରାଇଥିଲେ । ସମୀକ୍ଷା ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଡଃ ଦିବ୍ୟଲୋଚନ ମହନ୍ତ ,ସାଧାରଣ ପରିଚାଳକ ଓଏସଡମା ସୁନୀଲ କୁମାର ସାହୁ, ଉପଜିଲ୍ଲାପାଳ କଟକ ସଦର ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ, ଉପନିରୀକ୍ଷକ ଓଡ୍ରାଫ୍ଟ ପ୍ରମୋଦ କୁମାର ପ୍ରଧାନ, ଡେପୁଟୀ ଆରକ୍ଷୀ ଅଧିକ୍ଷକ ଅଜୟ କୁମାର ଦାସଙ୍କ ସମେତ ସମସ୍ତ ସଂପୃକ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ପ୍ରାରମ୍ଭରେ ଜିଲ୍ଲା ଜରୁରୀକାଳୀନ ଅଧିକାରୀ ସୁଜୟ କୁମାର ପତି ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ସଭା ପରିଚାଳନା କରିଥିଲେ ।

## ଡାଇରିଆ ମୁକାବିଲା ସମୀକ୍ଷା

# ପାଣି ଫୁଟାଇ ବ୍ୟବହାର ପାଇଁ ପରାମର୍ଶ

ଭୁବନେଶ୍ୱର(ସବ୍ୟୁ): ଡାଇରିଆ ସ୍ଥିତିର ମୁକାବିଲା ନିମନ୍ତେ ସଂପୃକ୍ତ ବିଭାଗମାନେ କ୍ଷେତ୍ରସ୍ତରରେ ସମନ୍ୱିତ ଓ ଏକାଭୀମୁଖୀ ଭାବେ କାର୍ଯ୍ୟ ଜାରି ରଖିବାକୁ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ନିର୍ଦ୍ଦେଶ ଦେଇଛନ୍ତି । ବିଭିନ୍ନ ଜିଲ୍ଲାରେ ଡାଇରିଆ ମୁକାବିଲା ସଂପର୍କରେ ସ୍ଥିତିର ସେ ସମୀକ୍ଷା କରିଥିଲେ । ଗ୍ରାମ୍ୟ ପାନୀୟ ଜଳ ଉତ୍ସଗୁଡ଼ିକର ନିୟମିତ ବିଶୋଧନ କାର୍ଯ୍ୟ ଅନୁଧ୍ୟାନ କରିବା, ଆବଶ୍ୟକ ପଦକ୍ଷେପ ନେବାକୁ ବିଭାଗର ସଚିବଙ୍କୁ ପରାମର୍ଶ ଦିଆଯାଇଛ । ରାଜ୍ୟ ରାପିଡ୍ ଆକ୍ସନ ଟିମଙ୍କର କ୍ଷେତ୍ର ପରିଦର୍ଶନ ସ୍ଥିତି ଓ ପରାମର୍ଶ କାର୍ଯ୍ୟକାରୀ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଆସନ୍ତାକାଲି(ଗୁରୁବାର) ବିଶେଷଜ୍ଞ ଦଳ କଟକ, ଯାଜପୁର ଓ ଭଦ୍ରକ ଜିଲ୍ଲା ଗସ୍ତ କରିବେ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସୂଚନା ଦେଇଛନ୍ତି ।

ବୁଧବାର ଲୋକସେବା ଭବନରେ ବିଭିନ୍ନ ଜିଲ୍ଲାରେ ଡାଇରିଆ ମୁକାବିଲା ସ୍ଥିତି ସମ୍ପର୍କରେ ଶ୍ରୀ ଆହୁଜା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଶାସନ ସଚିବ ଅଶ୍ୱତୀ ଏସ୍ ଏବଂ କେନ୍ଦ୍ରୀୟ ଟିମମାନଙ୍କ ସହ ଆଲୋଚନା କରିଥିଲେ । କେନ୍ଦ୍ରରୁ ଆସିଥିବା ତିନୋଟି ବିଶେଷଜ୍ଞ ଦଳ କ୍ଷେତ୍ର ପରିଦର୍ଶନ ପରେ ସେମାନଙ୍କ ମତାମତ ଓ ପରାମର୍ଶ ଦେଇଥିଲେ । ଆଲୋଚନାରୁ ଜଣାପଡ଼ିଛି ଯେ ବିଭିନ୍ନ ସ୍ଥାନରେ ଦେଖାଦେଇଥିବା ଡାଇରିଆ ମୁଖ୍ୟତଃ ଦୂଷିତ ଜଳ ଓ ଖାଦ୍ୟରୁ ଆରମ୍ଭ ହୋଇଛି । ତେଣୁ ପ୍ରତି ଜଳ ଉତ୍ସକୁ ନିୟମିତ ଭାବେ ସଠିକ୍ ଭାବେ ବିଶୋଧିତ କରିବା ଏବଂ ପାଣିକୁ ଫୁଟାଇ ଥଣ୍ଡା କରି ବ୍ୟବହାର କରିବା ନିମନ୍ତେ ଜନସାଧାରଣଙ୍କୁ ପରାମର୍ଶ ଦିଆଯାଇଛି । ଅଗଭୀର ନଳକୂପ, ଖୋଲାକୂପ ଆଦିର ଜଳ ଭୂପୃଷ୍ଠ ଜଳ ସଂସ୍ପର୍ଶରେ ଆସୁଥିବାରୁ ଏହା ଦୂଷିତ ହେବାର ଆଶଙ୍କା ରହିଛି । ତେଣୁ ଏସବୁ ଜଳକୁ ଫୁଟାଇ ବା ହାଲୋଜେନ୍ ବଟିକା ପକାଇ ବ୍ୟବହାର କରିବାକୁ କୁହାଯାଇଛି। ପରେ ସହ ସଂପୃକ୍ତ ସମସ୍ତ ବରିଷ୍ଠ ଅଧିକାରୀମାନେ ଏହାର ସଦସ୍ୟ ରହିବେ ଓ ସମସ୍ତ ବିଭାଗ ଏକ ୟୁନିଟ୍ ଭାବେ ଏକାଭିମୁଖୀ ହୋଇ କାର୍ଯ୍ୟ କରିବାକୁ ପରାମର୍ଶ ଦିଆଯାଇଛି ।

ଏହା ମଧ୍ୟରେ ସମଗ୍ର ରାଜ୍ୟରେ ପାନୀୟ ଜଳ ବିଶୋଧନ ପାଇଁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି । କଟକ, ସୋନପୁର, କେନ୍ଦୁଝର,

### ଆଜି କଟକ, ଯାଜପୁର, ଭଦ୍ରକ ଯିବେ ବିଶେଷଜ୍ଞ ଦଳ

### ପ୍ରତି ଜିଲ୍ଲାରେ କୋର କମିଟି ଗଠନ କରି ସମୀକ୍ଷା ହେବ

କେନ୍ଦ୍ରୀୟ ଟିମ ମାନେ ଭିନ୍ନ ଭିନ୍ନ ଭାବେ ପଞ୍ଚାୟତିରାଜ ଓ ପାନୀୟ ଜଳ ଓ ଗୃହନିର୍ମାଣ ଓ ନଗର ଉନ୍ନୟନର ବରିଷ୍ଠ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ । ଖାଦ୍ୟ ନିରାପତ୍ତା ବିଭାଗ ଦ୍ୱାରା ଆଜି ୨୫ଟି ଜଳ ନମୁନା ଓ ୨୦ଟି ସ୍ଥାନରୁ ଖାଦ୍ୟ ନମୁନା ସଂଗ୍ରହ କରି ପରୀକ୍ଷା କରାଯାଇଛି ଏବଂ ୩୫ଟି ହୋଟେଲ, ଢାବା ଓ ୱାଟର ବଟଲିଂ ପ୍ଲାଣ୍ଟ ଆଦିରେ ଚଢ଼ାଉ କରାଯାଇଛି । ପ୍ରତି ଜିଲ୍ଲାରେ କୋର କମିଟିମାନ ଗଠନ କରିବା ପାଇଁ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ। ଏହି କୋର କମିଟି ଦୈନିକ ସନ୍ଧ୍ୟାରେ କ୍ଷେତ୍ରସ୍ତରୀୟ ସ୍ଥିତି ଓ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିବେ ଓ ତଦନୁଯାୟୀ ପରଦିନ ପାଇଁ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିବେ । ଡାଇରିଆ ମୁକାବିଲା ଜଗତସିଂହପୁର, ଝାରସୁଗୁଡ଼ା, ରାୟଗଡ଼ା, ପୁରୀ, କେନ୍ଦ୍ରାପଡ଼ା, ଯାଜପୁର ଓ ଭୁବନେଶ୍ୱରରେ ପାନୀୟ ଜଳ ବିଭାଜନଗୁଡ଼ିକ ପକ୍ଷରୁ ବିଶୋଧନ ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯାଇ ପାନୀୟ ଜଳ ସ୍ରୋତଗୁଡ଼ିକ ବିଶୋଧନ କରାଯାଇଥିଲା । ଏହାସହ ରାଜ୍ୟର ଅନ୍ୟ ସମସ୍ତ ପାନୀୟ ଜଳ ବିଭାଜନରେ ପାନୀୟ ଜଳ ସ୍ରୋତଗୁଡ଼ିକର ବିଶୋଧନ ପାଇଁ ପ୍ରକ୍ରିୟା ଜାରି ରହିଛ । ଜିଲ୍ଲାର ସମସ୍ତ ଜଳ ସାଥୀମାନଙ୍କୁ ସଂଗଠିତ ଏବଂ ତତ୍ପର କରାଯିବ ଏବଂ ଆବଶ୍ୟକ ସ୍ଥଳେ ଜଳ ନମୁନା ପରୀକ୍ଷା ପାଇଁ କିଟ୍ ଯୋଗାଇ ଦିଆଯିବ । ଜଳସାଥିମାନେ ମଧ୍ୟ ଆଇଇସି ସାମଗ୍ରୀ ଜରିଆରେ ହଇଜା ନିୟନ୍ତ୍ରଣର ସଚେତନତାର ବାର୍ତ୍ତା ଦେବେ ।

# ୪ ମୋବାଇଲ ଚୋରଙ୍କୁ ବାନ୍ଧିଲା ପୋଲିସ

ବ୍ରହ୍ମପୁର, (ସବ୍ୟୁ): କିଛିଦିନ ତଳେ ବ୍ରହ୍ମପୁର ସିଟି ହସପିଟାଲର ଇନଡୋରରେ ଚିକିତ୍ସିତ ହେଉଥିବା ଏକାଧିକ ରୋଗୀଙ୍କ ମୋବାଇଲ ଚୋରି ହୋଇଥିଲା। ଅଭିଯୋଗ ପରେ ଟାଉନ ଥାନା ପୋଲିସ ଘଟଣାର ତଦନ୍ତ କରି ୪ ଜଣ ଅଭିଯୁକ୍ତଙ୍କୁ ବାନ୍ଧିଛି। ସେମାନେ ହେଲେ ବଡବଜାର ପ୍ରେମନଗରର ଭି. ଆଶିଷ କୁମାର ଓରଫ କାଣ୍ଡେଲା(୨୦), ଭେଙ୍କେଟେଶ୍ୱର ମନ୍ଦିର ନିକଟର ଆର୍ଯ୍ୟାନ ଗୌଡ(୧୯), ଖାଜା ସାହିର ସେଖ୍ ଆସିଫ୍ ଓରଫ ପଠାନ(୨୦) ଓ ଏ. ରବି ରେଡ଼ି(୨୦) । ପୋଲିସ ଅଭିଯୁକ୍ତଙ୍କ ନିକଟରୁ ଚୋରି ହୋଇଥିବା ୨ଟି ମୋବାଇଲ ଜବତ କରିଛି । ସୂଚନାପ୍ରକାରେ, ଗଞ୍ଜାମ ଜିଲା ବୁଗୁଡା ଅଞ୍ଚଳର ଜଣେ ରୋଗୀ ସିଟି ହସପିଟାଲର ଇନଡୋରରେ ରହି ଚିକିତ୍ସିତ ହେଉଥିଲେ। ସେହି ୱାର୍ଡରେ ଅନ୍ୟ ରୋଗୀ ଓ ସମ୍ପର୍କୀୟମାନେ ମଧ୍ୟ ରହୁଥିଲେ। ଆଜକୁ ୩ ଦିନ ତଳେ ବୁଗୁଡା ଅଞ୍ଚଳର ରୋଗୀ ଜଣଙ୍କ ନିଜ ଶଯ୍ୟାରେ ନିଦରେ ଶୋଇଥିବା ବେଳେ ତାଙ୍କର ୨ଟି ମୋବାଇଲ ଚୋରି ହୋଇ ଯାଇଥିଲା ଛ ଏ ନେଇ ରୋଗୀଙ୍କ ସମ୍ପର୍କୀୟମାନେ ଟାଉନ ଥାନାରେ ଅଭିଯୋଗ କରିବା ପରେ ପୋଲିସ ୨୩୩/ ୨୫ ରେ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା । ସିଟି ହସପିଟାଲର ବିଭିନ୍ନ ସ୍ଥାନରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ ବେଳେ ପୋଲିସ ଅଭିଯୁକ୍ତଙ୍କୁ ଚିହ୍ନଟ କରିବାରେ ସକ୍ଷମ ହୋଇଥିଲା । ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବ୍ରହ୍ମପୁର ଏସପି ଡା. ସର୍ବଣା ବିବକେ ଏମଙ୍କ ଠାରୁ ସୂଚନା ମିଳିଛି ।

## ଗୋପାଳପୁର ବେଳାଭୂମିରେ ଛାତ୍ରୀଙ୍କୁ ଗଣବଳାତ୍କାର

# ଅନୁଧ୍ୟାନ କଲେ କ୍ରାଇମବ୍ରାଞ୍ଚ ଟିମ୍

ବ୍ରହ୍ମପୁର, (ସବ୍ୟୁ): ଗୋପାଳପୁର ବେଳାଭୂମିରେ ଛାତ୍ରୀଙ୍କୁ ଗଣ ବଳାତ୍କାର ଭଳି ଲଜ୍ଜ୍ୟା ଜନକ ସଙ୍ଗିନ ମାମଲା। ବୁଧବାର ଗୋପାଳପୁର ବିଧାୟକ ତଥା ବାଣିଜ୍ୟ ପରିବହନ ଓ ଇସ୍ପାତ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା ଘଟଣା ସ୍ଥଳରେ ପହଞ୍ଚି ଅଞ୍ଚଳ ସ୍ଥିତ ଅନୁଧ୍ୟାନ କରିଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘଟଣାକୁ ଅତି ଗୁରତର ଭାବେ ଗ୍ରହଣ କରି ଏହି ଅମାନବୀୟ କାର୍ଯ୍ୟକୁ ଦୃଢ ଭାବେ ନିନ୍ଦା କରିଥିବା ବେଳେ ୧୦ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ପୋଲିସ। ଏହି ଘଟଣାରେ ଦୋଷୀଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ପାଇଁ ମୁଖ୍ୟମନ୍ତ୍ରୀ କ୍ରାଇମବ୍ରାଞ୍ଚ ନିର୍ଦ୍ଦେଶ ଦେଇଛନ୍ତି ବୋଲି ଆଜି ମନ୍ତ୍ରୀ ଶ୍ରୀ ଜେନା ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି। ଗୋପାଳପୁର ବେଳାଭୂମି ପର୍ଯ୍ୟଟନସ୍ଥଳୀ ଭାବେ ଖ୍ୟାତ ରହିଥିବା ବେଳେ ସମସ୍ତ ପର୍ଯ୍ୟଟକଙ୍କ ନିମନ୍ତେ ସୁରକ୍ଷା ବ୍ୟବସ୍ଥା କଡାକଡି କରିବା ସହିତ ୩୦ ହଜାର କୋଟି ଟଙ୍କା ବ୍ୟୟ ମଞ୍ଜୁରୀ ହୋଇଥିବା ବେଳେ ବେଳାଭୂମିର ବିକାଶ ନିମନ୍ତେ ହରିପୁର ଠାରୁ ବକ୍ସିପଲ୍ଲୀ ପର୍ଯ୍ୟନ୍ତ ବିକାଶ କରାଯିବ। ଏହି ସବୁ ଅଞ୍ଚଳରେ ଆଲୋକିକରଣ, ପୋଲିସ ପେଟ୍ରୋଲିଂ ସହିତ ବେଳାଭୂମିର ବାଲି ଉପରେ ଚାଲିବା ନିମନ୍ତେ ମୋଟର ଗାଡି ରହିଥିବା ବେଳେ ଅଧିକରୁ



ଅଧିକ ଗାଡ଼ି ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି। ଘଟିଥିବା ଗଣଦୁଷ୍କର୍ମ ଘଟଣାରେ ଅପରାଧୀମାନଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନିଆଯିବ ସହିତ କ୍ରାଇମବ୍ରାଞ୍ଚ ଟିମ ଏସ୍ ସାଇନଙ୍କ ନେତୃତ୍ୱରେ ଏକ ଟିମ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି ବୋଲି ସେ କହିଛନ୍ତି। ଘଟଣାର ସମ୍ପୃକ୍ତ କୌଣସି ଅପରାଧୀଙ୍କୁ ଛଡା ଯିବ ନାହିଁ। ଆଇନ ଅନୁମୋଦିତ ସବୁଠାରୁ କଠୋର ଦଣ୍ଡବିଧାନ କରାଯିବ। ଏଘଟଣାରେ ମୁଖ୍ୟମନ୍ତ୍ରୀ ପୋଲିସକୁ ସମସ୍ତ ସନ୍ଦିଗ୍ଧ ଅପରାଧୀମାନଙ୍କୁ ତୁରନ୍ତ ଗିରଫ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ସ୍ଥାନୀୟ ପୋଲିସ ୧୦ ଜଣଙ୍କୁ ଗିରଫ କରିଛି। ଏ ଘଟଣାରେ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ସମ୍ପୃକ୍ତ ଥିବା ସମସ୍ତ ଅପରାଧୀଙ୍କୁ ଧରାଯାଇ ଆଇନ ଅନୁଯାୟୀ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ବୋଲି ଶ୍ରୀ ଜେନା କହିଛନ୍ତି ।

# ଜିଲ୍ଲାସ୍ତରୀୟ ଟେବୁଲ ଟପ୍ ଏକ୍ସରସାଇଜ୍

ବାରିପଦା, (ସବ୍ୟୁ) : ଜିଲ୍ଲା ସ୍ତରୀୟ ଟେବୁଲ ଟପ ଏକ୍ସରସାଇଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷରେ ଡେପୁଟି କଲେକ୍ଟର ଶ୍ରଦ୍ଧା ସୁମନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମ୍ମାନିତ ଅତିଥି ଓ ରାଜ୍ୟ ପର୍ଯ୍ୟବେକ୍ଷକ ଭାବେ ଏସଆରସି କାର୍ଯ୍ୟାଳୟର ଦେବବ୍ରତ କର ଯୋଗ ଦେଇଥିଲେ। ପ୍ରାରମ୍ଭରେ ଡେପୁଟି କଲେକ୍ଟର ଶ୍ରୀମତୀ ସୁମନ ଆଜିର ଟେବୁଲ ଟପ ଏକ୍ସରସାଇଜର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଟେବଲ ଟପ ଏକ୍ସରସାଇଜ ମାଧ୍ୟମରେ ଆମେ କିଭଳି ବିପର୍ଯ୍ୟୟ ପରିଚାଳନା ଯୋଜନା ସବୁକୁ ଗୋଟିଏ ମଞ୍ଚରେ ସମୀକ୍ଷା କରି, ଯେଉଁ ସବୁ ପ୍ରତିବନ୍ଧକ ଅଛି ତାର ସମାଧାନ ନିମନ୍ତେ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରିବା, ଯୋଗାଯୋଗ ବ୍ୟବସ୍ଥାକୁ ଅଧିକ ସୁସଂଗଠିତ କରିବା ସହିତ ବିପର୍ଯ୍ୟୟ ପରିଚାଳନା ଯୋଜନାକୁ ଅଧିକରୁ ଅଧିକ ଗୁଣାତ୍ମକ, ପାରଦର୍ଶୀ, ଲୋକାଭିମୁଖୀ ଓ ସମୟୋପଯୋଗୀ କରି ପାରିବା ତାର ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଆସନ୍ତା ୧୯ତାରିଖରେ ୧୦ଗୋଟି ବହୁମୁଖି ବନ୍ୟା ଆଶ୍ରୟସ୍ଥଳରେ ହେବାକୁ ଥିବା ବିପର୍ଯ୍ୟୟ ମୁକାବିଲା ଓ ପରିଚାଳନା ଅଭ୍ୟାସ କାର୍ଯ୍ୟକ୍ରମ ସରକାର ଜାରି କରିଥିବା ନିର୍ଦ୍ଦେଶାବଳୀ ଅନୁସାରେ କରିବାକୁ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଡିପିଓ ଜଗବନ୍ଧୁ ମହାନ୍ତି ଜିଲ୍ଲାସ୍ତରୀୟ ବିପର୍ଯ୍ୟୟ ମୁକାବିଲା ଓ ପରିଚାଳନା ଅଭ୍ୟାସ କାର୍ଯ୍ୟକ୍ରମ-୨୦୨୫ ନିମନ୍ତେ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ, ମୟୂରଭଞ୍ଜ ଦ୍ୱାରା ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଓ ଯୋଜନାକୁ ପିପିଟି ମାଧ୍ୟମରେ ଉପସ୍ଥାପନା କରିଥଲେ। ମୟୂରଭଞ୍ଜ ଜିଲ୍ଲା ବିଶେଷତଃ ବନ୍ୟା, ବାତ୍ୟା, ବଜ୍ରପାତ, ସାପକମୁଡ଼ା ଓ ଭୂସ୍ଖଳନ ଭଳି ବିପର୍ଯ୍ୟୟର ସାମ୍ନା କରିଥାଏ ଓ ଏହାର ପ୍ରଶମନ ନିମନ୍ତେ ଏଭଳି ଅଭ୍ୟାସ କାର୍ଯ୍ୟକ୍ରମର ଆବଶ୍ୟକତା ରହିଛି ବୋଲି କହିଥିଲେ। ସମ୍ମାନିତ ଅତିଥି ଶ୍ରୀ କର ଟେବୁଲ ଟପ ଏକ୍ସରସାଇଜ ଓ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ କାର୍ଯ୍ୟକ୍ରମର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିବା ସହିତ ଏହା କିଭଳି ଶୂନ୍ୟ ମୃତ୍ୟୁହାର ମିଶନକୁ ସାକାର କରିବାରେ ସହାୟକ ହେବ ଓ ଆମର ବିପର୍ଯ୍ୟୟ ପରିଚାଳନା ଅତି ଉଚ୍ଚକୋଟୀର ହୋଇ ପାରିବ ତାହା ବୁଝାଇଥିଲେ। ଏହି ଅବସରରେ ଉପସ୍ଥିତ ବିଭାଗୀୟ ଅଧିକାରୀମାନେ ନିଜ ନିଜ ବିଭାଗର ବିପର୍ଯ୍ୟୟ ପରିଚାଳନା ଯୋଜନା ସବୁକୁ ଉପସ୍ଥାପନା କରିଥିଲେ ଓ ଏକ ମୁକ୍ତ ଆଲୋଚନା ମାଧ୍ୟମରେ ସମ୍ମାନୀତ ଅତିଥି ବିପର୍ଯ୍ୟୟ ପରିଚାଳନା ପାଇଁ ସୁଦୂର ପ୍ରସାରି, ସୁଚିନ୍ତିତ ଓ ମୂଲ୍ୟବାନ ପରାମର୍ଶ ମାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଓଡ୍ରାଫ, ଅଗ୍ନିଶମ ବିଭାଗ, ଖାଦ୍ୟ ଯୋଗାଣ, ଜଳ ଓ ପରିମଳ ବିଭାଗ, କୃଷି, ଜଳସେଚନ, ବ୍ଲକ, ପୌରପାଳିକା ଆଦିର ଅଧିକାରୀ ତଥା ସ୍ୱେଚ୍ଛାସେବୀ ସଂଗଠନ ଫୋର୍ଡ, ସ୍ପର୍ଦ୍ଧା, ଦାସୀ, ଆଧାର, ସଙ୍କଳ୍ପ, ଶକ୍ତିଶିଖା, ଭାର୍ଡ ଏବଂ ୧୦ଗୋଟି ବହୁମୁଖୀ ବନ୍ୟା ଆଶ୍ରୟସ୍ଥଳର ସଚିବ ଓ ସଭାପତି ଅଂଶଗ୍ରହଣ କରିଥିଲେ। ସର୍ବଶେଷରେ ଡେପୁଟି କଲେକ୍ଟର ଶ୍ରଦ୍ଧା ସୁମନ ଧନ୍ୟବାଦ ଅର୍ପଣ କରିଥିଲେ।

# ହାତୀ ଆକ୍ରମଣରେ ଜଣେ ମୃତ, ଜଣେ ଗୁରୁତର

ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ରେଞ୍ଜ ଅନ୍ତର୍ଗତ ମୋରଡା ଅଞ୍ଚଳରେ ଦିନକୁ ଦିନ ହାତୀ ଉପଦ୍ରବ ବଢ଼ିବାରେ ଲାଗିଛି। ତତ୍‌ସହିତ ହାତୀ ଆକ୍ରମଣରେ କେତେକ ଜୀବନ ଗଲାଣି। ତେବେ ବର୍ଷ ତମାମ୍ ହାତୀ ଉପଦ୍ରବ ଲାଗି ରହିଥିବାରୁ ଅଞ୍ଚଳବାସୀ ଅତିଷ୍ଠ ହେବାସହ ଚାଷୀ ପାଇଁ ଚାଷ ଏବେ ଭୟର କାରଣ ପାଲଟିଛି। ସୂଚନାଯୋଗ୍ୟଯେ ବୁଧୁବାର ଭୋର ଚାରିଟା ସମୟରେ ରାସଗୋବିନ୍ଦପୁର ରେଞ୍ଜ ଅନ୍ତର୍ଗତ ନଳଗଜା ପଞ୍ଚାୟତ ଉକାଶୋଳ ଗ୍ରାମରେ ହାତୀ ପ୍ରବେଶ କରି ଘର ଭାଙ୍ଗି ଭିତରେ ଶୋଇଥିବା ଅବସ୍ଥାରେ ନାଗି ହାଁସଦାଙ୍କୁ ଘୋଷାଡି ଆଣି ଦଳି ଚକଟି ଦେଇଛନ୍ତି। ଫଳରେ ବୃଦ୍ଧା ନାଗିଙ୍କ ଦେହରୁ ଗୋଡ ଅଲଗା ହୋଇଯିବା ସହିତ ଅନ୍ତବୁଜଳା ବାହାରି ଆସିଥିବାର ଦେଖିବାକୁ ମିଳିଛି। ଖବରପାଇ ରାସଗୋବିନ୍ଦପୁର ବନବିଭାଗ ପହଞ୍ଚି ମୃତ୍ୟୁ ନାଗିଙ୍କୁ ଉଦ୍ଧାର କରି ବାରିପଦା ମେଡିକାଲ ପଠାଇଥିଲେ, କିନ୍ତୁ ସେଠାରେ ଡାକ୍ତର ନାଗିଙ୍କୁ ମୃତ ଘୋଷଣା କରିଥିଲେ। ଠିକ୍ ସେହିପରି ଉକ୍ତ ପଞ୍ଚାୟତ ଅଧିନ ଶୁଖିଲାଖାଳି ଗ୍ରାମ ବଡା ମୁର୍ମୁ ଘର ବାରଣ୍ଡାରେ ଶୋଇଥିବା ବେଳେ ଉକ୍ତ ୨୫ଟିକିଆ ହାତୀ ପଲ ମଧ୍ୟରୁ ଦୁଇଟି ହାତୀ ବଡାଙ୍କୁ ଶୁଣ୍ଢରେ ଟାଣି ଆଣି କଚାଡି ଦେଇଥିଲେ। ତେବେ ପାଟି ଶୁଣି ସ୍ଥାନୀୟ ଲୋକେ ଆସି ହାତୀ ପଲକୁ ଘଉଡାଇବା ପରେ ସ୍ଥାନୀୟ ଲୋକେ ଉଦ୍ଧାର କରି ସ୍ଥାନୀୟ ରାସଗୋବିନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି।

# ଚୋରି ମାମଲାରେ ଜଣେ ଗିରଫ

ବ୍ରହ୍ମପୁର, (ସବ୍ୟୁ): ତାଲା ବନ୍ଦ ଘରୁ ଚୋରି କରିବା ଅଭିଯୋଗରେ ବଡ଼ବଜାର ଥାନା ପୁଲିସ ଜଣେ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ଫୁଲବାଣୀର ଜୀବନ ମିଶ୍ର(୨୦) । ସୂଚନାଯୋଗ୍ୟଯେ, ଗତ ୩ ତାରିଖରେ ହରିଡ଼ଖଣ୍ଡି ଅଞ୍ଚଳର ଏକ ଘରୁ ୩୦ ହଜାର ଟଙ୍କା ଏବଂ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଥିବା ନେଇ ଘର ମାଲିକ ଥାନାରେ ଅଭିଯୋଗ କରିଥିଲେ । ଘର ମାଲିକ ଓ ଜୀବନ ମିଶି ଗୋଟିଏ ସ୍ଥାନରେ କାମ କରୁଥିଲେ। ସେହି ଘରେ ହିଁ ରହୁଥିଲେ। ଗତ ୩ ତାରିଖରେ ଘରେ କେହି ନଥିବା ସୁଯୋଗ ନେଇ ଜୀବନ ହିଁ ସେହି ଚୋରି କରିଥିବା ପୁଲିସ ତଦରରେ ଜାଣିବାକୁ ପାଇଥିଲା। ପୁଲିସ ଅଭିଯୁକ୍ତ ଜୀବନକୁ ଗିରଫ କରି କୋର୍ଟ ଚାଲାଣ କରିଛି।

# କନ୍ଧମାଳ ଜିଲ୍ଲାରେ ବିପର୍ଯ୍ୟୟ ପରିଚାଳନା ପାଇଁ ଜିଲ୍ଲାସ୍ତରୀୟ ଟେବୁଲ୍ ଟପ୍ ଏକ୍ସରସାଇଜ୍




ଫୁଲବାଣୀ, (ସବ୍ୟୁ): ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ କନ୍ଧମାଳ ପକ୍ଷରୁ ଜିଲ୍ଲାସ୍ତରୀୟ ଟେବୁଲ ଟପ୍ ଏକ୍ସରସାଇଜ୍ - ୨୦୨୫ ବୁଧବାର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଆୟୋଜିତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ), କନ୍ଧମାଳ କୁଶଳ ଚନ୍ଦ୍ର ନାଏକ ଅଧ୍ୟକ୍ଷତା କରି କହିଲେଯେ, ଆମ ଜିଲ୍ଲାରେ ବନ୍ୟା ସମସ୍ୟା ହୁଏତ ନଥାଇ ପାରେ, ବାତ୍ୟା ଓ ଭୂସ୍ଖଳନ, ବିଜୁଳିପାତ ପରି ବିପର୍ଯ୍ୟୟର ଆଶଙ୍କା ରହିଛି । ସମ୍ଭାବ୍ୟ ବିପର୍ଯ୍ୟୟକୁ ସମ୍ମୁଖୀନ ହେବା ପୂର୍ବରୁ ଏହାର ମୁକାବିଲା ପାଇଁ ଜିଲ୍ଲାର ସମସ୍ତ ବିଭାଗର ଅଧିକାରୀମାନେ ସଜାଗ ହେବା ସହିତ ବିପର୍ଯ୍ୟୟ ପରେ ଥଇଥାନ ପଦକ୍ଷେପକୁ ସଠିକ ପରିଚାଳନା କରିବା ପାଇଁ ଯୋଜନା ପ୍ରସ୍ତୁତ କରିବାକୁ ପଡିବ । ସେହିପରି ଭାବରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲାପରିଷଦ, କନ୍ଧମାଳ ଶମ୍ଭୁନାଥ ନନ୍ଦୀ କହିଥିଲେଯେ, ଆମକୁ ବିପର୍ଯ୍ୟୟ ମୁକାବିଲାର ପୂର୍ବ ପ୍ରସ୍ତୁତି, ବିପର୍ଯ୍ୟୟ ସମୟର ପ୍ରସ୍ତୁତି ଓ ବିପର୍ଯ୍ୟୟ ପରର ପ୍ରସ୍ତୁତି କରିବାକୁ ପଡିବ । ବିପର୍ଯ୍ୟୟ ପୂର୍ବ ପ୍ରସ୍ତୁତି ଯେତେ ଭଲ ହେବେ, ବିପର୍ଯ୍ୟୟ ସମୟରେ ଓ ପରେ କମ ପରିଶ୍ରମ ଓ କମ ସମସ୍ୟାର ସମ୍ମୁଖୀନ ହେବା । ସୋସିଆଲ ମିଡିଆରେ ସକ୍ରିୟ ରହି ପାଣିପାଗର ପୂର୍ବାନୁମାନ ଜଣାଇବାକୁ ପଡିବ । ଜିଲ୍ଲା ଆପତକାଳୀନ ଅଧିକାରୀ ବିରଞ୍ଚି ଧାରୁଆ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ବିଗତ ବର୍ଷମାନଙ୍କ ପରି ଚଳିତବର୍ଷର ସମ୍ଭାବ୍ୟ ବନ୍ୟା ଓ ବାତ୍ୟା ବିପର୍ଯ୍ୟୟର ସୁପରିଚାଳନା ପାଇଁ ସଂପୃକ୍ତ ବିଭାଗୀୟ ଅଧିକାରୀମାନଙ୍କର ମିଳିତ ସହଯୋଗ କାମନା କରିଥିଲେ। ଅଗ୍ନିଶମ ବିଭାଗ, ଉଦ୍ୟାନ କୃଷି ବିଭାଗ, ମଙ୍ଗଳ ବିଭାଗ, କୃଷି ବିଭାଗ, ପଶୁ ସମ୍ପଦ ବିଭାଗ, ଜଳ ଓ ପରିମଳ ବିଭାଗ, ରାସ୍ତା ଓ କୋଠାବାଡି ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ଜଳ ସେଚନ ବିଭାଗ, ମତ୍ସ୍ୟ ବିଭାଗ, ଶିକ୍ଷା ବିଭାଗ, ଯୋଗାଣ ବିଭାଗ ଇତ୍ୟାଦି ଅଧିକାରୀମାନେ ନିଜ ନିଜ ବିଭାଗ ଦ୍ୱାରା ସମ୍ଭାବ୍ୟ ବିପର୍ଯ୍ୟୟ ପୂର୍ବରୁ, ବିପର୍ଯ୍ୟୟ ସମୟରେ ଓ ବିପର୍ଯ୍ୟୟ ପରେ ନେବାକୁ ଥିବା ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ । ଏହି ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ଼ା ସନ୍ତୋଷ କୁମାର ପାଢି, ରାଜ୍ୟ ପର୍ଯ୍ୟବେକ୍ଷକ ଏସ୍. କେ ସରଫରାଜ ଓ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ ।

## କୁସୁମୀ ବ୍ଲକ୍‌ରେ ନାବାର୍ଡ ସହାୟତାରେ ହେବ କନ୍ଦମୂଳ ଚାଷ

# କର୍ମଶାଳାରେ ଯୋଗଦେଲେ ଶତାଧିକ ଚାଷୀ




ବାରିପଦା, (ସବ୍ୟୁ) : ଭାରତୀୟ କୃଷି ଅନୁସନ୍ଧାନ ପରିଷଦ ଆଇସିଏଆର୍ ଅଧିନରେ ପରିଚାଳିତ, ନାବାର୍ଡର ଆର୍ଥିକ ସହାୟତା ଏବଂ ସ୍ୱେଚ୍ଛାସେବୀ ସଙ୍ଗଠନ ସମ୍ବନ୍ଧର ସହଭାଗିତାରେ ମୟୂରଭଞ୍ଜ କୁସୁମୀ ବ୍ଲକ ଅଞ୍ଚଳର ୧୨ଟି ଗ୍ରାମରେ ଜଳବାୟୁ ଅନୁକୂଳ କୃଷି ପଦ୍ଧତିରେ କନ୍ଦମୂଳ ଚାଷ କରାଯିବ। ନର୍ସରୀ ସୁବିଧା, ଜଳଯୋଗାଣର ସୁବିଧା କରାଯାଇ କନ୍ଦମୂଳ ଚାଷ କରାଯିବ। ଏହି ଚାଷ ସଫଳ ହେଲେ ଗୋଟିଏ ବର୍ଷରେ ୧୫୦ଜଣ ଚାଷୀ ଆତ୍ମନିର୍ଭରଶୀଳ ହୋଇପାରିବେ। ଏଥିପାଇଁ ୧କୋଟି ୨୩ଲକ୍ଷ ୨୧ହଜାର ଟଙ୍କା ନାବାର୍ଡ ଖର୍ଚ୍ଚ ଅଟକଳ ମଞ୍ଜୁର କରିଛି। କନ୍ଦମୂଳ ବିଭିନ୍ନ ପ୍ରକାରର ରହିଛି। କମଳା ରଙ୍ଗର କନ୍ଦମୂଳ ଖାଇଲେ ଦୃଷ୍ଟି ଶକ୍ତି ବୃଦ୍ଧି ପାଇଥାଏ, ଅନ୍ୟ କେତେ ପ୍ରକାର ରହିଛି ରକ୍ତ ହୀନତା ଦୂର କରିବ, ଡାଇବେଟିସ ରୋଗୀ ମଧ୍ୟ ଖାଇ ପାରିବେ। କନ୍ଦମୂଳ ଚାଷ ପ୍ରତି ଯଦି ଚାଷୀମାନେ ଅଧିକ ଧ୍ୟାନ ଦେବେ ତେବେ ୩ବର୍ଷ ରେ ୪ଶହ ଚାଷୀ ଉପକୃତ ହେବା ସହ ସେମାନଙ୍କର ଆର୍ଥିକ ଅଭିବୃଦ୍ଧି ହୋଇପାରିବ। ସମସ୍ତ ନିମନ୍ତ୍ରିତ ସମ୍ମାନିତ ଅତିଥି ଗଣ ପ୍ରଥମେ ତୁଳସୀ ବୃକ୍ଷରେ ଜଳ ଅର୍ପଣ କରି କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଏହି ଚାଷୀ କର୍ମଶାଳାରେ ସମ୍ବନ୍ଧର ରାଜ୍ୟ ସମ୍ପାଦିକା ପୁଷ୍ପାଙ୍ଗିନୀ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିବା ସହ ସଭା ପରିଚାଳନା କରିଥିଲେ। ନାବାର୍ଡର ଅଧକ୍ଷ ବୈଜ୍ଞାନିକ ଡ଼ଃ କେ ଲକ୍ଷ୍ମୀନାରାୟଣ, ମୁଖ୍ୟଅତିଥି କେରଳ ତ୍ରିଭେନ୍ଦ୍ରମ ଆଇସିଏଆର୍‌ର ନିର୍ଦ୍ଦେଶକ ଡ଼ଃ ଜି ବାୟଜୁ, ସମ୍ମାନିତ ଅତିଥି ଭୁବନେଶ୍ୱର ନାବାର୍ଡର ସିଜିଏମ୍ ସଞ୍ଜୟ କୁମାର ତାଲୁକଦାର୍, ନାବାର୍ଡର ଏଜିଏମ୍ ବିଶ୍ୱବିମହାନ୍ତି, ମୟୂରଭଞ୍ଜ ଜିଲ୍ଲା ନାବାର୍ଡର ଡିଡିଏମ୍ ସ୍ମାରକ ମହାନ୍ତି, ଉଦ୍ୟାନ ବିଭାଗର ଜିଲ୍ଲା ଡିଡିଏଚ୍ ଟଙ୍କଧର କଲ, ଆଇସିଏଆର୍‌ର ମୁଖ୍ୟ ଆରଏସ୍ ଡ଼ଃ ଏମ୍ ନିଦୁନଚିଝିଆମ୍ ପ୍ରମୁଖ ଯୋଗଦେଇ କନ୍ଦମୂଳ ଚାଷ ସମ୍ପର୍କରେ ଚାଷୀ ମାନଙ୍କୁ ଅବଗତ କରାଇଥିଲେ। ସମ୍ବନ୍ଧର ପ୍ରୋଜେକ୍ଟ ମ୍ୟାନେଜର ଦୁଷ୍ମନ୍ତ ବେହେରା, କର୍ମଚାରୀ ସଞ୍ଜୟ ମହାନ୍ତ, ମହେନ୍ଦ୍ର ରାଉତ, କାହ୍ନୁ ହକାଇ ଓ ଅନ୍ୟ ମହିଳା କର୍ମଚାରୀମାନେ କର୍ମଶାଳା ପରିଚାଳନାରେ ସହଯୋଗ କରିଥିଲେ।

## ବାର୍‌ହା ଶିକାର ପାଇଁ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ମୃତ

ଭଞ୍ଜନଗର, (ସବ୍ୟୁ): ବନ୍ୟଜନ୍ତୁ ଶିକାର ପାଇଁ ବିଛାଇଥିଲେ ବିଦ୍ୟୁତ୍ ତାର । ହେଲେ ଜଙ୍ଗଲି ଜନ୍ତୁ ବଦଳରେ ଶିକାର ହେଲା ମଣିଷ। ତାରାସିଙ୍ଗି ଥାନା ଅନ୍ତର୍ଗତ ଜଗନ୍ନାଥପ୍ରସାଦ ବନାଞ୍ଚଳର ବାହୁଆ ଗାଁ ଜଙ୍ଗଲ ନିକଟରେ ଘଟିଛି ଏଭଳି ଘଟଣା। ମୃତକ ଜଣକ ନିକଟସ୍ଥ କୁଡୁତାଇ ପଞ୍ଚାୟତ ଚାଞ୍ଚରାପଲ୍ଲୀ ଗାଁର ସୁରଥ ପ୍ରଧାନ (୪୫) । ହସ୍ତଗତ ହୋଇଥିବା ସୂଚନା ପ୍ରକାରେ ସୁରଥ ଏବଂ ତାର ୨ ଜଣ ସହଯୋଗୀ ଗାଁ ପାଖ ଜଙ୍ଗଲରେ ବାରହା ଶିକାର ପାଇଁ ବିଦ୍ୟୁତ୍ ତାର ବିଛାଇଥିଲେ। ହେଲେ ଅସାବଧାନତା ବଶତଃ ସୁରଥ ବିଦ୍ୟୁତ୍ ତାରରେ ଲାଗି ଯାଇଥିଲେ । ଏହା ଦେଖି ଅନ୍ୟ ୨ ଜଣ ସହଯୋଗୀ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିବା ଡିଏଫଓ ମହାନ୍ତି ସୂଚନା ଦେଇଛନ୍ତି । ଏହି ଘଟଣା ସମ୍ପର୍କରେ ବୁଧବାର ସକାଳେ ଜଣାପଡ଼ିବା ପରେ ବନବିଭାଗ କର୍ମଚାରୀ ଏବଂ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଚଳାଇଛନ୍ତି । ଏହି ଘଟଣାକୁ ନେଇ ସମ୍ପୃକ୍ତ ଅଞ୍ଚଳରେ ଚାପା ଅସନ୍ତୋଷ ପ୍ରକାଶ ପାଇଛି।

## ସୌରା ପାହାଡ଼ ଡବଲ ମର୍ଡର ମାମଲା

# ୪ ଅଭିଯୁକ୍ତଙ୍କୁ ଆଜୀବନ

ବ୍ରହ୍ମପୁର, (ସବ୍ୟୁ): ରାଜନୈତିକ ଶତ୍ରୁତାକୁ କେନ୍ଦ୍ର କରି ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ ସୌରାପାହାଡ ଠାରେ ୨୦୨୨ ଘଟିଥିବା ଡବଲ ମର୍ଡର ମାମଲାର ୪ ଜଣ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ ହୋଇଛି । ପାଳଝାଡି ଗ୍ରାମର ବିଜେଡି ନେତା ସୁଦର୍ଶନ ସୁଆର ଓ ସୁଧୀର ପାତ୍ରଙ୍କୁ ହତ୍ୟା ମାମଲାର ବିଚାରଣ କରି ବ୍ରହ୍ମପୁର ସ୍ଥିତ ଗଞ୍ଜାମ ଜିଲା ଅତିରିକ୍ତ ଜିଲା ଜଜ୍-୩ ବିବସ୍ୱତ ଗୌତମ ବୁଧବାର ୪ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ୪ ଅଭିଯୁକ୍ତ ହେଲେ ଏହି ବହୁଚର୍ଚ୍ଚିତ ଡବଲ ମର୍ଡର ଘଟଣାର ମାଷ୍ଟର ମାଇଣ୍ଡ ପାଳଝାଡି ଗ୍ରାମର ପ୍ରଶାନ୍ତ ଗୌଡ଼, ଚମାଖଣ୍ଡି ଥାନା ଅନ୍ତର୍ଗତ ଜଗନ୍ନାଥପୁରର ବି. ଦେବରାଜ ରେଡ୍ଡୀ, ସଦର ଥାନା ଲାଠୀ ଗ୍ରାମର କୁନା ଗୌଡ ଓ କୁକୁଡ଼ାଖଣ୍ଡିର ବୁଡୁ ଦାସ । ଆସାମୀଙ୍କୁ ୩୦ ହଜାର ଲେଖାଏଁ ଜୋରିମାନା ଦେବାକୁ ନିର୍ଦ୍ଦେଶ ରହିଥିବା ବେଳେ ଜୋରିମାନା ଅନାଦେୟ ଅତିରିକ୍ତ ୧୦ ମାସ ଲେଖାଏଁ ଜେଲ ଦଣ୍ଡ ଭୋଗିବାକୁ ହେବ ବୋଲି ଜଜ ନିଜ ରାୟରେ ଉଲ୍ଲେଖ କରିଛନ୍ତି । ସେହିପରି ସାକ୍ଷ୍ୟ ପ୍ରମାଣ ଅଭାବରୁ ଅନ୍ୟ ୫ ଜଣ ଅଭିଯୁକ୍ତଙ୍କୁ ନର୍ଦ୍ଦୋଷରେ ଖଲାସ କରିଛନ୍ତି । ଦୋଷୀ ସାବ୍ୟସ୍ତ ହୋଇଥିବା ସେହିପରି ମୃତକଙ୍କ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରିବାକୁ ଜିଲା ଆଇନସେବା ପ୍ରାଧିକରଣକୁ ଜଜ ନିର୍ଦ୍ଦେଶ ଦେଇଛନ୍ତି । ମାମଲାର ବିବରଣୀରୁ ପ୍ରକାଶଯେ, ୨୦୨୨ରେ ଅନୁଷ୍ଠିତ ପଞ୍ଚାୟତ ନିର୍ବାଚନରେ ପାଳଝାଡି ଗ୍ରାମର ପ୍ରଶାନ୍ତ ଗୌଡଙ୍କ ସ୍ତ୍ରୀ ପରାଜିତ ହୋଇଥିଲେ । ଗ୍ରାମର ସୁଦର୍ଶନ ସୁଆର ଓ ସୁଧୀର ପାତ୍ରଙ୍କ ବିରୋଧ ଯୋଗୁଁ ତାଙ୍କ ସ୍ତ୍ରୀ ପରାଜିତ ହୋଇଥିବା ପ୍ରଶାନ୍ତ ଜାଣିବାକୁ ପାଇଥିଲେ । ସେହିକ୍ରମରେ ସୁଦର୍ଶନ ଓ ସୁଧୀରଙ୍କୁ ହତ୍ୟା କରିବା ପାଇଁ ପ୍ରଶାନ୍ତ ଗୌଡ ଯୋଜନା କରିଥିଲେ। ସେ ନିଜର କିଛି ସହଯୋଗୀଙ୍କୁ ଏକ୍ରତିତ କରି ଗତ ୨୦୨୨ ଏପ୍ରିଲ ୨୩ରେ ଉଭୟଙ୍କୁ ସୌରା ପାଡାଡ ନିକଟରେ ଅଟକାଇ ସଂଘବଦ୍ଧ ଭାବେ ଆକ୍ରମଣ କରି ହତ୍ୟା କରିଥିଲେ। ଏନେଇ ଅଭିଯୋଗ ପରେ ଦିଗପହଣ୍ଡି ଥାନା ପୋଲିସ ୧୪୫/୨୫ରେ ଏକ ମାମଲା ରୁଜୁ କରି ପର୍ଯ୍ୟାୟକ୍ରମେ ମୁଖ୍ୟ ଅଭିଯୁକ୍ତ ପ୍ରଶାନ୍ତଙ୍କ ସମେତ ଗ୍ରାମର ସୁମନ୍ତ ନାହାକ, କୃଷ୍ଣଚନ୍ଦ୍ର ଗୌଡ଼, ବସନ୍ତ କୁମାର ଗୌଡ଼, ସିଦ୍ଧାନ୍ତ ଗୌଡ଼, ସନ୍ତୋଷ କୁମାର ପ୍ରଧାନ, ଚମାଖଣ୍ଡି ଥାନା ଅନ୍ତର୍ଗତ ଜଗନ୍ନାଥପୁରର ବି. ଦେବରାଜ ରେଡ୍ଡୀ, ସଦର ଥାନା ଲାଠୀ ଗ୍ରାମର କୁନା ଗୌଡ଼ ଓ କୁକୁଡ଼ାଖଣ୍ଡିର ବୁଡୁ ଦାସଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା ମାମଲାର ବିଚାରଣା ବେଳେ ୨୮ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ଉପଯୁକ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ଜଜ ଉପରୋକ୍ତ ରାୟ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ତତ୍କାଳୀନ ପିପି ତ୍ରିଲୋଚନ ପରିଡା ନଜ ନିର୍ଦ୍ଦେଶ କ୍ରମେ ଏପିପି ରଜତ କୁମାର ଦାଶ ଉକ୍ତ ମାମଲା ପରିଚାଳନା କରୁଥିଲେ।

DSPL-129

OIPR: 10003/13/0207/2526

ଡ଼ାଇରିଆ ନିରାକରଣ ପାଇଁ କେତୋଟି ସାଧାରଣ ସତର୍କତା

୧. **ଅଧ ଘଣ୍ଟାଏ ଫୁଟାଯାଇ ଥଣ୍ଡା କରାଯାଇଥିବା ପାଣି** କିମ୍ବା ୧ ଲିଟର ପାଣିରେ ଗୋଟିଏ ହାଲୋଜେନ୍ ବଟିକା ପକାଇ ଅଧ ଘଣ୍ଟା ପରେ ପିଇବା ପାଇଁ ବ୍ୟବହାର କରନ୍ତୁ।

୨. ଖାଦ୍ୟ ପ୍ରସ୍ତୁତି ପୂର୍ବରୁ, ଖାଇବା ପୂର୍ବରୁ ଓ ଶୌଚ ହେବା ପରେ ସାବୁନ୍‌ରେ ଭଲଭାବେ ହାତ ଧୁଅନ୍ତୁ।

୩. କାହାର ଝାଡ଼ା / ବାନ୍ତି ଲକ୍ଷଣ ଦେଖାଦେଲେ ତୁରନ୍ତ ଓ.ଆର୍.ଏସ୍. ଦ୍ରବଣ ପିଆନ୍ତୁ ଓ ଡ଼ାକ୍ତରଖାନା ନିଅନ୍ତୁ। ବିଳମ୍ବ କଲେ ବିପଦ ଅଛି।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା

facebook.com/HFWOdisha
@HFWOdisha
http://www.health.odisha.gov.in/

## ଜାତୀୟ ଯୋଗ ଅଲମ୍ପିଆଡରେ ଓଡିଶାର ସଫଳତା



ସମ୍ବଲପୁର,(ସବ୍ୟୁ): ଜାତୀୟ ଯୋଗ ଅଲମ୍ପିଆଡରେ ଓଡିଶାର ୧୭ବର୍ଷିୟ ବାଳିକା ଦଳ ଚତୁର୍ଥ ସ୍ଥାନ ଅଧିକାର କରି ଗୌରବାନ୍ୱିତ କରିଛି । ଓଡିଶାର ଦଳର ଚାରି ଜଣ ପ୍ରତିଯୋଗୀଙ୍କ ମଧ୍ୟରୁ ୨ଜଣ ସମ୍ବଲପୁର ଜିଲ୍ଲାର ଅଟନ୍ତି । ଜନାର୍ଦ୍ଦନ ପୁଜାରୀ ସରକାରୀ ଉଚ୍ଚ ବିଦ୍ୟାଳୟ ସିନ୍ଦୁରପଙ୍କର ୧୦ମ ଶ୍ରେଣୀ ଛାତ୍ରୀ କବିତା ମାଝି ଓ ୯ମ ଶ୍ରେଣୀ ଛାତ୍ରୀ ତନିଆ ନେଗି ବୋଲି ଜଣାପଡିଛି । ଉଭୟେ କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ରାଜ୍ୟସ୍ତରୀୟ ଯୋଗ ଅଲମ୍ପିଆଡରେ ଭାଗ ନେଇ ପ୍ରଥମ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ । ସେମାନେ ଜାତୀୟ ସ୍ତର ପାଇ ମନୋନୀତ ହୋଇଥିବା ବେଳେ ଜୁନ ୧୫ରୁ ୧୮ ତାରିଖ ପର୍ଯ୍ୟନ୍ତ ତାମିଲନାଡୁର କନ୍ୟାକୁମାରୀ ଠାରେ ଜାତୀୟ ଯୋଗ ଅଲମ୍ପିଆଡରେ ଭାଗ ନେଇଥିଲେ । ଏହି ପ୍ରତିଯୋଗୀଙ୍କୁ ଗୁରୁ ଚିତ୍ତରଞ୍ଜନ ପଣ୍ଡା ଓ ସତ୍ୟନାରାୟଣ ପଣ୍ଡା ତାଲିମ ଦେଉଥିଲେ ।

## ମୁଖ୍ୟମନ୍ତ୍ରୀଙ୍କୁ ଅଶ୍ଳୀଳ ଭିଡିଓ ପୋଷ୍ଟ କରି ଗିରଫ

ରାୟଗଡା,(ସବ୍ୟୁ): ମୁଖ୍ୟମନ୍ତ୍ରୀଙ୍କୁ ଅଶ୍ଳୀଳ ଭିଡିଓ ପୋଷ୍ଟ କରି ଜଣେ ଯୁବକ ଗିରଫ। ଫେସବୁକରେ ଆପତ୍ତିଜନକ ଭିଡିଓ ପ୍ରସାରିତ ହେବା ପରେ ଏକ ଅଭିଯୋଗ ଦାଖଲ କରାଯାଇଥିଲା। ଯାହା ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କୁ ଟାର୍ଗେଟ କରି କରାଯାଇଥିଲା। ଏକ ଫେସବୁକ ପୃଷ୍ଠାରୁ ସେୟାର କରାଯାଇଥିବା ଭିଡିଓରେ ମୁଖ୍ୟମନ୍ତ୍ରୀଙ୍କୁ ଅଶ୍ଳୀଳ ଭାବରେ ଦର୍ଶାଯାଇଥିବା ଅଭିଯୋଗ ହୋଇଥିଲା । ଅଭିଯୋଗକାରୀ ଦାବି କରିଛନ୍ତି ଯେ ମୁଖ୍ୟମନ୍ତ୍ରୀଙ୍କ ବଦନାମ କରିବା, ସାଧାରଣ ଲୋକଙ୍କ ମଧ୍ୟରେ ତାଙ୍କ ଭାବମୂର୍ତ୍ତି ନଷ୍ଟ କରିବା ଉଦ୍ଦେଶ୍ୟରେ ଭିଡିଓଟିକୁ ବିକୃତ ଏବଂ ଭାଇରାଲ କରାଯାଇଥିଲା। ଏହା ଜଣେ ମହିଳାଙ୍କ ସମ୍ମାନକୁ ମଧ ବାଧା ଦେଇଥିଲା। କ୍ରାଇମବ୍ରାଞ୍ଚର ସାଇବର କ୍ରାଇମ ୟୁନିଟ୍ ତୁରନ୍ତ ଏହି ଘଟଣାର ତଦନ୍ତ କରିଥିଲା ଏବଂ ତଦନ୍ତ ରିପୋର୍ଟ ଆଧାରରେ ଏକ ମାମଲା ରୁଜୁ ହୋଇଥିଲା। ଆପତ୍ତିଜନକ ବିଷୟବସ୍ତୁ ହଟାଇବାକୁ ମେସର୍ସ ମେଟା ପ୍ଲାଟଫର୍ମ (ଫେସବୁକ୍) କୁ ଅନୁରୋଧ କରାଯାଇଥିଲା। ଯାହାକୁ ସେମାନେ ଯଥାସମ୍ଭବ ପାଳନ



କରିଥିଲେ। ଅଧିକ ତଦନ୍ତ ପରେ ଫେସବୁକ୍ ଆକାଉଣ୍ଟ ବ୍ୟବହାରକାରୀଙ୍କୁ ରାୟଗଡା ଜିଲ୍ଲାର ମୂଳ ବାସିନ୍ଦା କିଶୋର କୌଶଲ୍ୟାଙ୍କୁ ଚିହ୍ନଟ କରାଯାଇଥିଲା। କ୍ରାଇମବ୍ରାଞ୍ଚ ଟିମ୍ ତୁରନ୍ତ ରାୟଗଡାରୁ ଅଭିଯୁକ୍ତ କିଶୋର କୌଶଲ୍ୟାଙ୍କୁ କେଉଟାଗୁଡ଼ା ଷ୍ଟେସନ ସାହି, ଚାନ୍ଦିଲି ଥାନା ଅଞ୍ଚଳରୁ ଗିରଫ କରିଥିଲାଛ।

ସେ ଏକ ଏ ଆଇ ଜେନେରେଟେଡ୍, ମାର୍ଫଡ୍ ଅଶ୍ଳୀଳ ଭିଡିଓ ପ୍ରକାଶନ ଏବଂ ପ୍ରସାରଣ ପାଇଁ ବହୁ ଅପରାଧିକ ଅପରାଧ ପାଇଁ ଦାୟୀ। ତେଣୁ ତାଙ୍କୁ ୧୮.୦୬.୨୦୨୫ ରେ ଗିରଫ କରାଯାଇଥିଲା । ୭୮/୭୯/ ୨୯୪/୨୯୬/୩୩୬(୨)/ ୩୩୬(୪)/୩୪୦(୨) / ୩୫୬(୨)ବିଏନଏସ ଧାରା ୬୬-ସି/୬୭/୬୭-ଏଆଇଟି ଆଇନ ୨୦୦୦ ଧାରା ୩ ମହିଳା ଅଶୋଭନୀୟ ପ୍ରତିନିଧିତ୍ୱ (ନିଷେଧ) ଆଇନ ୧୯୮୬ ଅନୁଯାୟୀ ଭୁବନେଶ୍ୱର ଏଡିଜିଏମ ଭୁବନେଶ୍ୱରର କୋର୍ଟକୁ ପଠାଯାଇଥିଲା। ଏପରି ବେଆଇନ କାର୍ଯ୍ୟରେ ଲିପ୍ତ ଥିବା ବ୍ୟକ୍ତିମାନଙ୍କ ବିରୁଦ୍ଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ସୋସିଆଲ ମିଡିଆରେ ପୋଷ୍ଟ କିମ୍ବା ସେୟାର କରୁଥିବା ବିଷୟବସ୍ତୁ ପ୍ରତି ସତର୍କ ରହିବାକୁ ଅନୁରୋଧ କରିଛି କ୍ରାଇମବ୍ରାଞ୍ଚର ସାଇବର ଶାଖା।

## ଶିଶୁ ଶ୍ରମିକ ମୁକ୍ତ ହେବ ନୂଆପଡ଼ା ଜିଲ୍ଲା : ଜିଲ୍ଲାପାଳ

ନୂଆପଡ଼ା,(ସବ୍ୟୁ): ନୂଆପଡ଼ା ଜିଲ୍ଲା ମୁଖ୍ୟାଳୟରେ ଜିଲ୍ଲା ପ୍ରଶାସନ ତଥା ଶ୍ରମ ବିଭାଗ ପକ୍ଷରୁ ଶିଶୁ ଶ୍ରମିକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ମଧୁସୂଦନ ଦାଶ ନିଜ କାର୍ଯ୍ୟାଳୟରୁ ପତାକା ପ୍ରଦର୍ଶନ କରି ସଚେତନତା ରଥ ଓ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ । ରାଜ୍ୟ ସରକାର ଶିଶୁ ଶ୍ରମ ମୁକ୍ତ ଓଡିଶା କରିବାକୁ ସଂକଳ୍ପ ନେଇଛନ୍ତି । ଆଇନତଃ ୧୪ ବର୍ଷରୁ କମ୍ ବୟସର ଶିଶୁଙ୍କୁ କୌଣସି କାମରେ ନିୟୋଜିତ କରିବା ଦଣ୍ଡନୀୟ ଅପରାଧ । ୧୫ ରୁ ୧୮ ବର୍ଷ ମଧ୍ୟରେ କିଶୋର କିଶୋରୀ ମାନଙ୍କୁ ବିପଦସଙ୍କୁଳ କାମରେ ନିୟୋଜିତ କରାଯିବନାହିଁ । ଏପରି କଲେ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା ଏବଂ ଦୁଇ ବର୍ଷ ଜେଲ ଦଣ୍ଡାଦେଶ ହୋଇପାରେ । ଯାହା ନଜରରେ ଏଭଳି ଶିଶୁ ଶ୍ରମିକ ଆସିବ ତୁରନ୍ତ ପୋଲିସ, ପ୍ରଶାସନ କିମ୍ବା ଶ୍ରମ ବିଭାଗର ନଜରକୁ ଆଣିବେ । କାର୍ଯ୍ୟକ୍ରମକୁ ସାକାର କରିବା ପାଇଁ ଜନସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ନୂଆପଡ଼ା ଜିଲ୍ଲାର ସବୁ ପଞ୍ଚାୟତରେ ଏହି ରଥ ବୁଲିବ । ଜିଲ୍ଲା ଶ୍ରମ ବିଭାଗ ଅତିରିକ୍ତ ଶ୍ରମ କମିଶନର ରବିନ୍ଦ୍ର କୁମାର ବାର୍ଲାଙ୍କ ଦ୍ୱାରା ଆୟୋଜିତ ଏହି ଶୋଭାଯାତ୍ରାରେ ଜିଲ୍ଲାପାଳଙ୍କ ସହିତ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପ ଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଅଧିକାରୀ, କର୍ମଚାରୀ, ଅବକାରୀ ବିଭାଗ ଅଧିକାରୀ, ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ, ଶ୍ରମିକ ସଂଘ କର୍ମକର୍ତ୍ତା, ସ୍ୱେଚ୍ଛାସେବୀ ସଂଗଠନ, ଗଣମାଧ୍ୟମର ପ୍ରତିନିଧି ଯୋଗଦେଇଥିଲେ । ଏହି ଅବସରରେ ଜିଲ୍ଲାପାଳ କହିଲେ ଯେ ଶିଶୁ ଶ୍ରମିକ ପ୍ରଥା ସମାଜର ଏକ କଳଙ୍କ । ଜିଲ୍ଲାରୁ ପ୍ରବାସୀ ଶ୍ରମିକ ଚାଲାଣ ଏବଂ ମାଦକ ଦ୍ରବ୍ୟର ବ୍ୟବହାର ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ଜିଲ୍ଲା ପ୍ରଶାସନ ଜନସାଧାରଣଙ୍କୁ ସଚେତନ କରିବା ସହିତ ସେମାନଙ୍କ ସହଯୋଗ କାମନା କରୁଛି ।

## ଅଧ୍ୟାପକ ଓ କର୍ମଚାରୀଙ୍କ ଅନୁଦାନ ପାଇଁ ଧାରଣା

ବଲାଙ୍ଗିର,(ସବ୍ୟୁ): ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘର ରାଜ୍ୟ ସଭାପତି ବିଶ୍ୱରଞ୍ଜନ ଦାଶଙ୍କ ଆହ୍ୱାନ କ୍ରମେ ତା ୧୮-୦୬-୨୦୨୫ ବୁଧବାର ବଲାଙ୍ଗିର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୧୨ ଘଣ୍ଟିଆ ଧାରଣା ଦିଆଯାଇଥିଲା । ବଲାଙ୍ଗିର ଜିଲ୍ଲା ସଂଯୋଜକ ସନ୍ତୋଷ କୁମାର ରାଉତଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଧାରଣାରେ ଜିଲ୍ଲାର ବିଭିନ୍ନ ଅନୁଦାନ ଓ ଅଣଅନୁଦାନ ପ୍ରାପ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଅଧ୍ୟାପକ ଓ କର୍ମଚାରୀମାନେ ଯୋଗ ଦେଇଥିଲେ। ପ୍ରକାଶ ଥାଉକି ପୂର୍ବରୁ ସମସ୍ତ ବିଧାୟକ ଓ ମନ୍ତ୍ରୀମାନଙ୍କ ସହିତ ବିଭିନ୍ନ ସରକାରୀ ଅଧିକାରୀଙ୍କୁ ଏ ସମ୍ପର୍କରେ ଅବଗତ କରାଯାଇଥିଲା ବେଳେ ସରକାର ସେଥିପ୍ରତି କର୍ଣ୍ଣପାତ କରୁନଥିବାରୁ ସଂଘ ବାଧ ହୋଇ ରାଜ୍ୟର ସମସ୍ତ ଜିଲ୍ଲାରେ ଆନ୍ଦୋଳନର ଡାକରା ଦେଇଛି ଏବଂ ଭବିଷ୍ୟତରେ ରାଜ୍ୟସ୍ତରରେ ଏକ ବିରାଟ ଆନ୍ଦୋଳନ କରିବାକୁ ପ୍ରସ୍ତୁତ ହେଉଛି। ବଲାଙ୍ଗିର ଜିଲ୍ଲା ସଂଘ ପକ୍ଷରୁ ଅନୁଷ୍ଠିତ ଏହି ଆନ୍ଦୋଳନକୁ ପାଟଣାଗଡ଼ ଖଣ୍ଡ ସଂଯୋଜକ ପୂର୍ଣ୍ଣଚନ୍ଦ୍ର ସାହୁ, ମୁରିବାହାଲ ଖଣ୍ଡ ସଂଯୋଜକ ଅଂଶୁମାନ ଦାସ, ତୁରେକେଲା ଖଣ୍ଡ ସଂଯୋଜକ ଯୁଗଳ କିଶୋର ପଟେଲ, ଜିତେନ୍ଦ୍ର ଦାସ, ସୁକୁମାର ସାହୁ, ଅବନ୍ତି ପଧାନ, ନିକିତା ବିଶି, ଗୁଣସାଗର ଠାକୁର ପ୍ରମୁଖ ସହଯୋଗ କରିଥିଲେ।

## ବୌଦ୍ଧ ଡାଇରି ଫାର୍ମ ଅସ୍ଥାୟୀ କର୍ମଚାରୀଙ୍କ ଗୁହାରି ଶୁଣିବ କିଏ ?

ବୌଦ୍ଧ,(ସବ୍ୟୁ): ବୌଦ୍ଧ ଡାଇରୀଫାର୍ମରେ ଅସ୍ଥାୟୀ ଭାବରେ କାର୍ଯ୍ୟ କରୁଥିବା ୭ ଜଣ କର୍ମଚାରୀ ଚାକିରୀ ନିୟମିତ ହେବା ଆଶାରେ ଦୀର୍ଘ ୩୦ବର୍ଷ ହେଲା ଗୋମାତାଙ୍କ ସେବା କରି ଚାଲିଛନ୍ତି। ଏହି ଅସ୍ଥାୟୀ କର୍ମଚାରୀମାନେ ୧୯୯୦ ମସିହା ଠାରୁ ଡାଇରୀଫାର୍ମରେ ଗୋ ସେବା କାର୍ଯ୍ୟ କରିଆସୁଥିବାବେଳେ ଚାକିରୀ ନିୟମିତ ହୋଇନଥିବାରୁ ସେମାନଙ୍କ ପରିବାର ଆର୍ଥିକ ଅସୁବିଧା ମଧ୍ୟରେ ଗତି କରୁଛନ୍ତି। ସରକାର ଅନେକ ଥର ବିଭାଗୀୟ ଚତୁର୍ଥ ଶ୍ରେଣୀ କର୍ମଚାରୀ ପଦବୀ ପୂରଣ କରିଥିଲେ ମଧ୍ୟ ଦୀର୍ଘବର୍ଷ ଧରି ନିଷ୍ଠାର ସହିତ କାର୍ଯ୍ୟକରି ଆସୁଥିବା ଏହି କର୍ମଚାରୀଙ୍କ ନାମ ବିଚାରକୁ ନେଇନଥିବା ଅଭିଯୋଗ କରିଛନ୍ତି। ଏକ ଆଉଟସୋର୍ସିଂ ସଂସ୍ଥା ନିକଟରେ ତିନି ବ୍ଲକରେ ଜଣେ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇଥିବା ବେଳେ ଦୀର୍ଘବର୍ଷ ଧରି କାର୍ଯ୍ୟ କରୁଥିବା କର୍ମଚାରୀଙ୍କୁ ଅବହେଳା କରାଯାଇଥିବା ଅଭିଯୋଗ ହେଉଛି ।

## ବୌଦ୍ଧ ଜିଲ୍ଲା ଅଲ ଓଡିଶା ସ୍ନାତକ ଅଙ୍ଗନୱାଡି କର୍ମୀ ସଂଘ ଗଠିତ

ବୌଦ୍ଧ,(ସବ୍ୟୁ): ବୌଦ୍ଧ ରାଜବାଟୀ ସ୍ଥିତ ମାହେଶ୍ୱରୀ ସଂସ୍କୃତି ଭବନ ଠାରେ ଅଲ ଓଡିଶା ସ୍ନାତକ ଅଙ୍ଗନୱାଡି କର୍ମୀ ସଂଘ ଆହ୍ୱାନ କ୍ରମେ ଜିଲ୍ଲାରେ ଏକ କମିଟି ଗଠନ କରିବା ପାଇଁ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ଜିଲ୍ଲା ପର୍ଯ୍ୟବେକ୍ଷକ ଭାବେ ବରଗଡ଼ ଜିଲ୍ଲା ସଭାନେତ୍ରୀ ବିନ୍ଦୁଲତା ପ୍ରଧାନ, ସମ୍ପାଦିକା କ୍ରିଷ୍ଣା ପାଣ୍ଡେ, କୋଷାଧ୍ୟକ୍ଷ ଜ୍ୟୋତ୍ସ୍ନାରାଣୀ ପ୍ରଧାନ ଓ ଉପଦେଷ୍ଟା ତ୍ରିଲୋଚନ ସାହୁ ଯୋଗଦେଇ ସରକାର ସ୍ନାତକ କର୍ମୀ ମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ନିଯୁକ୍ତି ଦେବା ପାଇଁ ଦାବୀ ଉପସ୍ଥାପନା କରିଥିଲେ । ସାରା ଓଡିଶାର ପ୍ରତ୍ୟେକ ଜିଲ୍ଲାରେ ସଂଗଠନ କରି ଜିଲ୍ଲା ୱାରୀ ନିଯୁକ୍ତି ପାଇବେ । ଏହା ଉପରେ ସଂଘ ଧ୍ୟାନ ଦେବା ସହିତ ଲଢେଇ କରିବା ପାଇଁ ପ୍ରତିଶୃତି ଦେଇଥିଲେ । ଏହି ଅବସରରେ ବୌଦ୍ଧ ଜିଲ୍ଲା କମିଟି ଗଠନ କରାଯାଇ ସଭାନେତ୍ରୀ ଭାବେ କଲ୍ୟାଣୀ ମିଶ୍ର,ଉପ ସଭାନେତ୍ରୀ ଲିଲି ପ୍ରଧାନ, ସମ୍ପାଦିକା ସୁପ୍ରଭା ମିଶ୍ର, ସହ ସମ୍ପାଦିକା ମାନସୀ ସାହୁ, କୋଷାଧ୍ୟକ୍ଷ ସୁଚିତ୍ରା ଦେହୁରୀ, କାର୍ଯ୍ୟକାରୀ ସଦସ୍ୟା ଭାବେ ସୁନନ୍ଦା ନାଏକ, ପୁଷ୍ପାଞ୍ଜଳି ନାଗ, ଶୋଭାଗିନୀ ପାଢ଼ୀ, କୈଳାସ ନାଏକ, ସୁମତୀ ନାଏକଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଥିଲା। ଆସନ୍ତା ଦିନରେ ରାଜ୍ୟ ସଂଘ ଯେଉଁ ନିଷ୍ପତ୍ତି ନେବ ତାହା ସମସ୍ତେ ମାନି କାର୍ଯ୍ୟ କରିବା ପାଇଁ ସହମତି ପ୍ରଦାନ କରିଥିଲେ ।

## ବିକାଶ ମେଳାରେ ଶିକ୍ଷା ବିଭାଗର ବିଭିନ୍ନ ଉନ୍ନୟନ ମୂଳକ ଯୋଜନା ଉପରେ ଆଲୋଚନା

ବୌଦ୍ଧ,(ସବ୍ୟୁ): ବିକାଶ ମେଳା ଅବସରରେ ସ୍ଥାନୀୟ କଚେରୀ ପଡିଆରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ବିକାଶ ମେଳାରେ ଶିକ୍ଷା ବିଭାଗ ପକ୍ଷରୁ ମଞ୍ଚରେ ବିଭିନ୍ନ ଉନ୍ନୟନ ମୂଳକ ଯୋଜନା ଉପରେ ଆଲୋଚନା ହୋଇଥିଲା । ମୁଖ୍ୟ ଅତିଥି ଭାବରେ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା , ସମ୍ମାନୀତ ଅତିଥି ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ , ଉପ- ଜିଲ୍ଲାପାଳ ପ୍ରବୀଣ କୁମାର ବାଣୁଆ ତଥା ସମସ୍ତ ବିଭାଗୀୟ ମୁଖ୍ୟ ଓ ଜନସାଧାରଣଙ୍କ ଉପସ୍ଥିତିରେ ଆଲୋକପାତ କରାଯାଇଥିଲା । ଜିଲ୍ଲା ଶିକ୍ଷା ଅଧିକାରୀ ଟେମଲାଲ ଦୁବେଙ୍କ ତତ୍ତ୍ୱାବଧାନରେ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଚୂଡାମଣି ବାରିକ , ବୌଦ୍ଧ ବ୍ଲକର ଗୋଷ୍ଠୀ ଶିକ୍ଷା ଅଧିକାରୀ ଉପେନ୍ଦ୍ର ପ୍ରଧାନ ଓ ହରଭଙ୍ଗା ଗୋଷ୍ଠୀ ଶିକ୍ଷା ଅଧିକାରୀ ହାଡିବନ୍ଧୁ ବେହେରାଙ୍କ ଉପସ୍ଥିତିରେ ବୌଦ୍ଧ ବ୍ଲକର ସହ- ଗୋଷ୍ଠୀ ଶିକ୍ଷା ଅଧିକାରୀ କମଳା କାନ୍ତ ଦଳବେହେରା ମଞ୍ଚ ପରିଚାଳନା କରିଥିଲେ । ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଚୂଡାମଣି ବାରିକ ଜିଲ୍ଲା ଶିକ୍ଷା ବିଭାଗ ତରଫରୁ ବିଭିନ୍ନ ନୂତନ ଯୋଜନାର ରୂପରେଖ ଓ ଏହାର ସଫଳତାର ସୂତ୍ର ଉପରେ ଆଲୋଚନା କରିଥିବା ବେଳେ ବୌଦ୍ଧ ଗୋଷ୍ଠୀ ଶିକ୍ଷା ଅଧିକାରୀ ଉପେନ୍ଦ୍ର ପ୍ରଧାନ ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ କାର୍ଯ୍ୟକ୍ରମ ଉପରେ ଆଲୋଚନା କରିଥିଲେ । ହରଭଙ୍ଗା ଗୋଷ୍ଠୀ ଶିକ୍ଷା ଅଧିକାରୀ ହାଡିବନ୍ଧୁ ବେହେରା ଶିକ୍ଷା କ୍ଷେତ୍ରରେ ନୂଆ ନୂଆ ଜନସମ୍ପର୍କ କାର୍ଯ୍ୟକ୍ରମ ଉପରେ ସୂଚନା ଦେଇଥିଲେ । ଜିଲ୍ଲା ଶିକ୍ଷା ଅଧିକାରୀ ଟେମଲାଲ ଦୁବେ ଶିକ୍ଷା ବିଭାଗର ନ୍ୟାଶନ୍ୟାଲ ଏଜୁକେଶନ ପଲିସି, ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା ,ସ୍କଲାରସିପ, ପିଏମଶ୍ରୀ ସ୍କୁଲ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ ।

## ମୋବାଇଲ ଚୋର ଗିରଫ ଚାରି ମୋବାଇଲ ଉଦ୍ଧାର

ରେଢ଼ାଖୋଲ,(ସବ୍ୟୁ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଥାନା ଲୁହାପଙ୍କ ପଞ୍ଚାୟତ ଅନ୍ତର୍ଗତ ବୈଷ୍ଣବଝୁଲି ଗ୍ରାମରୁ ଜଣେ ମୋବାଇଲ ଚୋରକୁ ପୋଲିସ ଗିରଫ କରିବା ସହ ୪ଟି ମୋବାଇଲ ଉଦ୍ଧାର କରିଛି । ଗିରଫ ଅଭିଯୁକ୍ତ ହେଲେ ବଳିଆ ଦାସ । ସେ ଭଞ୍ଜନଗର ଅଞ୍ଚଳର ମୂଳ ବାସିନ୍ଦା । ହେଲେ ବର୍ତ୍ତମାନ ସେ ରେଢ଼ାଖୋଲ ଥାନା ବୈଷ୍ଣବଝୁଲି ଗ୍ରାମରେ ତାଙ୍କ ଶ୍ୱଶୁର ଘରେ ୧୫ ବର୍ଷ ହେବ ରହି ଆସୁଛନ୍ତି । ସୂଚନା ଅନୁସାରେ ସୋନପୁର ଜିଲ୍ଲାର ସୁବଳୟା ଥାନା ଚଉକା ଗ୍ରାମର ଆଲୋକ ମହାକୁଡ଼, ରେଢ଼ାଖୋଲ ଥାନା ଲୁହାପଙ୍କ ଗ୍ରାମକୁ ଆସି ସିମେଣ୍ଟ ରିଙ୍ଗ ନିର୍ମାଣ କାମ କରନ୍ତି । ପୋଲିସ କେସ୍ ନମ୍ବର ୧୪୪/୨୦୨୫ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି ।

## କଳାବ୍ୟାଚ ପରିଧାନ କରି ଆନ୍ଦୋଳନରେ ବନ କର୍ମଚାରୀ

ବୌଦ୍ଧ,(ସବ୍ୟୁ): ବନ କର୍ମଚାରୀ ମାନଙ୍କର ବିଭିନ୍ନ ଦାବି ନେଇ ରାଜ୍ୟ ଅଣଗେଜେଟେଡ ବନସେବା ସଂଘ ରାଜ୍ୟ ସଭାପତି ଜଗବନ୍ଧୁ ପାତ୍ରଙ୍କ ନେତୃତ୍ୱରେ ବନ କର୍ମଚାରୀମାନେ କଳାବ୍ୟାଚ ପରିଧାନ କରି ଆନ୍ଦୋଳନକୁ ଓହ୍ଲାଇଛନ୍ତି । ଏହି ଆନ୍ଦୋଳନ ବୌଦ୍ଧ ଜିଲ୍ଲାରେ ମଧ ଦେଖିବାକୁ ମିଳିଛି । ଜିଲ୍ଲାର ସମସ୍ତ ୫ଟି ଯାକ ରେଞ୍ଜ ବୌଦ୍ଧ,କଣ୍ଟାମାଳ. ମନମୁଣ୍ଡା,ପୁରୁଣାକଟକ ଓ ମାଧପୁର ରେଞ୍ଜରେ କାର୍ଯ୍ୟରତ ବନ କର୍ମଚାରୀମାନେ କଳାବ୍ୟାଚ ପରିଧାନ କରି ଆନ୍ଦୋଳନକୁ ଓହ୍ଲାଇଛନ୍ତି । ଦାବି ପୂରଣ ନ ହେଲେ ଆସନ୍ତା ୨୨ ତାରିଖରୁ ସମୁହ ଛୁଟିରେ ଯିବାକୁ ସଂଘ ପକ୍ଷରୁ ସୂଚନା ଦିଆଯାଇଛି । ସୂଚନା ମତେ,ଢେଙ୍କାନାଳ ଡିଭିଜନ ହିନ୍ଦୋଳ ରେଂଜ ବନରକ୍ଷୀ ପ୍ରହ୍ଲାଦ ପ୍ରଧାନଙ୍କ ହତ୍ୟା ଘଟଣାର ଦୃଢ କାର୍ଯ୍ୟାନୁଷ୍ଠାନ ଓ କେନ୍ଦୁଝର ଜିଲ୍ଲା ବଡବିଲ ରେଂଜ ଗୁଆଲି ସେକ୍ସନ କେନ୍ଦୁଡିହି ଅଂଚଳରେ ହାତୀ ଆକ୍ରମଣରେ ଦୁଇଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଏହି ଘଟଣାର ତଦନ୍ତ କରିବାକୁ ଯାଇଥିବା ରେଞ୍ଜର ଓ ବନ କର୍ମଚାରୀଙ୍କୁ ମାଡ ମାରିଥିବା ଲୋକଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ,ସରକାର ଏସଓପି ଜାରି କରୁନ୍ତୁ ନହେଲେ କୌଣସି ବନ କର୍ମଚାରୀ ଆଉ ଜଙ୍ଗଲ ଭିତରକୁ ଯାଇ କାର୍ଯ୍ୟ କରିବାକୁ ଆଗ୍ରହ ଦେଖାଇବେ ନାହିଁ। ବିଭିନ୍ନ ସମସ୍ୟା ନେଇ ବିଭାଗୀୟ ମନ୍ତ୍ରୀ ସଂଘକୁ ଡାକି ଆଲୋଚନା କରିବା,ଫରେଷ୍ଟ କମିଶନ ଗଠନ ,କର୍ମଚାରୀ ମାନଙ୍କ ବୀମା ଓ ସୁରକ୍ଷା ଆଦି ଦାବିନେଇ କର୍ମଚାରୀମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି ।ଏହି ଆନ୍ଦୋଳନ ସମୟରେ କୌଣସି କର୍ମଚାରୀ କେସ ପ୍ରୋସିକ୍ୟୁସନ କାର୍ଯ୍ୟ, ପେଟ୍ରୋଲିଂ ଭଳି ବିପଦପୁର୍ଣ୍ଣ କାର୍ଯ୍ୟ କରିବେ ନାହିଁ ବୋଲି ଜଣାପଡିଛି । ୨୨ ତାରିଖ ପର୍ଯ୍ୟନ୍ତ କଳାବ୍ୟାଚ ପିନ୍ଧି ପ୍ରତିବାଦ କରିବା ସହ ୨୨ ତାରିଖ ସୁଧା ଦାବୀ ପୁରଣ ନହେଲେ ସମସ୍ତ କର୍ମଚାରୀ ସାମୁହିକ ଛୁଟି ରେ ରହି ନିଜରସର୍କଲ ଆଗରେ ୟୁନିଫର୍ମ ପିନ୍ଧି ଶାନ୍ତିପୁର୍ଣ୍ଣ ଧାରଣା ଦେବେ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି । ଆନ୍ଦୋଳନରେ ରାଜ୍ୟ ସଂଘ ସଭାପତି ଜଗବନ୍ଧୁ ପାତ୍ର,ଜିଲ୍ଲା ସଂପାଦକ ସୁଶାନ୍ତ ସାହୁ.କୋଷାଧ୍ୟକ୍ଷ ପ୍ରଦିପ ସାହୁ, ପ୍ରସନ୍ନ କୁମାର ପ୍ରଧାନ,ଲାଲକୃଷ୍ଣ ସାହୁ, ରମାକାନ୍ତ ପାଣିଗ୍ରାହି,ଚିଦାନନ୍ଦ ବେହେରା ପ୍ରମୁଖ ଆନ୍ଦୋଳନରେ ବସିଛନ୍ତି ।

## ବିକାଶ ମେଳାରେ ଭୂମିହୀନ ପରିବାରଙ୍କୁ ବସୁନ୍ଧରା ପଟ୍ଟା ପ୍ରଦାନ

ବରଗଡ଼,(ସବ୍ୟୁ): ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ ସ୍ଥାନୀୟ ଯଦୁମଣି ପ୍ରଧାନ ଅଡିଟୋରିୟମ ଠାରେ ଆୟୋଜିତ ହେଉଥିବା ଜିଲ୍ଲାସ୍ତରୀୟ ବିକାଶ ମେଳାର ତୃତୀୟ ଦିବସରେ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁରଶ ପୂଜାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓରମାସ ପଲ୍ଲିଶ୍ରୀ ମେଳା, ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରଦର୍ଶନୀ ବୁଲି ଦେଖିଥିଲେ । ପରେ ଜିଲ୍ଲାର ସମସ୍ତଗ୍ରାମ୍ୟ ଜଳ ପରିମଳ କମିଟିର ସଦସ୍ୟ ତଥା ସମସ୍ତ ସରପଞ୍ଚ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ପିଇଓ, ଏବଂ ଜେଇ ମାନଙ୍କୁ ନେଇ ଆୟୋଜିତ ହୋଇଥିବା ଏକ ସାଧାରଣ ସଭା ଓ ପ୍ରଶିକ୍ଷଣ ଶିବିରକୁ ସମ୍ବୋଧିତ କରିଥିଲେ । ଏହି ଅବସରରେ ମନ୍ତ୍ରୀ ଶ୍ରୀ ପୁଜାରୀ ବିକଶିତ ଓଡିଶା ଗଠନରେ ରାଜ୍ୟ ସରକାରଙ୍କ ଏକ ବର୍ଷର ଉପଲବ୍ଧି ତଥା ବିଭିନ୍ନ ଯୁଗାନ୍ତକାରୀ ଯୋଜନା ବିଷୟରେ କହିବା ସହ ବରଗଡ଼ ତହସିଲ ଅନ୍ତର୍ଗତ ବରଗାଁ, ସାଲେପାଲି ଏବଂ ସାଇଆନ ଗ୍ରାମର ମୋଟ ୩୮ ଜଣ ଭୂମିହୀନ ପରିବାରକୁ ବସୁନ୍ଧରା ପଟ୍ଟା ପ୍ରଦାନ କରିଛନ୍ତି। ମନ୍ତ୍ରୀ ଶ୍ରୀ ପୁଜାରୀ ବରଗଡ଼ ତହସିଲ ଅନ୍ତର୍ଗତ ୪ଗୋଟି ପ୍ରାଥମିକ ବିଦ୍ୟାଳୟ ସମେତ ଅତାବିରା ତହସିଲ ଅନ୍ତର୍ଗତ ମୋଟ ୧୬ ଗୋଟି ପ୍ରାଥମିକ ବିଦ୍ୟାଳୟର ନିଜସ୍ୱ ଜମିପଟ୍ଟା ପ୍ରଦାନ କରିଛନ୍ତି। ଜିଲ୍ଲା ସ୍ତରୀୟ ବିକାଶ ମେଳା ଅବସରରେ ଆୟୋଜିତ ହୋଇଥିବା ଚିତ୍ରଶିଳ୍ପୀ ଶିବିରକୁ ଉଦଘାଟନ କରିବା ସହ ସମସ୍ତଙ୍କୁ ଉତ୍ସାହିତ କରିଥିଲେ । ମୋ ସ୍ୱପ୍ନର ବରଗଡ,ମୋ ସ୍ୱପ୍ନର ଓଡିଶା ତଥା ମୋ ସ୍ୱପ୍ନର ଭାରତ ଶୀର୍ଷକରେ ଆୟୋଜିତ ଏହି ଶିବିରରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ୧୦ ଜଣ ଚିତ୍ରଶିଳ୍ପୀ ଯୋଗ ଦେଇ ନିଜ ତୁଳିରେ ଆଙ୍କିଥିଲେ ବିକାଶର ବାର୍ତ୍ତା । ଏହି ଅବସରରେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତଙ୍କ ସମେତ ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ, ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ, ଜିଲ୍ଲାପାଳ ଆଦିତ୍ୟ ଗୋୟଲ, ଅତିରିକ୍ତ ଜିଲ୍ଲାପାଳ ମହେନ୍ଦ୍ର ମହାପାତ୍ର ଏବଂ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଲାଟ କୁମାର ଲୁହା ମଂଚାସୀନ ହୋଇ ରାଜ୍ୟ ସରକାରଙ୍କ ସମସ୍ତ ଯୋଜନା ଆମ ବରଗଡ଼ ଜିଲ୍ଲାର ସମସ୍ତ ଲୋକଙ୍କ ପାଖକୁ ପହଂଚାଇବା ପାଇଁ କାର୍ଯ୍ୟ କରିବାକୁ ମତ ରଖିଥିଲେ।

## ୩ବର୍ଷର ଶିଶୁ ଇଣ୍ଡିଆ ବୁକ ଅଫ୍ ରେକର୍ଡରେ ସ୍ଥାନିତ

ଗୋଲାମୁଣ୍ଡା,(ସବ୍ୟୁ): ସ୍କୁଲ ବାରଣ୍ଡା ମାଡି ନ ଥିବା କୁନି ପୁଅ ଇଣ୍ଡିଆ ବୁକ ଅଫ ରେକର୍ଡରେ ନିଜ ନାମ ସ୍ଥାନୀତ କରିଛନ୍ତି । ଯେଉଁ ବୟସରେ କଥା କହୁ କହୁ ପାଟି ଲାଗିଯାଏ ସେହି ବୟସରେ ଦେଶ ବିଦେଶର ସାଧାରଣ ଜ୍ଞାନ, ଇଂରାଜୀରେ ପଶୁ,ପକ୍ଷୀ,ଫୁଲ, ଫଳ, ମନ୍ତ୍ର ଶ୍ଳୋକ,ମନେ ରଖି ନିର୍ଭୁଲ ଭାବରେ କହି ନିଜର ଚମତ୍କାର ପ୍ରତିଭାକୁ ପ୍ରକାଶ କରିଛନ୍ତି । ଏହି କୁନି ପୁଅର ନାଁ ହେଉଛି ତନୁଶ ଶେଖର ନାଏକ । ବୟସ ୩ ବର୍ଷ । ବାପା ଟିକେ ନାଏକ ଓ ମାଆ ମଞ୍ଜୁଲତା ନାଏକ । ଗାଁ ପରାଶରା ବ୍ଲକ ବୋଡ଼େନ ଜିଲ୍ଲା ନୂଆପଡା ବର୍ତମାନ ବାପା ଗୋଲାମୁଣ୍ଡା ଅଗ୍ନିଶମ ବିଭାଗରେ ଚାକିରୀ



କରୁଛନ୍ତି । ପୁଅର ଏହି ଚମତ୍କାର ପ୍ରତିଭା ପାଇଁ ନିଜ ସମ୍ପର୍କୀୟ ବନ୍ଧୁ ବାନ୍ଧବ ଓ ସ୍ଥାନୀୟ ଅଗ୍ନିଶମ ବିଭାଗର କର୍ମଚାରୀ ମାନେ ଶୁଭେଚ୍ଛା ଜଣାଇବା ସହିତ ପୁଅର ଉଜ୍ଜଳ ଭବିଷ୍ୟତ କାମନା କରିଛନ୍ତି । ମାଆ ମଞ୍ଜୁଲତା ନାଏକ ପ୍ରତିଦିନ ପୁଅକୁ ଗୀତ ଗପ ପାଠ କହୁଥିବା ବେଳେ ପୁଅ ତାକୁ ସଙ୍ଗେ ସଙ୍ଗେ ମନେ ରଖି ଦେଉଥିବାରୁ ପରିବାର ଲୋକେ ଏହି ବିଚକ୍ଷଣ ସ୍ମରଣ ଶକ୍ତିକୁ ଜାଣି ପାରି ଆହୁରି ଅଧିକ ଧାନ ଦେବା ଫଳରେ ବର୍ତ୍ତମାନ ଯେ କୌଣସି ପାଠକୁ ମଧ ମନେ ରଖି ଦେଉଛି ବୋଲି ପରିବାର ଲୋକେ ଖୁସି ବ୍ୟକ୍ତ କରିଥିଲେ।

## ଜିଲ୍ଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

କନ୍ଧମାଳ,(ସବ୍ୟୁ): କନ୍ଧମାଳ ବ୍ଲକ ସମ୍ମିଳନୀ କକ୍ଷରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା ଓ ଏସପି ରାହୁଲ ଗୋୟଲଙ୍କ ମିଳିତ ଯୁଗ୍ମ ଅଭିଯୋଗ ଶୁଣାଣୀ ଓ ସମାଧାନ ଶିବିର ଅନୁଷ୍ଠିତ ହୋଇଯାଇଛି। ୬୮ଅଭିଯୋଗ ପଞ୍ଜିକୃତ ହୋଇଥିବା ବେଳେ ବ୍ୟକ୍ତିଗତ ୬୧ଟି ଓ ଗୋଷ୍ଠୀଗତ ୦୭ଗୋଟି ହୋଇ ଥିଲା । ୮ ଜଣଙ୍କୁ ନୂତନ ଭତ୍ତା ପ୍ରଦାନ କରା ଯାଇଥିଲା । ଜଣଙ୍କୁ ହ୍ୱିଲ ଚେୟାର ଦିଆ ଯାଇଥିଲା । ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିବା ସହ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ସମାଧାନ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ,ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ଉପଜିଲ୍ଲାପାଳ ପ୍ରବୀଣ କୁମାର ବାଣୁଆ,ତହସିଲଦାର ଶ୍ୱେତପଦ୍ମା ଯୋଶୀ,ଅତିରିକ୍ତ ତହସିଲଦାର ତଥା ଭାରପ୍ରାପ୍ତ ବିଡ଼ିଓ ଧନଞ୍ଜୟ ସାହୁ , ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଜୟ ମହନ୍ତ ,ଏପିଓ ସଂଜିତ କୁମାର ମିଶ୍ର,ଗ୍ରାମ ପଂଚାୟତ ଉନ୍ନୟନ ଅଧିକାରୀ ଜୟ ଦେବ ପ୍ରଧାନ,ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ ଗୋବିନ୍ଦ ଚନ୍ଦ୍ର ନାଏକ,ସହକାରୀ ଯନ୍ତ୍ରୀ,ଇଂ ଅଜିତ କୁମାର ସେଠୀ,କନିଷ୍ଠ ଯନ୍ତ୍ରୀ ରବିନ୍ଦ୍ର ଆଚାରି, ,ବିଏସଏସଓ ସୂର୍ଯ୍ୟ ନାରାୟଣ ଦାସ,କନ୍ଧମାଳ ମେଡିକାଲ ଅଫିସର ଡାକ୍ତର ଜଗଦୀଶ ସେଠି, ସିଡିପିଓ ପଙ୍କଜିନୀ ମିଶ୍ର,କନ୍ଧମାଳ ଥାନା ଅଧିକାରୀ ଭାବନନ୍ଦ ପ୍ରଧାନ ସମେତ କନ୍ଧମାଳ ବ୍ଲକର ସମସ୍ତ ଅଧିକାରୀ ଓ କର୍ମଚାରୀ ଶିବିର ପରିଚାଳନାରେ ସହଯୋଗ କରିଥିଲେ ।

## କିଶୋରୀଙ୍କ ସଶକ୍ତିକରଣ ନେଇ ଦକ୍ଷତା ତାଲିମ୍

ବଲାଙ୍ଗିର,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ସ୍ଥିତ ମିଶନ ଶକ୍ତି ଭବନ ସଭା ଗୃହରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କ ଆୟୋଜନ କ୍ରମେ ଅଦ୍ୱିକା ସଙ୍ଗଠନ ଜରିଆରେ କିଶୋରି ବାଳିକାଙ୍କ ସଶକ୍ତିକରଣ ନେଇ ଦକ୍ଷତା ତାଲିମ୍ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁଷମା ମହାପାତ୍ର ତାଲିମ୍‌କୁ ଉଦଘାଟନ କରି ଏହାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଅବଗତ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ କାର୍ଯ୍ୟ ଅଧିକାରୀ ତଥା ସୁରକ୍ଷା ଅଧିକାରୀ ସୁଜାତା ଦୋରା ଅଦ୍ୱିକା କାର୍ଯକ୍ରମକୁ ସଶକ୍ତିକରଣ କରିବା ପାଇଁ ବାଲ୍ୟ ବିବାହ ନିରୋଧ ଆଇନ୍ ଉପରେ ଗୁରୁତ୍ୱାରୋପ କରିଥିଲେ । ଅଦ୍ୱିକା ପ୍ରତି ଶନିବାର ବୈଠକରେ କିଶୋରୀ ବାଳିକାଙ୍କ ସ୍ୱାସ୍ଥ୍ୟ,ସ୍ୱଚ୍ଛତା,ସୁରକ୍ଷା ଉପରେ ଆଲୋଚନା ମାଧ୍ୟମରେ ସଫଳ କରିବା ଏବଂ ନିଜକୁ ସସକ୍ତ କରିବାକୁ କହିଥିଲେ। ଏହି ଅବସରରେ ତାଲିମ୍ ଦାତା ଭାବେ ସରକାରୀ ଆଇଟିଆଇ କଲେଜର ଧରିତ୍ରୀ ନାୟକ ଝିଅ ମାନଙ୍କ ପାଇଁ ଥିବା ପାଠ୍ୟକ୍ରମ ଉପରେ ଜଣାଇଥିଲେ । ଝିଅ ମାନଙ୍କ ପାଇଁ ଥିବା ସୁଦକ୍ଷା ଯୋଜନାରେ ସହାୟତା ରାଶି ଉପରେ ଜଣାଇଥିଲେ । ବୈଶିୟିକ ଶିକ୍ଷା ର ନିଯୁକ୍ତି ଭିତ୍ତିକ ଉପରେ ଅବଗତ କରିଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ଜିଲ୍ଲା ପରାମର୍ଶଦାତା ପ୍ରମୋଦ ବଗର୍ତ୍ତି ଆଶୀର୍ବାଦ,ଗ୍ରୀନ ପାସେଜ୍ ସାର୍ଟିଫିକେଟ, ପୃଷ୍ଟପୋଷକତା ରାଶି,ଯଶୋଦା ଯୋଜନା ଉପରେ ଜଣାଇଥିଲେ। ତାଲିମ୍ ଦାତା ଭାବେ ସରକାରୀ ପଲିଟେକନିକ୍ କଲେଜ ର ଇଲେକ୍ଟ୍ରିକାଲ ବିଭାଗର ସୁଜାତା ଭୋଇ ସରକାରୀ ପଲିଟେକନିକ୍‌ର ବ୍ୟବସ୍ଥା ସହିତ ବିଭିନ୍ନ ସରକାରୀ ସହାୟତା ପାଠ୍ୟକ୍ରମରେ ନିଯୁକ୍ତି ଉପରେ ଜଣାଇଥିଲେ । ସୁଦକ୍ଷା ଯୋଜନା ଉପରେ ଲାଭ ନେବାକୁ ପରାମର୍ଶ ଦେଇଥିଲେ। ତାଲିମ ଦାତା ,ବିକାଶ ପରାମର୍ଶଦାତା ନନ୍ଦକିଶୋର ସାଣ୍ଡ କିଶୋରି ସଶକ୍ତିକରଣ ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରିବାକୁ ବିଭିନ୍ନ ପରାମର୍ଶ ପ୍ରଦାନ କରିଥିଲେ ।ଶେଷରେ ମମତା ସଂଜୋଜିକା ଶିବାନୀ ଠାକୁର ଉପସ୍ଥିତ ଥିବା ୫୦ ଟି କମିଟିର ବଙ୍ଗୋମୁଣ୍ଡା, ତୁରେକେଲା,ମୁରିବାହାଲ, ସଇଁତଳା ,ବେଲପଡ଼ା,ଖପ୍ରାଖୋଲ ବ୍ଲକ୍ ଆସିଥିବା ଶିବିରାର୍ଥୀଙ୍କୁ ତଲିମାର୍ଥି ଓ ତାଲିମ୍ ଦାତା ମାନଙ୍କୁ ଧନ୍ୟବାଦ୍ ଦେଇଥିଲେ।

## ବିପର୍ଯ୍ୟୟ ପରିଚାଳନା କମିଟିର ବୈଠକ

ବୋରିଗୁମ୍ମା,(ସବ୍ୟୁ): ବୋରିଗୁମ୍ମା ବ୍ଲକ ସଭାଗୃହରେ ବିପର୍ଯ୍ୟୟ ପରିଚାଳନା କମିଟିର ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଡ଼ିଓ ସୁକାନ୍ତ କୁମାର ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ବ୍ଲକ ଅଧକ୍ଷା ଦୀପ୍ତିମୟୀ ନାୟକଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ମାନେ ଯୋଗ ଦେଇଥିଲେ। ପ୍ରାକୃତିକ ବିପର୍ଯ୍ୟୟ ଯଥା ସମ୍ଭାବ୍ୟ ବାତ୍ୟା, ବନ୍ୟ କିମ୍ବା ଅନ୍ୟ କୌଣସି ବିପର୍ଯ୍ୟୟ ଘଟିଲେ କିପରି ମୁକାବିଲା କରିପାରିବେ ସେ ନେଇ ବୈଠକରେ ଆଲୋଚନା ହୋଇଥିଲା। ଅଗ୍ନିଶମ ବିଭାଗ ଅଧିକାରୀ ମାନେ ହଠାତ ନିଆଁ କିମ୍ବା ବନ୍ୟା ହେଲେ କିପରି




ମୁକାବିଲା କରିବେ, ସେ ନେଇ ବ୍ଲକ ପରିସରରେ ମକ ଡ୍ରିଲ କରାଯାଇଥିଲା। ବୈଠକରେ ଜିଲ୍ଲା ପରିଷଦ ସଭ୍ୟା ମଞ୍ଜୁଳା ଘାସି, ଡ଼.ଦିଲ୍ଲୀପ କୁମାର ନାଥ, ସ୍ଥାନୀୟ ସରପଞ୍ଚ ତୁଷାରକାନ୍ତ କୁନ୍ଦ୍ରିକା, ଅଗ୍ନିଶମ ବିଭାଗ ଅଧିକାରୀ ସୂର୍ଯ୍ୟ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲ୍ଲାସ୍ତରୀୟ ବିକାଶ ମେଳା ଉଦ୍‌ଯାପିତ



ଝାରସୁଗୁଡ଼ା,(ସବ୍ୟୁ): ଝାରସୁଗୁଡ଼ା ଜିଲ୍ଲାସ୍ତରୀୟ ବିକାଶ ମେଳା ଉଦଯାପିତ ହୋଇଯାଇଛି । ସ୍ଥାନୀୟ ବିଟିଏମ୍ ପଡ଼ିଆ ଠାରେ ୧୨ଜୁନରୁ ୧୮ଜୁନ ପର୍ଯ୍ୟନ୍ତ ଜିଲ୍ଲା ପ୍ରଶାସନ , ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଓ ଓରମାସର ମିଳିତ ସହଯୋଗରେ ଅନୁଷ୍ଠିତ ବିକାଶ ମେଳାରେ ବିଭିନ୍ନ ବିଭାଗ ପକ୍ଷରୁ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ସମୂହକୁ ନେଇ ଷ୍ଟଲ ମାଧ୍ୟମରେ ବିଭାଗ ଗୁଡ଼ିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରିଥିଲେ। ପ୍ରତିଦିନ ବିଭାଗ ଗୁଡିକ ପକ୍ଷରୁ କଲ୍ୟାଣକାରୀ ଯୋଜନାକୁ ନେଇ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଉଦଯାପନୀ ଦିବସରେ ଶ୍ରେଷ୍ଠ ଷ୍ଟଲ ପାଇଁ ଉଦ୍ୟାନକୃଷି,ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ଜଙ୍ଗଲ , ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗକୁ ପୁରସ୍କୃତ କରାଯାଇଥିଲା। ସେହିପରି ଶ୍ରେଷ୍ଠ କର୍ମଶାଳା ଆୟୋଜନ ପାଇଁ ଜିଲ୍ଲା ସମାଜ ମଙ୍ଗଳ ବିଭାଗକୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭିନ୍ନ ବିଭାଗୀୟ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ଧାନ କାର୍ଡ ତିଆରିରେ ବ୍ୟାପକ ଜାଲିଆତି

# ଲକ୍ଷାଧିକ ଟଙ୍କାର ଦୁର୍ନୀତି ଅଭିଯୋଗ

ବରଗଡ଼,(ସବ୍ୟୁ) : ବରଗଡ଼ ଜିଲ୍ଲାରେ ଧାନ ବିକ୍ରୀ ସମସ୍ୟା ଏବେ ଉତ୍କଟ ଥିବା ବେଳେ ,ଧାନ ମଣ୍ଡିରେ ପଡ଼ି ବର୍ଷା ଯୋଗୁଁ ଭିଜୁଥିବା ବେଳେ ,ଆସନ୍ନ ବର୍ଷା ଯୋଗୁଁ ଚାଷୀ ମୁଣ୍ଡରେ ହାତ ଦେଇ ବସିଛି। ହେଲେ ଜିଲ୍ଲାରେ ଅନ୍ୟ ଏକ ସମସ୍ୟା ଏବେ ପୁରୁଣା ହେଲେ ବି ନୂଆଁ ଭାବରେ ମୁଣ୍ଡ ଟେକିଛି। ଏବେ ଧାନ ବିକ୍ରୀ ପାଇଁ ଚାଷୀ ପରିଚୟ ପତ୍ର ମଧ୍ୟ ନକଲି । ଯାହାକୁ ନେଇ ଏବେ ଜୋର ଧରିଛି ଚର୍ଚ୍ଚା । ବରଗଡ ସଦର ବ୍ଲକ ସରସରା ସୋସାଇଟିରୁ ଆସିଲା ଏପରି ସାଙ୍ଘାତିକ ଅଭିଯୋଗ । ପେକ୍ସ କର୍ମଚାରୀ ଓ ଧାନ ବେପାରୀ ମିଶି ଚାଷୀଙ୍କ ନାଆଁ ରେ କରୁଛନ୍ତି ନକଲି କାର୍ଡ । ଆଉ ସେହି ନକଲି କାର୍ଡ ରେ ବିକ୍ରି ହେଉଛି ଛତିଶଗଡ଼ର ଧାନ । ଏଥିରେ ବେପାରୀ ଓ କର୍ମଚାରୀ ମାଲାମାଲ ହେଉଥିବା ବେଳେ ଚାଷୀର ଅବସ୍ଥା ହୋଇପଡିଛି ବେହାଲ । ଏ ନେଇ ଡିଆରସିଏସ ଅଫିସ ଓ ଜିଲ୍ଲାପାଳଙ୍କ ଅଫିସ୍ ରେ ଲିଖିତ ଅଭିଯୋଗ କରିବା ପରେ ଘଟଣା ହୋଇଛି ପ୍ରଘଟ । ପ୍ରକୃତ ଚାଷୀ ଧାନ ବିକ୍ରିରୁ ବଞ୍ଚିତ ହେଉଥିବା ବେଳେ ଅସାଧୁ ଉପାୟରେ ନକଲି ଚାଷୀ ପରିଚୟ ତିଆରି କରି ବେପାରୀ ଓ କର୍ମଚାରୀ ଲାଭବାନ ହେଉଥିବା ଅଭିଯୋଗ କରିଛନ୍ତି ଚାଷୀ । ତୁରନ୍ତ ଏହା ଉପରେ ତଦନ୍ତ କରି ଦୁର୍ନୀତି କରୁଥିବା କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି । କେବଳ ସରସରାରେ ଦୁର୍ନୀତି ହୋଇଛି ତାହା ନୁହଁ ଏହାପୂର୍ବରୁ ସୋହେଲା ବ୍ଲକ ପାଣିମୋରା ସୋସାଇଟି ଓ ବରପାଲି ବ୍ଲକ ସତଲମା ସୋସାଇଟିରେ ନକଲି କାର୍ଡ ତିଆରି ନେଇ ଅଭିଯୋଗ ହୋଇଥିଲା । ଏହା ଉପରେ ତଦନ୍ତ କରି ଦୁର୍ନୀତିଗ୍ରସ୍ତ ସୋସାଇଟି ସେକ୍ରେଟାରୀ ଓ ପ୍ୟାକ୍ସ କର୍ମଚାରୀଙ୍କୁ ନିଲମ୍ବିତ ମଧ୍ୟ କରାଯାଇଛି ।

ଚଳିତ ରବି ଋତୁରେ ଚାଷୀମାନେ ଉପଯୁକ୍ତ ପ୍ରମାଣ ପତ୍ର ଦେଇ ପଞ୍ଜିକରଣ କରିଥିଲେ । ମାତ୍ର ଉପଯୁକ୍ତ ଚାଷୀଙ୍କ ଧାନ ବିକ୍ରି ପାଇଁ ଟୋକନ ଅତି କମ୍ କିମ୍ବା କାହାର ମୋଟେ ଆସିନଥିବା ବେଳେ ଯେଉଁ ମାନଙ୍କ ଜମି ନାହିଁ କି ଚାଷ କରିନାହାନ୍ତି ସେମାନଙ୍କ ନାମରେ ଅଢେଇ ଏକରକୁ ୬୫ କ୍ୱିଣ୍ଟାଲ ଧାନ ବିକ୍ରି ପାଇଁ ଟୋକନ ଆସିଛି । ପାଣିମୋରାରେ ଏମିତି ଦୁର୍ନୀତି ନେଇ ବିଭାଗୀୟ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇଥିବା ବେଳେ ସରସରା ପେକ୍ସର ମଧ୍ୟ ତଦନ୍ତ ହେବ ଓ ଦୋଷୀ ବିରୋଧରେ ପଦକ୍ଷେପ ହେବ ବୋଲି ଡିଆରସିଏସ ଯୁଗଳ କିଶୋର ଦାସ କହିଛନ୍ତି । ତେବେ ଦୁର୍ନୀତିଗ୍ରସ୍ତ କର୍ମଚାରୀଙ୍କ ପାଇଁ ପ୍ରକୃତ ଚାଷୀ ହଇରାଣ ହେଉଥିବା ବେଳେ ଏମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି ।

# ନାବାଳିକାକୁ ଅସଦାଚରଣ, ଦୋଷୀକୁ ୧୫ବର୍ଷ କାରାଦଣ୍ଡ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ବିଚାରପତି ଅଭିଳାଶ ସେନାପତି ଏକ ନାବାଳିକା ଅସଦାଚରଣ ମାମଲାର ବିଚାର କରି ବୁଧବାର ରାୟ ପ୍ରଦାନ କରିଛନ୍ତି । ଅଭିଯୁକ୍ତ ପଦ୍ମଲୋଚନ ସିଂ(୨୪)କୁ ୧୫ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଏଥିସହ ୫୦ହଜାର ଟଙ୍କା ଜରିମାନା କରିଥିବା ବେଳେ ଅର୍ଥ ଅନାଦେୟ ଦେଲେ ଅଧିକ ୧ବର୍ଷ ଦଣ୍ଡାଦେଶ ରହିଛି । ସେହିପରି ପୀଡିତାକୁ କ୍ଷତିପୂରଣ ବାବଦକୁ ୫ଲକ୍ଷ ଟଙ୍କା ଦେବାକୁ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବଙ୍କୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି । ସୂଚନାଯୋଗ୍ୟ, ସମ୍ବଲପୁର ଜିଲ୍ଲା କତରବଗା ଥାନା ଅନ୍ତର୍ଗତ ବାସୁପାଲି ଗ୍ରାମର ଅଭିଯୁକ୍ତ ପଦ୍ମଲୋଚନ ସିଂ ଗତ ୧୫ଜୁଲାଇ, ୨୦୧୯ରେ ଜଣେ ୧୭ବର୍ଷିୟା ନାବାଳିକାକୁ ବଗିଚାରେ ଏକାକି ପାଇ ବଳପୂର୍ବକ ଅସଦାଚରଣ କରିଥିଲେ । ଘଟଣା ଦିନ ପୀଡିତାଙ୍କ ମାଆ ନାବାଳିକା ଝିଅକୁ ନପାଇ ଖୋଜାଖୋଜି କରିଥିଲେ । ବଗିଚା ନିକଟ ଏକ ବୁଦାଳିଆ ଅଞ୍ଚଳରେ ନିଜ ଝିଅକୁ ସଂଜ୍ଞାହୀନ ଓ ରକ୍ତାକ୍ତ ଅବସ୍ଥାରେ ପାଇଥିଲେ । ସ୍ଥାନୀୟ ଲୋକଙ୍କ ସହାୟତାରେ ପୀଡିତାକୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇଥିଲା । ପ୍ରଥମେ ରେଙ୍ଗାଲି ଓ ପରେ ବୁର୍ଲା ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ଚେତା ଫେରିବା ପରେ ନାବାଳିକା ପୀଡିତା ଜଣକ ଘଟଣା ସମ୍ପର୍କରେ ପରିବାର ଲୋକଙ୍କୁ କହିଥିଲେ । ଅଭିଯୁକ୍ତ ତାଙ୍କୁ ଏକାକୀ ପାଇ ବଳପୂର୍ବକ ଅସଦାଚରଣ କରିବା ସହ ମାଡ ମାରିବା ଓ ପଥର ମାରି ସଂଜ୍ଞାହୀନ କରିଥିବା କହିଥିଲେ । ଅଭିଯୋଗ ପରେ କତରବଗା ଥାନା ପୋଲିସ ୯୬/୧୯ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ପଦ୍ମଲୋଚନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ତତ୍‌କାଳୀନ ଥାନା ଅଧିକାରୀ ଏହ ଘଟଣାର ତଦନ୍ତ କରି ଅଭିଯୁକ୍ତ ବିରୁଦ୍ଧରେ ଚାର୍ଜସିଟ୍ ଦାଖଲ କରିଥିଲେ । ମୋଟ ୨୬ଜଣ ସାକ୍ଷ୍ୟ ବୟାନକୁ ଭିତ୍ତି କରି କୋର୍ଟ ଏହି ରାୟ ପ୍ରଦାନ କରିଛନ୍ତି । ଏହି ମାମଲାକୁ ସ୍ୱତନ୍ତ୍ର ପିପି ସନ୍ତୋଷ କୁମାର ପଣ୍ଡା ପରିଚାଳନା କରିଥିଲେ ।

## କଲମପୁର ବ୍ଲକ୍ ଅଧ୍ୟକ୍ଷା ଉପନିର୍ବାଚନ

# ଜ୍ୟୋତି ନାଏକ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ



କଲମପୁର, (ସବ୍ୟୁ): କଲମପୁର ବ୍ଲକ ଅଧ୍ୟକ୍ଷା ଆସନ ଏସ ସି ମହିଳାଙ୍କ ପାଇଁ ସଂରକ୍ଷିତ ଥିବା ବେଳେ ଅନାସ୍ଥା ପ୍ରସ୍ତାବ ଭୋଟରେ ପଦ ହରାଇଥିଲେ ମୋତି ବିହାରୀ। ତାଙ୍କ ପଦ ହରାଇବା ପରେ ଉପାଧ୍ୟକ୍ଷ ଚିନ୍ତାମଣି ବେହେରା ଅଧ୍ୟକ୍ଷ ପଦ ସମ୍ଭାଳିଥିଲେ। ନିର୍ବାଚନ ବିଭାଗ ପକ୍ଷରୁ ବୁଧବାର ଏହି ଆସନ ପାଇଁ ପୁଣିଥରେ ଉପନିର୍ବାଚନ ଅନୁଷ୍ଠିତ ହୋଇଥିଲା । ଏଥିରେ ବିଜେପି ଦଳକୁ ସମର୍ଥନ କରି କଲମପୁର ସମିତି ସଭ୍ୟା ଜ୍ୟୋତି ନାଏକ ନିର୍ଦ୍ଦନ୍ଦରେ ନିର୍ବାଚିତ ହୋଇଛନ୍ତି। ବୁଧବାର କୋକସରା ବିଡିଓ ନିର୍ବାଚନ ଅଧିକାରୀ ଭାବେ ଉପସ୍ଥିତ ରହି ଅଧ୍ୟକ୍ଷା ଆସନ ପାଇଁ ନିର୍ବାଚନ କରାଇଥିଲେ। ଏଥିରେ ୯ ଜଣ ସମିତି ସଭ୍ୟ ସଭ୍ୟା ଉପସ୍ଥିତ ଥିଲେ। ଅନ୍ୟ କେହି ପ୍ରତିଦ୍ୱନ୍ଦୀ ନାମାଙ୍କନ ଦାଖଲ କରି ନ ଥିଲେ। ଶେଷରେ ନିର୍ଦ୍ଦନ୍ଦରେ ନିର୍ବାଚିତ ହେଲେ ଜ୍ୟୋତି ନାଏକ । ସମସ୍ତଙ୍କୁ ଶୁଭେଚ୍ଛା ବାର୍ତ୍ତା ଦେବାସହ ଅଞ୍ଚଳର ମୌଳିକ ସମସ୍ୟାର ସମାଧାନ କରାଯିବା କ୍ଷେତ୍ରରେ ପ୍ରାଧାନ୍ୟ ଦିଆଯିବ ବୋଲି କହିଛନ୍ତି ନିର୍ବାଚିତ ଅଧ୍ୟକ୍ଷା । ଏହି ଅବସରରେ କଲମପୁର ବିଡିଓ ବିଜୟ କୁମାର ମାଣ୍ଡାଙ୍ଗୀ,ପୂର୍ବ ଅଧ୍ୟକ୍ଷ ଚିନ୍ତାମଣି ବେହେରା ପ୍ରମୁଖ ଉପସ୍ଥିତ ରହି ନୂତନ ଅଧ୍ୟକ୍ଷାଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ।

# ଜିଲ୍ଲାସ୍ତରୀୟ ଟେବୁଲ ଟପ୍ ଅଭ୍ୟାସ ବୈଠକ

ସମ୍ବଲପୁର,(ସବ୍ୟୁ): ସ୍ଥାନୀୟ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ ଠାରେ ପ୍ରାକୃତିକ ବିପର୍ଯ୍ୟୟ ଓ ଆପାତ୍ କାଳୀନ ବେଳେ ସଠିକ୍ ପରିଚାଳନା ପାଇଁ ଜିଲ୍ଲାସ୍ତରୀୟ ଟେବୁଲ ଅପ୍ ଅଭ୍ୟାସ ବୈଠକ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ସୁଧାଂଶୁ ଭୋଇ, ଡିଇଜିଏମ୍ ଅମ୍ବିକା ପ୍ରସାଦ ମିଶ୍ର, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ପ୍ରକାଶ ଜେମ୍ସ ଟୋପ୍ପୋ, ଏନ୍‌ଡିଆରଏଫ୍ ଇନ୍ସପେକ୍ଟର ଅଭିଷେକ ମିଶ୍ର ଉପସ୍ଥିତ ଥିଲେ । ବୈଠକରେ ବନ୍ୟା, ବାତ୍ୟା, ଜମିକ୍ଷୟ, ଭୂମିକମ୍ପ ଓ ଅନ୍ୟାନ୍ୟ ବିପଦ ବେଳେ ଜିଲ୍ଲା ପ୍ରଶାସନ ଓ ଲାଇନ ବିଭାଗର ଭୂମିକା ସମ୍ପର୍କରେ ଚର୍ଚ୍ଚା ହୋଇଥିଲା । ପ୍ରାକୃତିକ ବିପର୍ଯ୍ୟୟ ସମ୍ପର୍କିତ ସଚେତନତା, ତୁରନ୍ତ ଯୋଗାଯୋଗ, ଲୋକଙ୍କ ମଧ୍ୟରେ ଆଗୁଆ ସଚେତନ ସନ୍ଦେଶ ପ୍ରସାରଣ, ମକ୍‌ଡ୍ରିଲ, ଅସ୍ଥାୟୀ ଆଶ୍ରୟସ୍ଥଳୀ ପ୍ରସ୍ତୁତ, ଉଦ୍ଧାର କାର୍ଯ୍ୟ ଓ ପ୍ରାଥମିକ ଚିକିତ୍ସା ପ୍ରଦାନ ଆଦି ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା । ସେହିପରି ସମସ୍ତ ଲାଇନ ବିଭାଗ ଅଧିକାରୀ ଓ କର୍ମଚାରୀ ବିପର୍ଯ୍ୟୟ ପରିଚାଳନା ସମୟରେ ସେମାନଙ୍କ ଦାୟିତ୍ୱ ଓ ଅଭିଜ୍ଞତା ନେଇ ମଧ୍ୟ ଆଲୋଚନା ହୋଇଥିଲା ।

# ହୀରା ଜିଟିଡି କର୍ମଚାରୀ ସଂଘର ବୈଠକ

ସମ୍ବଲପୁର,(ସବ୍ୟୁ): ସ୍ଥାନୀୟ ବୁର୍ଲା ହୀରା ଜିଟିଡି କର୍ମଚାରୀ ସଂଘର ବୈଠକ ଅନୁଷ୍ଠିତ ହୋଇଯାଇଛି । ଏନ୍. ଗୋପାଲ ସଭାପତିତ୍ୱରେ ଆୟୋଜିତ ସଭାରେ ନବ ନିର୍ବାଚିତ ସଂଘର ସଭାପତି ନିରଞ୍ଜନ ପାଣିଗ୍ରାହୀ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ପଶ୍ଚିମ ଓଡିଶାରେ ହୀରା ଜିଟିଡି କାର୍ଯ୍ୟକଳାପ ବୃଦ୍ଧି, ଶୋଷିତ ଶ୍ରମିକ ଓ ଜନସାଧାରଣଙ୍କୁ ନେଇ କର୍ପୋରେଟ୍ ମ୍ୟାନେଜମେଣ୍ଟ ମାନଙ୍କ ବିରୋଧରେ ଲଢେଇ ନେଇ ଆଗାମୀ ଖସଡା ପ୍ରସ୍ତୁତ ନେଇ ଆଲୋଚନା ହୋଇଥିଲା । ଏଥିସହ ଶ୍ରମିକ ଓ ଜନସାଧାରଣ ସୁବିଧା ଏବଂ ଅସୁବିଧା ସମ୍ପର୍କରେ ଟାଟା ପାୱାର ପରିଚାଳନା କର୍ତ୍ତୃପକ୍ଷଙ୍କୁ ଭେଟି ଆଲୋଚନା କରିବାକୁ ନିଷ୍ପତି ନିଆଯାଇଛି ।

# ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ପ୍ରସ୍ତୁତି ବୈଠକ

ବଙ୍ଗୋମୁଣ୍ଡା,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ପଞ୍ଚାୟତ ସମିତି ସଭାଗୃହରେ ବୁଧବାର ଜିଲା ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ବ୍ଲକସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ବଲାଙ୍ଗିର ଜିଲା ପଞ୍ଚାୟତ ଅଧିକାରୀ ସରୋଜ ମେହେର, ସିନ୍ଧେକେଲା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡା. ଜୟନ୍ତ ବାଗ,ଜିପିଡ଼ିଓ ପୁରୁଷୋତ୍ତମ ମାଝୀ,ବିତ୍ତ ଅଧିକାରୀ ଜ୍ୟୋତି ପ୍ରକାଶ ମିଶ୍ର,ସିଡିପିଓ ମାଧୁରୀ ହୋତା, କୃଷି ଅଧିକାରୀ ସ୍ମାରକୀ ପ୍ରଧାନ, ବିଏସଏସଓ ସଞ୍ଜିତ ସୁନା,ଏବିଇଓ ସୋମନାଥ ମଙ୍ଗରାଜ,ଗ୍ରାମ୍ୟ ଜଳ ଯୋଗାଣ କନିଷ୍ଠ ଯନ୍ତ୍ରୀ ସତ୍ୟ ମହାନ୍ତି,ସହକାରୀ ପ୍ରାଣୀ ଚିକିତ୍ସକ ଭବାନୀ ଶଙ୍କର ବେହେରା,ସ୍ୱାସ୍ଥ୍ୟ ସୁପରଭାଇଜର ଜେମାକାନ୍ତ ବାଗ,ଜିଲ୍ଲା ପେଷାଦାର ସାମ୍ବାଦିକ ସଂଘର ଉପସଭାପତି ଅଶୋକ ନାରାୟଣ ଭୋଇ, ବଙ୍ଗୋମୁଣ୍ଡା ବ୍ଲକ ସାମ୍ବାଦିକ ସଂଘ ସମ୍ପାଦକ ହୁଲେଶ୍ୱର ହଂସ,ପଞ୍ଚାୟତର ପିଇଓ,ଅଗ୍ନିଶମ ବିଭାଗର କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ । ବିପର୍ଯ୍ୟୟ ସମୟରେ କିଭଳି ପରିଚାଳନା କରାଯିବ ସେ ନେଇ ବ୍ୟାପକ ଆଲୋଚନା କରାଯାଇଥିଲା । ଏଥିରେ ବହୁ ବିଭାଗର ଅଧିକାରୀ ମାନେ ଅନୁପସ୍ଥିତ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା । ସମସ୍ତ ବିଭାଗ ସମନ୍ୱୟ ରଖି କାର୍ଯ୍ୟ ଗୁଡିକ ସଠିକ ଭାବେ କରିବା ପାଇଁ ଗୁରୁତ୍ୱାରୋପ କରାଯାଇଥିଲା ।

# ରେଳ ଷ୍ଟେସନରେ ଦିବ୍ୟାଙ୍ଗଙ୍କୁ ସୁବିଧା ଯୋଗାଇବା ନେଇ ଡିଆରଏମ୍‌ଙ୍କୁ ଦାବିପତ୍ର

ରାୟଗଡା,(ସବ୍ୟୁ): ରେଳ ଷ୍ଟେସନରେ ଦିବ୍ୟାଙ୍ଗଙ୍କୁ ସମସ୍ତ ସୁବିଧା ଯୋଗାଇ ଦେବାକୁ ରାୟଗଡ଼ା ମଣ୍ଡଳ ରେଳ ପ୍ରବନ୍ଧକଙ୍କୁ ଦାବିପତ୍ର ଦେଲେ ଓଡ଼ିଶା ବିକଳାଙ୍ଗ ମଞ୍ଚ ଜିଲ୍ଲା ଶାଖା । ରାୟଗଡ଼ା ରେଳ ଷ୍ଟେସନରେ ଦିବ୍ୟାଙ୍ଗଙ୍କ ପାଇଁ ମୌଳିକ ସୁବିଧା ନଥିବାରୁ ମଣ୍ଡଳ ରେଳ ପ୍ରବନ୍ଧକ ଅମିତାଭ ସିଙ୍ଘଲକୁ ସୁବିଧା ଯୋଗାଇ ଦେବାକୁ ଦରଖାସ୍ତ ପ୍ରଦାନ କରାଯାଇଛି । ଓଡ଼ିଶା ବିକଳାଙ୍ଗ ମଞ୍ଚର ରାୟଗଡ଼ ଶାଖା ସମ୍ପାଦକ ଜଳନ୍ଧର ବାଚେଲି, କାର୍ଯ୍ୟ ନିର୍ବାହୀ ସଦସ୍ୟ ରଘୁନାଥ ପାତ୍ର,ରାୟଗଡ଼ ଆଦିବାସୀ ମହାସଂଘ (ରାଆମ)ର ଜିଲ୍ଲା ସଭାପତି ବିଜୟ କୁମାର ମେଲାକା ରାୟଗଡା ରେଳ ଷ୍ଟେସନରେ ଭିନ୍ନକ୍ଷମ ବ୍ୟକ୍ତିଙ୍କ ଆବଶ୍ୟକତା ବିଷୟରେ ବିଭାଗର ଦୃଷ୍ଟିକୁ ଆଣିବା ପାଇଁ ଲିଖିତ ଦାବୀ କରାଯାଇଛି । ଷ୍ଟେସନ ମଧ୍ୟରେ ସହଜରେ ଗତିବିଧି ପାଇଁ ସୁଗମତା ଇ-ରିକ୍ସା କିମ୍ବା ବ୍ୟାଟେରୀ ଯାନ ଯୋଗାଇବା, ଅକ୍ଷମତା କୋଚ୍ ସୂଚନା ପ୍ରଦାନ ସହିତ ଦିବ୍ୟାଙ୍ଗମାନଙ୍କ ମଧ୍ୟରେ ଦ୍ୱନ୍ଦ୍ୱକୁ ଏଡାଇବା ପାଇଁ, ଟ୍ରେନ ଗୁଡ଼ିକରେ ଦିବ୍ୟାଙ୍ଗ ଟ୍ରେନ କୋଚ୍ ସ୍ଥାନ ବିଷୟରେ ସ୍ପଷ୍ଟ ସୂଚନା ପ୍ରଦାନ କରିବା, ଇଞ୍ଜିନ ନିକଟରେ କିମ୍ବା ଶେଷ କୋଚ ଥିବା ନେଇ ସୂଚନା ଦେବା । ଷ୍ଟେସନ ପରିସରରେ ସଂରକ୍ଷିତ ପାର୍କିଂ ସ୍ଥାନ ବଣ୍ଟନ, ଚୋରି ରୋକିବା ଏବଂ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ସିସିଟିଭି କ୍ୟାମେରା ସଂଯୋଗ, ଦିବ୍ୟାଙ୍ଗ ଯୁବଗୋଷ୍ଠୀଙ୍କୁ ବ୍ୟବସାୟ ପାଇଁ ଷ୍ଟଲ୍ କିମ୍ବା ଭେଣ୍ଡିଂ ସୁଯୋଗ ପ୍ରଦାନ, ଯାହା ଅର୍ଥନୈତିକ ସଶକ୍ତିକରଣ ଏବଂ ଅନ୍ତର୍ଭୁକ୍ତିକୁ ପ୍ରୋତ୍ସାହିତ କରିବ । ଭିନ୍ନକ୍ଷମ ସହାୟତା ଡେସ୍କ ସ୍ଥାପନ, ଷ୍ଟେସନରେ ଏକ ଉତ୍ସର୍ଗୀକୃତ ଦିବ୍ୟାଙ୍ଗ ସହାୟତା ଡେସ୍କ ପ୍ରତିଷ୍ଠା କରିବା ଦ୍ୱାରା ଟିକେଟ କ୍ରୟ ସହଜ କରିବା ଇତ୍ୟାଦି । ଏହି ଦାବିଗୁଡ଼ିକ ଭିନ୍ନକ୍ଷମ ଅଧିକାର ଆଇନ ୨୦୧୬ ଏବଂ ସୁଗମତାକୁ ପ୍ରୋତ୍ସାହିତ କରିବା ପାଇଁ ଭାରତୀୟ ରେଳବାଇର ପଦକ୍ଷେପ କାର୍ଯ୍ୟକାରୀ କରିବା ଦ୍ୱାରା ଦିବ୍ୟାଙ୍ଗତା ପାଇଁ ଯାତ୍ରା ସଫଳ, ସୁନ୍ଦର ଓ ସୁଗମ ହେଇପାରିବ । ଦାବିଗୁଡ଼ିକ ଉପରେ ବିଚାର କରିବା ପରେ ଦାବୀ ପୂରଣ କରିବା ପାଇଁ ମଣ୍ଡଳ ରେଳ ପ୍ରବନ୍ଧକ ପ୍ରତିଶ୍ରୁତି ଦେଇଛନ୍ତି ।

# ବନ୍ୟା ବିପର୍ଯ୍ୟୟ ପ୍ରସ୍ତୁତିକୁ ନେଇ ଟେବୁଲ ଟପ୍ ବୈଠକ

ନୂଆପଡା,(ସବ୍ୟୁ): ନୂଆପଡ଼ାରେ ବନ୍ୟା ବିପର୍ଯ୍ୟୟ ପ୍ରସ୍ତୁତି ଉପରେ ଜିଲ୍ଲାସ୍ତରୀୟ ଟେବୁଲ ଟପ ବୈଠକ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ମୃତ୍ତିକା ସଂରକ୍ଷଣ ସମ୍ମିଳନୀ କକ୍ଷରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ଓ ଲାଇନ୍ ବିଭାଗର ବରିଷ୍ଠ ଅଧିକାରୀ ମାନେ ଯୋଗଦେଇ ସେମାନଙ୍କ ବିଭାଗର ବନ୍ୟା ପୂର୍ବ, ବନ୍ୟା ସମୟ ଓ ବନ୍ୟା ପରର ପ୍ରସ୍ତୁତି ଉପରେ ବିଭାଗର ଦାୟିତ୍ୱ ଓ ପ୍ରସ୍ତୁତି ବର୍ଣ୍ଣନା କରିଥିଲେ। ପ୍ରାରମ୍ଭିକ ଅଭିଭାଷଣରେ ଶ୍ରୀ ରଇତ ବନ୍ୟା ଓ ବାତ୍ୟାର ପ୍ରକୋପ ଓ ଏହାର ପୂର୍ବ ପ୍ରସ୍ତୁତି କିପରି କରାହେବ। ଜିଲ୍ଲାରେ ଏହାକୁ କିଭଳି ସୁଚାରୁରୂପେ ମୁକାବିଲା କରାଯାଇପାରିବ ସେ ସମ୍ପର୍କରେ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ସୁଦେଶ କୁମାର ସେଠୀ ଆଶ୍ରୟସ୍ଥଳୀ ପରିଚାଳକ ବିଶେଷଜ୍ଞ ନିଜ ଅଭିଭାଷଣରେ ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତୃପକ୍ଷ କିପରି ବିଭିନ୍ନ ବିପର୍ଯ୍ୟୟକୁ ସୁଚାରୁରୂପେ ପରିଚାଳନାରେ ସକ୍ଷମ ହୋଇଛନ୍ତି ତାହା ବର୍ଣ୍ଣନା କରିଥିଲେ । ସାରା ବିଶ୍ୱରେ ଓଡିଶା ବିପର୍ଯ୍ୟୟ କର୍ତ୍ତୃପକ୍ଷ ସଂସ୍ଥା ଆପଦ ସୁପରିଚାଳନା ପାଇଁ କିଭଳି ଉଚ୍ଚ ପ୍ରଶଂସିତ ହୋଇଛି ତାହା ବର୍ଣ୍ଣନା କରିଥିଲେ । ଏସଡିଏମଏ ପ୍ରକଳ୍ପ ଅଧିକାରୀ ମହେନ୍ଦ୍ର କୁମାର ସ୍ବାଇଁ ସ୍ୱାଗତ ଭାଷଣ ସହ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବିଭାଗୀୟ କର୍ମଚାରୀ ନିମେଷ ଧରୁଆ ଓ ଛତ୍ରପାଳ ସହଯୋଗ କରିଥିଲେ।

# ମାରୱାଡି ଯୁବାମଞ୍ଚ, ସୁବର୍ଣ୍ଣରେଖା ମହିଳା ସମିତି ପକ୍ଷରୁ ରକ୍ତଦାନ ଶିବିର



ପାଟଣାଗଡ଼,(ସବ୍ୟୁ): ସ୍ଥାନୀୟ ମାରୱାଡି ଧର୍ମଶାଳାରେ ବୁଧବାର ମାରୱାଡି ଯୁବାମଞ୍ଚ ଓ ସୁବର୍ଣ୍ଣରେଖା ମହିଳା ସମିତି ପାଟଣାଗଡ଼ ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ପାଟଣାଗଡ଼ ଉପଖଣ୍ଡ ଚିକିତ୍ସାଳୟ ଏସଡ଼ିଏମଓ ପୀତବାସ ସା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଶିବିରକୁ ଉଦଘାଟନ କରିଥିଲେ। ପାଟଣାଗଡ଼ ରକ୍ତଭଣ୍ଡାରରେ ରକ୍ତ ଅଭାବରୁ ରୋଗୀ ଅସୁବିଧା ଭୋଗୁଛନ୍ତି । ସେଥିପାଇଁ ଏହି ଶିବିର କରାଯାଇଥିବା ଯୁବା ମଞ୍ଚ ସଭାପତି କାହ୍ନା ଜୈନ କହିଛନ୍ତି। ଶିବିରରେ ପାଟଣାଗଡ଼ ରକ୍ତ ଭଣ୍ଡାରର କର୍ମଚାରୀ ରକ୍ତ ସଂଗ୍ରହ କରିଥିବାବେଳେ ୧୬ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। କୈଳାଶ ଅଗ୍ରୱାଲ ୮୯ ଥର ରକ୍ତଦାନ କରିଥିବାରୁ ତାଙ୍କୁ ସମ୍ମାନୀତ କରାଯାଇଥିଲା। ଶିବିରକୁ ମାରାୱାଡି ଯୁବାମଞ୍ଚ ସଭାପତି କାହ୍ନା ଜୈନ, ସମ୍ପାଦକ ସୌରଭ ଅଗ୍ରୱାଲ, କୋଷାଧକ୍ଷ ସୌରଭ କୁମାର ଅଗ୍ରୱାଲ, ଆଶୁତୋଷ ଅଗ୍ରୱାଲ, ଯତୀନ ଛାପଡ଼ିଆ, ଅଭିଷେକ ଅଗ୍ରୱାଲ ପ୍ରମୁଖ ସହଯୋଗ କରିଥିବାବେଳେ ସୁବର୍ଣ୍ଣରେଖା ମହିଳା ସମିତିର ସଦସ୍ୟା ମାନେ ଉପସ୍ଥିତ ଥିଲେ।

# ସିକଲ ସେଲ୍ ଆନିମିଆ ସଚେତନତା ବୈଠକ

ସମ୍ବଲପୁର,(ସବ୍ୟୁ): ସାମୁହିକ ଔଷଧ ସେବନ ଏବଂ ସିକଲ ସେଲ୍ ଆନିମିଆ ସଚେତନତା ବୈଠକ ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଅଧ୍ୟକ୍ଷତା କରିଥିଲେ । ବୈଠକରେ ରୋଗ ପରିଚାଳନା, ଔଷଧ ସେବନ କରିବାର ମାତ୍ରା, ସମ୍ବଲପୁର ମହାନଗର ଓ ଗ୍ରାମୀଣ ଅଞ୍ଚଳରେ ସାମୁହିକ ଔଷଧ ସେବନ ବ୍ୟବସ୍ଥା, ନିୟୋଜିତ କର୍ମଚାରୀଙ୍କ ଭୂମିକା, ସିକଲ୍ ସେଲ ଆନିମିଆ ପାଇଁ ସ୍ୱତନ୍ତ୍ର ସ୍କ୍ରିନିଂ ଶିବିର, ଗେଜେଲ୍ ମାଧ୍ୟମରେ ସ୍କ୍ରିନିଂ ଆଦି ବିଷୟରେ ଆଲୋଚନା ହୋଇଥିଲା । ଏଥିରେ ଜିଲ୍ଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗର ବହୁ ଅଧିକାରୀ ଉପସ୍ଥିତ ଥିଲେ ।

# କଂଗ୍ରେସ ପକ୍ଷରୁ ସମ୍ବିଧାନ ବଞ୍ଚାଅ ସମାବେଶ

ନର୍ଲା,(ସବ୍ୟୁ): କଳାହାଣ୍ଡି ଜିଲ୍ଲା ନର୍ଲା ଠାରେ ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ସମ୍ବିଧାନ ବଞ୍ଚାଅ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଏକ ଶୋଭାଯାତ୍ରା ନର୍ଲା ଚାରିଛକରୁ ବାହାରି ନଗର ପରିକ୍ରମା କରିବା ସହ ଏକ ସମାବେଶ ଆୟୋଜିତ ହୋଇଥିଲା। ଜିଲ୍ଲା ସଭାପତି ଭାରତ ଭୂଷଣ ବେମାଲଙ୍କ ଅଧ୍ୟକ୍ଷତାରେ ଏନେଇ ଆୟୋଜିତ ସମାବେଶରେ ମୁଖ୍ୟ ଅତିଥି ଭାବେ ରାଜଗାଙ୍ଗପୁର ବିଧାୟକ ରାଜନ ଏକ୍କା, ସମ୍ମାନୀତ ଅତିଥି ରାଜ୍ୟ ସାଧାରଣ ସମ୍ପାଦକ ସାଖା ସୁଜିତ, ସହ ପ୍ରଭାରୀ ସୁଜିତ ବାବୁ, ଜିଲ୍ଲା ଉପସଭାପତି ଉତ୍ସବ ସାହୁ, କଳାହାଣ୍ଡି କଂଗ୍ରେସ ସାଂସଦ ପ୍ରାର୍ଥୀନୀ ଦ୍ରୋପଦୀ ମାଝୀ, ଜିଲ୍ଲା ଯୁବ କଂଗ୍ରେସ ସଭାପତି ମହମ୍ମଦ ସାଏବ, ନର୍ଲା ନିର୍ବାଚନ ମଣ୍ଡଳୀ ଯୁବ କଂଗ୍ରେସ ସଭାପତି ନିରଜ ଶର୍ମା, ନର୍ଲା ବ୍ଲକ ଯୁବ କଂଗ୍ରେସ ସଭାପତି ଦିପୁ ପାତ୍ର, ନର୍ଲା ନିର୍ବାଚନ ମଣ୍ଡଳୀ ସମ୍ବିଧାନ ବଞ୍ଚାଅ ଅଧ୍ୟକ୍ଷ ରାଜୁ ମିଶ୍ର, ବରିଷ୍ଠ କଂଗ୍ରେସ ନେତା ରଜନୀ କୁମାର, ଚିତ୍ତରଞ୍ଜନ ବାଗ, ଯୋଶୋଦା ନାଗ, ଗୋପାଳ ବିହାରୀ, ଅନି ବିଶ୍ୱାଳ, ନିର୍ମଳ ନାଏକ, ରୁଦ୍ର ପ୍ରତାପ ସିଂ, ସୁରେଶ ଚୌଧୁରୀଙ୍କ ସମେତ ଅନେକ ମାନ୍ୟଗଣ୍ୟ ନେତୃବୃନ୍ଦ ମଞ୍ଚାସୀନ ଥିଲେ। ମଞ୍ଚ ପରିଚାଳନା କରିଥିଲେ ନର୍ଲାର ବରିଷ୍ଠ କଂଗ୍ରେସ ନେତା ଚୁଳମଣି ଗୌଡିଆ।

# ଖାକିରେ କଳଙ୍କ : ହୋମଗାର୍ଡଙ୍କୁ ଠକି ଗିରଫ ହେଲେ କନଷ୍ଟେବଳ



ବୌଦ୍ଧ,(ସବ୍ୟୁ): ବୌଦ୍ଧ ଜିଲ୍ଲା ପୁଲିସ ଖାକିରେ ଲାଗିଲା କଳଙ୍କ । ନିଜ ବିଭାଗର ଜଣେ ହୋମଗାର୍ଡଙ୍କୁ ଠକି ଗିରଫ ହେଲେ ଜଣେ କନେଷ୍ଟବଳ । ଗିରଫ କନେଷ୍ଟବଳ ଜଣକ ହେଲେ ବୌଦ୍ଧ ଥାନାରେ କାର୍ଯ୍ୟରତ ହୃଦାନନ୍ଦ ବେହେରା । ବୌଦ୍ଧ ଥାନା ଗମ୍ଭାରୀପଦର ଗ୍ରାମର ପ୍ରଦୀପ କୁମାର ତ୍ରିପାଠି ବୌଦ୍ଧ ଜିଲ୍ଲା ପୁଲିସ ବିଭାଗରେ ଗୃହରକ୍ଷୀ ଭାବେ କାର୍ଯ୍ୟକରୁଛନ୍ତି । ବୌଦ୍ଧ ଜିଲ୍ଲା ପୁଲିସରେ କନେଷ୍ଟବଳ ଭାବରେ କାର୍ଯ୍ୟରତ ହୃଦାନନ୍ଦ ବେହେରା ହୋମଗାର୍ଡ ପ୍ରଦୀପଙ୍କୁ ଦୀର୍ଘ ୮ ବର୍ଷ ହେଲା ବ୍ୟାଙ୍କରୁ ଋଣ କରେଇଦେବା ବାହାନାରେ ପ୍ରତ୍ୟକ ମାସରେ ତାଙ୍କଠାରୁ ୧୦ ହଜାର ଟଙ୍କା ନେଉଥିଲେ । ଏଥିସହିତ ଗୃହରକ୍ଷୀ ତ୍ରିପାଠିଙ୍କ ଏଟିଏମ, ପାଶବୁକ ଓ ଚେକବୁକ୍ ମଧ୍ୟ କନେଷ୍ଟବଳ ହୃଦାନନ୍ଦ ରଖିଥିଲେ । ଭୁବନେଶ୍ୱରରୁ ଋଣ କରିଦେବି କହି ଭଣ୍ଡେଇ ଚାଲିଥିଲେ । ତାଙ୍କୁ ଏଟିଏମ ମାଗିଲେ ଧମକ ଦେବାସହିତ କନେଷ୍ଟବଳ ଶ୍ରୀ ବେହେରା ଗୃହରକ୍ଷୀଙ୍କ ଠାରୁ ୧୦ ଲକ୍ଷଟଙ୍କା ନେଇଥିବା ସହିତ ଜିଲ୍ଲାର ଅନେକ ପୁଲିସ କର୍ମଚାରୀଙ୍କ ପାଖରୁ ମଧ୍ୟ ସମାନ ଉପାୟରେ ଏଟିଏମ, ପାଶବୁକ ରଖିଥିଲେ । ଏନେଇ ହୋମଗାର୍ଡ ପ୍ରଦୀପ ତ୍ରୀପାଠୀ ବୌଦ୍ଧ ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ପରେ ବୌଦ୍ଧ ପୁଲିସ ପକ୍ଷରୁ ଗତ ରବିବାର ଦିନ କନେଷ୍ଟବଳ ହୃଦାନନ୍ଦ ବେହେରାଙ୍କ ବୌଦ୍ଧ ସହରର ପୋଡାପଡାସ୍ଥିତ ବାସଭବନ ଉପରେ ବୌଦ୍ଧ ପୁଲିସର ଏକ ଟିମ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଚଢଉ କରିଥିଲେ । ଚଢଉରେ ପୁଲିସ କନେଷ୍ଟବଳ ଶ୍ରୀ ବେହେରାଙ୍କ ଘରୁ ଟଙ୍କା ନେଣ ଦେଣ ସମ୍ବନ୍ଧୀୟ ୬୦ ଟି ପାଶବୁକ୍,୪୩ଟି ଏଟିଏମ କାର୍ଡ,୨୯ ଟି ଚେକ୍ ବୁକ୍,ବିଭିନ୍ନ ଲୋକଙ୍କ ଦସ୍ତଖତ ହୋଇଥିବା ୨୦୯ ଟି ବ୍ଲାଙ୍କ ଚେକ୍,୧୧ ଗୋଟି ବିକ୍ରୀକବଲା,୫,୦୨,୪୯୦ ଟଙ୍କା ଓ ୧୪୫ ଗ୍ରାମ ସୁନା ଓ ରୂପା ଅଳଙ୍କାର ଘରୁ ଜବତ ହୋଇଥିବା ନେଇ ବୌଦ୍ଧ ଏସପି ରାହୁଲ ଗୋୟଲ ମଙ୍ଗଳବାର ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ଅଭିଯୁକ୍ତ କନେଷ୍ଟବଳ ବିଭାଗୀୟ କର୍ମଚାରୀ ସମେତ ଅନେକ ଲୋକଙ୍କ ସହିତ ସୁଧ କାରବାର,ଟଙ୍କା ନେଣଦେଣ ଓ ଋଣ କରାଇଦେବା ନାମରେ ଆର୍ଥିକ ଶୋଷଣ ଭଳି କାରବାରରେ ଜଡିତ ଥିବା ପୁଲିସ ତଦନ୍ତରେ ଜାଣିପାରିଛି । ଏହି ମାମଲା ସହିତ ଆର୍ଥିକ କାରବାର ଥିବାରୁ ଏବଂ ଜଣେ ସରକାରୀ କର୍ମଚାରୀଙ୍କ ଘରୁ ଆୟ ବର୍ହିଭୁତ ଅର୍ଥ ବାହାରିଥିବାରୁ ମାମଲାକୁ ଅଧିକ ତଦନ୍ତ ପାଇଁ ଭିଜିଲାନ୍ସ ବିଭାଗର ସହାୟତା ନିଆଯିବ ବୋଲି ଏସପି ଶ୍ରୀ ଗୋୟଲ ସୂଚନା ଦେଇଛନ୍ତି । ଠକେଇ ମାମଲାରେ ବ୍ୟାଙ୍କର କିଛି ଅଧିକାରୀ ମଧ୍ୟ ସଂପୃକ୍ତ ଥିବା ସନ୍ଦେହ କରାଯାଉଛି । ତେବେ ତଦନ୍ତ ପରେ ସବୁକିଛି ଜଣାପଡିବ ବୋଲି ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି । ସାମ୍ୱାଦିକ ସମ୍ମିଳନୀରେ ଏସଡିପିଓ ଲରେନ ରାୟ, ବୌଦ୍ଧ ଥାନା ଅଧିକାରୀ ରଞ୍ଜିତ ମୁନି ପ୍ରମୁଖ ଉପସ୍ଥିତ ଥିଲେ।

# ମନ୍ଦଲିଆ ପଡିଆରେ ଫୁଟବଲ, କବାଡି ଏକାଡେମୀକୁ ବିରୋଧ



ସମ୍ବଲପୁର,(ସବ୍ୟୁ): ସ୍ଥାନୀୟ ମନ୍ଦଲିଆ ପଡିଆରେ ଫୁଟବଲ ଓ କବାଡି ଏକାଡେମୀ ନକରିବାକୁ ଅଞ୍ଚଳବାସୀ ବୁଧବାର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କୁ ଭେଟି ଅନୁରୋଧ କରିଛନ୍ତି । ଏନେଇ ଏକ ଦାବିପତ୍ର ମଧ୍ୟ ପ୍ରଦାନ କରିଛନ୍ତି। ପ୍ରଦତ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି ଯେ, ଏହି ପଡିଆ ଉପରେ ତାଲଭଚ୍ଛାପଡା, ଚନ୍ଦନନଗର, ମନ୍ଦଲିଆ, ଗୁରୁଦ୍ୱାରା ପଡା, ବଙ୍ଗାଲିପଡା, କାନିଯୋରୀ, ଦୁର୍ଗାପାଲି, ଝରାପଡା , କୁସୁମପଡା, ନ୍ୟୁ ଘୁନଘୁଟିପଡା, ଖଡିଆପଡା, କ୍ଷେତରାଜପୁର , ବଡବଜାର , ଗିଂଗ୍ରାପଡା, ଧୋବାପଡା ଆଦି ବସ୍ତିବାସିନ୍ଦା ନିର୍ଭର କରନ୍ତି । ଏପରିକି ସାମାଜିକ କାର୍ଯ୍ୟ ମଧ୍ୟ କରିଥାନ୍ତି । ଖୋଲା ପଡିଆ ଥିବାରୁ ପ୍ରାତଃଭ୍ରମଣ, ଶିଶୁଙ୍କ ଖେଳକୁଦ, ଆଖପାଖ ସ୍କୁଲ ଗୁଡିକର ବାର୍ଷିକ କ୍ରୀଡା ଅନୁଷ୍ଠିତ ହୋଇଥାଏ । ସେହିପରି ଯୁବକଯୁବତୀମାନେ ଏହି ପଡିଆରେ କ୍ରିକେଟ୍, ଫୁଟବଲ, ଭଲିବଲ, ଦୌଡ, ଲମ୍ବଡିଆଁ, ଉଚ୍ଚଡିଆଁ ଆଦି ଅଭ୍ୟାସ ପ୍ରତ୍ୟହ କରିଥାନ୍ତି । ଏଥିସହ ଦିବାରାତ୍ର କ୍ରିକେଟ୍ ମ୍ୟାଚ, ଫୁଟବଲ ଟୁର୍ଣ୍ଣାମେଣ୍ଟ , ସରକାରୀ ଓ ଦଳୀୟ କାର୍ଯ୍ୟକ୍ରମ, ସାମାଜିକ ଓ ଧର୍ମିୟ କାର୍ଯ୍ୟକ୍ରମ ମଧ୍ୟ ହୋଇଥାଏ । ଏହାକୁ ଦୃଷ୍ଟିରେ ରଖି ଫୁଟବଲ ଓ କବାଡି ଏକାଡେମୀ ନକରିବାକୁ ଅଞ୍ଚଳର ସଚେତନ ନାଗରିକ ମାନେ ଦାବି କରିଛନ୍ତି ।

(ଶ୍ରୀମଦ୍ଭଗବଦ୍ ଗୀତା ୧୬/୨୦)
–ଦୈବାସୁରସମ୍ପଦ୍‌ବିଭାଗ–
(ଶ୍ରୀଭଗବାନୁବାଚ)

**ଆସୁରୀଂ ଯୋନିମାପନ୍ନା ମୂଢା ଜନ୍ମନି ଜନ୍ମନି ।**
**ମାମପ୍ରାପ୍ୟୈବ କୌନ୍ତେୟ ତତୋ ଯାନ୍ତ୍ୟଧମାଂ ଗତିମ୍ ।।୨୦।।**

ହେ କୌନ୍ତେୟ ! ସେହି ମୂଢ଼ମାନେ ଜନ୍ମ ଜନ୍ମ ଧରି ଆସୁରୀଯୋନି ପ୍ରାପ୍ତ ହେବାରୁ ମୋତେ ନ ପାଇ ତାହା ଅପେକ୍ଷା ଆହୁରି ଅଧିକ ଅଧମ ଯୋନିରେ ଜନ୍ମଗ୍ରହଣ କରନ୍ତି ।।୧୯।।

# ଓଡ଼ିଶା ଉପରେ ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟି

ଆସନ୍ତା ୨୦ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶା ଗସ୍ତରେ ଆସୁଛନ୍ତି । ଗତ ୧୨ ତାରିଖରେ (ଜୁନ୍ ୧୨, ୨୦୨୫)ରେ ଓଡ଼ିଶାର ବିଜେପି ସରକାର ଏକ ବର୍ଷ ପୂର୍ତ୍ତି ପାଳନର ଦିବସ ଥିଲା । ପ୍ରଧନମନ୍ତ୍ରୀ ମୋଦି ଗୁରୁତ୍ୱପୂର୍ଣ୍ଣ ବିଦେଶ ଗସ୍ତ ଓ ଅନ୍ୟାନ୍ୟ କାର୍ଯ୍ୟରେ ବ୍ୟସ୍ତ ରହିଥିବାରୁ ସମ୍ଭବତଃ ଓଡ଼ିଶା ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ସେଦିନ ଆସି ନ ପାରି ଆସନ୍ତା ୨୦ ତାରିଖରେ ଓଡ଼ିଶା ଗସ୍ତରେ ଆସୁଛନ୍ତି । ତାଙ୍କ ଉପରେ ସାରା ଦେଶର ଚିନ୍ତା । ସେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ମଧ୍ୟ ଥିଲେ । ସମଗ୍ର ବିଶ୍ୱର ଦୃଷ୍ଟି ତାଙ୍କ ଉପରେ ଥିଲାବେଳେ, ତାଙ୍କର ଦୃଷ୍ଟି ଓଡ଼ିଶା ଉପରେ କେନ୍ଦ୍ରୀଭୂତ । ତାହା ହିଁ ସୌଭାଗ୍ୟ ଓଡ଼ିଶା ରାଜ୍ୟର ।

ଓଡ଼ିଶାରେ କଂଗ୍ରେସ ସରକାରଙ୍କ ଅମଳରେ ଦୁଇଜଣ ଆଦିବାସୀ ମୁଖ୍ୟମନ୍ତ୍ରୀ ଥିଲେ । ପ୍ରଥମ ଆଦିବାସୀ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳ ଏବେ ସ୍ୱର୍ଗରେ । ସେ ବେଶୀ ଦିନ ପାଇଁ ମୁଖ୍ୟମନ୍ତ୍ରୀ ନ ଥିଲେ । କିନ୍ତୁ ଅଳ୍ପଦିନ ପାଇଁ କାମଚଳା ମୁଖ୍ୟମନ୍ତ୍ରୀ ଥିଲେ । ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ସରକାରରେ ଉପ–ମୁଖ୍ୟମନ୍ତ୍ରୀ ବସନ୍ତ କୁମାର ବିଶ୍ୱାଳଙ୍କ ସହିତ ସେ ମଧ୍ୟ ଉପ–ମୁଖ୍ୟମନ୍ତ୍ରୀ ପଦରେ ରହିଥିଲେ । ସେତେବେଳର ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭଙ୍କ ସମେତ ଦୁଇ ଉପ–ମୁଖ୍ୟମନ୍ତ୍ରୀ ବସନ୍ତ ବାବୁ ଓ ହେମାନନ୍ଦ ବାବୁ ଏବେ ସ୍ୱର୍ଗରେ । ମାତ୍ର ହେମାନନ୍ଦ ବାବୁ ସେ ସମୟରେ ବସନ୍ତ ବାବୁଙ୍କ ପରି ପ୍ରଭାବଶାଳୀ ଉପ–ମୁଖ୍ୟମନ୍ତ୍ରୀ ହୋଇପାରି ନ ଥିଲେ, ଏ କଥା ଓଡ଼ିଶାବାସୀ ଜାଣିଛନ୍ତି । ଏହା ପରେ ଗିରିଧାରୀ ଗମାଙ୍ଗ ମଧ୍ୟ ପରିସ୍ଥିତିରେ ପଡ଼ି ଓଡ଼ିଶାର ମୁଖ୍ୟମନ୍ତ୍ରୀ ହେଲେ । ସେ ମଧ୍ୟ ଅଳ୍ପ ଦିନ ମୁଖ୍ୟମନ୍ତ୍ରୀ ରହିଲେ । ଓଡ଼ିଶାର ଉପକୂଳରେ ମହାବାତ୍ୟା ଯେପରି କାୟା ବିସ୍ତାର କରି ଛାରଖାର କରିଦେଲା, ସେଥିରେ ସେ କିଛି କରିପାରିଲେ ନାହିଁ । ଏପରିକି ସେ ସାଂସଦ ପଦବୀରୁ ଇସ୍ତଫା ଦେଇ ନ ଥିବାରୁ ମୁଖ୍ୟମନ୍ତ୍ରୀ ଏଠି ଥାଇ ତତ୍କାଳୀନ ବିଜେପିର ଅଟଳ ବିହାରୀ ବାଜପେୟୀଙ୍କ ସରକାର ବିରୋଧରେ ଅନାସ୍ଥା ପ୍ରସ୍ତାବ ସପକ୍ଷରେ ଗୋଟିଏ ଭୋଟ ଦେବାରୁ ବାଜପେୟୀଙ୍କ ସରକାରର ପତନ ସେହି ଗୋଟିଏ ଭୋଟରେ ହୋଇଥିଲା ବୋଲି ଅଭିଯୋଗ ହୋଇଥିଲା ଏବଂ ଗମାଙ୍ଗ ବିବାଦୀୟ ହୋଇପଡ଼ିଲେ । ଦୁଃଖର କଥା ସେହି ବିଜେପି ଦଳ ମଧ୍ୟ କଂଗ୍ରେସରୁ ତାଙ୍କୁ ଡାକିଆଣି ଦଳରେ ସଦସ୍ୟ କରାଇଥିଲା । ମାତ୍ର ସେ ମଧ୍ୟ ବିଜେପିରେ ବେଶୀ ଦିନ ରହିପାରିଲେ ନାହିଁ ଏବଂ ସମ୍ଭବତଃ ସେ ଏବେ ପ୍ରତ୍ୟକ୍ଷ ରାଜନୀତିରେ ନ ରହି ରାଜନୀତିରୁ ସନ୍ନ୍ୟାସ ନେଇଥିବା ପରି ମନେହେଉଛି ।

ଏ ସବୁ ଦୃଷ୍ଟିରୁ ଜଣେ ସଚ୍ଚୋଟ ଆଦିବାସୀ ଯୁବକଙ୍କୁ ପ୍ରଧାନମନ୍ତ୍ରୀ ମୋଦି ଓଡ଼ିଶା ଶାସନର ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଦେଇ ଓଡ଼ିଶାର ସାମାଗ୍ରିକ ଉନ୍ନତି ପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦେଉଥିବା ଆନନ୍ଦର କଥା ।

**ସମ୍ପାଦକୀୟ**

କଂଗ୍ରେସର ଦୁଇ ଆଦିବାସୀ ମୁଖ୍ୟମନ୍ତ୍ରୀ ଭୁଲ୍ କରିବାରୁ ବିଜୁ ଜନତା ଦଳର ନେତା ନବୀନ ପଟ୍ଟନାୟକଙ୍କୁ ଲୋକେ ମୁଖ୍ୟମନ୍ତ୍ରୀ ଭାବେ ଗ୍ରହଣ କରି ତାଙ୍କ ଦଳକୁ ଦୀର୍ଘ ଚବିଶ ବର୍ଷ ପର୍ଯ୍ୟନ୍ତ ଭୋଟ ଦେଇଆସୁଥିଲେ । ସେ ମଧ୍ୟ ଲୋକପ୍ରିୟତାର ଶୀର୍ଷ ସ୍ଥାନରେ ପହଞ୍ଚିଥିଲେ । ମାତ୍ର ସେ ମଧ୍ୟ ଭୁଲ କରିବାରୁ ଲୋକେ ପରିବର୍ତ୍ତନ ଚାହିଁଲେ ଓ ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ ଉଦ୍ୟମରୁ ଓଡ଼ିଶାରେ ବିଜେପି ସରକାର ଗଠିତ ହେଲା ବୋଲି କହିଲେ କିଛି ଅତ୍ୟୁକ୍ତି ହେବ ନାହିଁ । ପ୍ରଧାନମନ୍ତ୍ରୀ ବାଛିଥିବା ମୋହନ ଚରଣ ମାଝୀ ଜଣେ ଆଦିବାସୀ ଯୁବକ ହେଲେ ମଧ୍ୟ ବହୁତ ଭାବିଚିନ୍ତି କାର୍ଯ୍ୟ ନ କଲେ, ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ତାଙ୍କୁ ଖରାପ ଭାବିବେ । ଏ କଥା ସେ ମଧ୍ୟ ଜାଣିଛନ୍ତି । ପ୍ରଧାନମନ୍ତ୍ରୀ ତାଙ୍କୁ ଓଡ଼ିଶାର ସୁବର୍ଣ୍ଣ ଯୁଗରେ ପହଞ୍ଚାଇବା ଲାଗି ସୁବର୍ଣ୍ଣ ସୁଯୋଗ ଦେଇଛନ୍ତି । ଦୁର୍ନୀତି ତାଙ୍କୁ ସ୍ପର୍ଶ କରିନାହିଁ । ତାଙ୍କର ବ୍ୟକ୍ତିତ୍ୱ ମଧ୍ୟ ମଳିନ ପଡ଼ିନାହିଁ । ସେ ତାଙ୍କର ଦଳ ଓ ସରକାରୀ କଳ ମଧ୍ୟରେ ସମନ୍ୱୟ ରଖି ଆହୁରି ଆଗକୁ ବଢ଼ିବାକୁ ହେବ । କାରଣ ଆଉ ମାତ୍ର ଯୁଗଟିଏଠାରୁ ବର୍ଷଟିଏ କମ୍ ସମୟ ରହିଛି, ଓଡ଼ିଶା ତାହାର ଜନ୍ମ ଶତବାର୍ଷିକ ଉତ୍ସବ ପାଳନ କରିବାକୁ–୨୦୨୩୬ରେ । ଭାରତ ମଧ୍ୟ ୨୦୪୭ରେ ସ୍ୱାଧୀନତାର ଶତବାର୍ଷିକ ପାଳନ କରିବ । ଏଥିପାଇଁ ପ୍ରଧାନମନ୍ତ୍ରୀ ମୋଦିଜୀ ବା ମୁଖ୍ୟମନ୍ତ୍ରୀ ମାଝୀଜୀ ଯେଉଁ ଦୃଷ୍ଟିକୋଣ ରଖିଛନ୍ତି, ସେ ସଂକ୍ରାନ୍ତୀୟ ପୁସ୍ତକ ସମ୍ଭବତଃ ପ୍ରଧାନମନ୍ତ୍ରୀ ଆସନ୍ତା ୨୦ ତାରିଖରେ ଉନ୍ମୋଚନ କରିବେ ।

ଉଲ୍ଲେଖନୀୟ ଯେ ଓଡ଼ିଶାର ଯେଉଁ ଆଦିବାସୀ ମହିଳାଙ୍କୁ ପ୍ରଧାନମନ୍ତ୍ରୀ ଭାରତର ପ୍ରଥମ ନାଗରିକ ବା ରାଷ୍ଟ୍ରପତି ହେବାର ସୁଯୋଗ ଦେଇଛନ୍ତି, ସେ ହେଉଛନ୍ତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ । ଓଡ଼ିଶାରୁ ଜଣେ କେହି ରାଷ୍ଟ୍ରପତି ହେବେ, ଏ କଥା କେହି କେବେ କଳ୍ପନା କରି ନ ଥିଲେ । ମାତ୍ର ପ୍ରଧାନମନ୍ତ୍ରୀ ହିଁ ତାଙ୍କୁ ରାଷ୍ଟ୍ରପତି କରି ଓଡ଼ିଶାର ମର୍ଯ୍ୟାଦା ବଢ଼ାଇଛନ୍ତି । ବଡ଼ ବିଚିତ୍ର କଥା ଯେ ଭାରତର ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁଙ୍କ ଜନ୍ମ ଦିବସ ମଧ୍ୟ ଜୁନ୍ ୨୦ ତାରିଖରେ । ତେଣୁ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଙ୍କ ଓଡ଼ିଶା ଗସ୍ତ ବେଶ୍ ଗୁରୁତ୍ୱପୂର୍ଣ୍ଣ ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

**ସଙ୍କଳ୍ପ**

**ନିଜ ସୁଖ ପାଇଁ, ଜାତ ନୁହେଁ ହିନ୍ଦୁ**
**ବିଶ୍ୱହିତେ ହିନ୍ଦୁ,ପ୍ରତି ରକ୍ତବିନ୍ଦୁ ।**
**ଗୋପବନ୍ଧୁ ଦାସ**

# ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା ଏକ ଦୃଷ୍ଟିପାତ



ପ୍ରଭାକର ସାହୁ

ଓଡ଼ିଶାବାସୀଙ୍କ ସ୍ୱପ୍ନ, ଆଶା ଓ ଆକାଂକ୍ଷା ଏବଂ ଓଡ଼ିଆ ଅସ୍ମିତାର ବିଜୟକୁ ଏକବର୍ଷ ପୂରଣ ହୋଇଛି । ମାନନୀୟ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ମାର୍ଗଦର୍ଶନ ଏବଂ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଜୀଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱରେ ରାଜ୍ୟରେ କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ଶିଳ୍ପ, ଭିତ୍ତିଭୂମି, ନିଯୁକ୍ତି, ସହରୀକରଣ ଆଦି କ୍ଷେତ୍ରରେ ବଳିଷ୍ଠ ପଦକ୍ଷେପ ଗ୍ରହଣ କରାଯିବା ସହିତ ମହିଳା ଓ ଯୁବବର୍ଗଙ୍କୁ ସଶକ୍ତ, କୃଷକମାନଙ୍କୁ ସମୃଦ୍ଧ ତଥା ଦଳିତ, ବଞ୍ଚିତ ଓ ପଛୁଆ ବର୍ଗଙ୍କୁ ନ୍ୟାୟ ପ୍ରଦାନ କରିବାରେ ସକ୍ଷମ ହୋଇଛନ୍ତି ଏହି ସରକାର ।

''ବିକଶିତ ଓଡ଼ିଶା@୨୦୩୬''ର ଦୃଷ୍ଟିଭଙ୍ଗୀକୁ ସାକାର କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ରାଜ୍ୟ ମନ୍ତ୍ରିମଣ୍ଡଳ ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା (ଏମଏସବିୱାଇ)କୁ ମଞ୍ଜୁରୀ ପ୍ରଦାନ କରିଛନ୍ତି, ଯାହାକି ଏକ ଦୂରଦୃଷ୍ଟିସମ୍ପନ୍ନ ଏବଂ ବ୍ୟାପକ ସହରୀ ରୂପାନ୍ତରଣ ପଦକ୍ଷେପ । ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ ୬୦୦୦ କୋଟି ଟଙ୍କା ବ୍ୟୟ ହେବାର ଆକଳନ କରାଯାଇଛି । ଏମଏସବିୱାଇ କେବଳ ଏକ ଯୋଜନା ନୁହେଁ, ବରଂ ଏହା ସମସ୍ତ ନାଗରିକଙ୍କ ପାଇଁ କାର୍ଯ୍ୟ କରୁଥିବା ସ୍ଥାୟୀ, ସମାବେଶୀ ତଥା ସ୍ଥାୟୀ ସହର ଗଠନ କରିବା ପାଇଁ ଏକ ସାହସିକ ପ୍ରତିବଦ୍ଧତା ଅଟେ ।

ଏମ୍.ଏସ୍.ବି.ୱାଇ. ଓଡ଼ିଶାର ସହରାଞ୍ଚଳର ପରିଦୃଶ୍ୟକୁ ରୂପାନ୍ତରିତ କରିବାକୁ ପ୍ରସ୍ତୁତ ହୋଇଛି । କେବଳ ୨୦୨୫–୨୬ ଆର୍ଥିକ ବର୍ଷ ପାଇଁ ଏହି ଯୋଜନାର କାର୍ଯ୍ୟକାରିତା ଆରମ୍ଭ କରିବାକୁ ୧୧୦୦ କୋଟି ଟଙ୍କା ଆବଣ୍ଟନ କରାଯାଇପାରିଛି, ଯାହା ଏକ ସ୍ପଷ୍ଟ ସଙ୍କେତ ଯେ ସରକାର ବିଳମ୍ବ ନକରି ଦୃଷ୍ଟିଭଙ୍ଗୀରୁ କାର୍ଯ୍ୟରେ ପରିଣତ କରିବାକୁ ସଂକଳ୍ପବଦ୍ଧ ।

ଏହି ଯୋଜନାର ମୁଖ୍ୟ ବୈଶିଷ୍ଟ୍ୟ ହେଉଛି ଏହାର ସମନ୍ୱିତ ଏବଂ ମାନବ–କୈନ୍ଦ୍ରିକ ଦୃଷ୍ଟିକୋଣ । ଏହା ସହରୀ ସମ୍ପ୍ରଦାୟର ଜରୁରୀ ଭିତ୍ତିଭୂମି ଏବଂ ଦୈନନ୍ଦିନ ଆବଶ୍ୟକତା ଉଭୟକୁ ସମ୍ବୋଧିତ କରିଥାଏ । ଏହି ଯୋଜନାରେ ଆଧୁନିକ କଲ୍ୟାଣ ମଣ୍ଡପ, ଟାଉନ୍ ହଲ୍, ଗୋଷ୍ଠି କେନ୍ଦ୍ର ଏବଂ ବଜାରଠାରୁ ଆରମ୍ଭ କରି ରାସ୍ତା ଏବଂ ନାଳ, ପଡ଼ୋଶୀ ଭେଣ୍ଡିଂ ଜୋନ୍, ମାଛ ଏବଂ ସାପ୍ତାହିକ ବଜାର, ପାର୍କିଂ ସୁବିଧା ଏବଂ ଇଲେକ୍ଟ୍ରିକାଲ ଭେଇକଲ୍ ଷ୍ଟେସନ୍ ପର୍ଯ୍ୟନ୍ତ ଅନେକ ପ୍ରକଳ୍ପ ଅନ୍ତର୍ଭୁକ୍ତ ।

ମିନି କୋଲ୍ଡ ଷ୍ଟୋରେଜ ୟୁନିଟ ଏବଂ ମଲ୍ଟି–ୟୁଟିଲିଟି କମର୍ସିଆଲ କମ୍ପ୍ଲେକ୍ସ ଭଳି ନୂତନ ଆବିଷ୍କାରଗୁଡ଼ିକ ନାଗରିକ ଭିତ୍ତିଭୂମିରେ ଆର୍ଥିକ ସାଧ୍ୟତାର ଏକ ସ୍ତରରେ ଯୋଗ କରିଥାଏ, ଯାହା ସହରାଞ୍ଚଳର ସ୍ଥାନୀୟ ସଂସ୍ଥାଗୁଡ଼ିକୁ (ୟୁ.ଏଲ୍.ବି.) ରାଜସ୍ୱ ସୃଷ୍ଟି କରିବା ଏବଂ ବାହ୍ୟ ଅନୁଦାନ ଉପରେ ନିର୍ଭରଶୀଳତା ହ୍ରାସ କରିବାରେ ସକ୍ଷମ କରିଥାଏ ।

ଏମଏସବିୱାଇର ବିଶେଷତ୍ୱ ହେଉଛି ଏହାର ବାସୋପଯୋଗୀତା ଉପରେ ଧ୍ୟାନ ଦେବା । ମିନି ପାର୍କ, ଓପନ୍–ଏୟାର ଜିମ୍, ୱାକିଙ୍ଗ ଟ୍ରାକ୍, ଖେଳ ପଡିଆ ଏବଂ ଶିଶୁ–ଅନୁକୂଳ ସର୍ବସାଧାରଣ ସ୍ଥାନରେ ନିର୍ମାଣ କରିବା ଏହି ଯୋଜନାର ଲକ୍ଷ୍ୟ ହେଉଛି ସହରଗୁଡ଼ିକୁ ଅଧିକ ମାନବିକ ଏବଂ ବାସୋପଯୋଗୀ କରିବା । ଭୋଗମଣ୍ଡପ, ଭଗବତ ଟୁଙ୍ଗି ଏବଂ ବର୍ଷା ଜଳ ସଂଗ୍ରହ ସଂରଚନାର ବିକାଶ ଓଡ଼ିଶାର ଐତିହ୍ୟ, ସ୍ଥାୟିତ୍ୱ ଏବଂ ସାମୁଦାୟିକ ମୂଲ୍ୟବୋଧର ଅନନ୍ୟ ମିଶ୍ରଣକୁ ପ୍ରତିଫଳିତ କରେ ।

୫୦,୦୦୦ ସହରାଞ୍ଚଳ ଭିତ୍ତିଭୂମି ପ୍ରକଳ୍ପ କାର୍ଯ୍ୟକାରୀ କରିବାର ଏକ ଉଚ୍ଚାକାଂକ୍ଷୀ ଲକ୍ଷ୍ୟ ସହିତ, ଏମ୍.ଏସ୍.ବି.ୱାଇ. ସମଗ୍ର ରାଜ୍ୟରେ ୫ ଲକ୍ଷରୁ ଅଧିକ ବେତନଯୁକ୍ତ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ବୋଲି ଆଶା କରାଯାଉଛି । ଏହା ଦକ୍ଷ ଏବଂ ଅଣଦକ୍ଷ ଉଭୟ ଶ୍ରମିକଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରୋତ୍ସାହନ ପ୍ରଦାନ କରିବ, ତୃଣମୂଳ ସ୍ତରରେ ଅର୍ଥନୈତିକ କାର୍ଯ୍ୟକଳାପକୁ ତ୍ୱରାନ୍ୱିତ କରିବ ଏବଂ ସହରାଞ୍ଚଳ ସ୍ଥାନୀୟ ସଂସ୍ଥାଗୁଡ଼ିକର ସାମର୍ଥ୍ୟକୁ ମଜବୁତ କରିବ ।

ଜଳବାୟୁ ପରିବର୍ତ୍ତନ ଦ୍ୱାରା ପରିଭାଷିତ ଏକ ଯୁଗରେ, ଏମ୍.ଏସ୍.ବି.ୱାଇ. ୫,୦୦୦ରୁ ଅଧିକ ଜଙ୍ଗଲ ସୃଷ୍ଟିର ପ୍ରକଳ୍ପ ସହିତ ନଦୀ କୂଳ ଏବଂ ସହରାଞ୍ଚଳ ଜଳାଶୟର ପୁନରୁଦ୍ଧାର କାର୍ଯ୍ୟକୁ ଅନ୍ତର୍ଭୁକ୍ତ କରି ପ୍ରଶଂସନୀୟ ଭାବେ ଆଗକୁ ବଢୁଛି, ଯାହା ପରିବେଶର ସନ୍ତୁଳନ ଏବଂ ବନ୍ୟା ପ୍ରତିରୋଧକୁ ସୁନିଶ୍ଚିତ କରୁଛି ।

ସମାନ ଭାବେ ପ୍ରଭାବିତ ହେଉଛି ପଶୁ କଲ୍ୟାଣ ଉପରେ ଏହି ଯୋଜନାର ଧ୍ୟାନ, ଯେଉଁଥିରେ ଗୋଶାଳା, କାଞ୍ଜିୟାହୁଡ଼ା ଏବଂ ପୋଷା ଜୀବଙ୍କ ଯତ୍ନ କେନ୍ଦ୍ର ବିକଶିତ କରିବା ପାଇଁ ଯୋଜନା ରହିଛି । ଏହା କରିବା ଦ୍ୱାରା, ଓଡ଼ିଶା ସହରୀ ଯୋଜନା ଆଲୋଚନାରେ ପଶୁ କଲ୍ୟାଣକୁ ମୁଖ୍ୟଧାରାକୁ ଆଣିବାରେ ଅଳ୍ପ କେତେକ ରାଜ୍ୟ ମଧ୍ୟରେ ଅନ୍ୟତମ ହୋଇଯାଏ ଓଡ଼ିଶା।

ଯେତେବେଳେ ଓଡ଼ିଶାର ସହରାଞ୍ଚଳ ଦ୍ରୁତ ଗତିରେ ବଢୁଛି, ସେହି ସମୟରେ 'ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା' ଏକ ଗୁରୁତ୍ୱପୂର୍ଣ୍ଣ ସମୟରେ ପହଞ୍ଚିଛି, ତଥାପି ଅନେକ ମୌଳିକ ଭିତ୍ତିଭୂମି, ସୁବିଧା ଏବଂ ଯୋଜନା ପାଇଁ ଅଭାବର ସମ୍ମୁଖୀନ ହେଉଛନ୍ତି । ଏହି ମିଶନ–ମୋଡ୍ ଯୋଜନା ପାଣ୍ଠି, ଦୂରଦୃଷ୍ଟି ଏବଂ ଲୋକଙ୍କୁ ପ୍ରାଥମିକତା ଦେଇ ସେହି ଅଭାବଗୁଡ଼ିକୁ ପୂରଣ କରିବାକୁ ହେବ ।

ଏହା କେବଳ ସହରାଞ୍ଚଳ ଭିତ୍ତିଭୂମି ପାଇଁ ନୁହେଁ, ବରଂ ସହରୀ ମର୍ଯ୍ୟାଦା ପାଇଁ ଏକ ମାର୍ଗଚିତ୍ର – ଯେଉଁଠାରେ ବିକାଶକୁ କେବଳ କଂକ୍ରିଟରେ ନୁହେଁ, ବରଂ ଲୋକଙ୍କ ଜୀବନରେ ବିଭିନ୍ନ ସୁବିଧା, ସୁଯୋଗ ଏବଂ କଲ୍ୟାଣ ଯୋଗେ ଅଣାଯାଇ ପାରିବ । ଏହି ପରିପ୍ରେକ୍ଷୀରେ, ମୁଖ୍ୟମନ୍ତ୍ରୀ ସହାରୀ ବିକାଶ ଯୋଜନା ଓଡ଼ିଶାର@୨୦୩୬ ପର୍ଯ୍ୟନ୍ତ ଯାତ୍ରାରେ ଏକ ନିର୍ଣ୍ଣାୟକ ମୁହୂର୍ତ୍ତ ଭାବରେ ଉଭା ହୋଇପାରେ–ଏକ ମୁହୂର୍ତ୍ତ ଯେଉଁଠାରେ ରାଜ୍ୟ କେବଳ ସହର ନିର୍ମାଣ କରିବାକୁ ନୁହେଁ, ବରଂ ଭବିଷ୍ୟତର ଓଡ଼ିଶା ଗଠନ କରିବାକୁ ସୁଚିନ୍ତିତ ବ୍ୟବସ୍ଥା କରାଯାଇଛି ।

**ମୋ: ୯୪୩୯୬୫୪୨୨୨**

# ଜ୍ଞାନ, ବିଜ୍ଞାନ ଓ ଆତ୍ମଜ୍ଞାନ



ମନୋରଂଜନ ମହାନ୍ତି

ବହି ପଢ଼ି ଯେଉଁ ସୂଚନା ସଂଗ୍ରହ କରାଯାଏ, ତାହା 'ଜ୍ଞାନ' । ପରୀକ୍ଷାଲବ୍ଧ ପ୍ରଣାଳୀବଦ୍ଧ ବ୍ୟାପକ ଜ୍ଞାନ ହେଉଛି 'ବିଜ୍ଞାନ' । ନିଜ ଭିତରେ ଯେଉଁ ଅନନ୍ତ ଶକ୍ତି, ଅସୀମ ସମ୍ଭାବନା ରୂପରେ ଐଶ୍ୱରିକ ଐଶ୍ୱର୍ଯ୍ୟ ଭରି ରହିଛି ତାକୁ ଉପଲବ୍ଧି କରି ଉପଯୋଗ କରିବା ଅର୍ଥାତ୍ ନିଜେ ବ୍ରହ୍ମାନୁଭବରେ ପ୍ରତିଷ୍ଠିତ ହୋଇ ସର୍ବତ୍ର ବ୍ରହ୍ମଦର୍ଶନ କରିବା ହେଉଛି 'ଆତ୍ମଜ୍ଞାନ' । ଜଣେ ଜ୍ଞାନୀ ସରଳ ହେଇପାରେ, ଜଟିଳ ବି ହେଇପାରେ, ବିନୟୀ ହେଇପାରେ, ଅହଂକାରୀ ବି ହେଇପାରେ । କିନ୍ତୁ ଜଣେ ଆତ୍ମଜ୍ଞାନୀ ସ୍ୱାଭାବିକ ଭାବରେ ସରଳ ଓ ବିନୟୀ ।

ଐତିହାସିକ ଆବୁଲ୍‌ଫଜଲ୍ କାଶ୍ମୀର ଉପତ୍ୟକାରେ ସାକ୍ଷାତ କରିଛନ୍ତି ସୁଫି ସନ୍ଥ ୱାହିଦ୍‌ଙ୍କୁ, ଯାହାଙ୍କ ସମ୍ପର୍କରେ ସେ ଲେଖିଛନ୍ତି :– 'ସୁଫି ୱାହିଦ୍ ତିରିଶ ବର୍ଷ ଧରି ଗୋଟେ ପୁରୁଣା ଚଟ ବା ଆସନକୁ ବ୍ୟବହାର କରୁଛନ୍ତି, ଖୁସି ବି ଅଛନ୍ତି, ସୁଖଦୁଃଖରୁ ଅଲଗା ରହୁଛନ୍ତି । କାହାରିଠାରୁ ଟୁକୁଡ଼ା ରୁଟି ବ୍ୟତୀତ ଅନ୍ୟ କିଛି ଗ୍ରହଣ କରୁନାହାନ୍ତି । ତାଙ୍କ ମିତାଚାର, ମିତାହାର, ସ୍ଥିତପ୍ରଜ୍ଞ ସ୍ୱଭାବକୁ ଦେଖିଲେ ବୋଧ ହେଉଛି ସେ ଜଣେ ଆତ୍ମଜ୍ଞାନୀ ।' ମୋଗଲ ସମ୍ରାଟ ଜାହାଙ୍ଗୀର ନିଜର ଆତ୍ମଚରିତରେ ଲେଖିଛନ୍ତି, 'ସୁଫିମାନେ ସରଳ ଓ ଛଳନାଶୂନ୍ୟ, କାହାକୁ ଗାଳିଦିଅନ୍ତି ନାହିଁ, କାହା ପ୍ରତି ଦୁର୍ବ୍ୟବହାର କରନ୍ତି ନାହିଁ, ଇଚ୍ଛାର ଜିଭରେ ଲଗାମ ଲଗାନ୍ତି, ଖୋଜିବାର ପାଦକୁ ରୋକନ୍ତି, ଫଳ ଧାରଣ କରୁଥିବା ଗଛର ଚାରା ରୋପଣ କରନ୍ତି, ଯେପରି ଅନ୍ୟମାନେ ସେଥିରୁ ଉପକାର ପାଇବେ । ସେମାନଙ୍କର ନିଜର କୌଣସି ଲାଭର ଆଶା ନଥାଏ । ଯାକୁଇ କହନ୍ତି ଆତ୍ମଜ୍ଞାନ ।'

ସୁଫିମାନେ ମଧ୍ୟ–ଏସିଆ, ଇରାନ, ଇରାକରୁ ଆସି କାଶ୍ମୀର ଉପତ୍ୟକାରେ ବାସ କରୁଥିଲେ । ଏବେ ସେହି ସିଦ୍ଧ ପୁରୁଷମାନଙ୍କ ସମାଧିସ୍ଥଳ, ଯାହାକୁ କୁହାଯାଉଛି ଦରଘା, ଶ୍ରୀନଗର ଭିତରେ ଓ ଚାରିପଟେ ଅଛି, ଯାହା ଉଭୟ ହିନ୍ଦୁ ଓ ମୁସଲମାନଙ୍କ ପାଇଁ ତୀର୍ଥସ୍ଥାନ । ଜଣେ ପ୍ରସିଦ୍ଧ ସୁଫି ସନ୍ଥ ହମ୍ଦାନ୍ ଇରାନ୍‌ରୁ ସାତଶହ ସୁଫିଙ୍କୁ ସାଥିରେ ଆଣି ଶ୍ରୀନଗରକୁ ଆସିଥିଲେ । ଉପତ୍ୟକାରେ ହମ୍ଦାନ୍‌ଙ୍କ ଉପସ୍ଥିତି ଲୋକମାନଙ୍କୁ ଖୁବ୍ ପ୍ରଭାବିତ କରିଥିଲା । ସେ ଥିଲେ ଜଣେ ଲେଖକ, କବି । ସେ ଓ ତାଙ୍କର ଶିଷ୍ୟ, ଅନୁଗାମୀମାନେ ସାଧାରଣ ଲୋକଙ୍କ ପାଇଁ ଧର୍ମଶାଳା ନିର୍ମାଣ କରିଥିଲେ । ଉପତ୍ୟକାର ତତ୍କାଳୀନ ସୁଲ୍‌ତାନ୍ କୁତବ୍–ଉଦ୍ଦିନ୍ ତାଙ୍କର ମହାନତାକୁ ସ୍ୱୀକାର କରି କହିଥିଲେ, 'ଆତ୍ମଜ୍ଞାନୀମାନଙ୍କର ମହାନତା ସେମାନଙ୍କ ମହାନୁଭବତାରେ ଥାଏ । ହମ୍ଦାନ୍ କେବଳ କବିତା ରଚନା କରୁନଥିଲେ, ସମସ୍ତଙ୍କଠାରେ ପରମେଶ୍ୱର ଦର୍ଶନ କରି ପରୋପକାରରେ ମନୋନିବେଶ କରିଥିଲେ' ।

ଗତ ଶତାବ୍ଦୀର ଦୁଇଜଣ ପାଶ୍ଚାତ୍ୟ ବିଦ୍ୱାନ, ପ୍ରାଚ୍ୟ ବିଦ୍ୟା ବିଶାରଦ, ଆଧ୍ୟାତ୍ମିକ ରୂପରେ ଇଚ୍ଛୁକ ବ୍ୟକ୍ତି ଆଲ୍‌ଡସ୍ ହକ୍ସଲେ ଓ କାର୍ଲ୍ ଗୁସ୍ତାଭ୍ ଜଙ୍ଗ୍ ସେମାନଙ୍କ ଫଳପ୍ରଦ ଜୀବନର ଅନ୍ତିମ ଚରଣରେ ଆତ୍ମଜ୍ଞାନ ସମ୍ବନ୍ଧରେ ସନ୍ଦେହ ପୋଷଣ କରିଥିଲେ । ଜଣେ ଯଶସ୍ୱୀ ମନୋଚିକିତ୍ସକ ଭାବରେ ଜଙ୍ଗଙ୍କ ମନରେ ଆତ୍ମଜ୍ଞାନର ସମ୍ପୂର୍ଣ୍ଣ ସଂଜ୍ଞା ସମ୍ବନ୍ଧରେ ପ୍ରବଳ ସନ୍ଦେହ ଥିଲା । ପ୍ରଥମତଃ ଆତ୍ମଜ୍ଞାନର ସମ୍ପୂର୍ଣ୍ଣ ଅବଧାରଣା ବା ସଂକଳ୍ପନା ହେଉଛି ଏକ ବ୍ୟକ୍ତିନିଷ୍ଠ ପ୍ରକ୍ରିୟା । ବାସ୍ତବରେ ଆତ୍ମଜ୍ଞାନ ହେଉଛି ସର୍ବୋତ୍କୃଷ୍ଟ, ସାରମୟ ଆଧ୍ୟାତ୍ମିକ ଆତ୍ମବାଦ ବା ଅହଂ ବ୍ରହ୍ମାସ୍ମିବାଦ । ଏଇଟା ପୂର୍ଣ୍ଣତଃ ଗୋଟେ ବ୍ୟକ୍ତିନିଷ୍ଠ ଅନୁଭୂତି, ଯାହା ଏତେ ତରଳ ଓ ଅଣାକାର ଯେ ତାକୁ ମାପିବାକୁ, ଆକଳନ କରିବାକୁ କୌଣସି ତରିକା ନାହିଁ । ଆମେରିକାର ଦାର୍ଶନିକ, କବି ୱାଲ୍ଟ ହ୍ୱିଟ୍‌ମ୍ୟାନ୍ କହନ୍ତି, ଆମେ ମଣିଷମାନେ ହେଉଛୁ ଆତ୍ମବୋଧ ବା ଆତ୍ମାନୁଭୂତିର ପଥରେ ଶାଶ୍ୱତ ସାଧକ । ଆମର ଅସ୍ତିତ୍ୱ ଅଛି ବୋଲି ଭଗବାନଙ୍କର ଅସ୍ତିତ୍ୱ ଅଛି !

ସେହିଭଳି ଜଣେ ଆତ୍ମଜ୍ଞାନୀ ଥିଲେ ଶୁଦ୍ଧ ବା ସୈଦ୍ଧାନ୍ତିକ ଗଣିତଜ୍ଞ ଶ୍ରୀନିବାସ ରାମାନୁଜନ୍ । ଜଣେ ଆତ୍ମଜ୍ଞାନୀର ସକଳ ଲକ୍ଷଣ : ସରଳତା, ବିନୟ, ସମଦର୍ଶିତା, ଭଗବତ୍ ବିଶ୍ୱାସ, ଅଧ୍ୟାତ୍ମ ସାଧନା, ଆତ୍ମୋପଲବ୍ଧି, ସର୍ବତ୍ର ବ୍ରହ୍ମାନୁଭବ ତାଙ୍କଠାରେ ପ୍ରକାଶ ପାଇଥିଲା । ତ୍ୟାଗରାଜ ଓ ବିସ୍‌ମିଲ୍ଲା ଖାଁଙ୍କର ସଙ୍ଗୀତ ମାର୍ଗରେ, ମୀରାବାଈଙ୍କର ଭଜନ ମାର୍ଗରେ, ଆଦି ଶଙ୍କରଙ୍କର ଦର୍ଶନ, ମୋହନଦାସ କରମଚାନ୍ଦ ଗାନ୍ଧିଙ୍କର କର୍ମବାଦ ବା ସକ୍ରିୟତାବାଦ ମାର୍ଗରେ ଈଶ୍ୱରାନୁଭବ ହୋଇଥିଲା । ସେହି ଈଶ୍ୱର ସର୍ବବ୍ୟାପୀ ଓ ଅନନ୍ତ । ପୁଣି ସୂକ୍ଷ୍ମ ଓ ଅଦୃଶ୍ୟ । ସେ ଏକ, ଅନନ୍ତ ଓ ଶୂନ୍ୟ ମଧ୍ୟ । ତତ୍କାଳୀନ ମହୀଶୂର ଷ୍ଟେଟ୍ (ଏବର ତାମିଲନାଡୁ)ର ଇରୋଡ୍‌ଠାରେ ୧୮୮୭ ମସିହାରେ ଜନ୍ମଗ୍ରହଣ କରିଥିବା ଶ୍ରୀନିବାସ ରାମାନୁଜନ୍ ଗଣିତ ମାର୍ଗରେ ଈଶ୍ୱରାନୁଭବ ପ୍ରାପ୍ତ ହୋଇଥିଲେ । ସବୁ ବିଜ୍ଞାନ ଭଳି ଗଣିତ ଦୁଇ ପ୍ରକାର : ଶୁଦ୍ଧ ବା ସୈଦ୍ଧାନ୍ତିକ ଓ ବ୍ୟାବହାରିକ । ରାମାନୁଜନ୍‌ଙ୍କର ବ୍ୟାବହାରିକ ଗଣିତରେ ରୁଚି ନଥିଲା, ସେ ଶୁଦ୍ଧ ଗଣିତ ପ୍ରତି ସମର୍ପିତ ଥିଲେ ।

ମାନବ–ଗଣକମାନେ ଏପରି ବ୍ୟକ୍ତି ଯେଉଁମାନେ କୌଣସି ଉପକରଣ ବା ମେସିନ୍‌ର ବିନା ସହାୟତାରେ ଜଟିଳ ଗଣିତୀୟ ଗଣନା ଅର୍ଥାତ୍ ବଡ଼ ବଡ଼ ସଂଖ୍ୟାର ଗୁଣନ, ହରଣ କରିପାରନ୍ତି । ପରନ୍ତୁ ସଚ୍ଚା ଗଣିତଜ୍ଞମାନେ ଗୋଟେ ଭିନ୍ନ ଜନଜାତିର । ସେମାନେ ସୃଷ୍ଟିରେ ପ୍ୟାଟର୍ଣ୍ଣ ଯାଞ୍ଚ କରନ୍ତି, ଯାହାକୁ ପରବର୍ତ୍ତୀ ସମୟରେ ଗଣିତୀୟ ପ୍ରମେୟ (ଥିଓରମ୍) ଆକାରରେ ପ୍ରକାଶ କରନ୍ତି । ସେମାନଙ୍କ ଗଣିତରେ ଗୋଟେ ଆଧ୍ୟାତ୍ମିକ ଅନ୍ତର୍ଧାରା ଥାଏ । ପିଥାଗୋରାସ୍, ନିଉଟନ୍, ଆଇନ୍‌ଷ୍ଟାଇନ୍, ଶ୍ରୀନିବାସ ରାମାନୁଜନ୍ ପ୍ରମୁଖ ସେହିପରି ଗଣିତଜ୍ଞ ଥିଲେ । ସେମାନେ ଏକାଧାରରେ ବିଜ୍ଞାନୀ, ଆତ୍ମଜ୍ଞାନୀ ।

ଶୁଦ୍ଧ ଗଣିତଜ୍ଞମାନେ ଅନନ୍ତ (ଇନ୍‌ଫିନିଟି) ସହିତ ଯୋଡ଼ି ହୋଇ ରହନ୍ତି । ପାରମ୍ପରିକ ଅର୍ଥରେ ସେମାନେ ଧର୍ମନିଷ୍ଠ ହୋଇପାରନ୍ତି ବା ନପାରନ୍ତି । କିନ୍ତୁ ରାମାନୁଜନ୍‌ଙ୍କର ଧାର୍ମିକତା, ପୁଣ୍ୟଶୀଳତା ଅତ୍ୟନ୍ତ ସ୍ପଷ୍ଟ ଥିଲା । ସେ ନିଜ କୁଳଦେବତା 'ନାମଗିରି'ଙ୍କ ପ୍ରତି ସମର୍ପିତ ଥିଲେ । ନାମଗିରି ନରସିଂହଙ୍କ ପତ୍ନୀ । ନରସିଂହ ହେଉଛନ୍ତି ମହାବିଷ୍ଣୁଙ୍କର ଅବତାର । ରାମାନୁଜନ୍‌ଙ୍କର କୌଣସି ଔପଚାରିକ ଡିଗ୍ରୀ ନଥିଲା ଏବଂ ୧୯୧୦ ମସିହାରେ ସେ ଥିଲେ ବେକାର୍, ବେରୋଜଗାର୍ । ସେତିକିବେଳେ କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟରୁ ତାଙ୍କୁ ନିମନ୍ତ୍ରଣ ମିଳିଲା । ରାମାନୁଜନ୍ ବ୍ରାହ୍ମଣ ହୋଇଥିବାରୁ ସମୁଦ୍ର ଅତିକ୍ରମ କରି ଇଂଲଣ୍ଡକୁ ପାଠ ପଢ଼ିବା ପାଇଁ ଯିବା (ସେତେବେଳେ ସମୁଦ୍ର ଅତିକ୍ରମ କରି ବିଦେଶକୁ ଯିବା 'ଆଧ୍ୟାତ୍ମିକ ପ୍ରଦୂଷଣ' ରୂପେ ବିଚାର କରାଯାଉଥିଲା) ଉଚିତ୍ ହେବ କି ନାହିଁ ସେଥିପାଇଁ ମାର୍ଗଦର୍ଶନ ନିମିତ୍ତ ସେ ନାମକ୍କଲ୍‌ସ୍ଥିତ ଦେବୀ ମନ୍ଦିର ପ୍ରାଙ୍ଗଣରେ ତିନିରାତି ଜାଗ୍ରତ ହୋଇ ବିତାଇଲେ । ତୃତୀୟ ଦିନର ମଧ୍ୟରାତ୍ରିରେ ଉଜ୍ଜ୍ୱଳ ଆଲୋକର ଏକ ସ୍ତମ୍ଭ ଚମକି ଉଠିଲା, ଯାହାକୁ ସେ ଦେବୀଙ୍କ ସହମତି ରୂପରେ ଗ୍ରହଣ କଲେ, ଜଳଯାତ୍ରା କରି କେମ୍ବ୍ରିଜ୍‌ରେ ପହଞ୍ଚିଲେ । ପରବର୍ତ୍ତୀ ସମୟରେ ଗଣିତଶାସ୍ତ୍ର ଇତିହାସରେ ସେ ହେଲେ ଜଣେ ଯୁଗପୁରୁଷ, ଏକାଧାରରେ ଜ୍ଞାନୀ, ବିଜ୍ଞାନୀ, ଆତ୍ମଜ୍ଞାନୀ, ଯିଏ ଗଣିତୀୟ ସତ୍ୟ ପ୍ରତି ନିଜ ଅନ୍ତର୍ଜ୍ଞାନର ଶ୍ରେୟ ଈଶ୍ୱରଙ୍କୁ ହିଁ ଦେଉଥିଲେ ।

ବାଳକ ବୟସରେ ରାମାନୁଜନ୍ ଗଣିତ ସହିତ ଯୁକ୍ତ ରହସ୍ୟମୟ ଏକାଳାପ (ମନୋଲଗ୍)ରେ ଲିପ୍ତ ରହୁଥିଲେ, ଯାହାକୁ ତାଙ୍କର ଶ୍ରୋତାମାନେ ଅନେକ ସମୟରେ ବିଚିତ୍ର ବା ଅଜବ ବୋଲି ଭାବୁଥିଲେ । ଥରେ କୁମ୍ଭକୋନମ୍‌ରେ ସ୍ଥାନୀୟ ଶ୍ରୋତାମାନଙ୍କ ଆଗରେ 'ଈଶ୍ୱର', 'ଶୂନ୍ୟ' ଓ 'ଅନନ୍ତ' ମଧ୍ୟରେ ସମ୍ବନ୍ଧ ଆଧାରିତ ତାଙ୍କର ଏକାଳାପ ବିଷୟରେ କହି ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲେ । ସେ ଅନେକ ସମୟରେ କହୁଥିଲେ, କୌଣସି ସମୀକରଣର ସେପର୍ଯ୍ୟନ୍ତ କିଛି ମୂଲ୍ୟ ନାହିଁ ଯେପର୍ଯ୍ୟନ୍ତ ତାହା ଈଶ୍ୱରଙ୍କ ବିଚାରକୁ ବ୍ୟକ୍ତ କରୁନାହିଁ ।

'ବିଷ୍ଣୁ ସହସ୍ରନାମମ୍'ରେ ମହାବିଷ୍ଣୁଙ୍କର ୧,୦୦୦ ନାମ ମଧ୍ୟରେ 'ଅନନ୍ତ' (ଇନ୍‌ଫିନିଟି) ଗୋଟିଏ ନାମ । ଗଣିତରେ ରାମାନୁଜନ୍‌ଙ୍କ ଅଧିକାଂଶ ଖୋଜ୍ ବା ଆବିଷ୍କାର 'ଅନନ୍ତ–ଶୃଙ୍ଖଳା' (ଇନ୍‌ଫିନିଟି ସିରିଜ୍) ସହିତ ସମ୍ବନ୍ଧିତ । ଯେତେବେଳେ ସେ କହୁଥିଲେ ତାଙ୍କର ଅନେକ ନିଷ୍କର୍ଷକୁ ଈଶ୍ୱର ତାଙ୍କୁ ସ୍ୱପ୍ନରେ କହିଦେଉଥିଲେ, ତାହା ତାଙ୍କ ପାଶ୍ଚାତ୍ୟର ତର୍କସଙ୍ଗତ ମିତ୍ରମାନଙ୍କ ପାଇଁ ଚିତ୍ତାକର୍ଷକ, ପ୍ରାୟତଃ ସଙ୍କୋଚଶୀଳ ଥିଲା । ତାଙ୍କର ପ୍ରମେୟଗୁଡ଼ିକ ଅନେକ ସମୟରେ ସୋପାନ ଡେଇଁ ଯାଉଥିଲେ । ବେଦାନ୍ତର ସୂତ୍ର ଭଳି ସେଗୁଡ଼ିକ ଗୁପ୍ତ ବା ଅପ୍ରକଟ ଥିଲା, ଗୂଢ଼ ଥିବାରୁ ଅବ୍ୟକ୍ତ ବୋଧ ହେଉଥିଲା । ପାଶ୍ଚାତ୍ୟ ଗଣିତଜ୍ଞମାନେ ରାମାନୁଜନ୍‌ଙ୍କ ପ୍ରମେୟଗୁଡ଼ିକୁ ଶୈକ୍ଷଣିକ ଅନୁଶାସନର ଅନୁରୂପ କରିବା ପାଇଁ ପ୍ରମାଣ କରିବାକୁ କଠିନ ପରିଶ୍ରମ କରୁଥିଲେ । ସେମାନେ ରାମାନୁଜନ୍‌ଙ୍କ ପ୍ରତିଭାରେ ଆଶ୍ଚର୍ଯ୍ୟଚକିତ ହେଉଥିଲେ, ଚିନ୍ତା କରୁଥିଲେ ଅତି ସାଧାରଣ ଭଳି ଦୃଶ୍ୟ ହେଉଥିବା ଜଣେ ମଣିଷଠାରେ ଈଶ୍ୱର ସତରେ ଏପରି ଅନ୍ତର୍ଜ୍ଞାନକୁ ପ୍ରେରିତ କରିଥିଲେ, ଯାହା ଥିଲା ତାଙ୍କର ଆତ୍ମଜ୍ଞାନ, ଯେଉଁ ଆତ୍ମଜ୍ଞାନ ଥିଲା ଜ୍ଞାନ ଓ ବିଜ୍ଞାନର ବହୁ ଊର୍ଦ୍ଧ୍ୱରେ, ଅକଳ୍ପନୀୟ ଦୂରତାରେ ।

**ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ**
**ଧର୍ମଶାଳା, ଯାଜପୁର**
**ମୋ–୯୮୫୩୨୮୨୯୬୨**

**ସମ୍ପାଦକଙ୍କୁ ପତ୍ର**

## ପ୍ରତିରକ୍ଷାମନ୍ତ୍ରୀଙ୍କୁ ନିବେଦନ

ସମ୍ମାନୀୟ ଶ୍ରୀ ରାଜନାଥ ସିଂହ
ମାନନୀୟ ପ୍ରତିରକ୍ଷାମନ୍ତ୍ରୀ,
ଭାରତ ସରକାର, ନୂଆଦିଲ୍ଲୀ
ମହାଶୟ,

ମୁଁ ଜଣେ ସେବାନିବୃତ୍ତ ବରିଷ୍ଠ ନୌସୈନିକ ଓ ଇଣ୍ଡିଆନ୍ ଏକ୍ସ ସର୍ଭିସେସ ଲିଗ୍, ଓଡ଼ିଶାର ସାଧାରଣ ସମ୍ପାଦକ ଭାବରେ ଏହି ଚିଠି ଲେଖୁଛି ।

ମୁଁ ଆପଣଙ୍କ ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱ ଓ ୨୦୨୫କୁ ପ୍ରତିରକ୍ଷା ବିଭାଗକୁ ପୁନଃସଂରଚନା ବର୍ଷ ଭାବରେ ଘୋଷଣା କରିଥିବା ପ୍ରଶଂସନୀୟ ପଦକ୍ଷେପକୁ ସ୍ୱାଗତ କରେଁ । ଏହି ଘୋଷଣା ପ୍ରତିରକ୍ଷା ପରିବାର, ବିଶେଷକରି ପୂର୍ବତନ ସେନାକର୍ମଚାରୀମାନଙ୍କ ମଧ୍ୟରେ ବଡ଼ ଆଶା ସୃଷ୍ଟି କରିଛି ।

ଏହି ଐତିହାସିକ ସନ୍ଧିକ୍ଷଣରେ ମୁଁ ଆପଣଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଚାହେଁ ଯେ, ଏକ ଦୀର୍ଘଦିନ ଧରି ବୈଶିଷ୍ଟ୍ୟପୂର୍ଣ୍ଣ ସେବା ପାଇଁ ଦିଆଯାଉଥିବା ଅତି ବିଶିଷ୍ଟ ସେବା ପଦକ ଓ ଏହା ଭଳି ଅନ୍ୟାନ୍ୟ ପଦକଗୁଡ଼ିକ– ଚାଲିଥିବା ଏକ ଗତାନୁଗତିକ ଧାରାରେ ବରିଷ୍ଠ କମିଶନ୍ଡ ଅଫିସରମାନେ (ମେଜର ଜେନେରାଲ ଓ ତାହାଠାରୁ ଉପର ପାହ୍ୟାରେ) ପାଇଁ ସୀମିତ ରହିଯାଇଛି । ବେପରୁଆ ଭାବରେ ଜୁନିଅର କମିଶନ୍‌ଡ ଏବଂ ଅଣଜୁନିଅର କମିଶନ୍‌ଡ ଅଫିସରମାନେ ଏହି ପୁରସ୍କାରରୁ ବଞ୍ଚିତ ହେଉଛନ୍ତି ଯାହା ଅନ୍ୟାୟ ।

ଯାହା ଗମ୍ଭୀର ରୂପରେ ଅନୁପାତିକ ଓ ଅନ୍ୟାୟ ।

ପଦବୀ ଅନୁସାରେ କୌଣସି ସୀମାନିଷ୍ଠ ପଦକରେ ପ୍ରତିବନ୍ଧ ନଥିଲେ ମଧ୍ୟ, ଜୁନିୟର କମିଶନ୍‌ଡ ଅଫିସର ଓ ଅନ୍ୟମାନେ ସେବାରେ ବିଶେଷ ସଫଳତା ସାଧନ କରିଥିଲେ ମଧ୍ୟ ଅବହେଳିତ ।

ଗୁଣବତ୍ତାମୂଳକ ସେବା ସତ୍ତ୍ୱେ ଯଦି ପଦକରୁ ବଞ୍ଚିତ, ତେବେ ମନୋବଳ ଭାଙ୍ଗିଯାଏ । ଯେଉଁଠି ପ୍ରତିରକ୍ଷା ସଂସ୍ଥାର ନିମ୍ନ ସ୍ତରରୁ ଉନ୍ନତି ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି, ସେଠି ପଦକ ପ୍ରଣାଳୀ ପୁରୁଣା ଭାବେ ଚାଲିବା ଅସଙ୍ଗତିପୂର୍ଣ୍ଣ ।

ପଦକ ପ୍ରଦାନରେ ଉଚ୍ଚ ଅଧିକାରୀମାନଙ୍କ ପର୍ଯ୍ୟନ୍ତ ସୀମିତ ରହିଯିବା ଅନୁଚିତ ।

ପ୍ରତିବର୍ଷ ଜୁନିଅର କମିଶନ୍‌ଡ ଅଫିସର ଓ ଅନ୍ୟମାନଙ୍କ ପାଇଁ ଅତି ବିଶିଷ୍ଟ ସେବା ମେଡାଲ/ ପରମ ବିଶିଷ୍ଟ ସେବା ମେଡାଲର ନିଶ୍ଚିତ କ୍ୱୋଟା ରଖାଯାଉ ।

ଘଟକ ସ୍ତରରୁ ଜାତୀୟ ସ୍ତର ପର୍ଯ୍ୟନ୍ତ ଉଲ୍ଲେଖନୀୟ ସେବା ପାଇଁ ସ୍ୱୀକୃତି ବୃଦ୍ଧି ।

ମହାଶୟ, ଆପଣଙ୍କ ନେତୃତ୍ୱ ଏକ ନୂଆ ଦିଗ ଦେଖାଇଛି । ଏହି ପୁନଃସଂରଚନା ବର୍ଷ ହେଉଛି ଏକ ସୁଯୋଗ ଯାହା ଦ୍ୱାରା ଐତିହାସିକ ଅନ୍ୟାୟକୁ ଠିକ୍ କରିପାରିବା । ମୁଁ ବିନମ୍ର ଅନୁରୋଧ କରେ ଯେ ଏହି ମାମଲାକୁ ଆପଣ ଗୁରୁତ୍ୱ ଦେଇ ଜରୁରୀ ଭାବରେ ପଦକ୍ଷେପ ଗ୍ରହଣ କରିବେ ।

ବିନମ୍ରତାର ସହିତ... ।

ବିଦ୍ୟାଧର ନାୟକ
ସାଧାରଣ ସମ୍ପାଦକ, ଇଣ୍ଡିଆନ୍ ଏକ୍ସ–ସର୍ଭିସେସ ଲିଗ୍, ଓଡ଼ିଶା
ମୋବାଇଲ୍: ୯୬୫୮୮୫୯୪୨୪
ଇମେଲ୍:
ieslodisha@gmail,com

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ସପ୍ତାହେ...

ସେପଟେ ଯାଜପୁର ଜିଲ୍ଲାରେ ୪୯ ସାମ୍ପଲରୁ ଆଉ ୧୬ ଭିବ୍ରିଓ କଲେରା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ଏନେଇ ସୂଚନା ଦେଇଛନ୍ତି ଯାଜପୁର ସିଡିଏମଓ । ଗତକାଲି(ମଙ୍ଗଳବାର) ପୌରାଞ୍ଚଳ ଓ୍ୱାର୍ଡ ନମ୍ବର ୨୫ର ପୂଜା ସାମାଡ(୨୫) ନାମକ ମହିଳାଙ୍କ ମୃତ୍ୟୁ ଘଟିଛି । ଝାଡ଼ାବାନ୍ତି ହେବା ପରେ ଚିକିତ୍ସା ପାଇଁ ଯାଜପୁର ରୋଡ ମେଡିକାଲରେ ଭର୍ତ୍ତି ହୋଇଥିଲେ । ଭର୍ତ୍ତି ହେବାର ଦୁଇ ଘଣ୍ଟା ପରେ ସେ ମୃତ୍ୟୁ ବରଣ କରିଥିଲେ । ପୂଜା ସାମାଡ ୧୫ତାରିଖ ରବିବାର ଘୋଳାବିନ୍ଧା ଓ ଝାଡ଼ା ହେଉଥିବା ଯୋଗୁ ଯାଜପୁର ରୋଡ ମେଡିକାଲକୁ ଆସିଥିଲେ । କିନ୍ତୁ ଡାକ୍ତର କିଛି ଔଷଧ ଏବଂ ଓଆରଏସ ଦେଇ ଘରକୁ ପଠାଇ ଦେଇଥିଲେ । ସେ ଘରକୁ ଯିବା ପରେ ଅଙ୍ଗନବାଡି ଓ ଆଶାକର୍ମୀ କାହିଁକି ମନିଟରିଂ କରିନଥିଲେ, ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି ।

ସେହିପରି ପୌରାଞ୍ଚଳ ଓ୍ୱାର୍ଡ ନମ୍ବର ୧୨ର ଆଦିବାସୀ ବସ୍ତିର ଏକ ବର୍ଷର ଶିଶୁ ସୁଜନିକ ମୁର୍ମୁର ମୃତ୍ୟୁ ଘଟିଛି । ଯାହା ପ୍ରଶାସନର ମୁଣ୍ଡ ବିନ୍ଧାର କାରଣ ପାଲଟିଛି । ଗତକାଲି ଠାରୁ ଶିଶୁ ଡାଇରିଆରେ ଆକ୍ରାନ୍ତ ହୋଇ ମେଡିକାଲରେ ଭର୍ତ୍ତି ହୋଇଥିଲା । ବ୍ୟାସନଗରରେ ଦୁଇ ଜଣଙ୍କ ମୃତ୍ୟୁ ଖବର ପାଇ କାରଣ କ'ଣ ଜାଣିବା ପାଇଁ ଯାଜପୁର ଏଡିଏମଓଙ୍କ ନେତୃତ୍ୱରେ ଏକ ଟିମ ଘଟଣା ସ୍ଥଳରେ ପହଞ୍ଚିଥିଲେ । ତାଙ୍କ କହିବା ଅନୁଯାୟୀ, ଏକ ବର୍ଷର ଶିଶୁ ଡାଇରିଆରେ ମୃତ୍ୟୁ ଘଟିଥିଲେ ହେଁ ମେହିଳା ପୂଜା ସାମାଡଙ୍କ ଡାଇରିଆରେ ନୁହେଁ ବାତଜନିତ କାରଣରୁ ମୃତ୍ୟୁ ଘଟିଛି । ହେଲେ ଏହାକୁ ପରିବାର ଲୋକେ ଗ୍ରହଣ କରିପାରି ନାହାଁନ୍ତି। ଜିଲା ପ୍ରଶାସନ ମୃତ୍ୟୁ ସଂଖ୍ୟାରେ ରୋକ୍ ଲଗାଇବାକୁ ଏଭଳି ଉଦ୍ୟମ କରିଥିବା କଥା କୁହାଯାଉଛି । ତେବେ ସେ ଯାହାବି ହେଉ ବ୍ୟାସନଗରରେ ୪ଜଣଙ୍କ ମୃତ୍ୟୁ ଲୋକଙ୍କ ମନରେ ଛନକା ପଶିଛି । ଅନ୍ୟପକ୍ଷରେ ଆଜି(ବୁଧବାର) ଜିଲ୍ଲାପାଳ ବି.ଅନ୍ୱେଷା ରେଡ୍ଡୀ ବିଭିନ୍ନ ଜଳଉସି ସ୍ଥଳରେ ପହଞ୍ଚି ଅନୁଧ୍ୟାନ କରିଛନ୍ତି । ଯେକୌଣସି ପରିସ୍ଥିତିର ମୁକାବିଲା କରିବାକୁ ଜିଲ୍ଲାପାଳ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେବା ସହ ଅବହେଳା କଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦେଇଛନ୍ତି । ଜିଲ୍ଲାପାଳ ଜିଲାର ବିଭିନ୍ନ ଅଞ୍ଚଳ ଗସ୍ତ କରି ସ୍ଥିତି ତଦାରଖ କରୁଥିବା ଯୋଗୁ ଡ଼ାକ୍ତର ଓ ଅଧିକାରୀମାନେ ଭୟଭୀତ ହୋଇପଡ଼ିଛନ୍ତି । ବ୍ୟାସନଗର ପୌର ପରିଷଦ ପକ୍ଷରୁ ବିଭିନ୍ନ ହୋଟେଲ, ଜଳଖିଆ ଦୋକାନ, ଫାଷ୍ଟଫୁଡ଼ ଦୁଇ ସପ୍ତାହ ପାଇଁ ବନ୍ଦ କରି ଦେଇଥିବାରୁ ସାଧାରଣ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଦୋକାନ ବଜାର ବନ୍ଦ କାରଣରୁ ବ୍ୟାସନଗର ସହର ଖାଁଖାଁ ଲାଗୁଛି ।

## ରୋଗୀଙ୍କୁ...

ଯାଜପୁର ଜିଲ୍ଲାରେ ହଇଜା ବ୍ୟାପୁଥିବା ବେଳେ ଝାଡ଼ାବାନ୍ତିରେ ଆକ୍ରାନ୍ତଙ୍କ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଚୁଡା ସହ ପାଚିଲା କଦଳୀ ଦିଆଯିବା ବ୍ୟବସ୍ଥା କରାଯାଇଛ । କିନ୍ତୁ ଟେଣ୍ଡର ନେଇଥିବା ଡାଏଟ୍ କଣ୍ଟ୍ରାକଟର ରୋଗୀଙ୍କୁ ଦେଇଛନ୍ତି କଞ୍ଚା କଦଳୀ । ପଲିଥିନରେ ଚୁଡ଼ା ସହ କଞ୍ଚା କଦଳୀ ଦେଇଥିବା ଦେଖିବାକୁ ମିଳିଛି । ଝାଡ଼ାବାନ୍ତିରେ ଆକ୍ରାନ୍ତ ଏହି କଞ୍ଚା କଦଳୀକୁ କେମିତି ଚୁଡାରେ ଖାଇବେ ତାକୁ ନେଇ ପ୍ରଶ୍ନ ଉଠିଛି । ଏମିତି କଞ୍ଚା କଦଳୀ ଦେବା କଥାକୁ ସ୍ୱାସ୍ଥ୍ୟ ଅଧିକାରୀ ମାନି ଥିବାବେଳେ ସଂପୃକ୍ତ ଡାଏଟ କଣ୍ଟ୍ରାକଟରଙ୍କୁ ତାଗିଦ ବି କରିଛନ୍ତି । ପାଚିଲା କଦଳୀ ନ ମିଳିବାରୁ ଡାଏଟ କଣ୍ଟ୍ରାକଟର କଞ୍ଚା କଦଳୀ ଦେଇଥିବା କହିଛନ୍ତି । ବର୍ତ୍ତମାନ ରାଜ୍ୟରେ ଚିନ୍ତା ବଢାଇଛି ଡାଇରିଆ । ଯାଜପୁରରୁ ଆରମ୍ଭ ହୋଇଥିବା ଡାଇରିଆ ଏବେ ରାଜ୍ୟର ବିଭିନ୍ନ ଜିଲ୍ଲାକୁ ମାଡ଼ିବାରେ ଲାଗିଛି । ପ୍ରତିଦିନ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି । ସ୍ଥିତିକୁ ଦେଖି ରାଜ୍ୟର ସବୁ ଜିଲ୍ଲାକୁ ଆଲର୍ଟ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି ।

## କେନ୍ଦ୍ର...

ପାଢୀଙ୍କୁ କେତେ ଫୁଲ ଫୁଟିଛି ପୁସ୍ତକ ଲାଗି ଏହି ମର୍ଯ୍ୟାଦା ଜନକ ପୁରସ୍କାର ପ୍ରଦାନ କରାଯାଉଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଭୟ ପୁରସ୍କାର ବିଜେତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି । ସୋସିଆଲ୍ ମିଡିଆରେ ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ, ଏହି ସଫଳତା କେବଳ ଆପଣମାନଙ୍କର ବ୍ୟକ୍ତିଗତ ସଫଳତା ନୁହେଁ । ଓଡିଆ ଭାଷା ଓ ସାହିତ୍ୟ ପାଇଁ ମଧ୍ୟ ଗର୍ବ ଓ ଗୌରବ ବିଷୟ । ଆଗାମୀ ଦିନରେ ନିଜ ସୃଷ୍ଟି ଦ୍ୱାରା ଓଡିଆ ସାହିତ୍ୟ ଭଣ୍ଡାରକୁ ଆହୁରୀ ସମୃଦ୍ଧ କରନ୍ତୁ ବୋଲି ଶ୍ରୀ ମାଝି ଦର୍ଶାଇଛନ୍ତି ।

## ଦୂଷିତ...

ଆଲୋଚନା କରିଥିଲେ । କ୍ଷେତ୍ରୀୟସ୍ତରରେ ପରିଦର୍ଶନ କରିଥିବା କେନ୍ଦ୍ରୀୟ ଟିମ୍ ସହ ଆଜି(ବୁଧବାର) ବୈଠକରେ ସ୍ଥିତି ବାବଦରେ ଆଲୋଚନା କରୁଛନ୍ତି ମୁଖ୍ୟ ଶାସନ ସଚିବ । ବୈଠକ ପରେ କେନ୍ଦ୍ରୀୟ ଟିମ୍ ସଦସ୍ୟ ଭାଗିରଥୀ ଦ୍ୱିବେଦୀଙ୍କ ପ୍ରତିକ୍ରିୟାରେ କହିଛନ୍ତି, ଜଳର ମାନ ବୃଦ୍ଧି କରିବା ସହ ସତର୍କ ରହିବାକୁ କୁହାଯାଇଛି । ଜନସଚେତନତା ବଢ଼ାଇବା ସହ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେବାକୁ ହେବ । ପାଣି କିମ୍ବା ଅନ୍ୟ ଉତ୍ସରୁ ଏହା ବ୍ୟାପିଛି ବୋଲି କହିବା କଷ୍ଟକର । ବିଭିନ୍ନ ଉତ୍ସରୁ ନମୁନା ନେଇ ପରୀକ୍ଷା କରାଯାଉଛି । ରୋଗୀଙ୍କ ନମୁନା ପରୀକ୍ଷାରୁ କଲେରା ସ୍ପଷ୍ଟ ହୋଇଛି । ଫିଲ୍ଡ ଭିଜିଟରୁ ଜଣାପଡୁଛି, କେସ୍ ଲୋଡ୍ ବଢୁନି ବୋଲି ଟିମ୍ ସଦସ୍ୟ ଶ୍ରୀ ଦ୍ୱିବେଦୀ କହିଛନ୍ତି ।

## ମୁଖ୍ୟମନ୍ତ୍ରୀଙ୍କ...

ସବୁ ସୀମା ଟପି ସାରିଲାଣି, କିନ୍ତୁ ମୁଖ୍ୟମନ୍ତ୍ରୀ ନିଜେ ଜଣେ ଆଦିବାସୀ ବର୍ଗର ହୋଇ ମଧ୍ୟ ଏସବୁ ସଂଗୀନ ଘଟଣାକୁ ଗମ୍ଭୀରତାର ସହ ନେଉନାହାନ୍ତି କାହିଁକି ବୋଲି ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁ ପ୍ରଶ୍ନ କରିଛନ୍ତି ।

ଗଞ୍ଜାମ ଜିଲ୍ଲାର ଗୋପାଳପୁର, କେନ୍ଦୁଝର ଜିଲ୍ଲାର ହରିଚନ୍ଦନପୁର, କଟକର ବାରଙ୍ଗ ଓ ଅନୁଗୁଳ ଜିଲ୍ଲାର କଣିହାଁ ବ୍ଲକ୍‌ରେ ଯେଉଁ ଲୋମହର୍ଷଣକାରୀ ଗଣଦୁଷ୍କର୍ମ ହୋଇଛି ତା'ର ପ୍ରତିବାଦରେ ବୁଧବାର ରାଜ୍ୟ କଂଗ୍ରେସର ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶ କ୍ରମେ ପ୍ରଦେଶ କଂଗ୍ରେସ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ କରାଯାଇଥିଲା । ଶ୍ରୀ ଲଲ୍ଲୁ କହିଥିଲେ, ସାରା ଦେଶରେ ଓଡ଼ିଶା ଏକମାତ୍ର ରାଜ୍ୟ ଯେଉଁଠି ମହିଳାମାନଙ୍କ ପ୍ରତି ଘଟୁଥିବା ଅପରାଧ ସମସ୍ତ ଜାତୀୟ ରେକର୍ଡକୁ ଭାଙ୍ଗି ସାରିଲାଣି । ଏହା ଡବଲ ଇଞ୍ଜିନ ସରକାରର ସବୁଠାରୁ ବଡ଼ ସଫଳତା କି ବୋଲି ସେ ପ୍ରଶ୍ନ କରିଛନ୍ତି । ରାଜ୍ୟରେ ମହିଳା ନିର୍ଯାତନା ବଢ଼ି ଚାଲିଥିବାରୁ ମୁଖ୍ୟମନ୍ତ୍ରୀ ଇସ୍ତଫା ଦେବା ବଦଳରେ ଉତ୍ସବ ମନାଇବା ପରିତାପର ବିଷୟ ବୋଲି ଶ୍ରୀ ଲଲ୍ଲୁ କହିଥିଲେ । ବିଧାୟକ ତାରାପ୍ରସାଦ ବାହିନୀପତି କହିଥିଲେ, ମହିଳାମାନଙ୍କ ପ୍ରତି ହେଉଥିବା ଅତ୍ୟାଚାର ବିରୋଧରେ କଂଗ୍ରେସ ଅନବରତ ଲଢ଼େଇ କରିଆସୁଛି । ଗୋପାଳପୁରରେ ଜଣେ ୨୦ ବର୍ଷର ୩ ଛାତ୍ରୀଙ୍କୁ ୧୦ ଜଣ ଗଣଦୁଷ୍କର୍ମ କଲେ । ଘଟଣା ଘଟିବାର ୪ଦିନ ପରେ ଏହା ଲୋକଲୋଚନକୁ ଆସିଲା । ଶହଶ୍ରାଧିକ କଂଗ୍ରେସ କର୍ମୀ ଓ ନେତୃବୃନ୍ଦ ସରକାରୀ ବିରୋଧି ସ୍ଲୋଗାନ ଦେଇ ମୁଖ୍ୟମନ୍ତ୍ରୀଙ୍କ ବାସଭବନକୁ ଶୋଭାଯାତ୍ରାରେ ବାରିକେଡ ଭାଙ୍ଗି ଆଗକୁ ବଢୁଥିବା ବେଳେ ପୋଲିସ ଅଟକାଇଥିଲା । ଶ୍ରୀ ଲଲ୍ଲୁ ଓ ଅନ୍ୟ କଂଗ୍ରେସ ନେତୃବୃନ୍ଦ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିରେ ଧାରଣାରେ ବସିଥିବା ବେଳେ ପୋଲିସ ଜୋରଜବରଦସ୍ତ ସେମାନଙ୍କୁ ଉଠାଇ ଗାଡ଼ିରେ ନେଇ ଅନ୍ୟତ୍ର ଛାଡ଼ିଥିଲା ।

ଘେରାଉ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ବିଧାୟକ ଦଳର ନେତା ରାମଚନ୍ଦ୍ର କାଡାମ, ବରିଷ୍ଠ କଂଗ୍ରେସ ନେତା ରଞ୍ଜୀବ ବିଶ୍ୱାଳ, ବିଧାୟକ ଅଶୋକ ଦାସ,ସୁରେଶ ରାଉତରାୟ, ସମୀର ରାଉତରାୟ, ବିଧାୟୀକା ସୋଫିଆ ଫିର୍ଦ୍ଦୋଶ, ମିନାକ୍ଷୀ ବାହିନୀପତି, ରଣଜିତ ପାତ୍ର, ନବଜ୍ୟୋତି ପଟ୍ଟନାୟକ, ମହମ୍ମଦ ଇମଦାଦ,ୟାସିର ନଓ୍ୱାଜ,ଉଦିତ ପ୍ରଧାନ, ଅରବିନ୍ଦ ଦାସ,ନଗେନ୍ଦ୍ର ପ୍ରଧାନ, ଲଲାଟେନ୍ଦୁ ମହାପାତ୍ର, ମାନସ ରଞ୍ଜନ ଆଚାର୍ଯ୍ୟ, ଗୀତାଞ୍ଜଳି ମହାନ୍ତି, ଶିଳ୍ପିଶ୍ରୀ ହରିଚନ୍ଦନ, ଅନିମା ମିଞ୍ଜ, ପ୍ରଣତି ମିଶ୍ର, କବିତା ଦାସ, ଶ୍ରିୟାସ୍ମିତା ପଣ୍ଡା, ପ୍ରାଚୀ ରାଉତରାୟ, ମାମିନା ବେହେରା, ଅଭୟ ସାହୁ, ସୁବ୍ରତ ମହାପାତ୍ର, ଶାନ୍ତନୁ ସାହୁ, ବିଜୟାନନ୍ଦ ଚାଉଳିଆ, ମନୋରଞ୍ଜନ ଦାଶ, ସୁଧାଂଶୁ ଦେଓ, ମାନସ ମଲ୍ଲିକ, ପ୍ରକାଶ ମିଶ୍ର, କୁସୁମ ପ୍ରଧାନ, ରଜନୀ ମହାନ୍ତି, ମନୋଜ ବିଶ୍ୱାଳ, ଅଶୋକ ଦାସ ଓ ଅନ୍ୟ ନେତୃବର୍ଗ ଓ କଂଗ୍ରେସ କର୍ମୀମାନେ ଯୋଗଦାନ କରିଥିଲେ ।

## ଆତଙ୍କବାଦ...

ସମର୍ଥନ କରିବ ତାକୁ ବହୁ ମୂଲ୍ୟ ଦେବାକୁ ପଡିବ । ଆତଙ୍କବାଦ ସହ କୌଣସି ଦୈତ୍ୟ ଭୂମିକା ରହିବା ଉଚିତ୍ ନୁହେଁ । ଯେଉଁମାନେ ଆତଙ୍କବାଦକୁ ପ୍ରୋତ୍ସାହନ କରୁଛନ୍ତି ଓ ବଢ଼ାଉଛନ୍ତି ସେମାନେ ସେହି ଅନୁପାତରେ କ୍ଷତି ସହିବେ । ଆତଙ୍କବାଦ ହେଉଛି ମାନବିକତାର ଶତ୍ରୁ । ସବୁ ରାଷ୍ଟ୍ର ସେମାନଙ୍କ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ବଜାୟ ରଖିବା ପାଇଁ ଏହାକୁ ବିରୋଧ କରିବା ଉଚିତ । ଆତଙ୍କବାଦ ବିରୋଧରେ ଏକାଠି ହେବାର ଆବଶ୍ୟକତା ରହିଛି । ଦୁର୍ଭାଗ୍ୟବଶତଃ ଆମ ପଡୋଶୀ ରାଷ୍ଟ୍ର ଏବେ ଆତଙ୍କବାଦର ଏନ୍ତୁଡିଶାଳ ପାଲଟିଛି । ବିଶ୍ୱର ଶାନ୍ତି ଏବଂ ପ୍ରଗତି ପାଇଁ ଏ ସମ୍ପର୍କରେ ଆମର ନୀତି ସ୍ପଷ୍ଟ ହେବା ଆବଶ୍ୟକ । ଯେଉଁ ଦେଶ ଏହାକୁ ସମର୍ଥନ କରିବ ସେ ଆଗକୁ ଉତ୍ତରଦାୟୀ ରହିବ । ଅନ୍ୟ ପକ୍ଷରେ ଆମେ ସିଧାସଳଖ ଅନେକ କଟକଣା ଲଗାଇଦେଉଛୁ । ନିଜର ସ୍ୱାର୍ଥ ପାଇଁ ଏହି ପଦକ୍ଷେପ ନିଆଯାଉଛି । ଯେଉଁ ରାଷ୍ଟ୍ର ଆତଙ୍କବାଦକୁ ସମର୍ଥନ କରୁଛି ତାକୁ ମଧ୍ୟ ପୁରସ୍କୃତ କରାଯାଉଛି । ପ୍ରକୃତରେ ଆମେ ଆତଙ୍କବାଦର ମୁକାବିଲା ଲାଗି ଏହାକୁ ବାସ୍ତବିକ ଗମ୍ଭୀରତାର ସହ ନେଉଛୁ କି ବୋଲି ସେ ପ୍ରଶ୍ନ କରିଥିଲେ । ଆତଙ୍କବାଦ ବିରୋଧରେ ବିଶ୍ୱ ପକ୍ଷରୁ ଏକ କାର୍ଯ୍ୟାନୁଷ୍ଠାନ ହେବା ଆବଶ୍ୟକ । ଏବେଠୁ ଯଦି କାର୍ଯ୍ୟାନୁଷ୍ଠାନ ନ ନିଆଯିବ ତେବେ ମାନବିକତା ଓ ଇତିହାସ ଆମକୁ କ୍ଷମା ଦେବନାହିଁ । ଏହା କେବଳ ମାନବିକତାକୁ ବିପଦ ନୁହେଁ । ଯେଉଁମାନେ ଆତଙ୍କବାଦ ଆକ୍ରମଣକୁ ନିନ୍ଦା କରିଛନ୍ତି ସେହି ବନ୍ଧୁ ରାଷ୍ଟ୍ରମାନଙ୍କୁ ମୁଁ କୃତଜ୍ଞତା ଜଣାଉଛି । ଭବିଷ୍ୟତ ବଂଶୋଧରଙ୍କ ପାଇଁ ଶକ୍ତି, ସୁରକ୍ଷା ଏବେ ବଡ ଆହ୍ୱାନ ହୋଇଛି । ଏହାକୁ ପ୍ରାଥମିକତା ଦେଇ କାର୍ଯ୍ୟ କରାଯିବା ଉଚିତ୍ ।

## ଚିକିତ୍ସା...

ଚିକିତ୍ସା ହେବ । ଏଥି ପାଇଁ ପ୍ରଭୁ ଜଗନ୍ନାଥଙ୍କ ଆର୍ଶୀବାଦ ମାଗୁଛି ଓ ଓଡିଆ ଭାଇ ଭଉଣୀମାନଙ୍କ ଶୁଭ କାମନା ମାଗୁଛି । ଶୀଘ୍ର ସୁସ୍ଥ ହୋଇ ଫେରି ଆସିବି । ଓଡିଶାରେ ସମସ୍ତଙ୍କ ସେବା ଜାରି ରଖିବାକୁ ଆଶା ରଖିଛି । ତେବେ ବିଜେଡି ରାଜ୍ୟ ସଭାପତି ଚିକିତ୍ସା ଲାଗି ମୁମ୍ବାଇ ଯାଉଥିବାରୁ ସେ ହୁଏତ ଅନେକ ଦିନ ଓଡିଶାରେ ଅନୁପସ୍ଥିତ ରହିପାରନ୍ତି । ।ସେଥିଲାଗି ଦଳ ପକ୍ଷରୁ ଶ୍ରୀ ପଟ୍ଟନାୟକଙ୍କ ସ୍ୱାକ୍ଷରରେ ଏକ ନିର୍ଦ୍ଦେଶ ନାମା ବାହାରିଛି । ନିର୍ଦ୍ଦେଶନାମା ଅନୁଯାୟୀ ଦଳର ବରିଷ୍ଠ ଉପସଭାପତି (ମୁଖ୍ୟାଳୟ) ଦେବୀ ପ୍ରସାଦ ମିଶ୍ର ସମସ୍ତ ରାଜନୈତିକ କାର୍ଯ୍ୟକ୍ରମର ସଂଯୋଜନା କରିବେ । ଦଳର ବିଭିନ୍ନ ଶାଖାର ହେଉଥିବା କାର୍ଯ୍ୟକ୍ରମଗୁଡିକକୁ ମଧ୍ୟ ସେ ପରିଚାଳନା କରିବେ । ନବୀନ ପଟ୍ଟନାୟକଙ୍କ ସ୍ୱାସ୍ଥ୍ୟବସ୍ଥା ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କସହ କଥା ହୋଇଛନ୍ତି । ଚିକିତ୍ସା ପ୍ରକ୍ରିୟା ସଫଳ ହେବାସହ ମହାପ୍ରଭୁ ଶ୍ରୀ ଜଗନ୍ନାଥ ତାଙ୍କୁ ଶୀଘ୍ର ସୁସ୍ଥ କରନ୍ତୁ ବୋଲି ପ୍ରାର୍ଥନା କରିଛନ୍ତି ।

## ସମୃଦ୍ଧ...

ବିନା କଳ୍ପନା କରିବା ଅସମ୍ଭବ ବୋଲି ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣରେ କହିଛନ୍ତି । ପ୍ରତ୍ୟେକ ଆଦିବାସୀ ପରିବାରରେ ଶିକ୍ଷାର ପ୍ରସାର ହେଲେ ହିଁ ଆଦିବାସୀ ସମାଜର ବିକାଶ ହେବ ବୋଲି ଗଣଶିକ୍ଷା ତଥା ଅନୁସୂଚିତ ଜାତି ଓ ଜନଜାତି ମନ୍ତ୍ରୀ, ନିତ୍ୟାନନ୍ଦ ଗଣ୍ଡ କହିଥିଲେ । ସେହିପରି ଗରିବ, ଅବହେଳିତ ଆଦିବାସୀ ଭାଇଭଉଣୀ ମାନଙ୍କ ସମସ୍ତ ମୌଳିକ ଆବଶ୍ୟକତା ପୂର୍ଣ୍ଣ କରିବା ପାଇଁ ଆମ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ପଂଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ କହିଥିଲେ । ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର କହିଥିଲେ ଯେ, ଜନଜାତିମାନଙ୍କ ସାମାଜିକ ବ୍ୟବସ୍ଥା, ସାଂସ୍କୃତିକ ବୈଭବ ଓ ମୌଳିକତାକୁ ବଜାୟ ରଖିବାକୁ ପଡିବ କାରଣ ଆମ ସଂସ୍କୃତିର ମୂଳପିଣ୍ଡ ହେଉଛନ୍ତି ଆମ ଆଦିମ ଅଧିବାସୀ । ଏହି ଅବସରରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ କହିଥିଲେ ଯେ, ଆଦିବାସୀଙ୍କ ଉନ୍ନତିର କେବଳ ଆମ ସଂସ୍କୃତିର ବିକାଶ ନୁହେଁ ବରଂ ଆମ ପର୍ଯ୍ୟାବରଣର ବିକାଶ । ଏହି ଅବସରରେ ଉକ୍ତ କାର୍ଯ୍ୟକ୍ରମରେ ଆଦିବାସୀ ଲୋକକଳା, ସଂସ୍କୃତି ଓ ପରମ୍ପରା ସମ୍ବନ୍ଧରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବିଭିନ୍ନ ଆଦିବାସୀ ସମ୍ପ୍ରଦାୟର ବ୍ୟକ୍ତି ବିଶେଷଙ୍କୁ ମୁଖ୍ୟମନ୍ତ୍ରୀ ପୁରସ୍କୃତ କରିଥିଲେ । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟସଭା ସାଂସଦ ମମତା ମହାନ୍ତ, ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସାଂସଦ ନବଚରଣ ମାଝୀ, ବିଧାୟକ ଭାସ୍କର ମଢେଇ, ବିଧାୟକ ପଦ୍ମଚରଣ ହାଇବ୍ରୁ, ବିଧାୟକ ଭାଦବ ହାଁସଦାଃ, ବିଧାୟକ ପ୍ରକାଶ ସୋରେନ, ବିଧାୟକ ଜଲେନ୍ ନାଏକ, ବିଧାୟିକା ସୁଶ୍ରୀ ସଞ୍ଜଲି ମୁର୍ମୁ ପ୍ରମୁଖ ମଞ୍ଚାସୀନ ଥିଲେ । ବଡ଼ସାହି ବିଧାୟକ ସନାତନ ବିଜୁଳି ସ୍ୱାଗତଭାଷଣ ଦେଇଥିବା ବେଳେ ଅନୁସୂଚିତ ଜାତି ଏବଂ ଜନଜାତି ବିଭାଗ ନିର୍ଦ୍ଦେଶିକା ପୋମା ଟୁଡୁ ଧନ୍ୟବାଦ ଦେଇଥିଲେ ।

## କଦାପି...

ଭାବେ ଛିଡା ହୋଇଛି, ଇରାନୀୟ ଦେଶକୁ ଓ ଏହାର ଇତିହାସକୁ ଭଲ ଭାବେ ବୁଝିଥିବା ବୁଦ୍ଧିମାନ ଲୋକ କେବେ ହେଲେ ଧମକପୂର୍ଣ୍ଣ ଭାଷାରେ କଥାବାର୍ତ୍ତା କରିବେ ନାହିଁ । ଇରାନୀୟ ଦେଶ କେବେ ହେଲେ ଆତ୍ମ ସମର୍ପଣ କରେ ନାହିଁ । ଇସ୍ରାଏଲ୍ ବହୁ ଭୁଲ୍ କରିଛି ଏଥିପାଇଁ ତାକୁ ଦଣ୍ଡ ମିଳିବ । ଲୋକମାନେ କେବେ ହେଲେ ସହିତ ଦେଶକୁ ଓ ଦେଶ ଉପରେ ହେଉଥିବା ଆକ୍ରମଣକୁ ଭୁଲିବେ ନାହିଁ । କଟକଣା ଭୟରେ କେବେ ହେଲେ ବି ଆତ୍ମ ସମର୍ପଣ କରିବୁ ନାହିଁ । ଇସ୍ରାଏଲ୍ ସହ ମିଶି ଆମେରିକା ଇରାନ୍‌ର ଆଣବିକ ଭିତ୍ତି ଭୂମିକୁ ଟାର୍ଗେଟ୍ କରୁଥିବା ପ୍ରଶ୍ନର ଉତ୍ତରରେ ଟ୍ରମ୍ପ କହିଛନ୍ତି ଯେ, ମୁଁ ସାମିଲ୍ ହୋଇପାରେ କି ନହୋଇ ପାରେ କେହି ଜାଣି ନାହାଁନ୍ତି, ମୁଁ କଣ କରିବି ? କଥା ଆଲୋଚନା ପାଇଁ ବହୁତ ବିଳମ୍ବ ହୋଇଗଲାଣି । ଆସନ୍ତା ସପ୍ତାହରେ କିଛି ବଡ ଘଟିବ । ବର୍ତ୍ତମାନ ଓ ସପ୍ତାହ ମଧ୍ୟରେ ଅନେକ ବ୍ୟବଧାନ ରହିଛି ।

## ଧର୍ମଶାଳା...

ଅବହେଳା କରିଥିବା ନେଇ ଅଭିଯୋଗ ହୋଇଥିଲା। ଯାଜପୁର ଜିଲ୍ଲାପାଳ ଏ ସମ୍ପର୍କରେ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତଦନ୍ତ ରିପୋର୍ଟ ମିଳିବାପରେ ସେହି ଆଧାରରେ ବୁଧବାର ରାତିରେ ଡାକ୍ତର ଶ୍ରୀ ମହାରଣାଙ୍କୁ ନିଲମ୍ବନ କରାଯାଇଥିବା ଜଣାପଡିଛି। ଏ ସମ୍ପର୍କରେ ଡିକ୍ତରଙ୍କ ପ୍ରତିକ୍ରିୟା ଜାଣିବାକୁ ଯୋଗାଯୋଗ କରିଯାଇଥିଲେ ମଧ୍ୟ ତାଙ୍କ ଫୋନ ବାରମ୍ବାର ନୋ ରିପ୍ଲାଏ ହୋଇଥିଲା ।

## ଜୁନ୍...

ସ୍କୁଲଗୁଡ଼ିକ ବନ୍ଦ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି । ଆସନ୍ତା ୨୦ ତାରିଖରେ ଭୁବନେଶ୍ୱର- କଟକର ସମସ୍ତ ସରକାରୀ, ସରକାରୀ ଅନୁଦାନ ପ୍ରାପ୍ତ ଏବଂ ଘରୋଇ ସ୍କୁଲ ଗୁଡିକ ବନ୍ଦ ରଖିବା ପାଇଁ ଗଣଶିକ୍ଷା ବିଭାଗ ପକ୍ଷରୁ ଖୋର୍ଦ୍ଧା ଏବଂ କଟକ ଜିଲ୍ଲାର ଶିକ୍ଷା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ପ୍ରଧାନମନ୍ତ୍ରୀ ଜନତା ମଇଦାନରେ ହେବାକୁ ଥିବା ଜନସଭାକୁ ସମ୍ବୋଧିତ କରିବେ । ବିଜେପି ପକ୍ଷରୁ ପ୍ରାୟ ୨ ଲକ୍ଷ ଜନ ସମାଗମ ପାଇଁ ଯୋଜନା କରାଯାଉଛି ।

**AFFIDAVIT**

I, Poornima Banerji, W/O- Sitansu Sekhar Dash, resident of At/Po.- Kumanda, Angul, Dist- Anugul, Odisha, Pin- 759143 declare by this affidavit No- 3718, dtd- 14.06.2025 that now onwards I shall be known as **Purnima Banerji** for all future purposes.

S/d- **Purnima Banerji**

**AFFIDAVIT**

I, Ajay Choudhary S/o- Late Jungi Choudhary, Residing at Kudiari Suji mill, Kudiari, Po- Jatni, Khordha, Odisha, 752050. Declare by the affidavit No- 147, dtd- 17/06/2025. That Ajay Choudhary, and Ajay Kumar Choudhary is one and same person. Now onwards I shall be known as "Ajay Kumar Choudhary" For all future purposes.

**AFFIDAVIT**

By virtue of an affidavit before The Executive Magistrate, Binjharpur that I Sk Nijamuddin, S/o- Sk Kutubuddin Of Village / Po- Brahmabarada, P.s - Dharmasala, Dist - Jajpur do here by solemnly affirm as that My correct and real name is Sk Nijamuddin, S/o - Sk Kutubuddin. It was recorded in my Adhar id No- 337360935473. But in my PASSPORT No-M3850350 my name was recorded as Shaikh Nijamuddin, S/o - Kutubuddin of village Brahmabarada. I declare that my real and correct name is Sk Nijamuddin, S/o - Sk Kutubuddin and I will known as this name in my all documents along with my Passport. This Affidavit is for correction of my name .

S/d - Sk Nijamuddin

**LOST**

I, Santosh Kumar Behera, aged about 25 years, S/o-Patitapaban Behera of At/Po-Lathipada, Ps-Itamati, Dist-Nayagarh, state that my Original RSD No. 11371102783, dated. 27/05/2011 bearing Khata No.- 329/861, Plot-711, Area-0.04 dec & Plot No.-717, Area-0.16 dec, Mouza-Nagapur, Tahasil-Nayagarh has lost somewhere else on the way from my home to Itamati Market to making a Xerox on 11.05.2025 about 10 A.M . Any benevolent got the missing documents kindly contact: 8327751541.
This affidavit has been published to avail on Housing Loan from SBI, Itamati (64922) in order to create mortgage over the FIR has been lodged on 14/05/2025 at Itamati Police Station regarding the lost event.

**नालको NALCO**
National Aluminium Company Limited
(A Government of India Enterprise)

NALCO Bhawan, Plot No.-P/1, Nayapalli, Bhubaneswar-751013, Odisha
(CIN : L27203OR1981GOI000920)
A NAVRATNA COMPANY

**NOTICE TO SHAREHOLDERS**

**TRANSFER OF EQUITY SHARES TO INVESTOR EDUCATION & PROTECTION FUND**

This Notice is published pursuant to Section 124(6) of the Companies Act, 2013 read with the Investor Education and Protection Fund Authority (Accounting, Audit, Transfer and Refund) Rules, 2016 ("the Rules"),as amended. The Rules, inter-alia, provide for transfer of all shares in respect of which dividend has not been encashed or claimed by the shareholders for seven consecutive years, to the Investor Education and Protection Fund (IEPF), set up by the Central Government. The Company is in the process of sending individual communications to the shareholders at their latest available addresses whose shares are liable to be transferred to IEPF under the said Rules. The Company has uploaded the details of such shareholders and shares due for transfer to IEPF on its website at **www.nalcoindia.com**. Shareholders are requested to refer to the Investor Services page on the Company's website to verify the details of the shares liable to be transferred to IEPF.

Notice is hereby given to all such shareholders to make application to the Company's Registrar (M/s.Bigshare Services Private Limited) by **05-10-2025** with a request to claim their unpaid final dividend for the year 2017-18 onwards so that the shares are not transferred to the IEPF. It may please be noted that if no claim is made by 05-10-2025, the Company will transfer the shares to the IEPF, without any further notice by following the due process in the rules as under:

i) **Shares held in demat mode:** The Company shall inform the Depositories to execute the corporate action and debit the shares lying in the demat account of the shareholder(s) and transfer such shares in favour of the IEPF Authority;
ii) **Shares held in physical mode:** The physical shares will be converted in to demat form and will be transferred in favour of the IEPF Authority on completion of necessary formalities. The original share certificate(s) which stand registered in the name of the shareholder(s) will be deemed cancelled and non-negotiable.

It may also be noted that the shares transferred to IEPF, including all benefits accruing on such shares, if any, can be claimed back from the IEPF Authority after following the procedure prescribed under the Rules.
For any clarification on the matter, please contact the Company's Registrar and Transfer Agents: M/s. Bigshare Services Private Limited, Office No S6-2, 6th floor Pinnacle Business Park, Next to Ahura Centre, Mahakali Caves Road Andheri (East) Mumbai – 400093, Email: sujit@bigshareonline.com/ vikas@bigshareonline.com, Customer Number: 022-62638200, RTA Website: https://www.bigshareonline.com.

For **National Aluminium Company Limited**
Sd/-
( B. K. Sahu )
Company Secretary

Place : Bhubaneswar
Date : 11.06.2025

**AFFIDAVIT**

BY VIRTUE OF AN AFFIDAVIT SWORN IN THE COURT OF EXECUTIVE MAGISTRATE, NO- 6051/ DT- 18.06.2025 I DHANESWAR SUTAR, S/O- SHUKADEBA SUTAR CHANGED MY NAME FROM DHANESWAR SUTAR TO HAREKRUSHNA SUTAR HENCEFORTH. I WILL BE KNOWN AS HAREKRUSHNA SUTAR ALL PURPOSE.

**AFFIDAVIT**

BY VIRTUE OF AN AFFIDAVIT SWORN IN THE COURT OF EXECUTIVE MAGISTRATE, NO- 6080/ DT- 18.06.2025 I SRIKANTA DALAI, S/O- BANGA DALAI CHANGED MY NAME FROM SRIKANTA DALAI TO SUKANTA DALAI HENCEFORTH. I WILL BE KNOWN AS SUKANTA DALAI ALL PURPOSE.

**AFFIDAVIT**

By virtue of an affidavit sworn before the Executive Magistrate Bhadrak, I Kalpana Sethi@ Supriya Sethi, W/o- Arun Kumar Sethi, Vill- Ashok Bazar (Patapolla), Po- Sarasada, PS- Bhandaripokhari, Dist- Bhadrak declare that I have a LIC Policy bearing Pol. no. **597921876** where my name is Kalpana Sethi. But in my SBI bank pass book my name is Supriya Sethi as per my Voter ID & Adhar card. That Kalpana Sethi and Supriya Sethi, W/o- Arun Kumar Sethi is same & one person.

Sd/- Kalpana Sethi@ Supriya Sethi

C- 543
**OFFICE OF THE NOTIFIED AREA COUNCIL:CHANDBALI**
Pin:-756133 (Odisha)
E. Mail chandbali.nac@gmail.com
Letter No. 1322 Dt. 17.06.2025

**REQUEST FOR PROPOSAL**

Executive Officer, Chandbali NAC, Bhadrak invites sealed proposal from interested consulting firms for **"Preparation of Detailed Project Report and Providing Consulting Services for implementation of different Infrastructural Developmental Projects Under CHANDBALI NAC."** The RFP documents can be downloaded from the website https://BHADRAK.odisha.gov.in/ from Dt. 19.06.2025 on payment of Rs. 5,000/- (Rupees Five Thousand only) (Non-refundable) through Demand Draft issued in favour of "Executive Officer, CHANDBALI NAC" payable at Chandabali, Bhadrak.
The complete application as per the instructions in the RFP document, should reach to the Office of Executive Officer, CHANDBALI NAC by hand/ Speed Post/ Registered Post on or before 03.07.2025 up to 5:00 P.M. The RFP applications will be opened on Dt. 04.07.2025 at 11:30A.M. in the presence of the bidder or their authorised representative.
The authority reserves right to accept or cancel any or all quotations without assigning any reasons thereof.

Sd/- Executive Officer, Chandbali NAC
OIPR: 13129/11/0007/2526

C- 548
**OFFICE OF THE ROURKELA MUNICIPAL CORPORATION UDITNAGAR, ROURKELA, ODISHA- 769012**
E-mail ID: rourkelamunicipality@gmail.com
Letter No.7465 Dated: 10.06.2025

**QUOTATION CALL NOTICE**

Sealed tenders are invited from intending reputed OEMs for Hiring of 01 no. of Suction-cum-Jetting Machine for a period of 01 Year. OEM has to deploy above mentioned vehicle along with a driver & 02 nos. of Helpers. The vehicle will be used as per the requirement of this office. The details of Tender document are available in the Rourkela Municipal Corporation site i.e. www.rmc.nic.in.
The sealed Tender (Technical part financial part in separate as per the format) should reach to the undersigned through Speed Post/ Registered Post/ Courier/ or by Hand by 1.00 PM on or before 04.07.2025. The Bids will be opened on the same date at 4.30 PM in the presence of the OEMs or their authorized representative who wish to attend.
Authority reserves the right to accept any or all quotations without assigning any reason thereof.

Sd/- Commissioner
Rourkela Municipal Corporation
OIPR: 13131/11/0138/2526

**SWAPNESWAR BALASHRAM**
AT- BOILO, PO- PURUNAHAT, P.S- KISHORENAGAR, DIST- CUTTACK
Regd. No- 4294-595 of 985-86
Ref. No. 18/SB/2025-26 Date: 06.06.2025

**INVITATION FOR OBJECTION**

As per the advertisement given regarding various posts on date 03.05.2025 and 05.05.2025 on Samaya and Sakala Paper, if anyone has any objection on the provisional list given on our Website: htts:// **www.swapneswarbalashram.blogspot.com** send your objection letter to our mail id **swapneswarbalashram@gmail.com** or send your hardcopy to our office, The Secretary Swapneswar Balashram, At-Boilo, Po-Purunahat, Ps- Kishannagar, Dist- Cuttack, Pin-754131 within 7 days from the date of Advertisement in news paper.

Sd/- Secretary
Swapneswar Balashram, Boilo, Cuttack

O-312
By e-Despatch/ By e.Mail
E.Mail- serwcirclesbp@yahoo.com
**ଓଡ଼ିଶା ସରକାର**
**ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ**
**ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ସମ୍ବଲପୁର**
Office order No. 1824 // Dated. 17.06.2025

**1st corrigendum Bid Identification No. Road Tender Online RWCSBP- 06/2025-26**

Following modifications are hereby made to the notice inviting tender vide this office Bid ID No. Road tender Online RWCSBP 06/2025-26.

1. The availability of tender online for bidding may be read as 17.06.2025 from 11.00 AM to 01.07.2025 up to 5.00 PM instead of from 11.06.2025 from 11.00 AM to 25.06.2025 up to 5.00 PM.
2. The last date & time for seeking clarification may be read as 26.06.2025 up to 5.00 PM instead of 24.06.2025 up to 5.00 PM.
3. The date & time of technical opening bid may be read as 02.07.2025 at 11.00 AM instead of 26.06.2025 at 11.00 AM.

All other terms and condition remain unchanged.

Sd/- Chief Construction Engineer, R.W.Circle, Sambalpur
OIPR: 25091/11/0067/2526

CAD-813
**INTEGRATED TRIBAL DEVELOPMENT AGENCY, KORAPUT, DIST: KORAPUT (GOVT. OF ODISHA)**

**TENDER CALL NOTICE**

Bid Identification No: PA (ITDA)-KPT-01/25-26 Letter No: 1481 / Dated: 17.06.2025

| Sl. No. | Particulars | Date | Time |
|---|---|---|---|
| 01 | Date of Publication | 18.06.2025 | 10.00 AM |
| 02 | Last date for receipt of Hard Copies to this office (Through Registered Post / Speed Post). | 08.07.2025 | 5.30 PM |
| 03 | Date of Opening of Bid & Finalization / Selection of Bidder | 10.07.2025 | 11.00 AM |

1. The Project Administrator, ITDA, KORAPUT on behalf of Governor of Odisha invites Percentage rate tenders for construction of PSH Hostel Building and Additional Hostel Building under I.T.D.A Koraput from the eligible class "A", "B", "C" & "D" contractors and must submit experience certificate of the same failing which bid will be rejected.
2. The Tender Paper can be purchased online from tendersodisha.gov.in or directly from I.T.D.A Koraput Office.
3. The Bidder or Authorize representative must attend this Office on 10.07.2025 as the Bid will be finalize on the same day.
4. The undersigned reserves all the right to reject / cancel any or all of the Bids without assigning any reason thereof.

Sd/- Project Administrator, I.T.D.A., Koraput
OIPR: 19271/11/0001/2526

C- 545
**OFFICE OF THE NOTIFIED AREA COUNCIL, PIPLI, DIST- PURI**
Ph:06758-241442, E-mail ID- piplinac@gmail.com

**INVITATION FOR BID**
**e-PROCUREMENT NOTICE**
**No. 1070 / Dt. 18.06.2025**
**Bid Reference No:- PIPILI-NAC-2(I)/2025-26**
**Bid Identification No:- 2025_ORULB_112544**

1. Type of Works:-Civil works as mentioned in DTCN
2. Total No of work:-1
3. Bid Value :- As per DTCN
4. Period of completion:- 6 months.
5. Date and time Schedule:-
   Submission Start:- From 12 hours of 19/06/2025
   Submission End:-17 Hrs. of 08/07/2025
6. Opening of Bid in Online:- From 11.00 A.M of 09/07/2025 onwards

Further details and necessary documents can be seen from the procurement portal i.e. **www.tendersorissa.gov.in & www.piplinac.in**

Sd/- Executive Officer, Pipli, N.A.C.
OIPR: 13107/11/0005/2526

A- 305
**GOVT. OF ODISHA**
**OFFICE OF THE ENGINEER-IN-CHIEF, WATER RESOURCES ODISHA, BHUBANESWAR**

**'e' Procurement Notice No. CE MKS 04 OF 2025-26**

1. Name of the work : Improvement to Nuagaon Distributary from RD 9.147 kM to 20.00 kM
2. Amount put to Tender : Rs. 22,86,59,589.00
3. Bid Document Cost : Rs. 10, 000.00 (online)
4. E.M.D : Rs. 22,86,596.00
5. Class of Contractor : "Super" Class & "Special" Class
6. Period of Completion : 24 calendar months (730 Days)
7. Other details are as follows.

| Procurement Officer | Bid Identification No | Availability of Tender On- line for bidding | | Date of Opening of Technical Bid (Cover-I) |
|---|---|---|---|---|
| | | From | To | |
| Chief Engineer & BM, Mahanadi Kathajodi System, Bhubaneswar | CEMKS NMPD 01 of 2025-26 | 20.06.2025 10.00hrs | 10.07.2025 17.00hrs | 11.07.2025 11.00 hrs |

8. e-mail Id : **celmbbbsr@yahoo.co.in**

Further detail conditions can be seen from the Govt, **website www.tendersodisha.gov.in**

Sd/- Chief Engineer & Basin Manager
Mahanadi Kathajodi System Bhubaneswar
OIPR: 32252/11/0008/2526

CAD- 820
**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍ : (୦୬୭୪) ୨୩୯୩୫୨୪
ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ (୦୬୭୪) ୨୩୯୩୯୫୨, ୱେବସାଇଟ୍ www.oshb.org.

ପତ୍ର ସଂଖ୍ୟା : ୬୫ **ବିଜ୍ଞାପନ** ତା : ୨୫.୦୪.୨୦୨୫

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଘର ନଂ- ଏମ୍‌ଆଇଜି- ୧/୩୦ (MIG- 1/30), ସାମାଜିକ ଗୃହ ପ୍ରକଳ୍ପ, ଖାଉସୁବୁଡ଼ା ଗୃହ ନିର୍ମାଣ ପ୍ରକଳ୍ପରେ ଶ୍ରୀମତୀ ରଞ୍ଜୁଲତା ପାଣିଗ୍ରାହୀ, ସ୍ୱାମୀ- ବିପ୍ରଚରଣ ପାଣିଗ୍ରାହୀ, ସା/ପୋ- କାଦପଡ଼ା, ଥାନା- ବୁଗୁଡ଼ା, ଜିଲ୍ଲା- ଗଞ୍ଜାମଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀମତୀ ରଞ୍ଜୁଲତା ପାଣିଗ୍ରାହୀ ଉକ୍ତ ଗୃହଟିକୁ ହସ୍ତାନ୍ତର ପତ୍ର ଅନୁଯାୟୀ ଆଧାରରେ ଶ୍ରୀ ପ୍ରକାଶ କୁମାର ଦାସ, ପିତା- ସ୍ୱର୍ଗତ ବିଳାସ ଚନ୍ଦ୍ର ଦାସ, ସା- ସବଲପୁର, ପୋ- ବେଣ୍ଡକର, ଥାନା- କଟକ ସଦର, ଜିଲ୍ଲା- କଟକଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି ।
ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ ଆପତ୍ତି ଥାଏ ତାହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ ।

ସ୍ୱା/- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR: 13030/11/0691/2526

A- 310
**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, TELENGIRI CANAL DIVISION, AMBAGUDA, DIST: KORAPUT.**
Email:setcdambaguda@gmail.com

**e- Procurement Notice**

**Bid Identification No. SETCD-01/2025-26 Dated 17.06.2025**

Bid Documents consisting of work, Estimated Cost, Cost of bid document, EMD, Time of completion, Class of Contractors and the set of terms and conditions of contract and other necessary documents can be seen in Govt. Website i.e. **www.tendersodisha.gov.in.**

1. Name of the Work : Civil Works
2. No. of Works : 04 Nos.
3. Estimated Cost : Varies from Rs.5.56 lakh-Rs.18.02 lakh
4. Period of completion : Varies from one Calendar to Two calendar months
5. Date & Time of Bidding : From 11.00 hours of 21.06.2025 Up to 17.30 hours of 30.06.2025
6. Last date & time for receipt of bids in portal : **30.06.2025** up to 17.30 hours.
7. Bids received online shall be opened on : 12.30 hours of **01.07.2025**
8. Name and address of the officer inviting Bid : Superintending Engineer.Telengiri Canal Division, Ambaguda.

**Further details can be seen from the www.tendersodisha.gov.in.**

Sd/- Superintending Engineer, Telengiri Canal Division, Ambaguda
OIPR: 32434/11/0005/2526




ବିଧାନସଭା ପରିଭ୍ରମଣରେ ଆସିଥିବା ବିଭିନ୍ନ ଜିଲ୍ଲାର ଜନଜାତି ଛାତ୍ର ଛାତ୍ରୀଙ୍କ ସହ ବାଚସ୍ପତି ସୁରମା ପାଢ଼ୀ

## ଟ୍ରାଇ ଡ୍ରାଇଭ୍ ଟେଷ୍ଟରେ ଜିଓର ସର୍ବାଧିକ ହାରାହାରି ଡାଉନଲୋଡ୍ ସ୍ପିଡ୍ ହାସଲ

ଭୁବନେଶ୍ୱର,(ସବ୍ୟୁ): ଭାରତୀୟ ଟେଲିକମ୍ ନିୟାମକ କର୍ତ୍ତୃପକ୍ଷ (ଟ୍ରାଇ) ଦ୍ୱାରା ଏପ୍ରିଲ ୨୦୨୫ ପାଇଁ ପ୍ରକାଶିତ ସଦ୍ୟତମ ସ୍ୱାଧୀନ ଡ୍ରାଇଭ୍ ପରୀକ୍ଷଣ (ଆଇଡ଼ିଟି) ଫଳାଫଳ ଅନୁଯାୟୀ, ରିଲାଏନ୍ସ ଜିଓ କଟକ ସହରରେ ବେଶ ପ୍ରଭାବଶାଳୀ ନେଟୱାର୍କ ପ୍ରଦର୍ଶନ କରିଛି । ଟ୍ରାଇର ନିୟମିତ ସେବା ଗୁଣବତ୍ତା ଅଡିଟ୍ ର ଏକ ଅଂଶ ଭାବରେ ଏହି ଡ୍ରାଇଭ୍ ପରୀକ୍ଷଣ ୧୫ ଏପ୍ରିଲରୁ ୧୮ ଏପ୍ରିଲ ୨୦୨୫ ଯାଏଁ ଓଡ଼ିଶା ସେବା କ୍ଷେତ୍ରର କଟକ ସହରରେ କରାଯାଇଥିଲା । ଯେଉଁଥିରେ ମୋଟ ୩୩୧.୪ କିଲୋମିଟର ଡ୍ରାଇଭ୍ ସହିତ ରିଅଲ୍-ଟାଇମ୍ ନେଟୱାର୍କ ପ୍ରଦର୍ଶନ ମୂଲ୍ୟାଙ୍କନ କରାଯାଇଥିଲା । କଟକ ସହରରେ ଡାଟା ସେବା ପାଇଁ କରାଯାଇଥିବା ପରୀକ୍ଷଣରେ, ଜିଓ ଏହାର ନେଟୱାର୍କର ପ୍ରାଧାନ୍ୟ ପ୍ରମାଣିତ କରି ସର୍ବାଧିକ ୨୩୩.୪୬ ଏମବିପିଏସ ହାରାହାରି ଡାଉନଲୋଡ୍ ସ୍ପିଡ୍ ହାସଲ କରିବା ସହିତ ୨୪.୦୪ ଏମବିପିଏସର ଦୃଢ଼ ଅପଲୋଡ୍ ସ୍ପିଡ୍ ପ୍ରଦର୍ଶନ କରିଥିବା ଏହି ରିପୋର୍ଟରୁ ଜଣାପଡିଛି ।

### ସମ୍ ହସ୍ପିଟାଲରେ ଜଟିଳ ଅସ୍ତ୍ରୋପଚାର

## ଯୁବକଙ୍କ ଶ୍ୱାସ ନଳିରୁ ବାହାରିଲା ପ୍ଲାଷ୍ଟିକ୍ ହ୍ୱିସିଲ୍



ଭୁବନେଶ୍ୱର,(ସବ୍ୟୁ): ଜଣେ ୩୪ ବର୍ଷୀୟ ଯୁବକଙ୍କ ଶ୍ୱାସନଳୀରେ ଅଟକି ରହିଥିବା ଏକ ପ୍ଲାଷ୍ଟିକ୍ ହୁଇସିଲ୍‌କୁ ଜଟିଳ ଅସ୍ତ୍ରୋପଚାର ମାଧ୍ୟମରେ ବାହାର କରିବାରେ ସଫଳ ହୋଇଛନ୍ତି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନସେସ୍ ଆଣ୍ଡ ସମ୍ ହସ୍ପିଟାଲର ଡାକ୍ତରୀ ଟିମ୍ । ଅତ୍ୟାଧୁନିକ ଭେଣ୍ଟିଂଲେଟିଂ ବ୍ରୋଙ୍କୋସ୍କୋପି ଅପରେସନ ଦ୍ୱାରା ସଫଳତାର ସହିତ ହୁଇସିଲ୍‌ଟିକୁ ବାହାର କରାଯାଇଛି । ଅନୁଗୁଳ ଜିଲ୍ଲାର ଏହି ଯୁବକ ଜଣକ ଭୁଲବଶତଃ ଏକ ପ୍ଲାଷ୍ଟିକ୍ ହୁଇସିଲ୍‌ଟିକୁ ଗିଳି ଦେଇଥିବା ବେଳେ ହୁଇସିଲ୍‌ଟି ଗଳା ବାଟେ ଯାଇ ଶ୍ୱାସନଳୀରେ ଅଟକି ଯାଇଥିଲା । ସେହି ହୁଇସିଲଟି ରୋଗୀଙ୍କର ଡାହାଣ ପାର୍ଶ୍ୱର ଫୁସ୍‌ଫୁସ୍ ନିକଟବର୍ତ୍ତୀ ଶ୍ୱାସନଳୀରେ ଅଟକି ରହି ଶ୍ୱାସକ୍ରିୟା ପ୍ରତି ବିପଦ ସୃଷ୍ଟି କରୁଥିଲା । ଦୀର୍ଘ ୧୩ ଦିନ ରୁ ଅଧିକ ସମୟ ଧରି ଶେଷରେ ସେ ସମ୍ ହସ୍ପିଟାଲକୁ ଆସିଥିଲେ । ହସ୍ପିଟାଲର କର୍ଣ୍ଣ ନାସା ଓ ଗଳା ବିଭାଗର ମୁଖ୍ୟ ପ୍ରଫେସର ଡାକ୍ତର ସୌମ୍ୟ ରଞ୍ଜନ ଦାସଙ୍କ ନେତୃତ୍ୱରେ ତାଙ୍କର ଅସ୍ତ୍ରୋପଚାର କରାଯାଇଥିଲା । ଛାତିର ସିଟି ସ୍କାନ୍ କରିବା ପରେ ଡାହାଣ ପାର୍ଶ୍ୱର ଫୁସ୍‌ଫୁସ୍ ନିକଟବର୍ତ୍ତୀ ଶ୍ୱାସନଳୀ ହୁଇସିଲ୍‌ଟି ଅଟକି ରହିଥିବାର ଜଣାପଡ଼ିଥିଲା । ଜେନେରାଲ୍ ଆନେସ୍‌ଥେସିଆ ସାହାଯ୍ୟରେ ଏହି ଅତ୍ୟାଧୁନିକ ଅସ୍ତ୍ରୋପଚାର ଜରିଆରେ ହୁଇସିଲ୍‌ଟିକୁ ଶ୍ୱାସନଳୀରୁ ବାହାର କରିବାରେ ଆମେ ସଫଳ ହୋଇଥିଲୁ ବୋଲି ପ୍ରଫେସର ଦାସ କହିଛନ୍ତି ।

## ରାଜଧାନୀରେ ବିଷାକ୍ତ ମଦ ମାଫିଆ ସକ୍ରିୟ: ଦୃଢ଼ କାର୍ଯ୍ୟାନୁଷ୍ଠାନ ହେଉ: ୟାସିର

ଭୁବନେଶ୍ୱର,(ସବ୍ୟୁ): ରାଜଧାନୀରେ ବିଷାକ୍ତ ମଦପିଇ ଦୁଇଜଣଙ୍କ ମୃତ୍ୟୁ ଘଟଣା ପ୍ରଶାସନକୁ ଚ୍ୟାଲେଞ୍ଜ କରିଛି ବୋଲି ପୂର୍ବତନ ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ସୟଦ ୟାସିର ନୱାଜ ଅଭିଯୋଗ କରିଛନ୍ତି। ଲକ୍ଷ୍ମୀସାଗର ଥାନା ଅଧିନରେ ଘଟିଥିବା ଏହି ମଦମୃତ୍ୟୁ ଘଟଣାକୁ ନେଇ କେବଳ ଦୋକାନ ସିଲ କରିଦେଇ ହେବ ନାହିଁ । ବିଷାକ୍ତ ମଦର ଚେର କେଉଠି ସରକାର ତାହାକୁ ଠାବ କରନ୍ତୁ। ବିଜେପି ଶାସନରେ ମଦ୍ୟପାନର ପ୍ରସାର ହେଉଛି । ଯେଉଁ ଦୋକାନରୁ ମଦ୍ୟପାନ କରି ୫ଜଣ ଗୁରୁତର ଭାବେ ଅସୁସ୍ଥ ହୋଇ ଡାକ୍ତରଖାନରେ ଭର୍ତ୍ତି ହୋଇଥିଲେ ଏବଂ ଦୁଇଜଣଙ୍କର ମୃତ୍ୟୁ ହୋଇଥିଲା । ସେହି ଦୋକାନ ଏକ ସରକାରୀ ପଞ୍ଜିକୃତ ବିଦେଶୀ ମଦ ଦୋକାନ । ସରକାର ଏବେ ତତ୍ପର ହୋଇ କେବଳ ସେହି ମଦ ଦୋକାନର ନମୂନା ସଂଗ୍ରହ କରି ପରୀକ୍ଷା କରୁଛନ୍ତି। କିନ୍ତୁ ଭୁବନେଶ୍ୱରର ସମସ୍ତ ମଦ ଦୋକାନରେ ନିଶ୍ଚିତ ଭାବେ ବିଷାକ୍ତ ମଦ ବୋତଲ ରହିଛି ଏବଂ ବିଷାକ୍ତ ମଦ ବିକ୍ରୀର ଏକ ର୍ୟାକେଟ ସକ୍ରିୟ ଅଛନ୍ତି। ଯାହାକୁ ଠାବ କରିବା ସରକାରଙ୍କର ପ୍ରଧାନ କର୍ତ୍ତବ୍ୟ ନହେଲେ ରାଜଧାନୀରେ ଆଗାମୀ ଦିନରେ ମଦମୃତ୍ୟୁ ଘଟଣା ବଢ଼ିଚାଲିବ। ଏଣୁ ରାଜଧାନୀର ସମସ୍ତ ମଦ ଦୋକାନରେ ଗଛିତ ଥିବା ମଦର ନମୂନା ପରୀକ୍ଷା କରାଯାଉ। ଲକ୍ଷ୍ମୀସାଗର ଥାନା ପରିସରରେ ଥିବା ମଦ ଦୋକାନର ଲାଇସେନ୍ସ ସଂପୂର୍ଣ୍ଣ ବାତିଲ କରାଯାଉ। ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଣଜିତ ପାତ୍ର କହିଛନ୍ତି ଯେ ଭୁବନେଶ୍ୱରରେ ବିଷାକ୍ତ ମଦ ବିକ୍ରୀ ମାଫିଆ ସକ୍ରୀୟ ଅଛନ୍ତି। ପଞ୍ଜିକୃତ ଦୋକାନୀମାନଙ୍କର ମାଫିଆମାନଙ୍କ ସହିତ ସମ୍ପର୍କ ରହିଛି କି ନାହିଁ ପ୍ରଶାସନ ତାର ଛାନବିନ କରୁ।

## ନୃସିଂହ ସାହିତ୍ୟ ସମ୍ମାନ ଉତ୍ସବ



ଭୁବନେଶ୍ୱର,(ସବ୍ୟୁ): ନିର୍ମଳା ଟ୍ରଷ୍ଟ ପକ୍ଷରୁ ଏହାର ଅଧକ୍ଷ ନୃସିଂହ ଚରଣ ଧୀରଙ୍କ ସଭାପତିତ୍ୱରେ 'ନିର୍ମଳା' ସାହିତ୍ୟ ପତ୍ରିକାର ତୃତୀୟ ସଂଖ୍ୟା ଓ 'ଅସମ୍ପୂର୍ଣ୍ଣ ସୂର୍ଯ୍ୟୋଦୟ'ର ଲୋକର୍ପଣ ଉତ୍ସବ ସ୍ଥାନୀୟ ଲୋହିଆ ଏକାଡ଼େମୀରେ ଅନୁଷ୍ଠିତ ହୋଇଯାଇଛି । ବେଦପାଠ ଏବଂ ମା' ଉପରେ ଏକ ହୃଦୟ ସ୍ପର୍ଶୀ ସମବେତ କଣ୍ଠ ସଙ୍ଗୀତ ଗାନ ପରେ 'ନିର୍ମଳା' ପତ୍ରିକାର ମୁଖ୍ୟ ସଂପାଦକ ଡ଼ାକ୍ତର ପ୍ରିୟବ୍ରତ ଧୀର ସ୍ୱାଗତ ଅଭିଭାଷଣ ଦେବା ପରେ ପତ୍ରିକାର ସଂପାଦକ ଡ଼. ଦିବାକର ମାନସିଂହ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ । ଏହି ଉତ୍ସବରେ 'ନିର୍ମଳା' ସାହିତ୍ୟ ପତ୍ରିକା ଓ ଡ଼. ଦିବାକର ମାନସିଂହଙ୍କ ରଚିତ ଉପନ୍ୟାସ 'ଅସମ୍ପୂର୍ଣ୍ଣ ସୂର୍ଯ୍ୟୋଦୟ'କୁ ଲୋକାର୍ପଣ କରାଯାଇଥିଲା । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଡ. ରବିନାରାୟଣ ସେନାପତି, ବିଶିଷ୍ଟ କବି ତଥା ଅବସରପ୍ରାପ୍ତ ଅତିରିକ୍ତ ମୁଖ୍ୟ ଶାସନସଚିବ ଯୋଗଦେଇଥିଲେ । ଉତ୍ସବର ମର୍ଯ୍ୟାଦାଜନକ ନୃସିଂହ ସାହିତ୍ୟ ସମ୍ମାନ ବିଶିଷ୍ଟ ଲେଖକ, ପ୍ରାବନ୍ଧିକ ଡ଼ାକ୍ତର ଉପେନ୍ଦ୍ର ପ୍ରସାଦ ନାୟକଙ୍କୁ ନୃସିଂହ ଚରଣ ଧୀର ଦ୍ୱାରା ପ୍ରଦାନ କାରଯାଇଥିଲା। ଏହି ଲୋକାର୍ପଣ ଉତ୍ସବରେ ଓଡ଼ିଶାର ବିଶିଷ୍ଟ ସାହିତ୍ୟିକ, କଥାକାର ଓ ସ୍ତମ୍ଭକାରମାନେ ଯୋଗଦେଇଥିଲେ। ଶେଷରେ ଅଧ୍ୟାପକ ବୃନ୍ଦାବନ ମହାପାତ୍ର ଧନ୍ୟବାଦ ଦେଇଥିଲେ । ୧୭ ତାରିଖରେ ଭିନ୍ନ ଏକ କାର୍ଯ୍ୟକ୍ରମରେ ସ୍ୱର୍ଗୀୟା ନିର୍ମଳା ଧୀରଙ୍କର ଚତୁର୍ଥ ଶ୍ରାଦ୍ଧ ବାର୍ଷିକୀ ସ୍ମୃତି ଚାରଣେ, ନୟାପଲ୍ଲି ସ୍ଥିତ ବାବା ବାଲୁଙ୍କେଶ୍ୱର ମନ୍ଦିର ପ୍ରାଙ୍ଗଣେରେ ଅବସ୍ଥିତ ନିର୍ମଳା ପିଠରେ ବିଶୁଦ୍ଧ ପାନୀୟ ଜଳ ମେସିନ୍ ଜନସାଧାରଣଙ୍କ ଉପଯୋଗୀ ପାଇଁ ନୃସିଂହ ଚରଣ ଧୀରଙ୍କ ଦ୍ୱାରା ସ୍ଥାପନ କରାଯାଇଥିଲା ।

## ନିଟ୍ ୟୁଜି ପରୀକ୍ଷାରେ ରିତେଶଙ୍କ ସଫଳତା




କଟକ, (ସ୍ୱପ୍ର): ଚଳିତବର୍ଷ ନିଟ୍ ୟୁଜି ୨୦୨୫ ପରୀକ୍ଷାରେ କଟକ ଫୁଲ୍‌ନଖରା ନିବାସୀ ବାପା ବିଶ୍ୱଜିତ ପରିଜା ଓ ମା' ପ୍ରଜ୍ଞା ରାଉତଙ୍କ ସୁପୁତ୍ର ରିତେଶ ପରିଜା ସର୍ବଭାରତୀୟ ସ୍ତରରେ ୨୦୪ତମ ସ୍ଥାନ ଏବଂ ଓଡ଼ିଶାରେ ତୃତୀୟ ସ୍ଥାନ ଅଧିକାର କରିବାର ସଫଳତା ହାସଲ କରିଛନ୍ତି। ଏହି ଅବସରରେ ଆକାଶ ଏଜୁକେସନାଲ ପକ୍ଷରୁ ରିତେଶଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଚଳିତବର୍ଷ ସେ ମଧ ଜେଇ ଆଡଭାନ୍ସ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ଆଇଆଇଟି ପାଇଁ ଯୋଗ୍ୟତା ହାସଲ କରିଛନ୍ତି। ଏହି ସଫଳତା ପଛରେ ଡିପିଏସ୍ ଓ ଆକାଶ ଏଜୁକେସନାଲର ଦକ୍ଷ ମେଣ୍ଟରଙ୍କ ଉପୁଯକ୍ତ ପରାମର୍ଶ ଓ ବାପା ବିଶ୍ୱଜିତ ପରିଜା, ମା' ପ୍ରଜ୍ଞା ରାଉତ, ଜେଜେ ତଥା ବରିଷ୍ଠ ନାଗରିକ ସଂଘର ସମ୍ପାଦକ ରଜନୀକାନ୍ତ ପରିଜା, ଜେଜେମା' ରଂଜିତା ପରିଜା, ଅଜା ସ୍ୱର୍ଗତ ଅଜିତ ରାଉତ ଓ ଆଇ ଅନୁସ୍ୱୟା ରାଉତଙ୍କ ପ୍ରେରଣା ଓ ଆର୍ଶୀବାଦ ରହିଥିବା ରିତେଶ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ।

### ବେଦାନ୍ତ ଆଲୁମିନିୟମ ଝାରସୁଗୁଡାରେ

## ମାର୍ଶାଲ କଳାକାରଙ୍କ ପାଇଁ ଗ୍ରାପ୍ଲିଙ୍ଗ ତାଲିମ ଶିବିର



ଭୁବନେଶ୍ୱର,(ସବ୍ୟୁ): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଝାରସୁଗୁଡାର ବେଦାନ୍ତ ମାର୍ଶାଲ ଆର୍ଟସ ତାଲିମ କେନ୍ଦ୍ରରେ ଏକ ଦୁଇ ଦିନିଆ ଗ୍ରାପ୍ଲିଙ୍ଗ ତାଲିମ ଶିବିର ଆୟୋଜନ କରିଥିଲା । ଯେଉଁଥିରେ ୫୦ ରୁ ଅଧିକ ଉତ୍ସାହୀ ଯୁବ ମାର୍ଶାଲ କଳାକାର ଅଂଶଗ୍ରହଣ କରିଥିଲେ । ଏହି ଶିବିରର ନେତୃତ୍ୱ ଆର୍କୋ ଦାସଗୁପ୍ତା, ବୈଷୟିକ ନିର୍ଦ୍ଦେଶକ, ଗ୍ରାପ୍ଲିଙ୍ଗ କମିଟି ଅଫ୍ ଇଣ୍ଡିଆ ଏବଂ ଜଣେ ଅଭିଜ୍ଞ ଗ୍ରାପ୍ଲିଙ୍ଗ ପ୍ରଶିକ୍ଷକ କରିଥିଲେ । ଏହି ବର୍ଷ ଆରମ୍ଭ ହୋଇଥିବା ବେଦାନ୍ତ ମାର୍ଶାଲ ଆର୍ଟସ ତାଲିମ କେନ୍ଦ୍ରରେ ପୂର୍ବରୁ ୧୦୦ ରୁ ଅଧିକ ଛାତ୍ରଛାତ୍ରୀ ଅଛନ୍ତି, ଯାହା ସେମାନଙ୍କୁ କୌଶଳରେ ଦକ୍ଷତା ହାସଲ କରିବାରେ ସାହାଯ୍ୟ କରିବା ପାଇଁ ବୃତିଗତ ପ୍ରଶିକ୍ଷଣ ସେବା ଏବଂ ଏକ ବ୍ୟବସ୍ଥିତ ତାଲିମ ପରିବେଶ ପ୍ରଦାନ କରୁଛି । କରାଟେ ଏବଂ ଜୁଡୋ ଭଳି ଶୃଙ୍ଖଳା ଉପରେ ଧ୍ୟାନ ଦେଇ, ଏହି କେନ୍ଦ୍ର ଏହି ଅଞ୍ଚଳର ସ୍ଥାନୀୟ ଯୁବପିଢ଼ିଙ୍କ ମଧ୍ୟରେ ଶୃଙ୍ଖଳା, ସ୍ଥିରତା ଏବଂ ଶାରୀରିକ ସୁସ୍ଥତାକୁ ପୋଷଣ କରିବା ପାଇଁ ଏକ ସ୍ପନ୍ଦନଶୀଳ ପ୍ଲାଟଫର୍ମ ଭାବରେ କାର୍ଯ୍ୟ କରିଆସୁଛି । ଏହି ସ୍ୱତନ୍ତ୍ର ତାଲିମ ଶିବିର ଯୁବ ଛାତ୍ରମାନଙ୍କୁ ସଂଘର୍ଷର ମୌଳିକତା ପ୍ରଦାନ କରିବା ଉପରେ ଧ୍ୟାନ କେନ୍ଦ୍ରିତ କରିଥିଲା, ଶୃଙ୍ଖଳା, ଧ୍ୟାନ ଏବଂ ବୈଷୟିକ ଉତ୍କର୍ଷତାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲା । ଦୁଇ ଦିନ ଧରି, ଅଂଶଗ୍ରହଣକାରୀମାନେ ସଂରଚିତ ମାର୍ଶଲ ଆର୍ଟ ଅଭ୍ୟାସ ମାଧ୍ୟମରେ ସେମାନଙ୍କର ଶାରୀରିକ ସହନଶୀଳତା ଏବଂ ମାନସିକ ଚପଳତାକୁ ବୃଦ୍ଧି କରିବା ପାଇଁ ଡିଜାଇନ୍ କରାଯାଇଥିବା କଠୋର ଅଧିବେଶନରେ ଯୋଗ ଦେଇଥିଲେ । ଏହି ପଦକ୍ଷେପ ବିଷୟରେ ନିଜର ମତାମତ ଦେଇ ବେଦାନ୍ତ ଆଲୁମିନିୟମର ମୁଖ୍ୟ ପରିଚାଳନା ଅଧିକାରୀ ସୁନୀଲ ଗୁପ୍ତା କହିଛନ୍ତି: ବେଦାନ୍ତରେ, ଆମେ ଯୁବପିଢ଼ିଙ୍କ ସାମଗ୍ରିକ ଏବଂ ସର୍ବାଙ୍ଗୀନ ବିକାଶରେ ବିଶ୍ୱାସ କରୁଛୁ ।

## ଆମ୍‌ୱେ ଇଣ୍ଡିଆର ନ୍ୟୁଟ୍ରିଲାଇଟ ଟ୍ରିପିଲ ପ୍ରୋଟେକ୍ଟ

ଭୁବନେଶ୍ୱର,(ସବ୍ୟୁ): ବର୍ଦ୍ଧିତ ଜୀବନଶୈଳୀ ଜନିତ ରୋଗ ଏବଂ ସ୍ୱାସ୍ଥ୍ୟ ସଚେତନତା ବୃଦ୍ଧି ସହିତ ଭାରତ ସକାରାତ୍ମକ ସ୍ୱାସ୍ଥ୍ୟସେବା ପ୍ରତି ଏକ ସ୍ପଷ୍ଟ ସ୍ଥାନାନ୍ତରଣ ଲକ୍ଷ୍ୟ କରୁଛି । ଗ୍ରାହକଙ୍କର ପରିବର୍ତ୍ତିତ ଆବଶ୍ୟକତା ସହିତ ତାଳଦେଇ ସ୍ୱାସ୍ଥ୍ୟ ଓ କଲ୍ୟାଣକୁ ସମର୍ଥନ କରୁଥିବା ଏକ ଅଗ୍ରଣୀ କମ୍ପାନୀ ଆମୱେ ଇଣ୍ଡିଆ ନ୍ୟୁଟ୍ରିଲାଇଟ ଟ୍ରିପଲ ପ୍ରୋଟେକ୍ଟ ପ୍ରଚଳନ ସହିତ ତାହାର ପୁଷ୍ଟିସାଧନ ବର୍ଗକୁ ସୁଦୃଢ଼ କରିଛି । ବୈଜ୍ଞାନିକ ସମ୍ମତ ଉପାୟରେ ପ୍ରସ୍ତୁତ, ଉଦ୍ଭିଦ-ଭିତିକ ଏବଂ ଆସେରୋଲା ଚେରୀ, ହଳଦି ଓ ଲାଇକୋରାଇସ୍ ଆଦିର ପ୍ରାକୃତିକ ସାମର୍ଥ୍ୟରେ ସଶକ୍ତ ପରିପୂରକ ହୋଇଛି । ଏହି ଶକ୍ତିଶାଳୀ ଫର୍ମୁଲେସନରେ ଏଭଳି ପୋଷକଗୁଡିକ ରହିଛି ଯାହା ରୋଗ ପ୍ରତିରୋଧ, ପ୍ରଦାହ ହ୍ରାସ କରିବା ଏବଂ ଅନ୍ତଃନଳୀ, ତ୍ୱଚା ଓ ରୋଗ ପ୍ରତିରୋଧ ସ୍ୱାସ୍ଥ୍ୟ ପାଇଁ ମଜଭୁତ ଆଂଟିଅକ୍ସିଡାଂଟ ସୁରକ୍ଷା ଯୋଗାଇବା ଭଳି ଟ୍ରିପଲ-ଆକ୍ସନ ଫାଇଦା ଯୋଗାଇ ଦେଉଛି । ଏହାର ଶୁଭାରମ୍ଭ ଅବସରରେ ମତ ଦେଇ ରଜନୀଶ ଚୋପ୍ରା, ମ୍ୟାନେଜିଂ ଡାଇରେକ୍ଟର, ଆମୱେ ଇଣ୍ଡିଆ କହିଥିଲେ, ନିମ୍ନ ପୋଷଣ ରାଷ୍ଟ୍ରର ଅର୍ଦ୍ଧାଧିକ ଲୋକଙ୍କ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଇବା ଜାରି ରହିଥିବାବେଳେ ସାମଗ୍ରିକ କଲ୍ୟାଣ ନିମନ୍ତେ ସ୍ୱଚ୍ଛ, ଉଦ୍ଭିଦ-ଭିତିକ ସମାଧାନଗୁଡିକ କେବେହେଲେ ସେଭଳି ଗୁରୁତ୍ୱ ଲାଭ କରିନାହିଁ। ସମ୍ପ୍ରତି ଉପଭୋକ୍ତାମାନେ ସ୍ୱାସ୍ଥ୍ୟକୁ ଯେଭଳି ଗୁରୁତ୍ୱ ଦେଉଛନ୍ତି, ତାହା ପୂର୍ବରୁ କେବେ ହୋଇନଥିଲା, ଏବଂ ୫୨% ରୋଗ ପ୍ରତିରୋଧ କ୍ଷମତାକୁ ସେମାନେ ପରିପୂରକରେ ଚାହୁଁଥିବା ଶୀର୍ଷ ଫାଇଦା ଭାବରେ ଚାହୁଁଛନ୍ତି, ଯାହା ପୂର୍ଣ୍ଣାଙ୍ଗ କଲ୍ୟାଣ ସୁପାରିଶଗୁଡିକ ନିମନ୍ତେ ବର୍ଦ୍ଧିତ ଚାହିଦା ସମ୍ପର୍କରେ ଉଲ୍ଲେଖ କରୁଛି। ଉପଭୋକ୍ତାଙ୍କ ଆବଶ୍ୟକତା ଏବଂ ଉତ୍ପାଦ ନବସୃଜନ ପାଇପଲାଇନକୁ ତ୍ୱରାନ୍ୱିତ କରିବା ନିମନ୍ତେ ଆମର ରଣକୌଶଳାତ୍ମକ ବ୍ୟବସାୟିକ ଅଗ୍ରାଧିକାରତାକୁ ଦୃଷ୍ଟିରେ ରଖି ଆମେ ଆମର ଅଧୁନାତମ ନବସୃଜନ-ନ୍ୟୁଟ୍ରିଲାଇଟ ଟ୍ରିପଲ ପ୍ରୋଟେକ୍ଟ ବାଇ ଆମୱେ ପ୍ରଚଳନ କରି ଆନନ୍ଦ ଅନୁଭବ କରୁଛୁ ।

ଏହା ଏହି ଧରଣର ଅନ୍ୟତମ ଫର୍ମୁଲେସନ ଯାହା ରୋଗ ପ୍ରତରୋଧ ଶକ୍ତି, ଅନ୍ତଃନଳୀ ଏବଂ ତ୍ୱଚାକୁ ସମର୍ଥନ କରୁଥିବା ବିଜ୍ଞାନ ସମର୍ଥିତ ଉପାଦାନଗୁଡିକୁ ଏକତ୍ରିତ କରୁଛି- କଲ୍ୟାଣ ପ୍ରତି ସକାରାତ୍ମକ ଏବଂ ପୂର୍ଣ୍ଣାଙ୍ଗ ଆଭିମୁଖ୍ୟ ଗ୍ରହଣ କରିବାକୁ ବ୍ୟକ୍ତିବିଶେଷଙ୍କୁ ସଶକ୍ତ କରୁଛି ।

### ଆଇଏମଆଇ ଭୁବନେଶ୍ୱରରେ

## ୨୦୨୫-୨୭ର ପିଜିଡିଏମ ବ୍ୟାଚର ଓରିଏଣ୍ଟେସନ କାର୍ଯ୍ୟକ୍ରମ



ଭୁବନେଶ୍ୱର,(ସବ୍ୟୁ): ଆଇଏମଆଇ ଭୁବନେଶ୍ୱର୨୦୨୫-୨୭ର ପିଜିଡିଏମ ବ୍ୟାଚ ପାଇଁ ଏହାର ଓରିଏଣ୍ଟେସନ୍‌କାର୍ଯ୍ୟକ୍ରମର ଶୁଭାରମ୍ଭକରିଛି । ଯାହା ଭବିଷ୍ୟତର ଆଶାୟୀ ମ୍ୟାନେଜରମାନଙ୍କ ପାଇଁ ଏକ ନୂତନ ଶୈକ୍ଷିକ ଯାତ୍ରାର ଆରମ୍ଭ ହେବ । କାର୍ଯ୍ୟକ୍ରମର ଆରମ୍ଭ ପ୍ରଫେସର ସୁପ୍ରୀତି ମିଶ୍ର, ଡିନ୍ (ଶିକ୍ଷାବିଦ)ଙ୍କ ସ୍ୱାଗତଭାଷଣ ସହିତ ହୋଇଥିଲା । ସେଉତ୍କର୍ଷତା, ଶିଳ୍ପ ସମ୍ପର୍କ ଏବଂ ସାମଗ୍ରିକ ଛାତ୍ର ବିକାଶ ପ୍ରତିପ୍ରତିଷ୍ଠାନର ପ୍ରତିବଦ୍ଧତା ଉପରେ ଆଲୋକପାତକରିଥିଲେ । ଆଇଏମଆଇ ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ପିସି ବିଶ୍ୱାଳ ଛାତ୍ରଛାତ୍ରୀମାନଙ୍କୁସେ ମାନଙ୍କର ଶୈକ୍ଷିକଯାତ୍ରାକୁ କେବଳ ନିଯୁକ୍ତିର ପଥ ଭାବରେ ଦେଖିବା ପରିବର୍ତ୍ତେ ଶିକ୍ଷା ଏବଂବ୍ୟକ୍ତିଗତ ବିକାଶର ଏ କନିରନ୍ତରପ୍ରକ୍ରିୟା ଭାବରେ ଗ୍ରହଣ କରିବାକୁ ଉତ୍ସାହିତ କରିଥିଲେ । ସେ ଶୈକ୍ଷିକ ଶୃଙ୍ଖଳା ବଜାୟ ରଖିବା, ମାନସିକ ଏବଂ ଶାରୀରିକ ସୁସ୍ଥତାକୁ ପୋଷଣ କରିବା ଏବଂ ପାଠ୍ୟକ୍ରମ ବହାରକାର୍ଯ୍ୟକଳା ପରେ ସାମିଲ ହେବ । ଉପରେ ଗୁରୁତ୍ୱାରୋପ କରିଥିଲେ । ସସମାଜରେ ଅର୍ଥପୂର୍ଣ୍ଣ ଅବଦାନ ରଖୁଥିବା ଦୟାଳୁ ବ୍ୟକ୍ତିହେବାର ଗୁରୁତ୍ୱ ଉପରେ ମଧ ଆଲୋକପାତ କରିଥିଲେ । ସୁରଜମଲିକ, ପ୍ରତିଷ୍ଠାତା ଏବଂ ସିଇଓ, ଲିଗାସିଗ୍ରୋଥ୍, ମୁଖ୍ୟଅତିଥି, ଛାତ୍ରଛାତ୍ରୀମାନଙ୍କୁ ଉଦ୍ଦେଶ୍ୟର ଏକଗଭୀର ଭାବନା ବିକଶିତ କରିବାକୁ ପରାମର୍ଶ ଦେଇଥିଲେ । ସଛାତ୍ରଛାତ୍ରୀମାନଙ୍କୁ ସ୍ମାର୍ଟକାର୍ଯ୍ୟ ଉପରେ ଧ୍ୟାନଦେବାକୁ ଏବଂ ପ୍ରଭାବଶାଳୀ ନିଷ୍ପତ୍ତି ଗ୍ରହଣକ୍ଷମତା ବିକଶିତକରିବାକୁ ପ୍ରେରଣା ଦେଇଥିଲେ । ସେ ମୂଲ୍ୟବାନ ଶିଳ୍ପ ଅନ୍ତର୍ଦୃଷ୍ଟି ସମ୍ପର୍କରେ ତଥ୍ୟ ପ୍ରଦାନ କରିଥିଲେ ଏବଂ ଛାତ୍ରଛାତ୍ରୀମାନଙ୍କୁ ସ୍ପଷ୍ଟତା, ଆତ୍ମବିଶ୍ୱାସ ତଥା ନିଜକୁ ସାମିଲ କରି ମ୍ୟାନେଜମେଣ୍ଟକୁ ଆଗକୁ ନେବାକୁ ପ୍ରେରଣା ଦେଇଥିଲେ । କାର୍ଯ୍ୟକ୍ରମର ଅଧକ୍ଷ ପ୍ରଫେସର ସୌଗତରାୟଙ୍କ ଧନ୍ୟବାଦ ପ୍ରସ୍ତାବ ସହିତ ଅଧିବେଶନ ଶେଷ ହୋଇଥିଲା । ଓରିଏଣ୍ଟେସ କାର୍ଯ୍ୟକ୍ରମ ୨ ସପ୍ତାହ ଧରିଚାଲିବ ଯେଉଁ ଠାରେ ଛାତ୍ରଛାତ୍ରୀମାନେ ଅନେକ ପ୍ରମୁଖ ଶିଳ୍ପ ଏ ବଂ ସାମାଜିକ ନେତାଙ୍କ ସହ ଭାବବିନିମୟ କରିପାରିବେ। ଯୋଗଏ ବଂମାନବମୂଲ୍ୟବୋଧ ଉପରେ ଅଧିବେଶନ ସମେତ ବିଶେଷଜ୍ଞଙ୍କ ଦ୍ୱାରା ଶାରୀରିକ ଏବଂ ମାନସିକ ସୁସ୍ଥ ତା ପାଇଁ ଅଧିବେଶନ ମଧହେବ। ଉଦଘାଟନୀ ଅଧିବେଶନଆଗାମୀ ଶିକ୍ଷାଅଧିବେଶନ ପାଇଁ ଏକ ସ୍ପନ୍ଦନଶୀଳସ୍ୱରସ୍ଥାପନକରିଥିଲା, ଯାହା ସାମାଜିକ ଭାବରେ ଦାୟିତ୍ୱବାନ ଏବଂ ଶିଳ୍ପ ପାଇଁ ପ୍ରସ୍ତୁତ ହେଉଥିବା ବୃତ୍ତି ଗତମାନଙ୍କୁ ଗଠନ କରିବାର ଆଇଏମଆଇ ଭୁବନେଶ୍ୱରର ନିରନ୍ତର ପ୍ରୟାସକୁ ପ୍ରତିଫଳିତ କରିଥିଲା ।

## ସଂଘମିତ୍ରା ସ୍ମାରକୀ ଆନୁକୂଲ୍ୟରେ ରଜଝୋବ



ଭୁବନେଶ୍ୱର,(ସବ୍ୟୁ): ସ୍ଥାନୀୟ ଆଇ ଆର୍ ସି ଭିଲେଜ୍ ସ୍ଥିତ ଏନ୍ ୪ ଖେଳ ପଡିଆ ଠାରେ ସଂଘମିତ୍ରା ସ୍ମାରକୀ ଆନୁକୂଲ୍ୟରେ ୬ଷ୍ଠ ଆଇ.ଆର୍.ସି ଭିଲେଜ୍ ରଜ ମଉଜ-୨୦୨୫ ଅନୁଷ୍ଠିତ ହୋଇଯାଇଛି । ତିନି ଦିନ ଧରି ଚାଲିଥିବା ରଜ ଉସବର ଅନ୍ତିମ ସନ୍ଧ୍ୟାରେ ରଜଦୋଳି, ଖିଲିପାନ, ପିଠାପଣା ସହିତ ଉସବ ମୁଖର ହୋଇଥିଲା ଅଞ୍ଚଳର ଛୋଟ ପିଲା ମାନଙ୍କୁ ନେଇ ଅନେକ କୌତୁକ ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବା ବେଳେ କିଶୋରୀ ମାନଙ୍କୁ ନେଇ ପୁଚି ଦୌଡ଼ି ଡିଆଁ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ପିଲାମାନଙ୍କ ମଧ୍ୟରେ ଅନୁଷ୍ଠିତ କବାଡ଼ି ପ୍ରତିଯୋଗୀତାରେ ବିଜେତା ଆଇ ଆର୍ ସି ଭିଲେଜ୍ ଟିମ୍ କୁ ପୁରସ୍କୃତ କରାଯାଇଥିଲା ।

ମହିଳାମାନଙ୍କୁ ନେଇ ଅନୁଷ୍ଠିତ ହୋଇଥିବା ଗୃହଲକ୍ଷ୍ମୀ ପ୍ରତିଯୋଗିତାରେ ସର୍ବଶ୍ରେଷ୍ଠ ଗୃହଲକ୍ଷ୍ମୀ ଜୋସ୍ନା ରାଣୀ ପାତ୍ର ଏବଂ ରନର୍ସ ଅପ୍ ଜୟଶ୍ରୀ ବେହେରାଙ୍କୁ ପୁରସ୍କୃତ କରାଯାଇଥିଲା । ପିଠା ପଣା ଏବଂ ନାନାଦି ଖାଦ୍ୟପେୟର ସମ୍ଭାର ଗାଁ ପରିବେଶକୁ ଉଜ୍ଜିବିତ କରି ଗଢିଥିଲା ।

ଅନ୍ତିମ ସନ୍ଧ୍ୟାରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅତିଥି ଭାବରେ ବିଧାୟକ ଡଃ ଅରୁଣ କୁମାର ସାହୁ, ସୁଶାନ୍ତ କୁମାର ରାଉତ, ଭୁବନେଶ୍ୱର ମେୟର ଶ୍ରୀମତୀ ସୁଲୋଚନା ଦାସ, ଏବଂ ବରେଣ୍ୟ ଶରତ ଚନ୍ଦ୍ର ଭଦ୍ର,ସାହିତ୍ୟିକା ଶର୍ମିଷ୍ଠା ମହାନ୍ତି, ହେନା ମହାପାତ୍ର, ସମାଜସେବୀ ସଂଯୁକ୍ତା ପଣ୍ଡା, ଶ୍ରୀମତୀ ନିବେଦିତା ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ ।

ସ୍ୱାସ୍ଥ୍ୟ ସଚେତକ ବିଶିଷ୍ଟ ଆକ୍ୟୁପ୍ରେସର୍ ଏକ୍ସପର୍ଟ ପ୍ରିୟମ୍ବଦା ପ୍ରଧାନ, ପରିବେଶବିତ୍ ହରିଶ ପ୍ରଧାନ, ପ୍ରୋଫେସର ଡଃ ଗୋବିନ୍ଦ ଚନ୍ଦ୍ର ଦାସ,ପରିବେଶବିତ୍ ପ୍ରଦୀପ କୁମାର ପଣ୍ଡା, କଣ୍ଠଶିଳ୍ପୀ ଆର୍ଯ୍ୟା ମିଶ୍ର, ନୃତ୍ୟାଙ୍ଗନା ଗୁରୁ ପୁଷ୍ପିତା ମିଶ୍ର, ସିନେ ତାରକା ଆୟୁଷ୍ମାନ୍ ଲୋହିତାକ୍ଷ ପଟ୍ଟନାୟକ, ଅଭିନେତ୍ରୀ ସୁଶ୍ରୀ ବି ଏମ୍ ବୈଶାଳୀ, କଣ୍ଠଶିଳ୍ପୀ ନଭ୍ୟା ଯାଇତି , ଉଦଘୋଷିକା ଗୁଞ୍ଜି ଆଦିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ନୟାପଲ୍ଲି କମ୍ୟୁନିଟି କେୟାର ଆସୋସିଏସନର ସଭାପତି ଶରତ ଚନ୍ଦ୍ର ଭଦ୍ର, ଉପସଭାପତି ସଂଜୀବ ପତି, ଅଶୋକ ମଲ୍ଲିକ, ଅଶୋକ ମହାନ୍ତି, ବାଣୀ ବ୍ରତ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ପରେପରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

ସ୍ଥାନୀୟ କର୍ପୋରେଟର ମାନସୀ ସୁନ୍ଦର ରାୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ତିନିଦିନିଆ ସାଂସ୍କୃତିକ ଉତ୍ସବଟି ଅତ୍ୟନ୍ତ ସୁପରିଚାଳିତ ଭାବରେ ଉଦଯାପନ ହୋଇଥିଲା ।

## ଟ୍ରମ୍ପଙ୍କୁ ମୋଦୀଙ୍କ କଡା ଉତ୍ତର

# ମଧ୍ୟସ୍ଥତା ଏବେ ନୁହେଁ କି, କେବେ ନୁହେଁ



କାନାନିସ୍କିସ୍: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ଙ୍କ ମଧ୍ୟରେ ଫୋନରେ କଥାବାର୍ତ୍ତା ହୋଇଛି । ଉଭୟ ୩୫ ମିନିଟ୍ ଧରି କଥା ହୋଇଥିଲେଛ । ଯେଉଁଥିରେ ପ୍ରଧାନମନ୍ତ୍ରୀ ମୋଦୀ ଟ୍ରମ୍ପ୍ଙ୍କୁ କହିଥିଲେ ଯେ, ଭାରତ କେବେ ମଧ୍ୟସ୍ଥତା ଗ୍ରହଣ କରିନାହିଁ ଏବଂ କେବେ କରିବ ନାହିଁ ।

ପ୍ରକୃତରେ, ଟ୍ରମ୍ପ୍ ଅନେକ ଥର ଦାବି କରିଛନ୍ତି ଯେ, ଗତ ମାସରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଉତ୍ତେଜନା ସମୟରେ ସେ ମଧ୍ୟସ୍ଥତା କରିଥିଲେ । ଆମେରିକା ରାଷ୍ଟ୍ରପତି ସମଗ୍ର ବିଶ୍ୱକୁ କହୁଛନ୍ତି ଯେ, ତାଙ୍କ ଯୋଗୁ ହିଁ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଯୁଦ୍ଧବିରତି ହୋଇଥିଲା ।ସେ ନିଜେ ଦୁଇ ଦେଶ ମଧ୍ୟରେ ଶାନ୍ତି ପାଇଁ ଶ୍ରେୟ ନେଉଛନ୍ତି ।

କାନାଡାରେ ଜି-୭ ଶିଖର ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ମୋଦୀ ଏବଂ ରାଷ୍ଟ୍ରପତି ଟ୍ରମ୍ପ୍ଙ୍କ ସାକ୍ଷାତ ହେବାର ଥିଲା । ଇସ୍ରାଏଲ ଏବଂ ଇରାନ ସହିତ ଉତ୍ତେଜନା ଯୋଗୁ ଟ୍ରମ୍ପ୍ଙ୍କୁ ଶୀଘ୍ର ଆମେରିକା ଫେରିବାକୁ ପଡିଥିଲା, ଯାହା ଫଳରେ ଏହି ସାକ୍ଷାତ ହୋଇପାରିଲା ନାହିଁ ।

ଏହା ପରେ, ରାଷ୍ଟ୍ରପତି ଟ୍ରମ୍ପ୍ଙ୍କ ଅନୁରୋଧରେ, ବୁଧବାର ଉଭୟ ନେତାଙ୍କ ମଧ୍ୟରେ ଫୋନ୍ ମାଧ୍ୟମରେ କଥାବାର୍ତ୍ତା ହୋଇଥିଲା। ଏପ୍ରିଲ ୨୨ତାରିଖରେ ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ, ରାଷ୍ଟ୍ରପତି ଟ୍ରମ୍ପ୍ ଫୋନ୍ ମାଧ୍ୟମରେ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ସମବେଦନା ଜଣାଇଥିଲେ ଏବଂ ଆତଙ୍କବାଦ ବିରୁଦ୍ଧରେ ସମର୍ଥନ ଜଣାଇଥିଲେ । ସଂଘର୍ଷ ପରେ ଦୁଇ ନେତାଙ୍କ ମଧ୍ୟରେ ଏହା ପ୍ରଥମ ବାର୍ତ୍ତାଳାପ ଥିଲା । ମୋଦୀ ଏବଂ ଟ୍ରମ୍ପ୍ଙ୍କ ମଧ୍ୟରେ ହୋଇଥିବା ଫୋନ୍ ଆଲୋଚନା ସମ୍ପର୍କରେ ବୈଦେଶିକ ସଚିବ ବିକ୍ରମ ମିଶ୍ରି କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ମୋଦୀ ସ୍ପଷ୍ଟ କରିଛନ୍ତି, ଅପରେସନ୍ ସିନ୍ଦୂର ସମ୍ପର୍କରେ କୌଣସି ବାଣିଜ୍ୟ ସମ୍ବନ୍ଧୀୟ ପ୍ରସଙ୍ଗ ଉପରେ ଆଲୋଚନା ହୋଇନାହିଁ । ସେ କହିଛନ୍ତି, ଭାରତ କେବେ ବି କୌଣସି ତୃତୀୟ ପକ୍ଷ ମଧ୍ୟସ୍ଥତା ଗ୍ରହଣ କରିନାହିଁ ଏବଂ ଭବିଷ୍ୟତରେ ମଧ୍ୟ ଏପରି କୌଣସି ମଧ୍ୟସ୍ଥତା ଗ୍ରହଣ କରିବ ନାହିଁ ।

ସେ କହିଛନ୍ତି ଯେ ଟ୍ରମ୍ପ ଜି-୭ ଶିଖର ସମ୍ମିଳନୀରେ ଯୋଗଦେବା ପାଇଁ କାନାଡାରେ ଥିବା ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଆମେରିକା ଆସିବାକୁ ନିମନ୍ତ୍ରଣ କରିଥିଲେ । କିନ୍ତୁ, ମୋଦୀ କହିଥିଲେ ଯେ, ତାଙ୍କର ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଯୋଗୁ ସେ ଏହି ନିମନ୍ତ୍ରଣ ଗ୍ରହଣ କରିପାରିବେ ନାହିଁଛମିଶ୍ରି କହିଛନ୍ତି ଯେ, ମୋଦୀ ଚଳିତ ବର୍ଷ ପ୍ରସ୍ତାବିତ କ୍ୱାଡ୍ ଶିଖର ସମ୍ମିଳନୀ ପାଇଁ ଟ୍ରମ୍ପ୍ଙ୍କୁ ଭାରତ ଆସିବାକୁ ନିମନ୍ତ୍ରଣ କରିଥିଲେ । ଇସ୍ରାଏଲ ଏବଂ ଇରାନ ମଧ୍ୟରେ ବିବାଦ ବୃଦ୍ଧି ପାଇବାରୁ ଆମେରିକା ରାଷ୍ଟ୍ରପତି ଗୋଟିଏ ଦିନ ପୂର୍ବରୁ ଜି-୭ ଶିଖର ସମ୍ମିଳନୀ ଛାଡି ଦେଇଥିଲେ ।

## ବିମାନରେ ୪୦ ମିନିଟ ଫସି ରହିଲେ ଯାତ୍ରୀ

ରାଇପୁର: ହଠାତ୍ ବନ୍ଦ ହୋଇଗଲା ବିମାନର ଗେଟ୍, ଭିତରେ ଫସି ରହିଲେ ଯାତ୍ରୀ । ପାଖାପାଖି ୪୦ ମିନିଟ୍ ଯାଏଁ ବିମାନ ଭିତରେ ଫସି ରହିଲେ ଯାତ୍ରୀ। ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ଛତିଶଗଡ ରାଇପୁର ସ୍ଥିତ ସ୍ୱାମୀ ବିବେକାନନ୍ଦ ବିମାନବନ୍ଦରରେ । ଯେଉଁଠି ଇଣ୍ଡିଗୋ ବିମାନର ଗେଟ୍ ଲକ୍ ହୋଇଯିବାରୁ ଯାତ୍ରୀଙ୍କୁ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେବାକୁ ପଡିଛି। ତେବେ ଦିଲ୍ଲୀରୁ ରାଇପୁର ପାଇଁ ଉଡାଣ ଭରିଥିବା ଇଣ୍ଡିଗୋ ବିମାନ ଦିନ ୨ଟା ୨୫ରେ ଆସି ପହଞ୍ଚିଥିଲା । ବିମାନ ଅବତରଣ ପରେ ଯେତେବେଳେ ଯାତ୍ରୀମାନେ ଓହ୍ଲାଇବାକୁ ପ୍ରସ୍ତୁତ ହୋଇଛନ୍ତି ଠିକ୍ ସେତେବେଳେ ଗେଟ୍ ଲକ୍ ହୋଇଗଲା । ବିମାନରେ ଯାତ୍ରୀ ବିରକ୍ତି ପ୍ରକାଶ କରିଥିବା ବେଳେ ସେହି ବିମାନରେ ଛତିଶଗଡର ପୂର୍ବତନ ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲଙ୍କ ସମେତ ଅନେକ ଭିଆଇପି ଥିଲେ ।ଇଣ୍ଡିଗୋ ବିମାନ ଖାଲି ଆଜି ନୁହେଁ କାଲି ମଧ୍ୟ ନାଗପୁରରେ ଜରୁରୀ ଅବତରଣ କରିଥିଲା । ବୋମା ଧମକ ମିଳିବା ପରେ ଜରୁରୀ ଅବତରଣ କରିଥିଲା।କୋଚିରୁ ଦିଲ୍ଲୀ ଯାଉଥିବା ଇଣ୍ଡିଗୋ ଏୟାରଲାଇନ୍ସର ଏକ ବିମାନକୁ ବୋମା ଧମକ ମିଳିବା ପରେ ଆତଙ୍କ ଖେଳିଯାଇଥିଲା । ଇଣ୍ଡିଗୋ ବିମାନ ୬ଇ-୨୭୦୬ ଦିଲ୍ଲୀ ଅଭିମୁଖେ ଉଡାଣ ଭରି ସାରିଥିବା ବେଳେ ବୋମା ଧମକ ମିଳିଥିଲା ଆଉ ଯାତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ ନାଗପୁର ଏୟାରପୋର୍ଟରେ ଜରୁରୀ ଅବତରଣ କରାଯାଇଥିଲା ।




## ଅହମଦାବାଦ ବିମାନ ଦୁର୍ଘଟଣା କ୍ଷତିପୂରଣ ବୀମା ରାଶି ୩ ହଜାର କୋଟି

ଅହମଦାବାଦ: ଅହମ୍ମଦାବାଦ ବିମାନ ଦୁର୍ଘଟଣାରେ ଜଣେ ଯାତ୍ରୀଙ୍କୁ ଛାଡ଼ି ସମସ୍ତ ୨୪୧ଜଣଙ୍କର ମୃତ୍ୟୁ ହୋଇଥିଲା । ସୂତ୍ର ଅନୁଯାୟୀ, ଏହି ଏୟାର ଇଣ୍ଡିଆ ବିମାନର ଏକ ବିସ୍ତୃତ ରକ୍ଷଣାବେକ୍ଷଣ ଯାଞ୍ଚ ଜୁନ୍ ୨୦୨୩ରେ କରାଯାଇଥିଲା ଏବଂ ପରବର୍ତ୍ତୀ ପର୍ଯ୍ୟାୟ ଯାଞ୍ଚ ଚଳିତ ବର୍ଷ ଡିସେମ୍ବରରେ କରାଯିବାର ଯୋଜନା ଥିଲା । ଏହାର କ୍ଷତିପୂରଣ ପାଇଁ ମିଳିବାକୁ ଥିବା ବୀମା ରାଶି(୩,୦୦୦କୋଟି) ଦେଶର ସବୁଠାରୁ ମହଙ୍ଗା ବୀମା ରାଶି ହେବ ବୋଲି ଆକଳନ କରାଯାଉଛି ।

## ଅଗଷ୍ଟ ୧୫ରୁ ଫାସଟ୍ୟାଗରେ ନୂଆ ବ୍ୟବସ୍ଥା

ନୂଆଦିଲ୍ଲୀ : କେନ୍ଦ୍ର ସରକାରଙ୍କ ପକ୍ଷରୁ ଘରୋଇ ଗାଡି ପାଇଁ ଫାସଟ୍ୟାଗରେ ଆସନ୍ତା ଅଗଷ୍ଟ ୧୫ରୁ ନୂଆ ବ୍ୟବସ୍ଥା ଲାଗୁ କରାଯିବ। ଏ ସମ୍ପର୍କରେ ଆଜି ରାସ୍ତା ପରିବହନ ଓ ଜାତୀୟ ରାଜପଥ ମନ୍ତ୍ରୀ ନୀତିନ ଗଡକରୀ ବିଧିବଦ୍ଧ ଭାବେ ସୂଚନା ଦେଇଛନ୍ତି। ନୂଆ ବ୍ୟବସ୍ଥା ଅନୁଯାୟୀ ସରକାର ୩୦୦୦ ଟଙ୍କିଆ ଫାସଟ୍ୟାଗ୍ ବ୍ୟବସ୍ଥା ଲାଗୁ କରିବାକୁ ଯାଉଛନ୍ତି। ଘରୋଇ ଗାଡି ଲାଗି ଏହା ବର୍ଷକ ପାଇଁ ବଳବତ୍ତର ରହିବ। ନିଜର ଯାତାୟତ ପାଇଁ ବ୍ୟବହାର ହେଉଥିବା କାର, ଜିପ୍, ଭ୍ୟାନଗୁଡ଼ିକ ଦ୍ୱାରା ଏହି ଯୋଜନାର ଲାଭ ଉଠାଇ ପାରିବେଛ ଫାସଟ୍ୟାଗ୍ ପାସ୍ ସକ୍ରିୟ ହେବାର ତାରିଖ ଠାରୁ ଗୋଟିଏ ବର୍ଷ ଯାଏ କିମ୍ବା ୨୦୦ ଟ୍ରିପ୍ ଯାଏ ଏହା ବୈଧ ରହିବ। ବର୍ଷକ ପରେ ଏହାର ଲାଭ ମିଳିବ ନାହିଁ। ଦେଶର ସମସ୍ତ ଜାତୀୟ ରାଜପଥ ଯାତ୍ରା ସମୟରେ ଫାସଟ୍ୟାଗ୍ ପାସ୍ କାମଦେବ। ବାର୍ଷିକ ପାସକୁ ସକ୍ରିୟ ବା ପୁନଃ ନବୀକରଣ କରିବା ପାଇଁ ରାଜମାର୍ଗ ଯାତ୍ରା ଆପରେ ସ୍ୱତନ୍ତ୍ର ଲିଙ୍କର ବ୍ୟବସ୍ଥା ରହିବ। ଲୋକମାନେ ଏହାର ଫାଇଦା ନେଇପାରିବେ । ଏହି ପାସଟି ଭ୍ୟାଲିଡ୍ ଥିବା ପର୍ଯ୍ୟନ୍ତ କୌଣସି ଟୋଲ ଗେଟରେ ପଇସା ଦେବାକୁ ପଡିବ ନାହିଁ।

## ନକଲି ବିଲ୍ : ସିବିଆଇ ପକ୍ଷରୁ ମାମଲା ରୁଜୁ

ନୂଆଦିଲ୍ଲୀ, ୧୮।୬(ଏଜେନ୍ସି) : ପୂର୍ବତନ ଡିଜିଏମ୍ (ଏମ୍‌ଏସ୍) ଏବଂ ଓଏନଜିସିର ଚୁକ୍ତିଭିତ୍ତିକ ଚିକିତ୍ସା ଅଧିକାରୀ ଏବଂ ୮ଟି ଘରୋଇ ମେଡିକାଲ ଦୋକାନର ମାଲିକଙ୍କ ବିରୁଦ୍ଧରେ ୪୫ ଲକ୍ଷ ଟଙ୍କାର ନକଲି ବିଲ୍ ଉପରେ ଦୁର୍ନୀତି ମାମଲା ରୁଜୁ କରିଛି ।

ସେଣ୍ଟ୍ରାଲ ବ୍ୟୁରୋ ଅଫ୍ ଇନ୍ଭେଷ୍ଟିଗେସନ୍ (ସିବିଆଇ) ୧୭.୦୬.୨୦୨୫ ରେ ଓଏନଜିସି, ଜୋରହାଟର ତତ୍କାଳୀନ ଡିଜିଏମ୍ (ଏମ୍‌ଏସ୍) ଏବଂ ଜଣେ ଚୁକ୍ତିଭିତ୍ତିକ ଚିକିତ୍ସା ଅଧିକାରୀ (ବୃତ୍ତିଗତ ସ୍ୱାସ୍ଥ୍ୟ) ଏବଂ ୮ଟି ଘରୋଇ ମେଡିକାଲ ଦୋକାନର ମାଲିକଙ୍କ ସମେତ ୧୦ ଜଣ ଅଭିଯୁକ୍ତଙ୍କ ବିରୁଦ୍ଧରେ ଏକ ମାମଲା ରୁଜୁ କରିଛି । ଅଭିଯୁକ୍ତ ସରକାରୀ କର୍ମଚାରୀମାନେ ୨୦୧୯ ରୁ ୨୦୨୨ ମଧ୍ୟରେ ଘରୋଇ ପ୍ୟାନେଲଭୁକ୍ତ ମେଡିକାଲ ଦୋକାନର ମାଲିକ ଏବଂ ଅଜଣା ବ୍ୟକ୍ତିଙ୍କ ସହିତ ଅପରାଧିକ ଷଡ଼ଯନ୍ତ୍ର କରିଥିବା ଅଭିଯୋଗରେ ଏହା ମଧ୍ୟ ଅଭିଯୋଗ ହୋଇଥିଲା ଯେ ୮ଟି ପ୍ୟାନେଲଭୁକ୍ତ ମେଡିକାଲ ଦୋକାନର ମାଲିକମାନେ ଓଏନଜିସିର ହିତାଧିକାରୀ ଏବଂ ସେମାନଙ୍କ ନିର୍ଭରଶୀଳଙ୍କ ଅଜାଣତରେ ଔଷଧ ପ୍ରଦାନ ପାଇଁ ନକଲି ରିକ୍ୟୁଜିସନ୍ ସ୍ଲିପ୍ ଆଧାରରେ ୪,୦୦,୦୦୦/- ଟଙ୍କାର ମିଥ୍ୟା ଏବଂ ନକଲି ବିଲ୍ ଦାବି କରିଥିଲେ ।ଉପରୋକ୍ତ ସମସ୍ତ ଅଭିଯୁକ୍ତଙ୍କ ବିଭିନ୍ନ ଆବାସିକ ପରିସରରେ ତଲାସୀ କରାଯାଇଥିଲା ଯାହା ଫଳରେ କିଛି ଅପରାଧିକ କାଗଜପତ୍ର ଉଦ୍ଧାର କରାଯାଇଥିଲା । ତଦନ୍ତ ଜାରି ରହିଛ ।

## ଏକୀକୃତ ପେନସନ ଯୋଜନା

## ସରକାରୀ କର୍ମଚାରୀଙ୍କୁ ମିଳିବ ଗ୍ରାଚ୍ୟୁଇଟି ବେନିଫିଟ୍

ନୂଆଦିଲ୍ଲୀ, (ଏଜେନ୍ସି) : ଏକୀକୃତ ପେନସନ ଯୋଜନା ଅଧୀନରେ ଆସୁଥିବା କେନ୍ଦ୍ର ସରକାରୀ କର୍ମଚାରୀମାନେ ବର୍ତ୍ତମାନ କେନ୍ଦ୍ରୀୟ ପ୍ରଶାସନିକ ସେବା (ଜାତୀୟ ପେନସନ୍ ପ୍ରଣାଳୀ ଅଧୀନରେ ଗ୍ରାଚ୍ୟୁଇଟି ପ୍ରଦାନ) ନିୟମ, ୨୦୨୧ର ବ୍ୟବସ୍ଥା ଅନୁଯାୟୀ ଅବସର ଏବଂ ମୃତ୍ୟୁକାଳୀନ ଗ୍ରାଚ୍ୟୁଇଟି ଲାଭ ପାଇଁ ଯୋଗ୍ୟ ହେବେ । ସରକାରୀ କର୍ମଚାରୀଙ୍କ ଏକ ବଡ଼ ବର୍ଗଙ୍କ ଦୀର୍ଘ ଦିନରୁ ଏହି ଦାବି କରି ଆସୁଥିଲେ । କେନ୍ଦ୍ର ସରକାରଙ୍କ ଏଭଳି ପଦକ୍ଷେପ ସରକାରୀ କର୍ମଚାରୀଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ଦାବିକୁ ପୂରଣ କରିବ ଏବଂ ଅବସରକାଳୀନ ସୁବିଧାଗୁଡ଼ିକରେ ସମାନତା ଆଣିବ ବୋଲି କେନ୍ଦ୍ର ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ କହିଥିଲେ । ସେ ଆହୁରି କହିଥିଲେ, ଏହି ନୂତନ ବ୍ୟବସ୍ଥା ଜାତୀୟ ପେନସନ ବ୍ୟବସ୍ଥା ଅଧୀନରେ ସମସ୍ତ ବର୍ଗର କର୍ମଚାରୀଙ୍କ ପାଇଁ ସାମାଜିକ ସୁରକ୍ଷା ସୁନିଶ୍ଚିତ କରିବା ଲାଗି ସରକାରଙ୍କ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି । ନୂଆଦିଲ୍ଲୀର ନେସନାଲ ମିଡିଆ ସେଣ୍ଟର ଠାରେ ଆୟୋଜିତ ଏହି ସାମ୍ବାଦିକ ସମ୍ମିଳନୀରେ ମନ୍ତ୍ରୀ ଡକ୍ଟର ସିଂ ମନ୍ତ୍ରଣାଳୟର କାର୍ଯ୍ୟକୁ ଚାରୋଟି ପ୍ରମୁଖ କ୍ଷେତ୍ରରେ ବର୍ଗୀକୃତ କରିଥିଲେ ଯାହା ମୋଦୀ ସରକାରଙ୍କ ଅଧୀନରେ ଶାସନର ପରିବର୍ତ୍ତିତ ରୂପକୁ ପ୍ରତିଫଳିତ କରିଥିଲା ।ପ୍ରଥମତଃ, ଉପନିବେଶ କାଳରୁ ଚାଲି ଆସିଥିବା ବ୍ୟବସ୍ଥା ସମେତ ୧,୬୦୦ରୁ ଅଧିକ ପୁରୁଣା ବ୍ୟବସ୍ଥାର ଉଚ୍ଛେଦକୁ ଦର୍ଶାଇ ସ୍ୱାଧୀନତା ପରେ ପ୍ରଥମ ଥର ପାଇଁ ଏକ ସରକାର ନୂଆ ନିୟମ ସୃଷ୍ଟି କରିବା ପରିବର୍ତ୍ତେ ଅନାବଶ୍ୟକ ନିୟମଗୁଡ଼ିକୁ ହଟାଇବାରେ ଗର୍ବ ଅନୁଭବ କରିଛନ୍ତି ବୋଲି ଡକ୍ଟର ଜିତେନ୍ଦ୍ର ସିଂ କହିଥିଲେ ।ଏହା ଦେଶର ନାଗରିକ ବିଶେଷ କରି ଯୁବବର୍ଗଙ୍କ ମଧ୍ୟରେ ବିଶ୍ୱାସର ଏକ ଦୃଢ ବାର୍ତ୍ତା ସୃଷ୍ଟି କରୁଥିବା ସେ କହିଥିଲେ । କେତେକ ନିର୍ଦ୍ଦିଷ୍ଟ ବର୍ଗ ପାଇଁ ଚାକିରି ସାକ୍ଷାତକାରକୁ ଉଚ୍ଛେଦ କରିବାର ନିଷ୍ପତ୍ତି ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଲାଲକିଲ୍ଲାରୁ ଘୋଷଣା କରାଯାଇଥିଲା । ଜାନୁଆରୀ ୨୦୧୬ ସୁଦ୍ଧା ଦେଶବ୍ୟାପୀ କାର୍ଯ୍ୟକାରୀ ହୋଇଥିବା ଏହି ନିୟମ ନିଯୁକ୍ତି କ୍ଷେତ୍ରରେ ନିରପେକ୍ଷତା ଏବଂ ସ୍ୱଚ୍ଛତା ଦିଗରେ ଏକ ପ୍ରମୁଖ ପଦକ୍ଷେପ ଥିଲା ବୋଲି ସେ କହିଥିଲେ ।

## ଜାଫର ଏକ୍ସପ୍ରେସରେ ବିସ୍ଫୋରଣ

### ଲାଇନଚ୍ୟୁତ ହେଲା ୬ଟି ବଗି

ନୂଆଦିଲ୍ଲୀ: ରେଳ ଧାରଣାରେ ବିସ୍ଫୋରଣ ପରେ ଲାଇନ ଚ୍ୟୁତ ହେଲା ଜାଫର ଏକ୍ସପ୍ରେସର ୬ଟି ବଗି । ପାକିସ୍ତାନରେ ପୂର୍ବରୁ ହାଇଜାକ୍ ହୋଇଥିବା ଜାଫର ଏକ୍ସପ୍ରେସ ଏବେ ପୁଣିଥିରେ ଦୁର୍ଘଟଣାର ସମ୍ମୁଖୀନ ହେବା ପରେ ଯାତ୍ରୀଙ୍କ ଭିତରେ ଭୟର ବାତାବରଣ ଖେଳିଯାଇଛି । । ବାଲୁଚିସ୍ତାନ ପ୍ରଦେଶର ଜାକୋବାବାଦ ନିକଟରେ ରେଳ ଟ୍ରାକରେ ଏକ ଶକ୍ତିଶାଳୀ ବିସ୍ଫୋରଣ ହେବା ଫଳରେ ଏହି ଟ୍ରେନର ୬ଟି ବଗି ଲାଇନଚ୍ୟୁତ ହୋଇଥିବା ସୂଚନା ମିଳିଛି । ତେବେ ପେଶାୱାରରୁ କ୍ୱେଟା ଅଭିମୁଖେ ଯାଉଥିବା ଏହି ଟ୍ରେନଟି ବୋଲାନ ପାସ ନାମକ ଅଞ୍ଚଳରେ ଦୁର୍ଘଟଣାଗ୍ରସ୍ତ ହୋଇଛି ।




ବିସ୍ଫୋରଣ ଏତେ ଜୋରରେ ଥିଲା ଯେ ଟ୍ରାକରେ ୩ ଫୁଟ୍ ଚଉଡା ଏକ ଗାତ ସୃଷ୍ଟି ହୋଇଛି ଏବଂ ପ୍ରାୟ ୬ ଫୁଟ ରେଳ ଲାଇନ ନଷ୍ଟ ହୋଇଛି । ଏହି ବିସ୍ଫୋରଣ ଆତଙ୍କବାଦୀ ଆକ୍ରମଣ ହୋଇପାରେ ବୋଲି ଅନୁମାନ କରୁଛି ପାକିସ୍ତାନ ପ୍ରଶାସନ । ଅନୁସନ୍ଧାନକାରୀମାନେ ବାଲୋଚ ବିଚ୍ଛିନ୍ନତାବାଦୀ ଗୋଷ୍ଠୀଙ୍କ ସମ୍ପୃକ୍ତି ସମ୍ପର୍କରେ ସନ୍ଦେହ କରୁଛନ୍ତି, ଯେଉଁମାନେ ପୂର୍ବରୁ ମଧ୍ୟ ଜାଫର ଏକ୍ସପ୍ରେସକୁ ଟାର୍ଗେଟ କରିଥିଲେ।

## ଭାଇ ଶେଷକୃତ୍ୟରେ ଯୋଗଦେଲେ ବିଶ୍ୱାସ କୁମାର



ଗାନ୍ଧୀନଗର : ସାଙ୍ଗରେ ଦୁଇ ଭାଇ ଲଣ୍ଡନ ଯାଉଥିଲେ । ହେଲେ ବିଧାତାର ଖେଳ, ଜଣେ ବଞ୍ଚିଲା, ଜଣେ ଚାଲିଗଲା । ଗୋଟିଏ ବିମାନରେ ଦୁହେଁ ଯାଉଥିଲେ ବି ଭାଗ୍ୟ କିନ୍ତୁ କାହା ପାଇଁ କଣ ଲେଖିଥିଲା କେହି ବି ଜାଣି ନଥିଲେ । ଆଜି ମୃତ୍ୟୁର ଆଁ ଭିତରୁ ବାହାରି ବିଶ୍ୱାସ କୁମାର ଜୀବନ ଫେରି ପାଇଥିବା ବେଳେ ତାଙ୍କ ଭାଇ ଅଜୟ କିନ୍ତୁ ଆରପାରିରେ । ଆଉ ଆଜି ଯେତେବେଳେ ସେହି ସହଯାତ୍ରୀ ଭାଇର ଶେଷଯାତ୍ରାରେ ସାମିଲ ହେଉଛନ୍ତି ସେତେବେଳେ ଭାଙ୍ଗି ପଡୁଛନ୍ତି ବିଶ୍ୱାସ ରମେଶ କୁମାର ।ମୁଣ୍ଡରେ ବ୍ୟାଣ୍ଡେଜ୍, ଗାଲରେ ବ୍ୟାଣ୍ଡେଜ୍, କାନରେ ବି ବ୍ୟାଣ୍ଡେଜ୍ । ଗଭୀର ଆଘାତ ଲାଗିଥିବାରୁ ଅହମଦାବାଦ ବିମାନ ଦୁର୍ଘଟଣାରେ ବର୍ତ୍ତିଯାଇଥିବା ଏକମାତ୍ର ଯାତ୍ରୀ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ ।ହେଲେ ଭାଇର ଶେଷକୃତ୍ୟ ଯେତେବେଳେ କରାଯାଉଛି ସେତେବେଳେ ନିଜକୁ କେମିତି ରୋକି ପାରିଥାନ୍ତେ । ତେଣୁ ସିଧା ହସ୍ପିଟାଲରୁ ଆସି ମୃତ ଭାଇ ଅଜୟ ରମେଶ କୁମାରଙ୍କ ଶେଷକୃତ୍ୟରେ ସାମିଲ ହୋଇ ଭାଇର ଶବରେ କାନ୍ଧ ଦେଇଛନ୍ତି ଆଉ ତାଙ୍କୁ ଶ୍ମଶାନ ନେଇଛନ୍ତି ।ଭାଇର ଶବ କାନ୍ଧେଇ ମଶାଣି ନେଲାବେଳେ କାନ୍ଦି କାନ୍ଦି ବିଶ୍ୱାସ କୁମାର ଯାଉଥିବା ଦେଖିବାକୁ ମିଳିଛି । ଆଉ ତାଙ୍କୁ ଆତ୍ମୀୟ ସ୍ୱଜନ ଏବଂ ସମ୍ପର୍କୀୟ ବୁଝାଉଥିବା ଦେଖିବାକୁ ମିଳିଛି । ଦୁହେଁ ଡିୟୁ ବାସିନ୍ଦା ହୋଇଥିବା ବେଳେ ସେଠାରେ ହିଁ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି ।

## କ୍ୟାପ୍‌ଟେନ୍‌ଙ୍କୁ ଅନ୍ତିମ ବିଦାୟ



ଅହମଦାବାଦ: ଜୁନ ୧୨ ତାରିଖ ଅପରାହ୍ନରେ ଅହମଦାବାଦରୁ ଲଣ୍ଡନ ଯାଉଥିବା ଏକ ଏୟାର ଇଣ୍ଡିଆ ବିମାନ ଉଡ଼ାଣ ଆରମ୍ଭ କରିବାର କିଛି ମିନିଟ ମଧ୍ୟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଦୁର୍ଘଟଣାଗ୍ରସ୍ତ ବିମାନରେ ମୋଟ ୨୪୨ ଜଣ ଯାତ୍ରୀଥିଲେ । ଯେଉଁଥିରେ ଦୁଇଜଣ ପାଇଲଟ ଏବଂ ୧୨ଜଣ କ୍ରୁ ସଦସ୍ୟ ମଧ୍ୟ ଥିଲେ । ଜଣେ ଯାତ୍ରୀଙ୍କୁ ଛାଡ଼ି ଦେଲେ ବାକି ୨୪୧ଜଣଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଥିଲା । ଏହି ମୃତକଙ୍କ ମଧ୍ୟରେ ପାଇଲଟ ସୁମିତ ସବରୱାଲ ବି ସାମିଲ ଥିଲେ । ଯାହାଙ୍କର ୮୨୦୦ ଘଣ୍ଟାର ଉଡ଼ାଣ ଅଭିଜ୍ଞତା ଥିଲା । କ୍ୟାପ୍ଟେନ୍ ସୁମିତ ସବରୱାଲଙ୍କୁ ଶେଷ ସଲାମୀ ଦେଇ ଏବଂ ତାଙ୍କୁ ଜଣେ ଅସାଧାରଣ ବିମାନ ଚାଳକ ଭାବରେ ସ୍ୱାଗତ କରି, ଏୟାର ଇଣ୍ଡିଆ ଏକ୍ସରେ ଏକ ପୋଷ୍ଟ ସେୟାର କରିଛି ।ଏୟାର ଇଣ୍ଡିଆ ସୁମିତଙ୍କ ପାଇଁ ସେୟାର କରିଥିବା ପୋଷ୍ଟରେ ଲେଖିଛି ରିପ କ୍ୟାପ୍ଟେନ୍ । ତୁମେ ସର୍ବଦା ମନେ ରହିବ । ଗଭୀର ଦୁଃଖ ଏବଂ ଭାରାକ୍ରାନ୍ତ ହୃଦୟ ସହିତ ଆମେ ତୁମକୁ ବିଦାୟ ଦେଉଛୁ । ଆପଣ ଏୟାର ଇଣ୍ଡିଆର ଜଣେ ପ୍ରିୟ ସଦସ୍ୟ ଥିଲେ ।' ସ୍ଥାନୀୟ ଲୋକଙ୍କ କହିବାନୁସାରେ, ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣା ପରେ ଲୋକେ ସୁମିତଙ୍କୁ ବାସ୍ତବ ହିରୋର ଆଖ୍ୟା ଦେଇଛନ୍ତ। କାରଣ ସୁମିତ ଜାଣି ଯାଇଥିଲେ ଆଗକୁ ଯାଇ ବିମାନ ନିଶ୍ଚିୟ ଦୁର୍ଘଟଣାଗ୍ରସ୍ତ ହେବ । ଏହାକୁ ଆଉ ଆୟତ୍ତ କରାଯାଇ ପାରିବ ନାହିଁ ।ତଥାପି ସେ ନିଜର ପାରୁପର୍ଯ୍ୟନ୍ତ ଉଦ୍ୟମ ଜାରି ରଖିଥିଲେ । ବିମାନଟି ତଳକୁ ତଳ ଖସୁଥିବା ଦେଖି ସୁମିତ ଯାତ୍ରା ଦିଗକୁ ପରିବର୍ତ୍ତନ କରି ମେଡିକାଲ କଲେଜ ହଷ୍ଟେଲ ମୁହାଁ କରିଥିଲେ। ଫଳରେ କିଛିଦୂରରେ ଜନବସତିପୂର୍ଣ୍ଣ ସ୍ଥାନରେ ବିମାନଟି ମାଡ଼ ଖାଇବାରୁ ବର୍ତ୍ତି ଯାଇଥିଲା । ଉକ୍ତ ସ୍ଥାନରେ ଅତିକମରେ ୨୦୦୦ଲୋକ ବସବାସ କରୁଥିବା ଜଣାପଡ଼ିଛି ।

## ଯୋଗ ମହାକୁମ୍ଭ : ଅନ୍ତର୍ଜାତୀୟ ଯୋଗ ଦିବସ ପାଇଁ ବିଶାଳ ଆୟୋଜନ

ନୂଆଦିଲ୍ଲୀ: ଦେଶ ୨୧ ଜୁନ୍ ୨୦୨୫ ରେ ୧୧ଶ ଅନ୍ତର୍ଜାତୀୟ ଯୋଗ ଦିବସ (ଆଇଡିୱାଇ) ପାଇଁ ଚୂଡ଼ାନ୍ତ କାଉଣ୍ଟଡାଉନରେ ପ୍ରବେଶ କରୁଥିବା ସମୟରେ, ଯୋଗ ମହାକୁମ୍ଭ ମାଧ୍ୟମରେ ସମଗ୍ର ଭାରତରେ ଯୋଗ ଉତ୍ସବର ଏକ ଲହରୀ ଖେଳିଯାଇଛି । ଏହି ଜାତୀୟ ଆନ୍ଦୋଳନର ନେତୃତ୍ୱ ନେଇ, ଆଜି ନୂଆଦିଲ୍ଲୀରେ ହାର୍ଟଫୁଲନେସ୍ ଧ୍ୟାନ କେନ୍ଦ୍ର, ଆରକେ ପୁରମରେ ଏକ ତିନି ଦିନିଆ ଯୋଗ ମହାକୁମ୍ଭ ଆରମ୍ଭ ହୋଇଛି । ହାର୍ଟଫୁଲନେସ୍ ଇନଷ୍ଟିଚ୍ୟୁଟ୍ ସହଯୋଗରେ କଣ୍ଟେନର୍ କର୍ପୋରେସନ୍ ଅଫ୍ ଇଣ୍ଡିଆ (କନକର) ଏବଂ ମୋରାରଜୀ ଦେଶାଇ ନ୍ୟାସନାଲ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଯୋଗ (ଏମଡିଏନଆଇୱାଇ) ଦ୍ୱାରା ଏହାର ଆୟୋଜନ କରାଯାଉଛି । ଏହି କାର୍ଯ୍ୟକ୍ରମରେ ଯୋଗ ପ୍ରଦର୍ଶନ, ସୁସ୍ଥତା ଅଧିବେଶନ ଏବଂ ମନନଶୀଳତା ଏବଂ ସାମୁଦାୟିକ କଲ୍ୟାଣ ଉପରେ ଧ୍ୟାନ କେନ୍ଦ୍ରିତ ସାଂସ୍କୃତିକ ପ୍ରଦର୍ଶନ ରହିଛି ।

ଏକ ନୁକ୍କଡ ନାଟକ ପ୍ରଦର୍ଶନ ଏହି ପ୍ରୟାସକୁ ଆହୁରି ଆଗକୁ ନେଇଛି, ଯେଉଁଥିରେ ଯୋଗ ଉତ୍ସାହୀମାନେ ଦୈନନ୍ଦିନ ଜୀବନରେ ଯୋଗର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ, ଶାରୀରିକ ନମନୀୟତା ଠାରୁ ମାନସିକ ଶାନ୍ତି ପର୍ଯ୍ୟନ୍ତ ଏହାର ଲାଭ ବିଷୟରେ ଉଲ୍ଲେଖ କରିଥିଲେ । ଏକ ସନ୍ତୁଳିତ ଜୀବନଶୈଳୀ ପାଇଁ ଯୋଗ ଗ୍ରହଣ କରିବାକୁ ଦର୍ଶକମାନଙ୍କୁ ପ୍ରେରଣା ଦେଇଥିଲେ ।

ଜୁନ୍ ୧୫ ତାରିଖରେ ଲଦାଖର ଉଚ୍ଚ ଭୂଖଣ୍ଡରେ ଆଉ ଏକ ଐତିହାସିକ ଯୋଗ ମହାକୁମ୍ଭ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ଲଦାଖରେ ଅନ୍ତର୍ଜାତୀୟ ଯୋଗ ଏବଂ ଧ୍ୟାନ ମହୋତ୍ସବ (ଆଇଏଫୱାଇଏମ) ୨୦୨୫ ପୂର୍ବରୁ ପାଙ୍ଗୋଙ୍ଗ ହ୍ରଦ (୧୩,୦୦୦ ଫୁଟ), ନୁବ୍ରା ଉପତ୍ୟକା, ସିନ୍ଧୁ ଘାଟ ଏବଂ ଏମଆଇଏମସି ଦେବଚନ କ୍ୟାମ୍ପସ ଭଳି ଆଶ୍ଚର୍ଯ୍ୟଜନକ ସ୍ଥାନରେ ଯୋଗକୁ ଆଣି ବିଶ୍ୱ ଏବଂ ଜାତୀୟ ଦୃଷ୍ଟି ଆକର୍ଷଣ କରିସାରିଛି । ଆୟୁଷ ମନ୍ତ୍ରଣାଳୟ, ମହାବୋଧି ଅନ୍ତର୍ଜାତୀୟ ଧ୍ୟାନ କେନ୍ଦ୍ର (ଏମଆଇଏମସି), ଲଦାଖର କେନ୍ଦ୍ରଶାସିତ ଅଞ୍ଚଳ ପ୍ରଶାସନ, ଏଲଏଏଚଡିସି ଲେହ ଏବଂ ସହଯୋଗୀ ପ୍ରତିଷ୍ଠାନଗୁଡ଼ିକ ଦ୍ୱାରା ମିଳିତ ଭାବରେ ଆୟୋଜିତ ଏହି ମହୋତ୍ସବ ଚଳିତ ବର୍ଷର ଥିମ୍ - ଏକ ପୃଥିବୀ, ଏକ ସ୍ୱାସ୍ଥ୍ୟ ପାଇଁ ଯୋଗର ଏକ ଶକ୍ତିଶାଳୀ ପରିପ୍ରକାଶ ।



ଦ୍ୱିତୀୟ ଯୋଗ ମହାକୁମ୍ଭ କାର୍ଯ୍ୟକ୍ରମ ମଧ୍ୟ ଜୁନ୍ ୧୫ ତାରିଖରେ ଉତ୍ତର ପ୍ରଦେଶର ନୋଏଡାରେ ଆରମ୍ଭ ହୋଇଥିଲାଛ ଅରହମ୍ ଧ୍ୟାନ ଯୋଗ ସେକ୍ଟର ୫୦, ନୋଏଡାରେ ଏହାର ଯୋଗ ମହାକୁମ୍ଭ ଆରମ୍ଭ କରିଛନ୍ତ । ସେକ୍ଟର ୭୮, ବେଦ ବନ ପାର୍କରେ ଏହି କାର୍ଯ୍ୟକ୍ରମ ଯୁବପିଢ଼ି ଏବଂ ପରିବାରକୁ ହରି ଯୋଗ ଅଧିବେଶନ, ପ୍ରବନ୍ଧ ଏବଂ ବିତର୍କ ପ୍ରତିଯୋଗିତା ତଥା ପାରସ୍ପରିକ ଆଲୋଚନା ପାଇଁ ଏକତ୍ରିତ କରିଥିଲା । ୨୧ ଜୁନ୍ ରେ ସେକ୍ଟର ୩୩ଏ ସ୍ଥିତ ଶିବାଲିକ୍ ପାର୍କରେ ସେମାନଙ୍କର ଆଗାମୀ କାର୍ଯ୍ୟକ୍ରମ ଦେଶବ୍ୟାପୀ ଯୋଗ ସଙ୍ଗମ ଉତ୍ସବ ସହିତ ସମନ୍ୱିତ ହେବ । ଅରହମ୍ ଧ୍ୟାନ ଯୋଗ ବିଶ୍ୱବ୍ୟାପୀ ସମାନ୍ତରାଳ ଅଧିବେଶନ ମଧ୍ୟ ପରିଚାଳନା କରୁଛି, ଯାହା ଆଇଡିୱାଇ ୨୦୨୫ ଆନ୍ଦୋଳନକୁ ଆହୁରି ବୃଦ୍ଧି କରୁଛି । ଲଦାଖର ଉଚ୍ଚ ଶିଖରରୁ ଦିଲ୍ଲୀର ସାଂସ୍କୃତିକ କେନ୍ଦ୍ର ଏବଂ ନୋଏଡାର ସ୍ପନ୍ଦନଶୀଳ ସ୍ଥାନୀୟ ପାର୍କ ପର୍ଯ୍ୟନ୍ତ, ଯୋଗ ମହାକୁମ୍ଭ ୨୦୨୫ ଭାରତର ଯୋଗିକ ଐତିହ୍ୟର ଏକ ଶକ୍ତିଶାଳୀ ଉତ୍ସବ ଭାବରେ ଆୟୋଜିତ ହେଉଛିଛ ସମଗ୍ର ଭୌଗୋଳିକ କ୍ଷେତ୍ରର ଅଧିବାସୀ ମାନଙ୍କ ପାଇଁ ଯୋଗ ଏକ ସନ୍ତୁଳିତ ଜୀବନ ଯାପନ ନିମନ୍ତେ ପ୍ରେରଣା ଦିଏ । ସମସ୍ତ କାର୍ଯ୍ୟକ୍ରମ ଜନସାଧାରଣଙ୍କ ପାଇଁ ଖୋଲା ରହିଛିଛ ନାଗରିକମାନଙ୍କୁ ଯୋଗକୁ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ ଭାବରେ ଗ୍ରହଣ କରିବାକୁ ଉତ୍ସାହିତ କରାଯାଉଛି ।



# ବୈଭବଙ୍କ ଲିଟି-ଚୋଖା ଖାଇବା ଉପରେ ବ୍ୟାନ୍

ନୂଆଦିଲ୍ଲୀ,୧୮।୬(ଏଜେନ୍ସି): ୧୪ ବର୍ଷ ବୟସରେ ଆଇପିଏଲ୍ ଖେଳି ସାରା ବିଶ୍ୱରେ ଚର୍ଚ୍ଚାକୁ ଆସିଛନ୍ତି ବୈଭବ । କିନ୍ତୁ ଏବେ ତାଙ୍କ ଓଜନକୁ ସମସ୍ୟା । ତାଙ୍କ ପିତା ସଞ୍ଜୀବ ସୂର୍ଯ୍ୟବଂଶୀ ପ୍ରକାଶ କରିଛନ୍ତି ଯେ, ଆଇପିଏଲ୍ ପରେ ବୈଭବଙ୍କ ଓଜନ ବେଶ୍ ବୃଦ୍ଧି ପାଇଛି । ଏହାକୁ ନିୟନ୍ତ୍ରଣ କରିବା ପାଇଁ ବୈଭବ ଏକ ସନ୍ତୁଳିତ ଖାଦ୍ୟ ଯୋଜନା ଅନୁସରଣ କରୁଛନ୍ତି ଏବଂ ତାଙ୍କ ପ୍ରିୟ ଖାଦ୍ୟ ଲିଟି-ଚୋଖା ଖାଇବା ସମ୍ପୂର୍ଣ୍ଣ ରୂପେ ଛାଡ଼ି ଦେଇଛନ୍ତି ।

ବୈଭବ ସନ୍ତୁଳିତ ଆହାର ନେଉଛି । ତା'ର ଓଜନ ବେଶ୍ ବଢ଼ି ଯାଇଥିଲା । ତେଣୁ ସେ ନିଜର ଫିଟନେସ୍ ବଜାୟ ରଖିବା ପାଇଁ ଖାଦ୍ୟରେ ନିୟନ୍ତ୍ରଣ ଆଣିଛି । ଉଚ୍ଚ କ୍ୟାଲୋରୀ ଯୁକ୍ତ ଖାଦ୍ୟକୁ ବାରଣ କରାଯାଇଛି । ସେ ଲିଟି-ଚୋଖା ଭଳି ପାରମ୍ପରିକ ଖାଦ୍ୟ, ଯାହା ଗହମ ଓ ଆଳୁରେ ତିଆରି ହୋଇଥାଏ, ଖାଇବା ବନ୍ଦ କରିଛନ୍ତି । ଏହି ଖାଦ୍ୟରେ ଥିବା କାର୍ବୋହାଇଡ୍ରେଟ୍ ଓ ଚର୍ବି ଓଜନ ବୃଦ୍ଧିରେ ସହାୟକ ହୋଇଥାଏ ।

ବୈଭବଙ୍କ ଡାଏଟ୍ ପ୍ଲାନରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ଯେପରି ଅଣ୍ଡା, ଚିକେନ୍, ଓ ଛେନା ଆଦିକୁ ଅଧିକ ପରିମାଣରେ ସାମିଲ କରାଯାଇଛି । ଏହା ସହିତ ସେ ସବୁଜ ପନିପରିବା, ଫଳମୂଳ ଏବଂ କମ୍ କ୍ୟାଲୋରୀ ଯୁକ୍ତ ଖାଦ୍ୟ ଗ୍ରହଣ କରୁଛନ୍ତି । ଏହା ତାଙ୍କୁ ଶକ୍ତି ପ୍ରଦାନ କରିବା ସହ ଓଜନ ନିୟନ୍ତ୍ରଣରେ ରଖୁଛି । ବୈଭବ ନିୟମିତ ବ୍ୟାୟାମ ଓ କ୍ରିକେଟ୍ ଅଭ୍ୟାସ ଜାରି ରଖିଛନ୍ତି । ଯାହା ତାଙ୍କ ଫିଟନେସ୍ ଲେଭଲକୁ ଆହୁରି ଉନ୍ନତ କରୁଛି ।

ଓଜନ ବୃଦ୍ଧି କ୍ରୀଡ଼ାବିତ୍ମାନଙ୍କ ଚଞ୍ଚଳତା ଓ ପ୍ରଦର୍ଶନକୁ ପ୍ରଭାବିତ କରିଥାଏ । ବୈଭବଙ୍କ ଏହି ପଦକ୍ଷେପ ତାଙ୍କର ପେସାଦାରୀ ମନୋଭାବ ଓ ଖେଳ ପ୍ରତି ନିଷ୍ଠାକୁ ଦର୍ଶାଉଛି । ବୈଭବଙ୍କ ଏହି ଯାତ୍ରା ଅନେକ ଯୁବ ଖେଳାଳିଙ୍କ ପାଇଁ ପ୍ରେରଣାଦାୟୀ । ସେ କେବଳ ମୈଦାନରେ ନୁହେଁ, ନିଜ ଜୀବନଶୈଳୀରେ ମଧ୍ୟ ଏକ ଉଦାହରଣ ସୃଷ୍ଟି କରୁଛନ୍ତି ।

# କୋଚି ଟସ୍କର୍ସଙ୍କୁ ୫୩୮ କୋଟି କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ

ନୂଆଦିଲ୍ଲୀ,୧୮।୬: ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)କୁ ବଡ଼ ଝଟକା ଲାଗିଛି । ବମ୍ବେ ହାଇକୋର୍ଟ ନିଷ୍କ୍ରିୟ ଆଇପିଏଲ ଦଳ କୋଚି ଟସ୍କର୍ସ କେରଳକୁ ୫୩୮ କୋଟି ଟଙ୍କା ପରିଶୋଧ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ବୁଧବାର ବମ୍ବେ ହାଇକୋର୍ଟ ପୂର୍ବତନ ଆଇପିଏଲ ଦଳ କୋଚି ସପକ୍ଷରେ ରାୟ ଦେଇ ବିସିସିଆଇକୁ ୨୦୧୫ ମସିହାରେ ଆର୍ବିଟ୍ରେସନ ଟ୍ରିବ୍ୟୁନାଲ ଦ୍ୱାରା ପ୍ରଦତ୍ତ ଅର୍ଥ ପରିଶୋଧ କରିବାକୁ କହିଛି ।

ବିସିସିଆଇ ଦ୍ୱାରା ଚୁକ୍ତି ଉଲ୍ଲଂଘନ କରାଯାଇ ଚୁକ୍ତି ରଦ୍ଦ କରିବାର ଏକ ଦଶନ୍ଧିରୁ ଅଧିକ ସମୟ ପରେ ରାୟ ଆସିଛି । ଜଷ୍ଟିସ ଆରଆଇ ଚଗଲା ବିସିସିଆଇର ଆର୍ବିଟ୍ରାଲ ଆୱାର୍ଡକୁ ଚ୍ୟାଲେଞ୍ଜ କରୁଥିବା ଆବେଦନକୁ ଖାରଜ କରିଥିଲେ । ଆର୍ବିଟ୍ରେସନ ଓ ସମାଧାନ ଆଇନର ଧାରା ୩୪ ଅନୁଯାୟୀ ବିଚାରବିଭାଗୀୟ ହସ୍ତକ୍ଷେପର ସୀମିତ ପରିସରକୁ ପୁନଃ ନିଶ୍ଚିତ କରିଥିଲେ । ଏକକ ବିଚାରପତି ବେଞ୍ଚ ରାୟ ଦେଇଛନ୍ତି ଯେ ଆପିଲେଟ ବଡ଼ି ଭାବେ କାର୍ଯ୍ୟ କରିପାରିବ ନାହିଁ । କୋଚି ଟସ୍କର୍ସ କେରଳ ଆଇପିଏଲ ଫ୍ରାଞ୍ଚାଇଜି, ଯାହା ପ୍ରାରମ୍ଭରେ ରେଣ୍ଡେଭୁସ ସ୍ପୋର୍ଟସ ୱାର୍ଲ୍ଡ ନେତୃତ୍ୱାଧୀନ ଏକ କନସୋର୍ଟିୟମକୁ ପ୍ରଦାନ କରାଯାଇଥିଲା ।



ପରେ କୋଚି କ୍ରିକେଟ ପ୍ରାଇଭେଟ ଲିମିଟେଡ (କେସିପିଏଲ) ଦ୍ୱାରା ପରିଚାଳିତ ହୋଇଥିଲା । ଏହି ଦଳ ୨୦୧୧ରେ ଆଇପିଏଲ ଲିଗରେ ଅଂଶଗ୍ରହଣ କରିଥିଲା । ପରେ, ୨୦୧୧ ସେପେଟମ୍ବରରେ ଭାରତୀୟ କ୍ରିକେଟ ବୋର୍ଡ ଦଳର ମାଲିକମାନଙ୍କ ମଧ୍ୟରେ ଆଭ୍ୟନ୍ତରୀଣ ସଂଘର୍ଷ ଯୋଗୁଁ ୧୦ ପ୍ରତିଶତ ବ୍ୟାଙ୍କ ଗ୍ୟାରେଣ୍ଟି ପ୍ରଦାନ କରିବାରେ ବିଫଳତା ଅଭିଯୋଗରେ ଚୁକ୍ତି ରଦ୍ଦ କରିଦେଇଥିଲା ।

କେସିପିଏଲ କିନ୍ତୁ ଏହି ଅଭିଯୋଗକୁ ଖଣ୍ଡନ କରି କହିଥିଲେ ଯେ ଗ୍ୟାରେଣ୍ଟି ପ୍ରଦାନ ନକରିବା ପଛରେ ଆଭ୍ୟନ୍ତରୀଣ ସଂଘର୍ଷ ନୁହେଁ, ବରଂ ଷ୍ଟାଡିୟମ ସମସ୍ୟା ଏବଂ ଆଇପିଏଲ ମ୍ୟାଚ ସଂଖ୍ୟା ହ୍ରାସ ଭଳି ଅମୀମାଂସିତ ବିଷୟଗୁଡ଼ିକ ଥିଲା । ବିସିସିଆଇ, ଏହି ସମସ୍ୟା ସେ‰, ଦଳ ସହିତ ବହୁବାର ପେମେଣ୍ଟ ଗ୍ରହଣ କରି ଜଡ଼ିତ ରହିଥିଲା, କିନ୍ତୁ ପରେ ଚୁକ୍ତି ରଦ୍ଦ କରିଦେଇଥିଲା ।

ବର୍ଷକ ପରେ ୨୦୧୨ରେ, କେସିପିଏଲ ଓ ଆରଏସଡବ୍ଲ୍ୟୁ ଆର୍ବିଟ୍ରେସନ ପ୍ରକ୍ରିୟା ଆରମ୍ଭ କରିଥିଲେ । ୨୦୧୫ରେ ଟ୍ରିବ୍ୟୁନାଲ ତାଙ୍କ ପକ୍ଷରେ ରାୟ ଦେଇଥିଲା । ଯାହା ଏକ ବଡ଼ ଆଶ୍ୱାସନା ଭାବେ ଆସିଥିଲା । ଟ୍ରିବ୍ୟୁନାଲ କେସିପିଏଲକୁ ଲାଭର କ୍ଷତି ପାଇଁ ୩୮୪ କୋଟି ଟଙ୍କା ଏବଂ ଆରଏସଡବ୍ଲ୍ୟୁକୁ ବ୍ୟାଙ୍କ ଗ୍ୟାରେଣ୍ଟିର ଅନୁଚିତ ଏନକ୍ୟାଶମେଣ୍ଟ ପାଇଁ ୧୫୩ କୋଟି ଟଙ୍କା ପ୍ରଦାନ କରିଥିଲା । ମୋଟ ରାଶି ୫୩୮ କୋଟି ଟଙ୍କାରୁ ଅଧିକ ହୋଇଥିଲା ।

## ଗାଲେ ଟେଷ୍ଟ

# ନଜମୁଲ୍ଲ, ମୁଶଫିକରଙ୍କ ଶତକ, ବାଂଲାଦେଶ ୪୮୪/୯




ଗାଲେ,୧୮।୬(ଏଜେନ୍ସି): ଶ୍ରୀଲଙ୍କା ଗସ୍ତରେ ଭ୍ରମଣକାରୀ ବାଂଲାଦେଶ ଦଳ ଜମାଣିଆ ପ୍ରଦର୍ଶନ ଦେଖାଇଛି । ଗାଲେ ଟେଷ୍ଟର ଦ୍ୱିତୀୟ ଦିନ ନଜମୁଲ୍ଲ ଓ ମୁଶଫିକର ରହିମ ଶତକ ହାସଲ କରି ଦଳୀୟ ସ୍ଥିତି ମଜବୁତ କରିଛନ୍ତି । ଦ୍ୱିତୀୟ ଦିନ ଷ୍ଟମ୍ପସ୍ ଅପସାରଣ ବେଳକୁ ବାଂଲଦେଶ ୧୫୧ ଓଭରରେ ୯ ୱିକେଟ ହରାଇ ୪୮୪ରନ୍ କରିଛି । ନଜମୁଲ୍ଲା ହୁସେନ୍ ସାଣ୍ଟୋ (ଅଧିନାୟକ) ୧୪୮ରନ୍ ତଥା ମୁଶଫିକର ରହିମ ୧୬୩ରନର ଇନିଂସ୍ ଖେଳିଛନ୍ତି । ଲିଟନ୍ ଦାସ ୯୦ରନ୍ କରି ଅଳ୍ପକେ ଶତକରୁ ବଞ୍ଚିତ ହୋଇଥିଲେ ।

ପ୍ରଥମ ଦିନର ଖେଳ ୨୯୨/୩ରୁ ବାଂଲାଦେଶ ଦ୍ୱିତୀୟ ଦିନ ଖେଳ ଆରମ୍ଭ କରିଥିଲା । ନଜମୁଲ୍ଲ ୧୩୬ରନ୍‌ରୁ ଖେଳ ଆରମ୍ଭ କରିଥିଲେ । ନଜମୁଲ୍ଲ ୧୪୮ରନ୍ କରିବା ପରେ ଫର୍ଣ୍ଣାଣ୍ଡୋଙ୍କ ଶିକାର ବନିଥିଲେ । କିନ୍ତୁ ମୁସ୍ତାଫିଜୁର ରହିମ ଓ ଲିଟନ ଦାସ ଜମାଣିଆ ଇନିଂସ୍ ଖେଳିଥିଲେ । ରହିମ ୩୫୦ ବଲର ସମ୍ମୁଖୀନ ହୋଇ ୧୬୩ରନ୍ କରିଥିବା ବେଳେ ଲିଟନ୍ ଦାସ ୧୨୩ ବଲରୁ ୯୦ରନ୍ କରି ରନିୟକେଙ୍କ ଶିକାର ବନିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜାକୀର ଅଲୀ ୮ରନ୍, ନୟୀମ ହାସନ୍ ୧୧ରନ୍, ତାଇଜୁଲ ୬ରନ୍ ତଥା ୧୫ରନ୍ ଅତିରିକ୍ତ ହୋଇଥିଲା । ଦ୍ୱିତୀୟ ଦିନ ଷ୍ଟମ୍ପସ୍ ବେଳକୁ ବାଂଲାଦେଶ ୧୫୧ ଓଭରରେ ୯ ୱିକେଟ ହରାଇ ୪୮୪ରନ୍ ସଂଗ୍ରହ କରି ନେଇଛି । ବୋଲିଂରେ ଶ୍ରୀଲଙ୍କାର ଅଶିଥ ଫର୍ଣ୍ଣାଣ୍ଡୋ, ମିଲନ୍ ରନିୟକେ ଏବଂ ଥାରିନ୍ଦୁ ରନିୟକେ ପ୍ରତ୍ୟେକ ୩ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ । ତେଣୁ ପ୍ରଥମ ଦୁଇଦିନ ମ୍ୟାଚ ବାଂଲାଦେଶ ନିୟନ୍ତ୍ରଣରେ ରହିଛି ।

## ଆଉ ଦିନକ ପରେ ଟେଷ୍ଟ ଶୃଙ୍ଖଳା

# ଭାରତୀୟ ଦଳ ସ୍ଥାନ ପାଇଲେ ହର୍ଷିତ ରାଣା

ନୂଆଦିଲ୍ଲୀ,୧୮।୬(ଏଜେନ୍ସି): ଜୁନ୍ ୨୦ ତାରିଖରୁ ଭାରତ ଓ ଇଂଲଣ୍ଡ ମଧ୍ୟରେ ଟେଷ୍ଟ ଶୃଙ୍ଖଳା ଆରମ୍ଭ ହେବ । ଶୁଭମନ ଗିଲଙ୍କ ଅଧିନାୟକତ୍ୱରେ ଦଳ ଇଂଲଣ୍ଡ ବିପକ୍ଷରେ ୫ଟି ଟେଷ୍ଟ ମ୍ୟାଚ ଖେଳିବ । ହେଲେ ପ୍ରଥମ ଟେଷ୍ଟ ମ୍ୟାଚ ପୂର୍ବରୁ ଦଳରେ ପରିବର୍ତ୍ତନ ହୋଇଛି । ବିସିସିଆଇ ଇଂଲଣ୍ଡ ଟୁର ପାଇଁ ୧୮ ଜଣିଆ ଦଳ ଚୟନ କରିଥିଲା । ଏବେ ଟିମରେ ଆଉ ଜଣେ ଖେଳାଳି ସାମିଲ ହୋଇଛନ୍ତି । ହର୍ଷିତ ରାଣାଙ୍କୁ ଟିମରେ ସାମିଲ କରାଯାଇଛି ।

ପୁରୁଷ ଚୟନ କମିଟି ଇଂଲଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟ ଶୃଙ୍ଖଳାରେ ହର୍ଷିତ ରାଣାଙ୍କୁ ଭାରତୀୟ ଟିମରେ ସାମିଲ କରିଛି ବିସିସିଆଇ । ହର୍ଷିତ ରାଣା ଭାରତୀୟ-ଏ ଟିମରେ ରହିଥିଲେ, କିନ୍ତୁ ଏବେ ତାଙ୍କୁ ବରିଷ୍ଠ ଦଳରେ ସ୍ଥାନ ମିଳିଛି ।

ନିକଟରେ ଭାରତ-ଏ ଇଂଲଣ୍ଡ ଲାଏନ୍ସ ବିପକ୍ଷରେ ଦୁଇଟି ମ୍ୟାଚ ଖେଳିଥିଲା । ଏହାଛଡା ଟିମ୍ ଇଣ୍ଟ୍ରା ସ୍କ୍ୱାର୍ଡ ମ୍ୟାଚ ମଧ୍ୟ ଖେଳାଯାଇଥିଲା । ରାଣା ଏହି ୩ଟି ଯାକ ମ୍ୟାଚ ଖେଳିଥିଲେ ।

ଇଂଲଣ୍ଡରେ ଭାରତୀୟ ଟିମରେ ଏବେ ଯଶପ୍ରୀତ ବୁମରା, ମହମ୍ମଦ ସିରାଜ, ପ୍ରସିଦ୍ଧ କ୍ରିଷ୍ଣା, ଆକାଶଦୀପ ଏବଂ ଅର୍ଶଦୀପ ଭାବେ ୫ ଜଣ ବୋଲର ରହିଛନ୍ତି । ସେହିପରି ଅଲରାଉଣ୍ଡର ଭାବେ ନୀତିଶ କୁମାର ରେଡ୍ଡୀ ଏବଂ ସାର୍ଦ୍ଦୁଳ ଠାକୁର ମଧ୍ୟ ଅଛନ୍ତି । ଭାରତୀୟ ଦଳ: ଶୁଭମନ ଗିଲ (ଅଧିନାୟକ), ରିଷଭ ପନ୍ତ



(ଉପ ଅଧିନାୟକ-ୱିକେଟକିପର), ଯଶସ୍ୱୀ ଜୟସ୍ୱାଲ, ଲୋକେଶ ରାହୁଲ, ବି ସାଇ ସୁଦର୍ଶନ, ଅଭିମନ୍ୟୁ ଇଶ୍ୱରନ, କରୁଣ ନାଏର, ନୀତିଶ କୁମାର ରେଡ୍ଡୀ, ରବିନ୍ଦ୍ର ଜାଡେଜା, ଧ୍ରୁବ ଜୁରେଲ, ୱାଶିଂଟନ ସୁନ୍ଦର, ସାର୍ଦ୍ଦୁଳ ଠାକୁର, ଯଶପ୍ରୀତ ବୁମରା, ମହମ୍ମଦ ସିରାଜ, ପ୍ରସିଦ୍ଧ କ୍ରିଷ୍ଣା, ଆକାଶଦୀପ, ଅର୍ଶଦୀପ ସିଂ, କୁଲଦୀପ ଯାଦବ ଏବଂ ହର୍ଷିତ ରାଣା ।

# ବଲ ଟ୍ୟାମ୍ପରିଂ ଅଭିଯୋଗରୁ ଅଶ୍ୱିନ ମୁକ୍ତ

ଚେନ୍ନାଇ,୧୮।୬(ଏଜେନ୍ସି): ଅଲରାଉଣ୍ଡର ରବିଚନ୍ଦ୍ରନ ଅଶ୍ୱିନ ଓ ତାଙ୍କ ନେତୃତ୍ୱାଧୀନ ଦଳ ଡିନଡିଗୁଲ ଡ୍ରାଗନ୍ସକୁ ତାମିଲନାଡୁ ପ୍ରିମିୟର ଲିଗ୍ (ଟିଏନ୍‌ପିଏଲ୍)ରେ ବଲ ଟ୍ୟାମ୍ପରିଂ ଅଭିଯୋଗରୁ ମୁକ୍ତ କରାଯାଇଛି । ପ୍ରତିପକ୍ଷ ସେଇଚମ ମଦୁରାଇ ପାନ୍ଥର୍ସ ପକ୍ଷରୁ କେମିକାଲ ମିଶା ଟାୱେଲ ମାଧ୍ୟମରେ ବଲ ଟ୍ୟାମ୍ପରିଂ କରାଯାଇଥିବା ଅଭିଯୋଗ ହୋଇଥିଲା । ମ୍ୟାଚରେ ବଲ ଟ୍ୟାମ୍ପରିଂ କରାଯାଇଥିବାର କୌଣସି ପ୍ରମାଣ ମିଳିନଥିବା ତାମିଲନାଡୁ କ୍ରିକେଟ୍ ଆସୋସିଏସନ ପକ୍ଷରୁ ସ୍ପଷ୍ଟ କରାଯାଇଛି ।ପ୍ରଶ୍ନ ଉଠାଯାଉଥିବା ଟାୱେଲକୁ ଟିଏନ୍‌ସିଏ ଦ୍ୱାରା ଉଭୟ ଦଳକୁ ଦିଆଯାଇଛି । ମ୍ୟାଚ୍ ରେଫରୀ ଓ ଅମ୍ପାୟରଙ୍କ ସମେତ ଖେଳକୁ ନିୟନ୍ତ୍ରଣ କରୁଥିବା ଦଳର ତ‰ାବଧାନରେ ପୂରା ମ୍ୟାଚ୍ ଖେଳାଯାଇଥିଲା । ମ୍ୟାଚ୍ ବେଳେ କୌଣସି ଚିନ୍ତା ପ୍ରକଟ କରାଯାଇ ନ ଥିଲା ଏବଂ କୌଣସି ପ୍ରମାଣ ମଧ୍ୟ ପ୍ରଦାନ କରାଯାଇ ନ ଥିଲା । ଏଣୁ ଅଭିଯୋଗ କାଳ୍ପନିକ ଏବଂ ପରାଜୟପରେ କରାଯାଇଥିବା ଜଣାପଡୁଛି ବୋଲି ଟିଏନ୍‌ପିଏଲ୍ ସିଇଓ ପ୍ରଶନ୍ନ କାନନ କହିଛନ୍ତି । ଟିଏନ୍‌ସିଏ ପକ୍ଷରୁ ପ୍ରତ୍ୟେକ ଦଳକୁ ବଲକୁ ସୁଖାଇବା ପାଇଁ ଟାୱେଲ ଦିଆଯାଇଛି ।



# ୪ ନମ୍ବରରେ ବ୍ୟାଟିଂ କରିବେ ଶୁଭମନ୍

ନୂଆଦିଲ୍ଲୀ,୧୮।୬ (ଏଜେନ୍ସି) : ୨୦ ରୁ ଭାରତ -ଇଂଲଣ୍ଡ ମଧ୍ୟରେ ଟେଷ୍ଟ ଶୃଙ୍ଖଳା ଆରମ୍ଭ ହେବାକୁ ଯାଉଛି। ଏ ନେଇ ବୁଧବାର ଗଣମାଧ୍ୟମକୁ ସମ୍ବୋଧିତ କରିଛନ୍ତି ଉପଅଧିନାୟକ ରିଶଭ ପନ୍ତ । ପୂର୍ବରୁ ବିରାଟ କୋହଲିଙ୍କ ଅବସର ପରେ କିଏ ୪ ନମ୍ବର ସ୍ଥାନରେ ବ୍ୟାଟିଂ କରିବ ସେ ନେଇ ଦ୍ୱନ୍ଦ୍ୱ ଲାଗି ରହିଥିଲା ।। ଏହାର ଖୁଲାସା କରିଛନ୍ତି ପନ୍ତ। ସେ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଶୁଭମନ୍ ଗିଲ୍ ୪ ନମ୍ବର ସ୍ଥାନରେ ବ୍ୟାଟିଂ କରିବେ। ତେନ୍ଦୁଲକର- ଆଣ୍ଡରସନ୍ ଟ୍ରଫିରେ ୫ଟି ମ୍ୟାଚ୍ ଖେଳାଯିବ।

# କଟକ ମହିଳା କ୍ରିକେଟ୍ ଦଳକୁ ସମ୍ବର୍ଦ୍ଧନା




ଭୁବନେଶ୍ୱର,୧୮।୬(ସବ୍ୟୁ): ଓସିଏ ଆନ୍ତଃଜିଲ୍ଲା ମହିଳା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ହୋଇଥିବା କଟକ ଜିଲ୍ଲା ମହିଳା କ୍ରିକେଟ ଦଳକୁ ସମ୍ବର୍ଦ୍ଧିତ କରାଯାଇଛି । କଟକ ଜିଲ୍ଲା ଆଥଲେଟିକ ଆସୋସିଏସନ(ସିଡିଏଏ) ପକ୍ଷରୁ ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ବାରବାଟୀ ଷ୍ଟାଡିୟମ ଗେଷ୍ଟ ହାଉସ ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସିଡିଏଏ ସଭାପତି ତଥା ଜିଲ୍ଲାପାଳ ଦତ୍ତତ୍ରୟ ଭାଉଶାହେବ ସିନ୍ଦେ, ଓସିଏ କାର୍ଯ୍ୟକାରୀ ସଭାପତି ପଙ୍କଜ ଲୋଚନ ମହାନ୍ତି, ସାଧାରଣ ସମ୍ପାଦକ(ଫାଓ) ଆଶୀର୍ବାଦ ବେହେରା, ଓସିଏ ସମ୍ପାଦକ ସଞ୍ଜୟ ବେହେରା, ଓଓଏ ସମ୍ପାଦକ ଅଭିଜିତ ପାଲ, ବିଜୟ ଦାସ, ରଞ୍ଜନ କୁମାର ବିଶ୍ୱାଳ, ସହଦେବ ରାଉତ, ଦିଲୀପ ସାହୁ, ରମେଶ ଚନ୍ଦ୍ର ମଲ୍ଲୀକ, ଶୁଭାଶିଷ କର ପ୍ରମୁଖ ଉପସ୍ଥିତ ଥିଲେ । କଟକ ଜିଲ୍ଲା ମହିଳା କ୍ରିକେଟ ଦଳର ସମସ୍ତ ଖେଳାଳି ଓ ଅଫିସିଆଲଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ପ୍ରତ୍ୟେକଙ୍କୁ ୧୦ ହଜାର ଟଙ୍କା ଲେଖାଏଁ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା ।

## ହକି ଇଣ୍ଡିଆ ମାଷ୍ଟର କପ୍

# କର୍ଣ୍ଣାଟକ, ମହାରାଷ୍ଟ୍ର, ପଞ୍ଜାବ, ତାମିଲନାଡୁ ବିଜୟୀ

ଚେନ୍ନାଇ , ୧୮।୬(ଏଜେନ୍ସି) : ତାମିଲ୍‌ନାଡୁର ଚେନ୍ନାଇରେ ପ୍ରଥମ ହକି ଇଣ୍ଡିଆ ମାଷ୍ଟର କପ୍ ଆରମ୍ଭ ହୋଇଛି । ଟୁର୍ଣ୍ଣାମେଣ୍ଟର ପ୍ରଥମ ଦିନ ଅନୁଷ୍ଠିତ ୪ଟି ମ୍ୟାଚ୍‌ରେ କର୍ଣ୍ଣାଟକ, ମହାରାଷ୍ଟ୍ର, ପଞ୍ଜାବ ଓ ତାମିଲନାଡୁ ବିଜୟୀ ହୋଇଛନ୍ତି । ମହିଳା ବର୍ଗର ପ୍ରଥମ ଦୁଇଟି ମ୍ୟାଚ୍ ହକି କର୍ଣ୍ଣାଟକ ୭-୦ ଗୋଲ୍‌ରେ କେରଳ ହକିକୁ ହରାଇଥିଲା । ଦ୍ୱିତୀୟ ମ୍ୟାଚ୍‌ରେ ହକି ହିମାଚଳକୁ ଧରାସାୟୀ କରିଥିଲା । ସେହିପରି ପୁରୁଷ ବର୍ଗର ଦୁଇଟି ମ୍ୟାଚ୍‌ରେ ହକି ପଞ୍ଜାବ ୩-୨ ଗୋଲ୍‌ରେ ଲି ପୁଡୁଚେରୀକୁ ଏବଂ ହକି ୟୁନିଟ୍ ଅଫ୍ ତାମିଲନାଡୁ ୮-୦ ଗୋଲ୍‌ରେ କେରଳ ହକିକୁ ହରାଇ ଅଭିଯାନ ଆରମ୍ଭ କରିଛନ୍ତି ।

## ଚତୁଃରାଷ୍ଟ୍ରୀୟ ଜୁନିୟର ହକି

# ଜର୍ମାନୀ ଗଲା ଭାରତୀୟ ଦଳ

ନୂଆଦିଲ୍ଲୀ, ୧୮।୬ (ଏଜେନ୍ସି) : ଜର୍ମାନୀରେ ଜୁନ୍ ୨୧ ରୁ ୨୫ ତାରିଖ ପର୍ଯ୍ୟନ୍ତ ଚତୁଃରାଷ୍ଟ୍ରୀୟ ଜୁନିୟର ପୁରୁଷ ହକି ଟୁର୍ଣ୍ଣାମେଣ୍ଟ ଆୟୋଜନ ହେବ। ଏହି ମର୍ଯ୍ୟାଦା ଜନକ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବା ପାଇଁ ଭାରତୀୟ ପୁରୁଷ ଜୁନିୟର ଦଳ ଜର୍ମାନୀ ଗସ୍ତ କରିଛି। ଏହି ପ୍ରତିଯୋଗିତାରେ ଆୟୋଜକ ଜର୍ମାନୀ ସମେତ ଅଷ୍ଟ୍ରେଲିଆ, ସ୍ପେନ୍ ଓ ଭାରତ ଅଂଶଗ୍ରହଣ କରିଛନ୍ତି। ପୁଲ୍ ପର୍ଯ୍ୟାୟର ପ୍ରଥମ ମ୍ୟାଚ୍‌ରେ ଆୟୋଜକ ଜର୍ମାନୀକୁ ଭେଟିବ ଭାରତ । ଏହି ମ୍ୟାଚ୍ ଜୁନ୍ ୨୧ରେ ଖେଳାଯିବ। ଜୁନ୍ ୨୨ରେ ଅଷ୍ଟ୍ରେଲିଆ ଓ ୨୪ ତାରିଖରେ ସ୍ପେନ୍ ବିପକ୍ଷରେ ଭାରତ ତାର ପରବର୍ତ୍ତୀ ଦୁଇଟି ପୁଲ୍ ମ୍ୟାଚ୍ ଖେଳିବ। ପୁଲ୍ ପର୍ଯ୍ୟାୟର ଶ୍ରେଷ୍ଠ ଦୁଇ ଦଳ ମଧ୍ୟରେ ନିର୍ଣ୍ଣାୟକ ଲଢେଇ ତଥା ପରାଜିତ ଦୁଇ ଦଳ ତୃତୀୟ ଓ ଚତୁର୍ଥ ସ୍ଥାନ ପାଇଁ ଖେଳିବେ। ସମସ୍ତ ମ୍ୟାଚ୍ ବର୍ଲିନ୍‌ର ଟିସି ୧୮ ୯ ୯ ବ୍ଲାଉ ୱେବ୍ ଷ୍ଟାଡିୟମ୍‌ରେ ଖେଳାଯିବ।

ଭାରତୀୟ ପୁରୁଷ ଜୁନିୟର ଦଳର ଅଧିନାୟକ ଅରାଇଜିତ୍ ସିଂ ହୁଣ୍ଡାଲ କହିଛନ୍ତି ଏଫ୍‌ଆଇଏଚ୍ ଜୁନିୟର ହକି ବିଶ୍ୱ କପ୍ ପୂର୍ବରୁ ଏହି ଶୃଙ୍ଖଳା ଆମ ପାଇଁ ବେଶି ଗୁରୁତ୍ୱପୂର୍ଣ୍ଣ । ବିଶ୍ୱର ଶକ୍ତିଶାଳୀ ଦଳ ଅଷ୍ଟ୍ରେଲିଆ ସ୍ପେନ୍ ଓ ଜର୍ମାନୀ ସହ ବିଶ୍ୱ କପ୍ ପୂର୍ବରୁ ମ୍ୟାଚ୍ ଖେଳିବା ଆମ ମାନଙ୍କ ପାଇଁ ସ୍ୱତନ୍ତ୍ର ଅନୁଭୂତି ହେବ। ଏହି ଚତୁଃରାଷ୍ଟ୍ରୀୟ ମାଧ୍ୟମରେ ଦଳର ସବୁ ଖେଳାଳିଙ୍କ ଭିତରେ ଏକତା ଏକାଗ୍ରତା ଓ ଶ୍ରେଷ୍ଠ ପ୍ରଦର୍ଶନ ଦେଖାଇବାର ସୁଯୋଗ ମିଳିବ। ଦଳର ଉପଅଧିନାୟକ ଦାୟିତ୍ୱ ତୁଲାଇବେ ଅମିର ଅଲ୍ଲି ।

ଆଗାମୀ ନଭେମ୍ବର ୨୮ ରୁ ଡିସେମ୍ବର ୧୦ ତାରିଖ ପର୍ଯ୍ୟନ୍ତ ଚେନ୍ନାଇ ଓ ମଦୁରାଇରେ ଏଫ୍‌ଆଇଏଚ୍ ଜୁନିୟର ପୁରୁଷ ହକି ବିଶ୍ୱକପ୍ ଆୟୋଜନ ହେବାକୁ ଯାଉଛି। ଆଉ ୬ ମାସରୁ କମ୍ ସମୟ ବାକି ରହିଛି। ଏ ଦୃଷ୍ଟିରୁ ଜର୍ମାନୀ ଗସ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ଆଶା କରାଯାଉଛି।



ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶୁଭେଚ୍ଛା ବିଜ୍ଞାପନ ଦେବାକୁ ଚାହୁଁଥିବା ବନ୍ଧୁ ବର୍ଗ ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭୀମ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ।

Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541, Chief Editor: Gurukalyan Mohapatra,ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି